

‘କଲ୍କୀ ୨’ରୁ ଦୀପିକା ବାଦ୍
▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-89 ◆MONDAY ◆22 SEPTEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୮୯ ◆ସୋମବାର ◆୨୨ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ପୁରୁଣା ଭିସା ଧାରକଙ୍କୁ ଆଶ୍ୱସ୍ତି

# ଏଚ୍-୧ବି ଭିସା ଲାଗି ‘ୱାନ୍ ଟାଇମ୍’ ଦେୟ

■ ୱାସିଂଟନ, ୨୧ା୯ (ଏଜେନ୍ସି): ଆମେରିକାର ଏଚ୍-୧ବି ଭିସା ଫି’ ବୃଦ୍ଧିକୁ ନେଇ ଆତଙ୍କଜନିତ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଟ୍ରମ୍ପ ପ୍ରଶାସନ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ହ୍ୱାଇଟ ହାଉସ୍‌ର ପ୍ରେସ୍ ସଚିବ କ୍ୟାରୋଲିନ ଲେଭିଟ ରବିବାର ଟ୍ୱିଟ କରି କହିଛନ୍ତି ଯେ ଏହି ଭିସା ପାଇଁ ପ୍ରତି ବର୍ଷ ୮୮ ଲକ୍ଷ ଟଙ୍କା ଦେବାକୁ ପଡ଼ିବ ନାହିଁ। ଆବେଦନ କରିବା ସମୟରେ ଥରଟେ ପାଇଁ ‘ୱାନ ଟାଇମ୍’ ଏହି ଦେୟ ଦେବାକୁ ହେବ। ଲଟେରିରେ ଦିଆଯାଉଥିବା ଭିସା ଉପରେ ଏହି ନୂଆ ବ୍ୟବସ୍ଥା ଲାଗୁ ହେବ। ପୁରୁଣା ଭିସା ଧାରକ, ନବୀକରଣ ଏବଂ ଆଜି ପୂର୍ବରୁ ଭିସା ଆବେଦନ କରିଥିବା ଲୋକଙ୍କ ପାଇଁ ନିୟମରେ କୌଣସି ପରିବର୍ତ୍ତନ ହେବ ନାହିଁ। ଏଚ୍-୧ବି ଭିସା ଧାରକ ଦେଶରୁ ନିର୍ଦ୍ୱନ୍ଦ୍ୱରେ ଦେଶ ବାହାରକୁ ଯାଇ ଫେରିପାରିବେ।




ଗତକାଲି ଆମରିକା ରାଷ୍ଟ୍ରପତି ଏଚ-୧ବି ଭିସା ଆବେଦନ ଦେୟକୁ ବଢ଼ାଇ ୮୮ ଲକ୍ଷ ଟଙ୍କା କରିଦେଇଥିଲେ। ଏହାପରେ ମେଟା, ମାଇକ୍ରୋସଫ୍ଟ, ଆମାଜନ ଭଳି ବହୁରାଷ୍ଟ୍ରୀୟ ଟେକ୍ କମ୍ପାନୀ ନିଜ କର୍ମଚାରୀଙ୍କୁ ତୁରନ୍ତ ଆମେରିକା ଫେରିବାକୁ ନିର୍ଦ୍ଦେଶ ଦେଇଥିଲେ। ନୂଆ ଦେୟ କାର୍ଯ୍ୟକାରୀ ହେବା ଯୋଗୁଁ ଇମିଗ୍ରେସନ ଆଟର୍ଣ୍ଣି ଏବଂ କମ୍ପାନୀଗୁଡ଼ିକ ଏଚ-୧ବି ଭିସା ଧାରକ ଏବଂ ତାଙ୍କ ପରିବାରକୁ ୨୪ ଘଣ୍ଟା ଭିତରେ ଆମେରିକା ଫେରିବାକୁ କହିଥିଲେ। ଏହି ସମୟ ଭିତରେ ନ ଫେରିଲେ ଫସିଯିବାର ଆଶଙ୍କା ରହିଥିଲା। କିନ୍ତୁ ଏବେ ଆମେରିକା ପକ୍ଷରୁ ଏହି ଭିସାକୁ ନେଇ ଆଭିମୁଖ୍ୟ ସ୍ପଷ୍ଟ କରିଦିଆଯାଉଛି। ପୂର୍ବରୁ ଏଚ୍-୧ବି ଭିସା ପାଇଁ ପ୍ରତି ବର୍ଷ ୮୮ ଲକ୍ଷ ଟଙ୍କା ଦେବାକୁ ପଡ଼ିବ ବୋଲି ରିପୋର୍ଟ ପ୍ରକାଶ ପାଇଥିଲା। ଏଥିପାଇଁ କମ୍ପାନୀଗୁଡ଼ିକ ଭୟଭୀତ ହୋଇଯାଇଥିଲେ। ଏଚ୍-୧ବି ଧାରକଙ୍କୁ ଏବେ ନ ଡାକି ପରେ ଆମେରିକା ଆସିବାକୁ କହିଲେ ଲକ୍ଷେ ଡଲାର ଦେବାକୁ ପଡ଼ିବ ବୋଲି କମ୍ପାନୀଗୁଡ଼ିକ ଭାବି ନେଇଥିଲେ। ଏଭଳି ନିର୍ଦ୍ଦେଶକୁ ଦେଖି ଦୀପାବଳି ଏବଂ ପୂଜା ପାଇଁ ଭାରତ ଆସିବାକୁ ଚାହୁଁଥିବା ଲୋକେ ନିଜ ଟିକଟ ବାତିଲ କରିଦେଇଥିଲେ। ୱାସିଂଟନ, ନ୍ୟୁୟର୍କ ଭଳି ପ୍ରମୁଖ ବିମାନବନ୍ଦର ଅନେକ ଲୋକ ଟିକଟ ବାତିଲ କରୁଥିବା ଦେଖାଯାଇଥିଲା। ଅନ୍ୟପକ୍ଷରେ ଆମେରିକା ଫେରିବା ଲାଗି ଦିଲ୍ଲୀ ବିମାନବନ୍ଦରରେ ମଧ୍ୟ ପ୍ରବଳ ଭିଡ଼ ଲାଗିଥିଲା। ଏହାର ସୁଯୋଗ ନେଇ ଅନେକ ଏୟାରଲାଇନ୍ସ ବିମାନ ଭଡ଼ା ବଢ଼ାଇଦେଇଥିଲେ।

# ଆଜିଠାରୁ ନୂଆ ଜିଏସ୍‌ଟି ହାର

## କମିବ ଗାଡ଼ି, ଏସି, ଘିଅ, ଚିନି, ପନୀର, ପାସ୍ତା ମୂଲ୍ୟ


■ ନୂଆଦିଲ୍ଲୀ, ୨୧ା୯ (ଏଜେନ୍ସି): ସୋମବାରଠାରୁ ସାରା ଦେଶରେ ଲାଗୁ ହେବ ନୂଆ ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ହାର। ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକ କେବଳ ଦୁଇଟି ସ୍ଲାବ ୫% ଏବଂ ୧୮% ଅଧୀନରେ ରହିବ। ଟିକସ ବ୍ୟବସ୍ଥାକୁ ସରଳ କରିବା ପାଇଁ ନିଆଯାଇଥିବା ଏହି ପଦକ୍ଷେପ ସ୍ୱରୂପ ପନିର, ଘିଅ, ସାବୁନ, ସାମ୍ପୁ, ଏସି ଏବଂ ଛୋଟ କାର ଶସ୍ତା ହେବ। ଜୀବନ ଓ ସ୍ୱାସ୍ଥ୍ୟ ବୀମା ଉପରେ ୧୮% ଟିକସ ଉଚ୍ଛେଦ ହେବ। ଅପରପକ୍ଷରେ ସିଗାରେଟ୍, ପାନମସଲା, ତମାଖୁ, କାର୍ବୋନେଟେଡ ପାନୀୟ, ବଡ଼ ଏସ୍‌ୟୁଭି, ଜାହାଜ ଓ ବ୍ୟକ୍ତିଗତ ବ୍ୟବହାର ପାଇଁ ବିମାନ କ୍ରୟ ଉପରେ ୪୦% ଟିକସ ଲାଗିବ।

### ବଢ଼ିବ ପାନମସଲା, ସିଗାରେଟ, ଦାମୀ ମଦ, କୋଇଲା

GST %

ନୂଆ ଜିଏସ୍‌ଟି ହାର ଲାଗୁ ହେବା ପରେ ୩୩ଟି ଅତ୍ୟାବଶ୍ୟକୀୟ ଔଷଧ ଉପରେ କୌଣସି ଟିକସ ଲାଗୁ ହେବ ନାହିଁ। ବିଶେଷକରି କର୍କଟ ଏବଂ ମାରାତ୍ମକ ରୋଗ ପାଇଁ ଉଦ୍ଦିଷ୍ଟ ଔଷଧ ସାମଗ୍ରୀ ସାମିଲ। ଛୋଟ ଓ ମଧ୍ୟମ ଆକାରର କାର, ମୋଟରସାଇକେଲ ଉପରେ ଏବେ ୨୮%% ବଦଳରେ ୧୮% ଟିକସ ଲାଗୁ ହେବ। ଅଟୋ ଯନ୍ତ୍ରାଂଶ ଏବଂ ତିନି ଚକିଆ ଯାନ ଉପରେ ଟିକସ ମଧ୍ୟ ୨୮% ରୁ ୧୮% କୁ ହ୍ରାସ କରାଯାଇଛି। ପୁରୁଣା ଏମ୍‌ଆର୍‌ପି ଉଲ୍ଲେଖ ଥିଲେ ବି ଏହି ବର୍ଗର ସାମଗ୍ରୀ ନୂତନ ମୂଲ୍ୟରେ ଉପଲବ୍ଧ ହେବ। ଔଷଧ ଉତ୍ପାଦନ ଏବଂ ବିକ୍ରି କରୁଥିବା ସମସ୍ତ ଔଷଧ କମ୍ପାନୀଗୁଡ଼ିକୁ ଔଷଧ, ଫର୍ମୁଲେସନ ଏବଂ ଚିକିତ୍ସା ଉପକରଣର ଏମ୍‌ଆର୍‌ପି ଅପଡେଟ୍ ହେବ। ଏଥିରେ ▶ପୃଷ୍ଠା-୭

## ଜିଏସ୍‌ଟି ବଚତ୍ ଉତ୍ସବ: ମୋଦୀ



■ ନୂଆଦିଲ୍ଲୀ, ୨୧ା୯ (ଏଜେନ୍ସି): ଆସନ୍ତାକାଲି ଠାରୁ ଜିଏସ୍‌ଟିର ସଂଶୋଧିତ ହାର ଲାଗୁ ହେବାକୁ ଯାଉଥିବା ବେଳେ ଏହାକୁ ଜିଏସ୍‌ଟି ବଚତ ଉତ୍ସବ ବୋଲି ବର୍ଣ୍ଣନା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଆଜି ଦେଶବାସୀଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆସନ୍ତାକାଲି ଠାରୁ ନବରାତ୍ରୀ ଆରମ୍ଭ ହେଉଥିବା ବେଳେ ଜିଏସ୍‌ଟିର ନୂଆ ହାର ମଧ୍ୟ କାଲି ଠାରୁ ଲାଗୁ ହେବାକୁ ଯାଉଛି। ଏହା ଦେଶବାସୀଙ୍କ ପାଇଁ ଦୋହରା ଉତ୍ସବ। ଏହି ଅବସରରେ ପ୍ରଧାନମନ୍ତ୍ରୀ ସ୍ୱଦେଶୀ ସାମଗ୍ରୀ ଉପରେ ଗୁରୁତ୍ୱ ଆରୋପ କରି କହିଛନ୍ତି ଯେ ଏହା ଜାତୀୟ ବିକାଶରେ ସହାୟକ ହେବ। ଜିଏସ୍‌ଟି ▶ପୃଷ୍ଠା-୭

## ଭିସା ପରେ ଆଉ ଏକ ବଡ଼ ଝଟ୍‌କା ଦେବେ ଟ୍ରମ୍ପ୍

# ଭାରତରୁ ଚିଙ୍ଗୁଡ଼ି ଆମଦାନୀ ବନ୍ଦ କରିବ ଆମେରିକା

■ ୱାଶିଂଟନ୍, ୨୧ା୯ (ଏଜେନ୍ସି): ଏଚ୍-୧ବି ଭିସା ପରେ ଭାରତକୁ ଆଉ ଏକ ବଡ଼ ଧକ୍କା ଦେବାକୁ ପ୍ରସ୍ତୁତ ହେଉଛି ଆମେରିକା। ଲୁଇସିଆନାର ଚିଙ୍ଗୁଡ଼ି ଏବଂ କ୍ୟାଟ୍‌ଫିସ୍ ଶିଳ୍ପକୁ ସୁରକ୍ଷା ଦେବାକୁ ଯାଇ ଟ୍ରମ୍ପ୍ ପ୍ରଶାସନ ଭାରତରୁ ଚିଙ୍ଗୁଡ଼ି ଆମଦାନୀ ଉପରେ କଟକଣା ଲଗାଇବେ ବୋଲି ସୂଚନା ମିଳିଛି। ଫଳରେ ଚିଙ୍ଗୁଡ଼ିଶିଳ୍ପ ସହ ଜଡ଼ିତ ଦେଶର ପ୍ରାୟ ୧୫ ଲକ୍ଷ ଲୋକ ପ୍ରଭାବିତ ହେବେ। ଅନୁରୂପ ଭାବରେ ଆମେରିକାର ଏହି ନିଷ୍ପତ୍ତି ଯୋଗୁଁ ଓଡ଼ିଶା ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ହେବ ଓ ଓଡ଼ିଶାରୁ ଆମେରିକାକୁ ବାର୍ଷିକ ରପ୍ତାନୀ ହେଉଥିବା ୧୬୦୦ କୋଟିର ଚିଙ୍ଗୁଡ଼ି କାରବାର ବନ୍ଦ ହେବା ଆଶଙ୍କା ସୃଷ୍ଟି ହୋଇଛି।



### ଓଡ଼ିଶାକୁ ଲାଗିବ ୧୬୦୦ କୋଟିର ବଡ଼ ଝଟ୍‌କା

### ପ୍ରଭାବିତ ହେବେ ୧୫ ଲକ୍ଷ ଲୋକ

ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ ପରେ ଦେଶର ଚିଙ୍ଗୁଡ଼ି (ସମୁଦ୍ରିକ ଖାଦ୍ୟ) ରପ୍ତାନି ଶିଳ୍ପ ସଙ୍କଟରେ ପଡ଼ିଛି। ଏହି ଶିଳ୍ପ ସହିତ ଜଡିତ ପ୍ରାୟ ୧୫ ଲକ୍ଷ ଲୋକଙ୍କ ଜୀବିକା ଏବେ ବିପଦରେ ପଡ଼ିଛି। ଏହି ସମସ୍ୟା ଦ୍ୱାରା ଓଡ଼ିଶା ଭଳି ରାଜ୍ୟ ମଧ୍ୟ ଗୁରୁତର ଭାବରେ ପ୍ରଭାବିତ ହୋଇଛି। ୨୦୨୪-୨୫ ମସିହାରେ ▶ପୃଷ୍ଠା-୭

# ୨୪ ଘଣ୍ଟାରେ ଲଘୁଚାପ

■ ଭୁବନେଶ୍ୱର, ୨୧ା୯ (ସମିସ): ଉତ୍ତର ଆଣ୍ଡାମାନ ସାଗର ଓ ସଂଲଗ୍ନ ମିଆଁମାର ଉପକୂଳ ଉପରେ ସମୁଦ୍ର ପତ୍ତନଠାରୁ ୩.୧ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରି ଆସନ୍ତାକାଲି ଉତ୍ତର ବଙ୍ଗୋପସାଗରରେ ପହଞ୍ଚିବାର ସମ୍ଭାବନା ରହିଛି। ଏହାପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏକ ଲଘୁଚାପ ସୃଷ୍ଟି ହୋଇପାରେ। ଏଥିପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ରବିବାରଠାରୁ ବର୍ଷା ଆରମ୍ଭ ହୋଇଛି। ସମ୍ଭାବ୍ୟ ଲଘୁଚାପ ଯୋଗୁଁ ଆସନ୍ତା ୨-୩ ଦିନ ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ଆଶଙ୍କା ରହିଥିବା ବେଳେ କିଛି କିଛି ସ୍ଥାନରେ ଭାରି ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି।

### ମାସ ଶେଷ ଯାଏ ବର୍ଷା ସମ୍ଭାବନା

ଲଘୁଚାପ ପ୍ରଭାବରେ ସମୁଦ୍ର ମଧ୍ୟରେ ପବନର ବେଗ ୪୦-୫୦ କିମି ଓ ଝଟକା ପବନ ୬୦ କିମି ପର୍ଯ୍ୟନ୍ତ ପହଞ୍ଚିବା ଆଶଙ୍କା ରହିଛି। ଏହା ▶ପୃଷ୍ଠା-୭

# ବିଷ ବି ଭେଜାଲ !

■ ଭୁବନେଶ୍ୱର, ୨୧ା୯ (ସମିସ): ଚଳିତ ବର୍ଷ ଭଲ ମୌସୁମୀ ବର୍ଷା ହେଉଛି। ଚାଷ କାର୍ଯ୍ୟ ପାଇଁ ପାଗ ଅନୁକୂଳ ରହିଛି। ମାତ୍ର ଚାଷ ଆରମ୍ଭରୁ ଚାଷୀଙ୍କୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ପ୍ରଥମେ ଧାନ ବିକ୍ରି ନେଇ ପଞ୍ଜିକରଣରେ ଚାଷୀଙ୍କୁ ନାକେଦମ୍ ହେବାକୁ ପଡ଼ିଲା। ପରବର୍ତ୍ତୀ ସମୟରେ ସାର ଅଭାବ ଚାଷୀଙ୍କ ନିଦ ହଜାଇ ଦେଇଛି। ଏବେ ବଢ଼ି ଆସୁଥିବା ଧାନ ଗଛରେ ପତ୍ରପୋଡ଼ା ଓ ପତ୍ରମୋଡ଼ା ରୋଗ ଚାଷୀକୂଳର ମୁଣ୍ଡବିନ୍ଧା ବଢ଼ାଇଦେଇଛି। ଏହି ରୋଗ ଧାନ ଗଛକୁ ସଂପୂର୍ଣ୍ଣ ମାରି ଦେଉଛି। ଗୋଟିଏ ଗୋଟିଏ ସିଆର୍‌ରେ ଏକାଧିକ ଗଛ ନଷ୍ଟ ହେଉଥିବାରୁ ବିଲର ୭୦ ପ୍ରତିଶତ ଗଛ ନଷ୍ଟ ହୋଇଯାଉଛି। ଏଥିପାଇଁ କୀଟନାଶକ ସିଞ୍ଚନ କଲେ ମଧ୍ୟ କାମ କରୁ ନ ଥିବା ଓ କୀଟନାଶକ ବିଷଗୁଡ଼ିକଭେଜାଲ ହେଉଥିବାରୁ ଏହା କାମ କରୁ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ପୂର୍ବରୁ ଦୂଷିତ ପାଣି ଓ ଅପମିଶ୍ରିତ କ୍ଷୀର ନଜର୍‌କୁ ଆସିଥିଲା, ମାତ୍ର ଏବେ ▶ପୃଷ୍ଠା-୭



### କୀଟକୁ କାବୁ କରୁନି କୀଟନାଶକ

# ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ !

■ ଭୁବନେଶ୍ୱର/ସମ୍ବଲପୁର, ୨୧ା୯ (ସମିସ): ଏବେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ ନାହିଁ। ପ୍ରଥମେ ନିଗମ ଓ ବୋର୍ଡ ନିଯୁକ୍ତି ହେବ; ପରବର୍ତ୍ତୀ ସମୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମ୍ପର୍କରେ ବିଚାର କରାଯିବ। ସମ୍ବଲପୁରରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଗଣମାଧ୍ୟମକୁ ଦେଇଛନ୍ତି ଏପରି ସୂଚନା। ଶ୍ରୀ ସାମଲଙ୍କ ଏହି ଘୋଷଣା ମନ୍ତ୍ରୀ ଆଶାୟୀଙ୍କୁ ନିରାଶ କରିଥିବା ବେଳେ ନିର୍ବାଚନରେ ପରାଜିତ ହୋଇଥିବା ଓ ଟିକଟରୁ ବଞ୍ଚିତ ହୋଇଥିବା ନେତାଙ୍କ ମନରେ ଆଶାର କିରଣ ସଞ୍ଚାର କରିଛି। ପୂଜା ଭେଟି ସ୍ୱରୂପ ନିଗମ ଓ ବୋର୍ଡରେ କିଛି ଦଳୀୟ ନେତାଙ୍କୁ ଖୁବ୍ ଶୀଘ୍ର ଥଇଥାନ କରାଯାଇପାରେ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

### ପ୍ରଥମେ ନିଗମ ଓ ବୋର୍ଡ ନିଯୁକ୍ତି: ମନମୋହନ

ରାଜ୍ୟରେ ବିଜେପି ସରକାର ଗଠନ କରିବାର ୧୫ ମାସ ପୂରି ଏବେ ୧୬ ମାସ ଚାଲିଛି। ମାତ୍ର ସରକାରରେ ଖାଲିଥିବା ୬ଟି ମନ୍ତ୍ରୀପଦ ସହ ବିଭିନ୍ନ ନିଗମ, ବୋର୍ଡ, ଅକାଦେମୀରେ ଖାଲି ପଦଗୁଡ଼ିକ ପୂରଣ ହୋଇପାରିନାହିଁ। ଫଳରେ ନିର୍ବାଚନ ସମୟରେ ଦଳୀୟ ଟିକଟରୁ ବଞ୍ଚିତ ହୋଇଥିବା ଓ ନିର୍ବାଚନରେ ପରାଜିତ ହୋଇଥିବା ଅନେକ ନେତା ଥଇଥାନ ଅପେକ୍ଷାରେ ଅଛନ୍ତି। ରାଜ୍ୟ ଯୋଜନା ବୋଡର୍ ଉପାଧ୍ୟକ୍ଷ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ପରି ଗୁରୁତ୍ୱପୂର୍ଣ୍ଣ ପଦଗୁଡ଼ିକରେ ▶ପୃଷ୍ଠା-୭

## ଏମ୍‌ଇଡି ଯୋଗ୍ୟତା ନଥାଇ ଅଧ୍ୟାପକ ନିଯୁକ୍ତି

# ବନ୍ଦ ହେବ ରାଜ୍ୟର ସବୁ ବିଇଡି କଲେଜ!

■ ଭୁବନେଶ୍ୱର, ୨୧ା୯ (ସମିସ): ରାଜ୍ୟରେ ମାତ୍ର ୧୬ଟି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ (ବିଇଡି କଲେଜ) ରହିଛି। ଛାତ୍ରଛାତ୍ରୀଙ୍କ ଆବଶ୍ୟକତା ପୂରଣ କରିବାରେ ଏହା ସମର୍ଥ ହେଉନାହିଁ। ପ୍ରତିବର୍ଷ ରାଜ୍ୟରୁ ହଜାର ହଜାର ପିଲା ବାହାର ରାଜ୍ୟରେ ବିଇଡି ପଢୁଛନ୍ତି। ଓଡ଼ିଶାରେ ଥିବା ହାତଗଣତି କଲେଜରେ ମଧ୍ୟ ଯୋଗ୍ୟ ଅଧ୍ୟାପକ ନାହାନ୍ତି। ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ (ଏନ୍‌ସିଟିଇ) ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ଶିକ୍ଷାଗତ



ଯୋଗ୍ୟତା ନ ଥାଇ ମଧ୍ୟ ନିଯୁକ୍ତି ପାଇଛନ୍ତି। ଅଧ୍ୟାପକ ପାଇଁ ଦୁଇଟି ସ୍ନାତକୋତ୍ତର ଡିଗ୍ରୀ ଅର୍ଥାତ୍ ଗୋଟିଏ ସ୍ନାତକୋତ୍ତର ଡିଗ୍ରୀ ସହିତ ଏମ୍‌ଇଡି ବାଧ୍ୟତାମୂଳକ ହୋଇଥିବାବେଳେ

### କୋରାପୁଟ ଡିଏଭି ବିଇଡି କଲେଜର ସ୍ୱୀକୃତି ପ୍ରତ୍ୟାହାର

### ଏନ୍‌ସିଟିଇ ସ୍କାନର୍‌ରେ ପ୍ରାୟ ୨୧୪ରୁ ଅଧିକ ଅଯୋଗ୍ୟ

ସ୍ନାତକତ୍ତୋର ସହିତ ଏମ୍‌ଇଡି ବଦଳରେ ବିଇଡି କରିଥିବା ପ୍ରାର୍ଥୀଙ୍କୁ ଅଧ୍ୟାପକ ଭାବେ ନିଯୁକ୍ତି ଦିଅକତାକୁ ଧରିଛି ଏସ୍‌ସିଟିଇ। ରାଜ୍ୟର ୮ଟି କଲେଜକୁ କାରଣ ଦର୍ଶାଅ ନୋଟିସ୍ କରିବା ସହ କୋରାପୁଟସ୍ଥିତ ଡିଏଭି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ସ୍ୱୀକୃତି ପ୍ରତ୍ୟାହାର କରିବାକୁ ସୁପାରିଶ କରିଛି। ଅନ୍ୟପକ୍ଷରେ ଅଯୋଗ୍ୟ ଅଧ୍ୟାପକଙ୍କୁ ନିଯୁକ୍ତି ଦେଇ ଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ହୋଇଥିବାରୁ ଆଗାମୀ ଦିନରେ ରାଜ୍ୟର ସମସ୍ତ ବିଇଡି କଲେଜର ମାନ୍ୟତା ରଦ୍ଦ ହେବାର ▶ପୃଷ୍ଠା-୭




ସକାଳ
THE SAKALA
www.sakalaepaper.com

## ବିପର୍ଯ୍ୟୟ ପ୍ରବଣ ଦେବଭୂମି: ୧୦ ବର୍ଷରେ ନେଲାଣି ୩୮୦୦ ଜୀବନ

ଡେରାଡୁନ, ୨୧।୯ (ଏଜେନ୍ସି): ଦେବଭୂମି ଉତ୍ତରାଖଣ୍ଡ ଏବେ ଦୈବୀ ଦୁର୍ବିପାକ ପ୍ରବଣ ରାଜ୍ୟ ପାଲଟି ଯାଇଛି । ଏହି ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଦିନକୁ ଦିନ ବଢ଼ିବାରେ ଲାଗିଛି । ଗତ ୧୦ ବର୍ଷ ହେଲା ଏହା ରାଜ୍ୟବାସୀଙ୍କ ପାଇଁ ଅଭିଶାପ ପାଲଟିଛି । ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗର ତଥ୍ୟ ଅନୁଯାୟୀ ୨୦୧୫ରୁ ୨୦୨୫ ସେପ୍ଟେମ୍ବର ୨୦ ପର୍ଯ୍ୟନ୍ତ ପ୍ରାକୃତିକ ବିପର୍ଯ୍ୟୟ ସମ୍ବନ୍ଧିତ ୨୭,୧୯୭ ଘଟଣା ଘଟିଛି । ଏହା ୩ ହଜାର ୮୩୯ ଲୋକଙ୍କ ଜୀବନ ନେଲାଣି । ଏଥିରେ ୬ ହଜାର ୨୦୭ରୁ ଅଧିକ ଲୋକ ଆହତ ହୋଇଛନ୍ତି । ୩୧୨ ଜଣ ଏବେ ବି ନିଖୋଜ ରହିଛନ୍ତି ।

ରିପୋର୍ଟ ଅନୁଯାୟୀ ବାଦଲ ଫଟା ବର୍ଷା ଏବଂ ଅଚାନକ ବନ୍ୟାର ସର୍ବାଧିକ ୧୪,୨୩୭ଟି ମାମଲା ସାମ୍ନାକୁ ଆସିଥିଲା । ୫,୮୩୦ଟି ଭୂସ୍ଖଳନ ମଧ୍ୟ ହୋଇଥିଲା । ପାହାଡି ରାଜ୍ୟର ଭୌଗୋଳିକ ପରିସ୍ଥିତି ଏବଂ ପରିବର୍ତ୍ତିତ ଜଳବାୟୁ ଏହି ବିପର୍ଯ୍ୟୟକୁ ଅଧିକ ଗମ୍ଭୀର କରିଦେଇଛି । ୨୦୧୫ରେ ୨୨୪ ପ୍ରାକୃତି ବିପର୍ଯ୍ୟୟ ଜନିତ ଘଟଣା ସାମ୍ନାକୁ ଆସିଥିବା ବେଳେ ୨୦୧୮ରେ ଏହା ୫,୦୫୬ରେ ପହଞ୍ଚି ଯାଇଥିଲା । ଚଳିତ ବର୍ଷ ବାଦଲ ଫଟା ବର୍ଷା ଏବଂ ବନ୍ୟା ୩,୬୦୬ ଘଟଣା ରେକର୍ଡ କରାଯାଇଛି । ଏଥିରେ ଶତାଧିକ ଲୋକ ପ୍ରାଣ ହରାଇଛନ୍ତି । ହଜାର ହଜାର ଲୋକ ପ୍ରଭାବିତ ହୋଇଛନ୍ତି । ଚଳିତ ବର୍ଷ ଏପର୍ଯ୍ୟନ୍ତ ୧୧୯୯ଟି ପ୍ରାକୃତିକ ବିପର୍ଯ୍ୟୟ ଜନିତ ଘଟଣାରେ ୨୬୦ ଜଣଙ୍କ ଜୀବନ ଗଲାଣି । ୫୬୬ ଜଣ ମଧ୍ୟ ଆହତ ହୋଇଥିବା ବେଳେ ୯୬ ଜଣ ନିଖୋଜ ଅଛନ୍ତି ।

## କରୋନା ଭାଇରସ ସମ୍ପର୍କରେ ସୂଚନା ଦେଇଥିବା ଚୀନ୍ ସାମ୍ବାଦିକାଙ୍କୁ ଆଉ ୪ ବର୍ଷ ଜେଲ୍

ନୂଆଦିଲ୍ଲୀ,୨୧।୯ (ଏଜେନ୍ସି): ଚୀନ୍‌ରୁ ଯେଉଁ କରୋନା ଭାଇରସ ସାରା ବିଶ୍ୱର ପରିବ୍ୟାପ୍ତ ହୋଇ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ନେଇଥିଲା, ସେହି ଚୀନ୍‌ରେ ପ୍ରଥମଥର ପାଇଁ ଏହି ଭାଇରସ ନେଇ ସୂଚନା ଦେଇଥିବା ସାମ୍ବାଦିକା ଝାଙ୍ଗ୍ ଜେନ୍‌ଙ୍କୁ ପୁଣିଥରେ ଆଉ ୪ ବର୍ଷ ପାଇଁ ଜେଲ ଦଣ୍ଡାଦେଶ ହୋଇଛି । କରୋନା ଭାଇରସ ସଂକ୍ରମଣ କରାଇବାର ଅଭିଯୋଗକୁ ଚୀନ୍ ନିଜ ମୁଣ୍ଡକୁ ନେବାକୁ ଚାହୁଁ ନଥିଲା । ଖାସ୍ ଏହି କାରଣ ପାଇଁ ଚୀନ ସାରା ବିଶ୍ୱକୁ ମିଛ କହି ବିଭ୍ରାନ୍ତ କରୁଥିଲା । କିନ୍ତୁ ୪୨ ବର୍ଷୀୟା ଝାଙ୍ଗ ସାରା ବିଶ୍ୱକୁ ଚୀନରେ ସଂକ୍ରମିତ ହୋଇଥିବା ଏହି ଭାଇରସ ସମ୍ପର୍କରେ ଅବଗତ କରାଇଥିଲେ । କେବଳ ସେତିକି ନୁହଁ ଫଟୋ ଓ ଭିଡିଓ ସେୟାର କରି ଚୀନ୍‌ର ମୁଖା ଖୋଲି ଦେଇଥିଲେ । ଏଥିରେ କ୍ଷୁବ୍ଧ ହୋଇ ଚୀନ୍ ତାଙ୍କୁ ପ୍ରଥମେ ୪ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲା । ଏବେ ପୁଣି ତାଙ୍କୁ ଆଉ ୪ ବର୍ଷ ଅର୍ଥାତ ମୋଟ୍ ଉପରେ ଝାଙ୍ଗଙ୍କୁ ୮ ବର୍ଷର ଜେଲ ଦଣ୍ଡାଦେଶ ହୋଇଛି । ତାଙ୍କୁ ପ୍ରଥମେ ୨୦୨୦ ଡିସେମ୍ବର ୪ ବର୍ଷ ଜେଲ୍ ହୋଇଥିଲା । ସେ ଅନଶନ ଆରମ୍ଭ କରିଥିଲେ ଓ ତାଙ୍କୁ ଜବରଦସ୍ତି ଖାଦ୍ୟ ଖୁଆଯିବା ସହ ଅଶୋଭନୀୟ ବ୍ୟବହାର ପ୍ରଦର୍ଶନ କରାଯାଇଥିଲା । ତେବେ ତାଙ୍କୁ ୨୦୨୪ରେ ଛାଡି ଦିଆଯାଇଥିଲା । କିନ୍ତୁ ୩ ମାସ ପରେ ତାଙ୍କୁ ପୁଣି ଗିରଫ କରାଯାଇ ସାଙ୍ଘାଇର ଡିଟେନସନ ସେଣ୍ଟରରେ ରଖାଯାଇଥିଲା । ଚୀନ୍‌ରେ କମ୍ୟୁନିଷ୍ଟ ଶାସନରେ ଗଣମାଧ୍ୟମର ସ୍ୱାଧୀନତା ପ୍ରାୟ ନାହିଁ କହିଲେ ଚଳେ । ପ୍ରେସ୍ ଫ୍ରିଡମ ଇଣ୍ଡେକ୍ସରେ ୨୦୨୫ରେ ଚୀନ୍ ୧୮୦ ଦେଶ ମଧ୍ୟରୁ ୧୭୮ ତମ ସ୍ଥାନରେ ରହିଛି । ଚୀନ୍‌ରେ ଏବେ ୧୨୪ ଜଣ ସାମ୍ବାଦିକ ଜେଲ୍‌ରେ ଅଛନ୍ତି ।

## ଓଲିଙ୍କ ଗିରଫ ଦାବି କଲେ ଜେନ-ଜେଡ୍ ଗ୍ରୁପ୍

କାଠମାଣ୍ଡୁ,୨୧।୯ (ଏଜେନ୍ସି): ନେପାଳର ବିତାଡିତ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କୁ ଗିରଫ କରିବାକୁ ପାଇଁ ଦାବି ହୋଇଛି । ଦେଶରେ ହିଂସାତ୍ମକ ଆନ୍ଦୋଳନ ମାଧ୍ୟମରେ ସରକାର ପରିବର୍ତ୍ତନ କରିଥିବା ଜେନ୍ -ଜେଡ୍ ଗ୍ରୁପ୍ ନୂଆ କରି ଏହି ଦାବି କରିଛି । ସେପ୍ଟେମ୍ବର ୮ରେ ଅନୁଷ୍ଠିତ ସରକାର ବିରୋଧୀ ଆନ୍ଦୋଳନ ଅବସରରେ ସୁଟ୍ ଆଉଟ ନିର୍ଦ୍ଦେଶ ଦେବା କାରଣରୁ ୧୯ ଜଣ ବିକ୍ଷୋଭକାରୀ ମୃତ୍ୟୁବରଣ କରିଥିଲେ । ଏଥିପାଇଁ ଓଲିଙ୍କ ସମେତ ସ୍ୱରାଷ୍ଟ୍ର ମନ୍ତ୍ରୀ ରମେଶ ଲେଖକଙ୍କୁ ଗିରଫ୍ କରାଯାଉ ବୋଲି ଜେନ୍- ଜେଡ୍ ଗ୍ରୁପ୍‌ର ଅନ୍ୟତମ ଉପଦେଷ୍ଟା ଡ. ନିକୋଲାସ ବୁଶାଲ ଦାବି କରିଛନ୍ତି । ନୟା ବାଣେଶ୍ୱରରେ ହୋଇଥିବା ଗୁଳିକାଣ୍ଡ ପାଇଁ ଓଲି, ଲେଖକ ଓ କାଠମାଣ୍ଡୁ ମୁଖ୍ୟ ଜିଲ୍ଲା ଅଧିକାରୀ ଛବି ରିଜାଲ ହିଁ ଦାୟୀ । ତେଣୁ ଏମାନଙ୍କୁ ତୁରନ୍ତ ଗିରଫ କରିବାକୁ ବୁଶାଲ ଦାବି କରିଛନ୍ତି । ପୁଣି ୧୯୯୦ ପରେ ସବୁ ହାଇପ୍ରୋଫାଇଲ ନେତା ଓ ଅଧିକାରୀମାନେ ଅର୍ଜନ କରିଥିବା ସମ୍ପତ୍ତି ନେଇ ଦଦନ୍ତ କରିବା ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବାକୁ ସେ ଦାବି କରିଛନ୍ତି ।

## ଫିଲିପାଇନ୍ସରେ ଦୁର୍ନୀତି ବିରୋଧୀ ବିକ୍ଷୋଭ

ମାନିଲା, ୨୧।୯ (ଏଜେନ୍ସି): ନେପାଳ ପରେ ଫିଲିପାଇନ୍ସରେ ଦୁର୍ନୀତି ବିରୋଧୀ ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ ହୋଇଛି । ରାଜନେତା, ଅମଲା ଏବଂ ବ୍ୟବସାୟୀଙ୍କ ବିରୋଧରେ ହଜାର ହଜାର ଲୋକ ରବିବାର ରାଜଧାନୀ ରାସ୍ତାକୁ ଓହ୍ଲାଇଛନ୍ତି । ଦୁର୍ନୀତିରେ ସମ୍ପୃକ୍ତ ଥିବା ନେତାଙ୍କଠାରୁ ଅଧିକାରୀଙ୍କ ବିରୋଧରେ ଆକ୍ରୋଶ ପ୍ରକାଶ କରିଛନ୍ତି । ବନ୍ୟା ଏବଂ ଝଡ଼ ତୋଫାନ ପ୍ରବଣ ଏହି ଗରିବ ରାଷ୍ଟ୍ରରେ ବନ୍ୟା ନିୟନ୍ତ୍ରଣ ପାଇଁ ଆରମ୍ଭ କରାଯାଇଥିବା ପ୍ରକଳ୍ପରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ କରିଛନ୍ତି । ତେବେ ହିଂସାକୁ ରୋକିବା ପାଇଁ ପୁଲିସ ଫୋର୍ସ ଏବଂ ସୈନ୍ୟବାହିନୀକୁ ସଜାଗ ରଖାଯାଇଛି । ଐତିହାସିକ ମାନିଲା ପାର୍କରେ ଏବଂ ମୁଖ୍ୟ ଇଡିଏସଏ ରାଜପଥ ପାର୍ଶ୍ୱରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହାର ସୁରକ୍ଷାରେ ହଜାର ହଜାର ପୁଲିସ ଅଧିକାରୀଙ୍କୁ ନିୟୋଜିତ କରାଯାଇଥିଲା । ସୁରକ୍ଷା ଦୃଷ୍ଟିରୁ ଆମେରିକା ଏବଂ ଅଷ୍ଟ୍ରେଲିଆ ଦୂତାବାସ ନିଜ ନାଗରିକମାନଙ୍କ ପାଇଁ ଯାତ୍ରା ମାର୍ଗଦର୍ଶିକା ଜାରି କରିଛନ୍ତି ପ୍ରତିବାଦରୁ ଦୂରେଇ ରହିବାକୁ ସେମାନଙ୍କୁ ପରାମର୍ଶ ଦିଆଯାଇଛି । ଆଜି ଆନ୍ଦୋଳନକାରୀ ମାନିଲାରୁ ପ୍ରତିବାଦ ଶୋଭାଯାତ୍ରା ଆରମ୍ଭ କରିଥିଲେ । ଦୁର୍ନୀତିରେ ସମ୍ପୃକ୍ତ ସମସ୍ତ ଲୋକଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ । ବହୁତ ହେଇଗଲା ଦୁର୍ନୀତିଗ୍ରସ୍ତଙ୍କୁ ଜେଲ୍‌ରେ ଭର୍ତ୍ତି କର ବୋଲି କହିଥିଲେ ।

## ପ୍ରେମିକଙ୍କୁ ହତ୍ୟା ପରେ ଆତ୍ମହତ୍ୟା କଲେ ମହିଳା

ସାହାରନପୁର, ୨୧।୯ (ଏଜେନ୍ସି): ଉତ୍ତରପ୍ରଦେଶର ସାହାରନପୁରରେ ଏକ ବିଚଳିତ କଲା ଭଳି ଘଟଣା ସାମ୍ନାକୁ ଆସିଛି । ପ୍ରେମିକଙ୍କ ହତ୍ୟାର ଗୋଟିଏ ଦିନ ପରେ ୧୮ ବର୍ଷୀୟା ମହିଳା ଅଙ୍କିତା ବିଷପାନ କରି ଆତ୍ମହତ୍ୟା କରିଛନ୍ତି ବୋଲି ପୁଲିସ ସୂଚନା ଦେଇଛି । ଚିଲିକାନା ଅଞ୍ଚଳରେ ରହୁଥିବା ଅଙ୍କିତା ଶନିବାର ତାଙ୍କ ଘରେ ମୃତ ଅବସ୍ଥାରେ ମିଳିଥିଲେ । ପାଖରେ ଏକ କୀଟନାଶକ ପ୍ୟାକେଟକୁ ଠାବ କରାଯାଇଛି ବୋଲି ଏଏସ୍‌ପି ସାଗର ଜୈନ କହିଛନ୍ତି । ଶୁକ୍ରବାର ତାଙ୍କ ୨୨ ବର୍ଷୀୟ ପ୍ରେମିକ ମାହିଲଙ୍କୁ ହତ୍ୟା କରାଯାଇଥିଲା । ମୃତକଙ୍କ ପରିବାର ଅଙ୍କିତାଙ୍କ ପରିବାର ଲୋକଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣିଛନ୍ତି । ପୁଲିସ ଅଙ୍କିତାଙ୍କ ଦୁଇ ନାବାଳକ ଭାଇଙ୍କୁ ଅଟକ ରଖିଛି । ଅଙ୍କିତାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୁଲିସ ପଠାଇଛି ।

# ଆଫଗାନିସ୍ତାନକୁ ଧମକ ଦେଲେ ଟ୍ରମ୍ପ

## ବଗରାମ୍ ଏୟାରବେସ୍ ଫେରାଅ; ନଚେତ ଭୟଙ୍କର ପରିଣତି

ୱାସିଂଟନ, ୨୧।୯ (ଏଜେନ୍ସି):

ନୋବେଲ ଶାନ୍ତି ପୁରସ୍କାର ପାଇଁ ଦାବି କରୁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଉ ଏକ କ୍ଷୁଦ୍ର ଦେଶକୁ ନିଶାଣ କରିଛନ୍ତି । ନିଜର ଦ୍ୱିତୀୟ କାର୍ଯ୍ୟକାଳ ମଧ୍ୟରେ ବିଶ୍ୱକୁ ଅଶାନ୍ତ ରଖିଥିବା ଟ୍ରମ୍ପ ଆଫଗାନିସ୍ତାନର ତାଲିବାନ ସରକାରକୁ ଧମକ ଦେଇଛନ୍ତି । ବଗରାମ ଏୟାରବେସ ବା ବାୟୁସେନା ଘାଟି ଆମେରିକାକୁ ନ ଫେରାଇଲେ ଭୟଙ୍କର ପରିଣତି ଭୋଗିବ ବୋଲି କହିଛନ୍ତି । ଚୀନ୍‌କୁ କାଉଣ୍ଟର କରିବାକୁ ଯାଇ ଟ୍ରମ୍ପ ଆଫଗାନିସ୍ତାନକୁ ଏଭଳି ଧମକ ଦେଇଛନ୍ତି । ଏହି ଏୟାରବେସ୍ କବ୍‌ଜା ପାଇଁ ସେନା ପଠାଇବେ କି ବୋଲି ପଚରାଯିବାରୁ ଟ୍ରମ୍ପ ସିଧାସଳଖ ଭାବେ ଏହାର ଉତ୍ତର ଦେଇ ନ ଥିଲେ । ଏ ବିଷୟରେ ଆଲୋଚନା କରିହେବନି । ଏୟାରବେସ ଶୀଘ୍ର ମିଳୁ ବୋଲି ଆମେ ଚାହୁଁଛୁ । ଯଦି ଆଫଗାନିସ୍ତାନ ଭଲ ଭାବେ ଫେରାଇବ ନାହିଁ ତେବେ ମୁଁ କ'ଣ କରିବି ତାହା ଦେଖିବେ ।

ଏହାପୂର୍ବରୁ ଟ୍ରମ୍ପ ଗୁରୁବାର ବ୍ରିଟେନ ପ୍ରଧାନମନ୍ତ୍ରୀ କିର ଷ୍ଟାର୍ମରଙ୍କ ସହ ସାମ୍ବାଦିକ ସମ୍ମିଳନୀ କରିଥିଲେ । ସେ କହିଥିଲେ ଯେ ଆମେ ବଗରାମ ଏୟାରବେସ୍‌କୁ ପୁନଃ ଦଖଲ ପାଇଁ ପ୍ରୟାସ କରୁଛୁ । କାରଣ ସେହି ସ୍ଥାନରୁ ଘଣ୍ଟାଏ ଦୂରରେ ଚୀନ୍ ପରମାଣୁ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ କରୁଛି । ଅନ୍ୟପକ୍ଷରେ ତାଲିବାନ ସରକାର ଟ୍ରମ୍ପଙ୍କ ଏହି ଦାବିକୁ ଖାରଜ କରିଦେଇଛି । ନିଜ ଅଞ୍ଚଳରେ କେବେ ବି ଆମେରିକା ସୈନିକଙ୍କ ଉପସ୍ଥିତିକୁ ବରଦାସ୍ତ କରାଯିବନି ବୋଲି କୁହାଯାଇଛି । ଆଫଗାନ ସରକାରଙ୍କ ପ୍ରବକ୍ତା କହିଛନ୍ତି ଯେ ଦୁଇ ଦେଶ ପରସ୍ପର ସହ ଭଲ ସମ୍ପର୍କ ରଖିବା ଉଚିତ । ଦୋହା ଆଲୋଚନା ଏବଂ ଚୁକ୍ତିରେ ସାମରିକ ଉପସ୍ଥିତିକୁ ଖାରଜ କରିଦିଆଯାଇଥିଲା । କିନ୍ତୁ ବାଣିଜ୍ୟ ଏବଂ ଅନ୍ୟ କାର୍ଯ୍ୟକଳାପ ପାଇଁ ଦ୍ୱାର ଖୋଲା ରହିଛି ।

ସେହିପରି ଚୀନ୍ ମଧ୍ୟ ଟ୍ରମ୍ପଙ୍କ ଧମକକୁ ବିରୋଧ କରି ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଲିନ୍ ଜିଆନ୍ କହିଛନ୍ତି ଯେ ଏହି ଅଞ୍ଚଳରେ ଉତ୍ତେଜନାକୁ ଉସୁକାଉଥିବା ଯେକୌଣସି କାର୍ଯ୍ୟକୁ ସମର୍ଥନ କରାଯିବନି । ଆଫଗାନିସ୍ତାନର ସ୍ୱାଧୀନତା, ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ଅଖଣ୍ଡତାକୁ ଚୀନ୍ ସମ୍ମାନ ଦେଉଛି । ଆଫଗାନିସ୍ତାନର ଭବିଷ୍ୟତ ଆଫଗାନ ଲୋକଙ୍କ ହାତରେ ରହିବା ଉଚିତ । ସୂଚନା ଅନୁଯାୟୀ ସରକାର ପ୍ରତିଷ୍ଠା ପରେ ତାଲିବାନ ଚୀନ୍ ସରକାରଙ୍କ ସହିତ କୂଟନୈତିକ ସମ୍ପର୍କ ସ୍ଥାପନ କରିଥିଲା । ତମ୍ବା ଖଣି ଏବଂ ତୈଳ ଭଣ୍ଡାର ପୁଣି ଆରମ୍ଭ କରିବା ପାଇଁ ଚୀନ୍ ଆଫଗାନିସ୍ତାନରେ ବିପୁଳ ନିବେଶ କରିଛି ।

ସୂଚନାଯୋଗ୍ୟ ଯେ ୨୦୨୧ରେ ଆଫଗାନିସ୍ତାନରୁ ସେନା ପ୍ରତ୍ୟାହାର ପରେ ଆମେରିକା ଠିକଣାକୁ ତାଲିବାନ କବ୍‌ଜା କରି ନେଇଥିଲା । କାବୁଲରେ ଆମେରିକା ସମର୍ଥିତ ସରକାରର ପତନ ଘଟାଇଥିଲା । ୧୯୫୦ରେ ସୋଭିଏତ ସଂଘ ଏବଂ ଆମେରିକା ସହାୟତାରେ ବଗରାମ ଏୟାରବେସ୍ ନିର୍ମାଣ କରାଯାଇଥିଲା । ରାଜଧାନୀ କାବୁଲରୁ ୪୦ କିମି ଉତ୍ତରରେ ଅବରାମ ଏୟାରବେସ ଅବସ୍ଥିତ । ଏହା ଆମରିକାର ସବୁଠାରୁ ବଡ଼ ସାମରିକ ଘାଟି ଥିଲା । ୨୦୦୧ ରେ ହୋଇଥିବା ୯/୧୧ ଆକ୍ରମଣ ପରେ ଆମେରିକା ଏହାକୁ ବ୍ୟବହାର କରିବା ଆରମ୍ଭ କରିଥିଲା । ଏହି ବାୟୁସେନା ଘାଟିରେ ବର୍ଗର କିଙ୍ଗ ଏବଂ ପିଜା ହଟ୍ ଭଳି ରେସ୍ତୁରାଁ, ଇଲେକ୍ଟ୍ରୋନିକ୍ସ ଏବଂ ଆଫଗାନ କାର୍ପେଟ ବିକ୍ରୟ କରୁଥିବା ଦୋକାନ ଏବଂ ଏକ ବଡ଼ ଜେଲ୍ ବି ଥିଲା ।



ବଗରାମରେ ଚୀନ୍ ନିର୍ମାଣ କରୁଛି ପରମାଣୁ ଅସ୍ତ୍ର

ଆମେରିକା ସେନାଙ୍କ ଉପସ୍ଥିତିକୁ ବରଦାସ୍ତ କରାଯିବନି: କାବୁଲ

୨୦୨୧ରେ ବାଇଡେନ ପ୍ରଶାସନ ଆଫଗାନିସ୍ତାନରୁ ଆମେରିକା ସେନା ପ୍ରତ୍ୟାହାର କରିଥିଲେ । ପରେ ତାଲିବାନ ବଗରାମ ବାୟୁସେନା ଘାଟି ଏବଂ ସରକାରଙ୍କୁ ବିତାଡ଼ିତ କରି ନିଜେ ଶାସନ କରିଥିଲା । ଟ୍ରମ୍ପ୍ କ୍ରମାଗତ ଭାବେ ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ ନିଷ୍ପତ୍ତିକୁ ସମାଲୋଚନା କରି ଚାଲିଛନ୍ତି । ସେ କେବେ ବି ବଗରାମ ଛାଡିବେ ନାହିଁ ବୋଲି କହିଛନ୍ତି । ଗତ ମାର୍ଚ୍ଚରେ ଏହି ସେନା ଘାଟିକୁ ରଖିବାକୁ ଚାହାନ୍ତି ବୋଲି ଟ୍ରମ୍ପ କହିଥିଲେ । ଚୀନ୍ ଉପରେ ନଜର ରଖିବା ଏବଂ ଆଫଗାନିସ୍ତାନର ଖଣିଜ ସମ୍ପଦ ପର୍ଯ୍ୟନ୍ତ ପହଞ୍ଚିବା ଏହାର ଉଦ୍ଦେଶ୍ୟ । ଏହା ପୂର୍ବରୁ ଟ୍ରମ୍ପ ପାନାମା କେନାଲ ଏବଂ ଗ୍ରୀନଲାଣ୍ଡ ଭଳି କ୍ଷେତ୍ରକୁ କବ୍‌ଜା କରିବାକୁ କହିଥିଲେ । କାନାଡ଼ାକୁ ମଧ୍ୟ ଆମେରିକୀୟ ରାଜ୍ୟ କରିବାର ଇଚ୍ଛା ପ୍ରକଟ କରିଥିଲେ । ଏବେ ବଗରାମ ଉପକ ।।ରେ ସେ ଆଖି ପକାଇଛନ୍ତି ।

## ସୁରକ୍ଷା ଲାଗି କରତାରପୁର କରିଡର ଏବେ ଖୋଲିବ ନାହିଁ

ଅମୃତସର, ୨୧।୯ (ଏଜେନ୍ସି): ପାକିସ୍ତାନର ନାରେୱାଲ ଜିଲ୍ଲାରେ ଥିବା କରତାରପୁର ସାହିବ ଗୁରୁଦ୍ୱାରକୁ ଶ୍ରଦ୍ଧାଳୁଙ୍କ ପାଇଁ ଖୋଲି ଦିଆଯାଇଛି । କିନ୍ତୁ ଭାରତ ସରକାର ଏହି କରିଡର ଖୋଲିବା ନେଇ କୌଣସି ନିଷ୍ପତ୍ତି ନେଇନାହାନ୍ତି । ଫଳରେ ପଞ୍ଜାବ କଂଗ୍ରେସ, ଆମ ଆଦମୀ ପାର୍ଟି ଓ ଶିରୋମଣି ଗୁରୁଦ୍ୱାର ପ୍ରବନ୍ଧକ କମିଟି (ଏସ୍‌ଜିପିସି) ସରକାରଙ୍କ ଏଭଳି ନିଷ୍ପତ୍ତିକୁ କଡ଼ା ବିରୋଧ କରିଛନ୍ତି । ସୁରକ୍ଷା ତଥା ନିରାପତ୍ତା କାରଣରୁ ଏହି କରିଡରକୁ ଖୋଲାଯିବ ନାହିଁ ବୋଲି କୁହାଯାଇଛି ।

ପାକିସ୍ତାନ ପଞ୍ଜାବରେ ନିକଟରେ ହୋଇଥିବା ଭୟଙ୍କର ବନ୍ୟା ଯୋଗୁ କରତାପୁର ଗୁରୁଦ୍ୱାର ପରିସରରେ ୧୧ ଫୁଟ ପର୍ଯ୍ୟନ୍ତ ପାଣି ଭରି ଯାଇଥିଲା ଓ ଏଥିପାଇଁ ଗୁରୁଦ୍ୱାରକୁ ବନ୍ଦ କରିବାକୁ ପଡିଥିଲା । ଏବେ ବନ୍ୟା ଚାଲିଯିବା ପରେ ମରାମତି ଓ ସଫେଇ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କୁ ଅନୁମତି ଦିଆଯାଉଛି । କିନ୍ତୁ ଭାରତୀୟ ଶ୍ରଦ୍ଧାଳୁ ସେଠାକୁ ଯାଇପାରୁ ନାହାନ୍ତି । କାରଣ ଅପରେସନ ସିନ୍ଦୂର ସମୟରୁ କରତାରପୁର କରିଡରକୁ ବନ୍ଦ କରିବାକୁ ପଡିଛି । କିନ୍ତୁ ଯଦି ପାକିସ୍ତାନ ସହିତ ଭାରତ କ୍ରିକେଟ ମ୍ୟାଚ୍ ଖେଳିପାରୁଛି, ତେବେ କରିଡର କାହିଁକି ଖୋଲାଯାଇପାରିବ ନାହିଁ ବୋଲି ଏସ୍‌ଜିପିସି ପ୍ରଶ୍ନ କରିଛି ।

## ପୁଣି ଟ୍ରମ୍ପଙ୍କ ଦାବି; ଭାରତ-ପାକ୍ ଯୁଦ୍ଧ ଅଟକାଇଛି

ନ୍ୟୁୟର୍କ, ୨୧।୯ (ଏଜେନ୍ସି): ନୋବେଲ ଶାନ୍ତି ପୁରସ୍କାର ପାଇବାର ମୋହକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଛାଡ଼ି ପାରୁନାହାନ୍ତି । ଏହି ପୁରସ୍କାରକୁ ହାତେଇବା ପାଇଁ ସେ ପୁଣି ଭାରତ-ପାକିସ୍ତାନ ଯୁଦ୍ଧ ବନ୍ଦ କରିଥିବାର ଦାବିକୁ ଦୋହରାଇଛନ୍ତି । ବାଣିଜ୍ୟ କାରବାର ଆଳରେ ଏ ପର୍ଯ୍ୟନ୍ତ ୭ଟି ଯୁଦ୍ଧ ଅଟକାଇଲିଣି । ତେଣୁ ମୁଁ ନୋବେଲ ପୁରସ୍କାର ପାଇବାକୁ ହକ୍‌ଦାର ବୋଲି ଟ୍ରମ୍ପ କହିଛନ୍ତି । 'ଆମେରିକାନ କର୍ଣ୍ଣରଷ୍ଟୋନ ଇନଷ୍ଟିଚ୍ୟୁଟ ଫାଉଣ୍ଡର୍ସ ଡିନର'ରେ ସାମିଲ ହୋଇ ଟ୍ରମ୍ପ ଶନିବାର ଏହି ଟିପ୍ପଣୀ ଦେଇଥିଲେ ।

ମୁଁ ନୋବେଲ ପାଇବାକୁ ହକ୍‌ଦାର

ଟ୍ରମ୍ପ କହିଥିଲେ ଯେ ବିଶ୍ୱସ୍ତରରେ ଆମେ ପୁଣି ଥରେ ଏପରି କାମ କରୁଛୁ, ଯେଉଁଥି ପାଇଁ ଆମେରିକାକୁ ସମ୍ମାନ ଦିଆଯାଉଛି । ପୂର୍ବରୁ କେବେ ଆମକୁ ଏପରି ସମ୍ମାନ ଦିଆଯାଇ ନାହିଁ । ଆମେ ଶାନ୍ତି ଚୁକ୍ତି କରି ଯୁଦ୍ଧ ବନ୍ଦ କରାଉଛୁ । ଭାରତ-ପାକିସ୍ତାନ, ଥାଇଲାଣ୍ଡ-କାମ୍ବୋଡିଆ, ଆର୍ମେନିଆ-ଆଜରବୈଜାନ, କୋସୋଭୋ-ସର୍ବିଆ, ଇସ୍ରାଏଲ-ଇରାନ, ଇଜିପ୍ଟ-ଇଥିଓପିଆ, ରାୱାଣ୍ଡା-କଙ୍ଗୋ ଆଦି ଯୁଦ୍ଧ ବନ୍ଦ କରିଛୁ । ଭାରତ ଏବଂ ପାକିସ୍ତାନର ନେତାଙ୍କୁ ସମ୍ମାନ କରୁଛି । ଉଭୟ ଦେଶ ଆମ ସହ ବାଣିଜ୍ୟ କାରବାର କରିବାକୁ ଚାହୁଁଥିଲେ । ତେଣୁ ଏହାକୁ ପାଥେୟ କରି ଆମେ ଯୁଦ୍ଧ ବନ୍ଦ କରିଥିଲୁ । ଏ ପର୍ଯ୍ୟନ୍ତ ଟ୍ରମ୍ପ ୪୦ ଥର ଏହି ଯୁଦ୍ଧ ବନ୍ଦ ଦାବି କଲେଣି । ୬୦ ପ୍ରତିଶତ ଯୁଦ୍ଧ କେବଳ ବାଣିଜ୍ୟ ପାଇଁ ବନ୍ଦ ହୋଇଛି ବୋଲି ସେ କହିଥିଲେ ।

ରୁଷିଆ ଏବଂ ୟୁକ୍ରେନ ଯୁଦ୍ଧ ବନ୍ଦ କରିଦେଲେ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଯୋଗ୍ୟ ହେବେ ବୋଲି ଟ୍ରମ୍ପଙ୍କୁ କୁହାଯାଇଥିଲା । ଏହାର ଉତ୍ତରରେ ଟ୍ରମ୍ପ କହିଥିଲେ ଯେ ବାକି ସାତୋଟି ଯୁଦ୍ଧ ବନ୍ଦ କରିବାକୁ ନେଇ କ'ଣ ମିଳିବ । ମୋତେ ପ୍ରତ୍ୟେକ ଯୁଦ୍ଧ ବନ୍ଦ ପାଇଁ ନୋବେଲ ପୁରସ୍କାର ମିଳିବା ଉଚିତ । କିନ୍ତୁ ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ କଲେ ନୋବେଲ ପାଇବାକୁ ଯୋଗ୍ୟ ହେବେ ବୋଲି ସେମାନେ କହିଥିଲେ । କାରଣ ଏହା ହେଉଛି ସବୁଠୁ ବଡ଼ ଯୁଦ୍ଧ ।

## ଏଲ୍‌ଓସିରେ ଭାରତ-ପାକ୍ ଗୁଳି ବିନିମୟ

ନୂଆଦିଲ୍ଲୀ,୨୧।୯ (ଏଜେନ୍ସି): ଜମ୍ମୁ-କଶ୍ମୀରର ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ପୁଣି ଥରେ ଉତ୍ତେଜନା ସୃଷ୍ଟି ହୋଇଛି । କୁପୱାଡା ଜିଲ୍ଲାର ନାଉଗାଁ ସେକ୍ଟରରେ ପାକିସ୍ତାନ ପୋଷ୍ଟରୁ ୪ ରାଉଣ୍ଡ ଗୁଳିବର୍ଷା କରାଯାଇଥିଲା । ଭାରତୀୟ ଯବାନମାନେ ମଧ୍ୟ ଏହାର କଡ଼ା ଜବାବ ଦେଇଛନ୍ତି । ଏଥିରେ କେହି ମୃତାହତ ହୋଇଥିବାର ଖବର ମିଳିନାହିଁ । ଏବେ ସୀମା ଶାନ୍ତ ରହିଛି । ଏହି ଘଟଣାକୁ ଔପଚାରିକ ଭାବେ ଅସ୍ତ୍ର ବିରତିର ଉଲ୍ଲଂଘନ ବୋଲି କୁହାଯିବ ନାହିଁ ବୋଲି ଭାରତୀୟ ସେନା ସୂତ୍ରରୁ ଜଣାଯାଇଛି । ସେନା ତରଫରୁ ଏ ନେଇ ଆନୁଷ୍ଠାନିକ ଭାବେ କୌଣସି ମନ୍ତବ୍ୟ ଦିଆଯାଇନାହିଁ । ଉଲ୍ଲେଖଥାଉ କି, ଶୀତଋତୁ ଆସିବା ପୂର୍ବରୁ ପାକିସ୍ତାନ ସେନା ଗୁଳିବର୍ଷଣ କରି ଆତଙ୍କବାଦୀମାନଙ୍କୁ ଅନୁପ୍ରବେଶ କରିବା ପାଇଁ କ୍ଷେତ୍ର ପ୍ରସ୍ତୁତ କରିଥାଏ । ଅବଶ୍ୟ ଏ ନେଇ ଭାରତୀୟ ସେନା ଭଲଭାବେ ଅବଗତ ରହିଛି ।

## କେନ୍ଦ୍ରର ଭିଡ଼ ନିୟନ୍ତ୍ରଣ ଚିନ୍ତା

ନୂଆଦିଲ୍ଲୀ, ୨୧।୯ (ଏଜେନ୍ସି): ଭିଡ଼ ନିୟନ୍ତ୍ରଣକୁ ନେଇ କେନ୍ଦ୍ର ସରକାରଙ୍କ ଚିନ୍ତା ବୃଦ୍ଧି ପାଇଛି । ଏହାକୁ ନେଇ ସରକାର ମାର୍ଗଦର୍ଶିକା ପ୍ରସ୍ତୁତ କରିଛନ୍ତି । ବିକ୍ଷୋଭ ପ୍ରଦର୍ଶନ ଏବଂ ବଡ଼ ଆୟୋଜନଗୁଡିକ ପାଇଁ ଏଥିରେ ଧ୍ୟାନ ଦିଆଯାଇଛି । କୁମ୍ଭ ଭଳି ମେଳା, ଖେଳ ଷ୍ଟାଡିୟମ, ଧାର୍ମିକ କାର୍ଯ୍ୟକ୍ରମ ଏବଂ ବାବାମାନଙ୍କ ପ୍ରବଚନ ଆଦି ମଧ୍ୟ ସାମିଲ ରହିଛି । ସାମ୍ପ୍ରଦାୟିକ ଦଙ୍ଗା, ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ଏବଂ ସାମାଜିକ ଗଣମାଧ୍ୟମରେ ଚାଲିଥିବା ଜନଆକ୍ରୋଶ ମଧ୍ୟ ଏହାର ପରିସରରେ ରହିଛି ।

ଗାଇଡଲାଇନ୍ସ ଜାରି

ନୂଆ ପରିସ୍ଥିତିକୁ ଦେଖି ସ୍ୱରାଷ୍ଟ୍ର ମନ୍ତ୍ରାଳୟ ମାର୍ଗଦର୍ଶିକା ପ୍ରସ୍ତୁତ କରିଛି । ସାମାଜିକ ଗଣମାଧ୍ୟମ ଯୁଗରେ ଖୁବଶୀଘ୍ର ଅପପ୍ରଚାର ବ୍ୟାପିଯାଉଛି । ଭିଡ଼ର ନୂଆ ମାନସିକତା ଉପରେ ଗବେଷଣା କରାଯାଇଛି । ଏହାକୁ ଆଧାର କରି 'କ୍ରାଉଡ କଣ୍ଟ୍ରୋଲ ଆଣ୍ଡ ମାସ୍ ଗ୍ୟାଦରିଂ ମ୍ୟାନେଜମେଣ୍ଟ' ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି । ଗତ କିଛି ବର୍ଷ ହେଲା ସାମାଜିକ ଗଣମାଧ୍ୟମରୁ ସୃଷ୍ଟି ହୋଇଥିବା ଆକ୍ରୋଶ ଅଚାନକ ବିକ୍ଷୋଭରେ ବଦଳି ଯାଉଥିବା ଦେଖାଯାଉଛି । ଏଥିଯୋଗୁଁ ଭାରତର ତିନୋଟି ପଡୋଶୀ ଦେଶ ନେପାଳ, ବାଂଲାଦେଶ ଏବଂ ଶ୍ରୀଲଙ୍କାର ସରକାର ଭୁଶୁଡି ଯାଇଛି । ଏହାକୁ ଦେଖି ଭାରତ ସରକାର ମାର୍ଗଦର୍ଶିକା ଆଣିଥିବା କୁହାଯାଉଛି । 'ବ୍ୟୁରୋ ଅଫ୍ ପୁଲିସ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ' ଏହି ଏସଓପି ପ୍ରସ୍ତୁତ କରିଛି । ଏଥିରେ ଅରାଜକତା ସୃଷ୍ଟି କରୁଥିବା ସଭା ପରିଚାଳନାର ଉପାୟ ଦିଆଯାଇଛି । ସାମାଜିକ ଗଣମାଧ୍ୟମ ପରିଚାଳନା ଏବଂ ଏହାର ଜବାବୀ ଉପାୟ ବିଷୟକୁ ମଧ୍ୟ ଯୋଡ଼ା ଯାଇଛି । ଭିଡ଼ ନିୟନ୍ତ୍ରଣ ମଡ୍ୟୁଲାର ମନୋବିଜ୍ଞାନ, ସାମାଜିକ ଏବଂ ଲଜିଷ୍ଟିକ ଦିଗ ସାମିଲ ରହିଛି । ବେଆଇନ ଭାବେ ଗୋଟିଏ ସ୍ଥାନରେ ଏକାଠି ହେବା ଏବଂ ଆକ୍ରମକ ବିକ୍ଷୋଭ ପ୍ରଦର୍ଶନ ପାଇଁ ସୁରକ୍ଷାବାହିନୀ ମୁତୟନର ମଡେଲ ଦିଆଯାଇଛି । ଚାଷୀ ଏବଂ ଶ୍ରମିକଙ୍କ ରାଲି ନିମନ୍ତେ ଅଲଗା ବ୍ୟବସ୍ଥାର ପ୍ରସ୍ତାବ ରହିଛି ।

# ନେତାଙ୍କୁ ବାସ୍ତୁ ଭୟ: ସଚିବାଳୟ ଛାଡ଼ିଲେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୨୧।୯ (ଏଜେନ୍ସି):

ଏବେ ରାଜନୀତିରେ ବାସ୍ତୁକୁ ନେଇ ଜୋରସୋର୍‌ରେ ଚର୍ଚ୍ଚା ଚାଲିଛି । ତେଲଙ୍ଗାନାର ସବୁଠାରୁ ଯୁବ ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀ (୫୫)ଙ୍କୁ ବାସ୍ତୁଦୋଷ ଭୟ ଘାରିଛି । ସେ ଏତେ ଭୟଭୀତ ହୋଇଯାଇଛନ୍ତି ଯେ ରାଜ୍ୟ ସଚିବାଳୟରେ ଆଉ ବସୁ ନାହାନ୍ତି । ସେ ସଚିବାଳୟର ନୂଆ କୋଠା ଛାଡ଼ି ପଳାଇଛନ୍ତି । ବଞ୍ଜାରା ହିଲ୍ସ ସ୍ଥିତ ହାଇ ସିକ୍ୟୁରିଟି ବ୍ୟବସ୍ଥା ଥିବା ତେଲଙ୍ଗାନା ପୁଲିସର କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟରରୁ କାମ କରୁଛନ୍ତି । ସଚିବାଳୟର ନୂଆ କୋଠାରେ ବାସ୍ତୁଦୋଷ ରହିଛି ବୋଲି ସେ କହୁଛନ୍ତି । ରେଭନ୍ତଙ୍କ ସମ୍ବନ୍ଧିତ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ୬୫୦ କୋଟି ଟଙ୍କାରେ ପ୍ରସ୍ତୁତ ଏହି ୭ ମହଲା ବିଶିଷ୍ଟ ସଚିବାଳୟରେ ମୁଖ୍ୟମନ୍ତ୍ରୀଙ୍କ ଭବ୍ୟ କାର୍ଯ୍ୟାଳୟ ରହିଛି । ମନ୍ତ୍ରୀ, ମୁଖ୍ୟ ସଚିବଙ୍କ ସମେତ ପ୍ରମୁଖ ଅମଲାତାନ୍ତ୍ରିକ ଅଧିକାରୀଙ୍କ କାର୍ଯ୍ୟାଳୟ ମଧ୍ୟ ଏଠାରେ ରହିଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଆରଏସ ମୁଖ୍ୟ କେ.ଚନ୍ଦ୍ରଶେଖର ରାଓଙ୍କ ସମୟରେ ଏହି କୋଠା ନିର୍ମାଣ ହୋଇଥିଲା । ସେ ୨୦୨୩ ଏପ୍ରିଲ ୩୦ରେ ଏହାକୁ ଉଦ୍‌ଘାଟନ କରିଥିଲେ । କିନ୍ତୁ ଡିସେମ୍ବରରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ସେ ହାରି ଯାଇଥିଲେ । ପରେ କଂ ।।ଗ୍ରେସ ନେତା ମୁଖ୍ୟମନ୍ତ୍ରୀ ଭାବେ ଶପଥ ।।ନେଇଥିଲେ ।

ପୁରୁଣା ସଚିବାଳୟ କୋଠାରେ ବାସ୍ତୁଦୋଷ ଥିବା ଭାବି କେସିଆର ନୂତନ ସଚିବାଳୟ ନିର୍ମାଣ କରିଥିଲେ । ଏଥିପାଇଁ ବାସ୍ତୁ ନୀତି ଅନୁସରଣ କରି କାର୍ଯ୍ୟାରମ୍ଭ କରିଥିଲେ । ମୁଖ୍ୟମନ୍ତ୍ରୀ ଭାବେ ଦୁଇ ଥରର କାର୍ଯ୍ୟକାଳ ମଧ୍ୟରେ ସେ ପ୍ରାୟ ୨୪ ଥର ପୁରୁଣା ସଚିବାଳୟ ବୁଲିବାକୁ ଯାଇଥିଲେ । ସେ ତାଙ୍କର ଅଧିକାଂଶ କାର୍ଯ୍ୟ କ୍ୟାମ୍ପ ଅଫିସ ତଥା ବାସଭବନ ପ୍ରଗତି ଭବନରୁ କରୁଥିଲେ ।

**ପୁଲିସ କମାଣ୍ଡ ସେଣ୍ଟରରୁ କରୁଛନ୍ତି କାମ**

**୬୫୦ କୋଟିରେ ପ୍ରସ୍ତୁତ ହୋଇଥିଲା ନୂଆ କୋଠା**

କଂଗ୍ରେସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କୋଠାର ମୁଖ୍ୟ ପ୍ରବେଶ ଦ୍ୱାର ପ୍ରଥମେ ପୂର୍ବ ଦିଗକୁ ମୁହଁ କରି ରହିଥିଲା । ପରେ ଏହାକୁ ବନ୍ଦ କରି ଦକ୍ଷିଣ-ପୂର୍ବକୁ ସ୍ଥାନାନ୍ତରିତ କରାଯାଇଥିଲା । କେସିଆର ପ୍ରଥମେ ପୂର୍ବ ଦିଗରୁ ପ୍ରବେଶ କରିଥିଲେ । କିନ୍ତୁ ଗତ ବିଧାନସଭା ନିର୍ବାଚନ ପୂର୍ବରୁ ସେ ପୂର୍ବ ପ୍ରବେଶ ଦ୍ୱାରକୁ ବନ୍ଦ କରିଦେଇଥିଲେ ।

ରେଭନ୍ତଙ୍କ ଘନିଷ୍ଠଙ୍କ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ହେବା ପରଠାରୁ ସେ ନୂତନ କୋଠାରେ ବାରମ୍ବାର ଅଣ-ନିଶ୍ୱାସୀ ଅନୁଭବ କରିଥିଲେ । ପରେ ଯାଞ୍ଚରୁ ବାସ୍ତୁଦୋଷ ଥିବା ଜଣାପଡ଼ିଥିଲା । ଏହାକୁ ସୁଧାରିବା ପରିବର୍ତ୍ତେ ମୁଖ୍ୟମନ୍ତ୍ରୀ ପୁଲିସ ନିୟନ୍ତ୍ରଣ କକ୍ଷରେ ରହିବାକୁ ପସନ୍ଦ କରିଥିଲେ । ସେ କେବଳ ସ୍ୱତନ୍ତ୍ର ପ୍ରତିନିଧି କିମ୍ବା ଅତିଥିଙ୍କୁ ଭେଟିବା ସମୟରେ ନୂତନ ସଚିବାଳୟକୁ ଯାଇଥାନ୍ତି । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ ଘନିଷ୍ଠଙ୍କ ଅନୁଯାୟୀ କେସିଆରଙ୍କ ଅନେକ ବିଶ୍ୱସ୍ତ କର୍ମଚାରୀ ସଚିବାଳୟରେ ରହିଛନ୍ତି । ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ରେଭନ୍ତ ନୂତନ କୋଠାକୁ ଯିବା ପରେ ଅନେକ ବୈଠକ କରିଥିଲେ । କିନ୍ତୁ ଏହାର ସବୁ ସୂଚନା ବାହାରକୁ ବାହାରି ଯାଇଥିଲା । ବର୍ଷ ଆରମ୍ଭରେ ଫୋନ୍ ଟ୍ୟାପିଂ ଦୁର୍ନୀତି ରେଭନ୍ତଙ୍କ ସନ୍ଦେହକୁ ଆହୁରି ମଜବୁତ କରିଥିଲା । ଏହା ପରେ ରେଭନ୍ତ ଧୀରେ ଧୀରେ ପୋଲିସ କମାଣ୍ଡ ସେଣ୍ଟରକୁ ସ୍ଥାନାନ୍ତରିତ ହେବା ଆରମ୍ଭ କରିଥିଲେ ।



ନାମ ଗୋପନ ରଖି ଜଣେ ବିଆରଏସ ନେତା କହିଛନ୍ତି ଯେ କେସିଆର ନିଜର ରାଜନୈତିକ ଉତ୍ତରାଧିକାରୀ ତଥା ପୁଅ କେ.ଟି. ରାମା ରାଓଙ୍କ ପାଇଁ ନୂତନ କୋଠା ନିର୍ମାଣ କରିଥିଲେ । ଅଗ୍ନି ସୁରକ୍ଷା ମାନ ଖରାପ ଥିବା ଦର୍ଶାଇ ସେ ପ୍ରାୟ ୭୦ କୋଟି ଟଙ୍କା ବ୍ୟୟ କରି ପୁରୁଣା ସଚିବାଳୟକୁ ଭାଙ୍ଗି ଦେଇଥିଲେ ।

କରୋନା ସମୟରେ ଏପରି କରାଯାଇଥିଲା । ସେତେବେଳେ ରାଜ୍ୟ ଭୟଙ୍କର ଆର୍ଥିକ ସଙ୍କଟରେ ଥିଲା । ତେଣୁ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକ ଏହି ପଦକ୍ଷେପକୁ ବିରୋଧ କରିଥିଲେ । ମୁଖ୍ୟମନ୍ତ୍ରୀ ଅଯଥାରେ ଅର୍ଥ ବ୍ୟୟ କରୁଥିବା କହିଥିଲେ । ଅପବ୍ୟୟ ଖର୍ଚ୍ଚ ବୋଲି କହିଥିଲେ । ଏହା ସତ୍ତ୍ୱେ କେସିଆର ବିଆରଏସକୁ ଏକ ଜାତୀୟ ଶକ୍ତି ଭାବରେ ପୁନର୍ଗଠିତ କରିବାକୁ ଚାହିଁଥିଲେ ।

୨୦୨୩ ବିଧାନସଭା ନିର୍ବାଚନରେ ପରାଜୟ ପରେ କେସିଆର ବଞ୍ଜାରା ହିଲ୍ସରେ ଥିବା ଦଳୀୟ ମୁଖ୍ୟାଳୟ 'ତେଲଙ୍ଗାନା ଭବନ'ର ମୁଖ୍ୟ ପ୍ରବେଶ ଦ୍ୱାରର ଦିଗ ପରିବର୍ତ୍ତନ କରିଥିଲେ । ପୂର୍ବରୁ ତେଲଙ୍ଗାନା ଭବନର ମୁଖ୍ୟ ଦ୍ୱାର ଉତ୍ତର-ପଶ୍ଚିମ ଦିଗକୁ ଥିଲା । ମାତ୍ର ପରେ ଉତ୍ତର-ପୂର୍ବ ଦିଗରେ ଆଉ ଏକ ଦ୍ୱାର ଖୋଲାଯାଇଥିଲା । ଜଣେ ଦଳୀୟ ନେତା କହିଥିଲେ ଯେ କୋଠା ସାମ୍ନାରେ ଏକ ବିଧି ପୋଟ୍ଟୁ ତଥା ଟି-ଜଙ୍କସନ୍ ଅଛି । ଯେଉଁଠାରେ ତିନୋଟି ରାସ୍ତା ଗୋଟିଏ ସ୍ଥାନରେ ମିଶୁଛି । ବାସ୍ତୁ ଅନୁସାରେ ଏହା ନକାରାତ୍ମକ ଶକ୍ତିକୁ ଆକର୍ଷିତ କରିଥାଏ । ଏହାକୁ ଦୂର କରିବା ପାଇଁ ମୁଖ୍ୟ ଦ୍ୱାରର ଦିଗ ପରିବର୍ତ୍ତନ କରାଯାଇଥିଲା ।

## ମହାଳୟା ଅମାବାସ୍ୟା

# ପିଣ୍ଡଦାନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼



ପୁରୀ,୨୧।୯(ସମିସ): ଆଶ୍ୱିନ ଅମାବାସ୍ୟା ତିଥିକୁ ମହାଳୟା ଅମାବାସ୍ୟା କୁହାଯାଏ। ରବିବାର ଏହି ପବିତ୍ର ତିଥିରେ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ବାହାରେ ଏବଂ ବିଭିନ୍ନ ତୀର୍ଥ ପୁଷ୍କରିଣୀ ତଥା ମହୋଦଧିରେ ଶ୍ରାଦ୍ଧ ଓ ପିଣ୍ଡଦାନ କରି ପିତୃପୁରୁଷଙ୍କୁ ମନେ ପକାଇଛନ୍ତି। ଆଶ୍ୱିନ କୃଷ୍ଣପକ୍ଷ ପ୍ରତିପଦାଠାରୁ ଆରମ୍ଭ ହୋଇଥିବା ପିତୃପକ୍ଷର ଶେଷ ଦିବସ ହୋଇଥିବାରୁ ସକାଳୁ ବେଶ୍ ଚଳଚଞ୍ଚଳ ହୋଇଉଠିଥିଲା ଶ୍ରୀକ୍ଷେତ୍ର। ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁମାନେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିବାକୁ ପହଞ୍ଚିଥିଲେ। ବିଶ୍ୱାସ ରହିଛି ଆଜିର ଦିନରେ ଶ୍ରଦ୍ଧାର ସହ ଶ୍ରାଦ୍ଧ, ପିଣ୍ଡଦାନ ଓ ତର୍ପଣ କଲେ ପିତୃଗଣ ସନ୍ତୁଷ୍ଟ ହୋଇଥା'ନ୍ତି। ସେମାନଙ୍କ ଆତ୍ମାକୁ ଶାନ୍ତି ମିଳିବା ସହ ସେମାନେ ନିଜ ନିଜ ପରିବାରକୁ ଆଶୀର୍ବାଦ ପ୍ରଦାନ କରିଥା'ନ୍ତି। ବିଶେଷକରି ଶ୍ରୀକ୍ଷେତ୍ରରେ ପିଣ୍ଡଦାନ କଲେ ପିତୃପୁରୁଷ ମୁକ୍ତିଲାଭ କରନ୍ତି ବୋଲି ବିଶ୍ୱାସ ରହିଛି। ସେହି ବିଶ୍ୱାସକୁ ଆଧାରକରି ଶ୍ରଦ୍ଧାଳୁମାନେ ଅରୁଆ ଚାଉଳ, ଗହମ ଛତୁଆ, ଅଟା, ପଞ୍ଚାମୃତରେ ପିଣ୍ଡ ପ୍ରସ୍ତୁତ କରି ନିଜ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥା'ନ୍ତି। ବାଇଶିପାହାଚରେ ଶ୍ରାଦ୍ଧ କର୍ମ ବନ୍ଦ ରହିଥିବାରୁ ଉତ୍ତର ଦ୍ୱାର ପାଶ୍ୱର୍ରେ ବସି ପିଣ୍ଡଦାନ କରିଛନ୍ତି ଶ୍ରଦ୍ଧାଳୁ।

ମହାଳୟା ଅମାବାସ୍ୟା ଏକ ପବିତ୍ର ଦିନ। ୧୫ ଦିନ ଧରି ଚାଲିଥିବା ପିତୃପକ୍ଷର ଏହା ଅନ୍ତିମ ଦିବସ। ଏହି ଅନ୍ତିମ ଦିବସରେ ନିଜ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଦେବାର ପରମ୍ପରା ରହିଛି। ଏହି ମହାଳୟା ଶ୍ରାଦ୍ଧର ବିଶେଷତ୍ୱ ହେଉଛି ପିତୃକୁଳର ତିନିପୁରୁଷଙ୍କ ସହିତ ମାତୃକୁଳର ତିନି ପୁରୁଷଙ୍କୁ ମଧ ପିଣ୍ଡଦାନ କରାଯାଇଥାଏ। ତେଣୁ ଏହି ଶ୍ରାଦ୍ଧକୁ ମଉଳା ଶ୍ରାଦ୍ଧ ବୋଲି କୁହାଯାଏ। ପିତୃକୁଳର ପିତା, ପିତାମହ, ପ୍ରପିତାମହ ଓ ମାତୃକୁଳର ମାତାମହ, ପ୍ରମାତାମହ ଓ ବୃଦ୍ଧ ପ୍ରମାତାମହଙ୍କୁ ଶ୍ରାଦ୍ଧ ଦିଆଯାଇଥାଏ। ଏଥିପାଇଁ ଶ୍ରୀକ୍ଷେତ୍ରକୁ ବହୁ ଶ୍ରଦ୍ଧାଳୁ ଆସିଥା'ନ୍ତି।

# ସ୍ୱାମୀର ଠେଙ୍ଗାମାଡ଼ରେ ସ୍ତ୍ରୀ ମୃତ

ବେତନଟୀ,୨୧।୯(ସମିସ): ସ୍ୱାମୀର ଠେଙ୍ଗାମାଡ଼ରେ ସ୍ତ୍ରୀର ମୃତ୍ୟୁ ଘଟିଛି। ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅଧୀନ ପୁରିନ୍ଧା ପଞ୍ଚାୟତର ସଂସା ଗାଁରେ ପାରିବାରିକ କଳହରୁ ଏଭଳି କରୁଣ ପରିସ୍ଥିତି ଘଟିଛି। ମୃତକ ହେଲେ ସତ୍ୟଭାମା ମହାନ୍ତ। ରବିବାର ଦ୍ୱିପହରରେ ସ୍ୱାମୀ ଗଣେଶ ମହାନ୍ତ ସାମାନ୍ୟ କଥାରୁ ଉତ୍କ୍ଷିପ୍ତ ହୋଇ ପତ୍ନୀ ସତ୍ୟଭାମାଙ୍କୁ ମାଡ଼ ମାରିଥିଲେ। ମନଦୁଃଖରେ ଖଟିଆରେ ସତ୍ୟଭାମା ଶୋଇଥିବାବେଳେ ଗଣେଶ ପୁଣି ଏକ ଠେଙ୍ଗାରେ ତାଙ୍କ ମୁଣ୍ଡକୁ ଶକ୍ତ ପ୍ରହାର କରିଥିଲେ। ଫଳରେ ଘଟଣାସ୍ଥଳରେ ସତ୍ୟଭାମାଙ୍କର ମୃତ୍ୟୁ ଘଟିଛି। ସତ୍ୟଭାମାଙ୍କ ଝିଅ ପଡ଼ୋଶୀ ଲୋକଙ୍କ ସହ ଜଙ୍ଗଲକୁ କାଠ ଗୋଟେଇବାକୁ ଯାଇଥିବାବେଳେ ଗଣେଶ ଏକାକୀ ପାଇ ଏଭଳି ତୁମୁଳକାଣ୍ଡ ଭିଆଇଥିବା କୁହାଯାଉଛି। ଗ୍ରାମବାସୀ ବେତନଟୀ ପୁଲିସକୁ ଖବର ଦେବାରୁ ପୁଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ସ୍ୱାମୀ ଗଣେଶ ମହାନ୍ତକୁ ପୁଲିସ ଅଟକ ରଖିଥିବା ଜଣାପଡ଼ିଛି।

# ବାଣ ଗୋଦାମରେ ବିସ୍ଫୋରଣ:୨ ମୃତ,୧୨ ଆହତ



ହରଭଙ୍ଗା,୨୧।୯(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ପୁରୁଣାକଟକ ଥାନା ଜିଆଁକଟା ଗ୍ରାମରେ ରବିବାର ସକାଳେ ଭୟଙ୍କର ବାଣ ବିସ୍ଫୋରଣ ଘଟି ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୨ଜଣ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଅନ୍ୟପଟେ ଭୟଙ୍କର ବିସ୍ଫୋରଣରେ ବିଦ୍ୟୁତ୍ ଖୁଣ୍ଟ ଠାରୁ ଆରମ୍ଭ କରି ଘର,ଅଟୋ,ବାଇକ୍ ଏପରିକି ବାଣଥିବା ଘର ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଛି। ଭୟଙ୍କର ବିସ୍ଫୋରଣ ଶବ୍ଦରେ ଲୋକଙ୍କ ଛାତିଥରି ଉଠିଥିଲା। ଖବରପାଇ ଘଟଣାସ୍ଥଳରେ ବୌଦ୍ଧ ଏସ୍‌ପି ରାହୁଲ ଗୋୟେଲ,ବୌଦ୍ଧ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ,ବୌଦ୍ଧ ଉପଜିଲ୍ଲାପାଳ ବିନୟ କୁମାର ଭୋଇ,ହରଭଙ୍ଗା ତହସିଲଦାର ବଳଦେବ ବେହେରା,ଅତିରିକ୍ତ ତହସିଲଦାର ସନ୍ଦିପ ଶୁଭଦର୍ଶନ ଧଳ,ସ୍ଥାନୀୟ ସରପଞ୍ଚ ଅଶୋକ କୁମାର ସେଠୀ,ହରଭଙ୍ଗା ଅଗ୍ନିଶମ ବାହିନୀ,ବୌଦ୍ଧ ଆଇଆଇସି ନଳିନୀକାନ୍ତ ଦାସ,ପୁରୁଣାକଟକ ଆଇଆଇସି ଅରୁଣ କୁମାର ସିଂ,ହରଭଙ୍ଗା ଆଇଆଇସି ବାଲ୍ମିକୀ ପ୍ରଧାନଙ୍କ ସମେତ ଓଡ୍ରାଫ୍ ଟିମ୍, ଅଗ୍ନିଶମ ,ସାଇଣ୍ଟିଫିକ୍ ଟିମ୍,ଡଗ୍ ସ୍କ୍ୱାର୍ଡ,ବମ୍ ଡିଟେକ୍ସନ ଏବଂ ପୁଲିସ ଟିମ୍ ପ୍ରମୁଖ ଘଟଣାସ୍ଥଳରେ ପହଁଞ୍ଚି ଘଟଣାର ତଦନ୍ତ କରିବା ସହ ଉଦ୍ଧାର କାର୍ଯ୍ୟ କରିଥିଲେ। ଲକ୍ଷ୍ମୀଧର ବେହେରା(୫୦)ଙ୍କ ସହ ଆଉ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ଏହା ସହିତ ଭଗବାନ ବେହେରା, ଅନନ୍ତ ବେହେରା, ଶାନ୍ତି ବାଘ,ଶ୍ରୀମନ୍ତ ବାଘ,ଅମର ବେହେରା, ମୋହନ ବେହେରା, କୁମୁଦିନୀ ବେହେରା, ଖଗେଶ୍ୱର ବେହେରା, ପ୍ରବାସୀ ବେହେରା, ଚନ୍ଦ୍ରିକା ବେହେରା,ରେଖା ବେହେରାଙ୍କ ସମେତ ୧୨ଜଣ ଗୁରୁତର ଆହାତ ହୋଇଥିବା ଜଣାପଡିଛି। ଅନ୍ୟପଟେ ରମା ଭୋକ୍ତା ନାମକ ଜଣେ ମହିଳା ନିଖୋଜ ଥିବା କୁହାଯାଉଛି। ସେହିପରି ଗ୍ରାମରେ ସତ୍ୟନାରାୟଣ ନାୟକ ସମେତ ପାଖ ଆଖରେ ଥିବା ଅନେକ ଲୋକଙ୍କ ପକ୍କାଘର ,ଆଜବେଷ୍ଟସ୍ ଘର ଭାଙ୍ଗିଥିବା ଜଣାପଡିଛି। ସୂଚନା ଅନୁସାରେ ଜିଆଁକଟା ଗ୍ରାମର ମାଗିସାହୁ ନାମକ ବ୍ୟକ୍ତି ଏକ ସିଲଭର ଫ୍ୟାକ୍ଟ୍ରି କରି କଂସାବାସନ କରି ବହୁଦିନ ହେଲା ସେଠାରେ ବ୍ୟବସାୟ କରୁଥିଲେ। ସେ ୧୦/୧୨ଟି ଛୋଟ ଛୋଟ ଆଜବେଷ୍ଟସ ଛପର ଘରକୁ ଭଡ଼ା ରେ ଦେଇଥିଲେ। ସେହି ଘରେ ପ୍ଲାଷ୍ଟିକ୍ ବ୍ୟବସାୟ ଠାରୁ ଆରମ୍ଭ କରି ମୁଢ଼ି ବ୍ୟବସାୟ କରୁଥିବା ଲୋକଙ୍କ ସହିତ କିଛି ଶ୍ରମିକ ଶ୍ରେଣୀର ଲୋକେ ସେଠାରେ ଭଡ଼ାରେ ରହୁଥିଲେ। ରବିବାର ସକାଳେ ପ୍ରାୟତଃ ସମସ୍ତେ କାମଧନ୍ଦାରେ ବାହାରି ଯାଇଥିଲେ। ସକାଳ ପ୍ରାୟ୧୦.୩୦ ସମୟରେ ଉକ୍ତ ଘରୁ ଭୟଙ୍କର ବାଣ ବିସ୍ଫୋରଣ ଘଟିଥିଲା।ଏଥିରେ ଚାରିଆଡ ଧୂଆଁମୟ ହୋଇଯାଇଥିଲା। ବିସ୍ଫୋରଣର ପ୍ରକୋପ ଏତେ ଭୟଙ୍କର ରହିଥିଲା ଯେ ଏକ କିଲୋମିଟର ଦୂରରେ ଥିବା ପୁରୁଣାକଟକ ଏବଂ ଚାରିଛକ ବଜାରରେ ଏକ ଭୂମିକମ୍ପ ଭଳି କମ୍ପନ ସୃଷ୍ଟି ହେବା ସହିତ ଲୋକଙ୍କ ଦୋକାନ ଘର କାଚ ଭାଙ୍ଗିଯାଇଥିଲା। ଏପରିକି ଅନେକ ଲୋକଙ୍କ ଘରଦ୍ୱାର ଭାଙ୍ଗିବା ସହିତ ଗୁରୁତର ଅବସ୍ଥାରେ ଅନେକ ଚିକିତ୍ସାଧିନ ଥିବା ଜଣାପଡିଛି। ଘଟଣାସ୍ଥଳରେ ବିଭିନ୍ନ ପ୍ରକାର ବାଣର ଖୋଳପା ପଡିଥିବା ଦେଖିବା ପରେ ବେଆଇନ ଭାବେ ଘରେ ଗଚ୍ଛିତ ଥିବା ବାଣରୁ ବିସ୍ଫୋରଣ ଘଟିଥିବା କୁହାଯାଉଛି। ଅନ୍ୟପଟେ କ୍ଷତିପୂରଣ ଦାବିରେ ଲୋକେ ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଘଟଣାସ୍ଥଳରେ ପୁଲିସ ପ୍ରଶାସନିକ ଟିମ୍ ସହିତ ସ୍ଥାନୀୟ ବିଜେପି ନେତା ଶୁଶାନ୍ତ ପ୍ରଧାନ, ଅଶୋକ କୁମାର ଅଗ୍ରୱାଲା ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହିତ କ୍ଷତିପୂରଣ ପ୍ରତିଶ୍ରୁତି ଦେବାପରେ ଦୀର୍ଘ ୪ଘଣ୍ଟା ପରେ ରାସ୍ତାରୋକ ହଟିଥିଲା। ଅନ୍ୟପଟେ ସନ୍ଧ୍ୟା ୫.୩୦ପର୍ଯ୍ୟନ୍ତ ଘଟଣାସ୍ଥଳରେ ୩ଟି ଜେସିବି ସାହାଯ୍ୟରେ ମାଟିରେ ମିଶିଥିବା ଘରର ସଫା କରାଯାଇ ମୃତାହତଙ୍କ ଅନୁସନ୍ଧାନ କରାଯାଇଥିଲା।ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ନୀରିହ ଗାଁ ଲୋକଙ୍କୁ କ୍ଷତିପୂରଣ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ମଝି ସମୁଦ୍ରରେ ଡଙ୍ଗା ଉପରେ ବଜ୍ରପାତ

## ବାପା ମୃତ, ପୁଅ ନିଖୋଜ

ମହାକାଳପଡ଼ା,୨୧।୯(ସମିସ): ମାଛ ଧରିବା କାଳ ହୋଇଛି। ମଝି ସମୁଦ୍ରରେ ବଜ୍ରପାତ ଯୋଗୁଁ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ହୋଇଥିବାବେଳେ ପୁଅ ନିଖୋଜ ହୋଇଯାଇଛି। ମହାକାଳପଡ଼ା ବ୍ଲକ୍‌ରେ ଏଭଳି ଦୁଃଖଦ ଘଟଣା ଘଟିଛି। ତନ୍ତିଆପାଳ ସାମୁଦ୍ରିକ ଥାନା ଅଧୀନ ଗ୍ରାମର ମତ୍ସ୍ୟଜୀବୀ ବିଜୟ ପରିଡ଼ା ଓ ତାଙ୍କ ପୁଅ ଗୁଲିଆ ପରିଡ଼ା ମାଛ ଧରିବାକୁ ଡଙ୍ଗାରେ ସମୁଦ୍ରକୁ ଯାଇଥିଲେ। ଶନିବାର ଅପରାହ୍ଣରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଥିବାବେଳେ ଡଙ୍ଗା ଉପରେ ବଜ୍ରପାତ ହୋଇଥିଲା। ବଜ୍ରପାତରେ ବିଜୟ ପରିଡ଼ା ସେହି ଜାଲ ଡଙ୍ଗା ଉପରେ ଟଳି ପଡ଼ିଥିଲେ। ରବିବାର ସକାଳେ ଅନ୍ୟ ମତ୍ସ୍ୟଜୀବୀ ସମୁଦ୍ରକୁ ମାଛ ଧରିବାକୁ ଯାଇଥିବାବେଳେ ଡଙ୍ଗା ଭାସୁଥିଲା ଓ ବିଜୟଙ୍କ ମୃତଦେହ ପଡ଼ିଥିବା ଦେଖି ବନ ବିଭାଗକୁ ଖବର ଦେବା ସହିତ ଉଦ୍ଧାର କରିଥିଲେ। ବାପା ସାଙ୍ଗରେ ଯାଇଥିବା ପୁଅ ଗୁଲୁଆ ପରିଡ଼ା ନିଖୋଜଥିବା ଜଣାପଡ଼ିବା ପରେ ବନ ବିଭାଗ, ପୁଲିସ ଟିମ୍ ବୋଟ୍ ସାହାଯ୍ୟରେ ଖୋଜାଖୋଜି ଜାରି ରଖିଥିବା ପୂର୍ବତନ ସରପଞ୍ଚ ମନୋଜ କୁମାର ପାତ୍ର କହିଛନ୍ତି।

**ପୁଲିସ ହେପାଜତରୁ ଅପହର୍ତ୍ତା ଫେରାର**

# ଏଏସ୍‌ଆଇ, ୨ କନେଷ୍ଟବଳ ନିଲମ୍ବିତ

ବାଲେଶ୍ୱର/ବାହାନଗା,୨୧।୯(ସମିସ): ଏକ ନାବାଳିକା ଅପହରଣ ମାମଲାରେ ପୁଲିସ ହେପାଜତରୁ ଅପହର୍ତ୍ତା ଫେରାର ହେବା ଘଟଣାରେ ବାଲେଶ୍ୱର ଏସ୍‌ପି ପ୍ରତ୍ୟୁଷ ଦିବାକର ଗୋପାଳପୁର ଥାନାର ଜଣେ ଏଏସ୍‌ଆଇଙ୍କ ସହ ୨ କନେଷ୍ଟବଳଙ୍କୁ ନିଲମ୍ବନ କରିଛନ୍ତି। ଗୋପାଳପୁର ଥାନା ଦୋଳପୁର ଅଞ୍ଚଳର ଏକ ନାବାଳିକାକୁ ଆରୁହାବାଡ଼ ଅଞ୍ଚଳର ଜଣେ ଯୁବକ ଅପହରଣ କରିଥିବା ନେଇ ନାବାଳିକାଙ୍କ ମା' ଜୁନ ୩୦ରେ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ବାଲେଶ୍ୱର ଏସ୍‌ପି ଗୋପାଳପୁର ଥାନାର ଏଏସଆଇ ଦୀପକ କୁମାର ଭୋଇ, କନେଷ୍ଟବଳ ବିକାଶ କୁମାର ମହାପାତ୍ରଙ୍କ ସହ ବାଲେଶ୍ୱର ରିଜର୍ଭ କନେଷ୍ଟବଳ ସୁଚିତ୍ରା ମାଝୀଙ୍କୁ ନେଇ ଏକ ଟିମ୍ ଗଠନ କରିଥିଲର। ପରେ ଏହି ଟିମ ସେପ୍ଟେମ୍ବର ୧୦ରେ ଟ୍ରାକ କରି ଆନ୍ଧ୍ରପ୍ରଦେଶରେ ସମ୍ପୃକ୍ତ ଯୁବକ ଜଣକ ନାବାଳିକାକୁ ଅପହରଣ କରି ରଖିଥିବାର ସନ୍ଧାନ ପାଇଥିଲେ। ପରେ ଏହି ଟିମ୍ ଆନ୍ଧ୍ର ପ୍ରଦେଶ ଯାଇ ନାବାଳିକାକୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଯୁବକ ସଞ୍ଜୟ ରଥକୁ ଧରିବାରେ ସଫଳ ହୋଇ ଟ୍ରେନ ଯୋଗେ ଓଡ଼ିଶା ଆସୁଥିଲେ। ବିଳମ୍ବିତ ରାତିରେ ଅଭିଯୁକ୍ତ ସଞ୍ଜୟ ରଥ ଟ୍ରେନରୁ ଫେରାର ହୋଇ ଯାଇଥିଲା। ଉକ୍ତ ଟିମ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ବିଫଳ ହୋଇ କେବଳ ନାବାଳିକାକୁ ଧରି ଓଡ଼ିଶା ଫେରିଥିଲେ। କାର୍ଯ୍ୟରେ ଅବହେଳା ପାଇଁ ଏସ୍‌ପି କାର୍ଯ୍ୟାନୁଷ୍ଠାନ ଗ୍ରହଣ ସ୍ୱରୂପ ଗୋପାଳପୁର ଥାନା ଏଏସଆଇ ଦୀପକ କୁମାର ଭୋଇ, କନେଷ୍ଟବଳ ବିକାଶ କୁମାର ମହାପାତ୍ରଙ୍କ ସହ ବାଲେଶ୍ୱର ରିଜର୍ଭ କନେଷ୍ଟବଳ ସୁଚିତ୍ରା ମାଝୀଙ୍କୁ ନିଲମ୍ବନ କରିଛନ୍ତି।



# ଡାକ୍ତରଖାନାରୁ ପ୍ରସୂତି ଚମ୍ପଟ

ଧର୍ମଶାଳା,୨୧।୯ (ସମିସ): ଧର୍ମଶାଳା ଡାକ୍ତରଖାନାରେ ପିଲା ଜନ୍ମ କରିଥିବା ଜଣେ ମହିଳା ଡାକ୍ତରଙ୍କ ଅଗୋଚରରେ ଚମ୍ପଟ ମାରିଥିବା ଅଭିଯୋଗ ହୋଇଛି । ଘଟଣା ସଂପର୍କରେ ଡାକ୍ତରଖାନା କର୍ତ୍ତୃପକ୍ଷ ଧର୍ମଶାଳା ଥାନାରେ ଲିଖିତ ଭାବେ ଜଣାଇବା ପରେ ପୁଲିସ୍ ଘଟଣାର ତଦନ୍ତ ଚଳାଇଥିଲା ।

ସୂଚନା ଅନୁଯାୟୀ ଜେନାପୁର ଥାନା ଅନ୍ତର୍ଗତ ମହିଶରା ଗ୍ରାମର ଜଣେ ବିଧବା ଗର୍ଭବତୀ ମହିଳା ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତୀ ହୋଇଥିଲେ । ଉକ୍ତ ମହିଳାଙ୍କ ସ୍ୱାମୀ ୩ ବର୍ଷ ପୂର୍ବେ ମୃତ୍ୟୁ ହୋଇଥିବା ବେଳେ ବିଧବା ମହିଳାଙ୍କ ପୂର୍ବରୁ ୩ଟି ପିଲା ରହିଛନ୍ତି । କିଛିଦିନ ହେଲା ସେ ପିଲାମାନଙ୍କୁ ଶାଶୂ ଘରେ ଛାଡ଼ି ବାପାଙ୍କ ଘରେ ରହୁଥିଲେ । ତେବେ ଗତ ୧୮ ତାରିଖରେ ଗର୍ଭଯନ୍ତ୍ରଣା ହେବାରୁ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ତାଙ୍କ ସାଙ୍ଗରେ କେବଳ ଜଣେ ଛୋଟ ଝିଅ ଆସିଥିଲା । ଶୁକ୍ରବାର ସେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ । ମା' ଓ ପିଲାର ସ୍ୱାସ୍ଥ୍ୟାବସ୍ଥା ଭଲ ଥିଲା । ଆଜି ସକାଳୁ ସେ ଡାକ୍ତରଖାନାରୁ ଡିସ୍‌ଚାର୍ଜ ହୋଇଥାନ୍ତେ । ମାତ୍ର ଏହା ପୂର୍ବରୁ ସେ ଶିଶୁପୁତ୍ରକୁ ନେଇ ଡାକ୍ତରଖାନାରୁ ଚମ୍ପଟ ମାରିଥିବା ଜଣାପଡିଛି । ତେବେ ମହିଳା ଜଣକ ଲୋକଲଜ୍ଜା ଭୟରେ ଡିସଚାର୍ଜ ପୂର୍ବରୁ ଡାକ୍ତରଖାନାରୁ ଖସିଯିବାରେ ସକ୍ଷମ ହୋଇଛନ୍ତି । ଅନ୍ୟପଟେ ଏନେଇ ତା' ଶାଶୁଘର ଲୋକ ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି । ପୁଲିସ ପକ୍ଷରୁ ଉକ୍ତ ମହିଳାଙ୍କୁ ଠାବ କରାଯାଇପାରି ନାହିଁ ।

■ ଡିଏମ୍‌ଏଫ୍‌ରୁ ବ୍ୟାସନଗର ଓ ପାଣିକୋଇଲିକୁ ବାଦ

# ଆଜି ଏଡିଏମ୍ ଅଫିସ୍ ଘେରିବ ବିଜେଡି

ବ୍ୟାସନଗର,୨୧।୯ (ସମିସ): ଜିଲ୍ଲା ଖଣିଜ ନ୍ୟାସ ପାଣ୍ଠି ବା ଡିଏମ୍‌ଏଫ୍‌ରୁ ବ୍ୟାସନଗର ଏବଂ ପାଣିକୋଇଲିକୁ ବାଦ ଦିଆଯିବା ନେଇ ଯାଜପୁର ଜିଲ୍ଲା ବ୍ୟାସନଗର ଏବଂ ପାଣିକୋଇଲିରେ ଜନସାଧାରଣଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହାକୁ ସବୁ ଶ୍ରେଣୀର ଲୋକ ଘୋର ବିରୋଧ କରିବା ସହିତ ଏନେଇ ଡବଲ ଇଂଜିନ ସରକାରର ଦୋଷ ଦୁର୍ବଳତାକୁ ପଦାରେ ପକାଇଛନ୍ତି । ତେବେ ପୂର୍ବ ବିଜେଡି ସରକାର ସମୟରେ ବ୍ୟାସନଗର ଏବଂ ପାଣିକୋଇଲିରେ ଡିଏମଏଫ୍ ଅର୍ଥ ବ୍ୟବହାର କରାଯାଉଥିବା ବେଳେ ଏବେ ସରକାର ପରିବର୍ତ୍ତନ ପରେ ଏପରିକି କୋରେଇରେ ବିଜେପି ବିଧାୟକଙ୍କୁ କୋରେଇ ବାସୀ ନିର୍ବାଚିତ କରିଥିବା ବେଳେ କୋରେଇ ପ୍ରତି ଏଭଳି ପ୍ରତାରଣା ବ୍ୟଥିତ କରିଛି । ତେବେ ଏହି ସମସ୍ୟା ନେଇ ସୋମବାର କୋରେଇ ଏବଂ ବ୍ୟାସନଗର ବିଜେଡି ପକ୍ଷରୁ ଏକ ପଦଯାତ୍ରା ଏବଂ ଦାବିପତ୍ର କାର୍ଯ୍ୟକ୍ରମ କରାଯିବା ସହିତ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଥିବା ବ୍ୟାସନଗର ନଗର ବିଜେଡି ସଭାପତି ଅମୂଲ୍ୟ କୁମାର ନାୟକ ସୂଚନା ଦେଇଛନ୍ତି ।

# ଲକ୍ଷ୍ମୀପୂଜା ପାଇଁ ମାଟି ଉଠାଣ



ପାଣିକୋଇଲି,୨୧।୯ (ସମିସ): ପାଣିକୋଇଲି ପଥରପଦା ଲକ୍ଷ୍ମୀବିହାର ପକ୍ଷରୁ ଚଳିତ ବର୍ଷ ଲକ୍ଷ୍ମୀପୂଜା ପାଇଁ ପବିତ୍ର ମହାଳୟା ଅମାବାସ୍ୟାରେ ମାଟି ଉଠାଣ କାର୍ଯ୍ୟ ଆରମ୍ଭ ହୋଇଛି । ୯ମ ବାର୍ଷିକ ଲକ୍ଷ୍ମୀପୂଜା ପାଇଁ ଆଜି ମାଟି ଉଠାଣ ଅବସରରେ ଅନୁଷ୍ଠାନର ସଭାପତି ସତ୍ୟାନନ୍ଦ ମହାରଣା, ସମ୍ପାଦକ କୁଳମଣି ଦାସ, ନିଳମଣି ନାୟକ, ଭଜହରି ମାଝୀ, ସନ୍ତୋଷ ପାତ୍ର, ଶୋଭିନ ପରିଡା, ସେମାନାଥ ନାୟକ, ସୁକାନ୍ତ ପ୍ରଧାନ, ନିଳମଣି ଦାସ, ଆଦିତ୍ୟ ବାରିକ, ନିରଞ୍ଜନ ବେହେରା ପ୍ରମୁଖଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ ।

■ ଶିଶୁଶ୍ରମିକ ରଖିଥିବାରୁ ପ୍ରଧାନ ଶିକ୍ଷୟିତ୍ରୀ

# କୈଫିୟତ ତଲବ କଲା ଶିକ୍ଷା ବିଭାଗ

ଯାଜପୁର,୨୧।୯ (ସମିସ): ସୁକିନ୍ଦା ବ୍ଲକ ଅନ୍ତର୍ଗତ ଗୋବରଘାଟୀ ପଞ୍ଚାୟତ ଅନ୍ତର୍ଗତ ବେଲହାରୀ ଗ୍ରାମର ଷୋଳମାଣିଆ ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ସଏ ନିଜ ଘର କାମ ପାଇଁ ଦୀର୍ଘ ସାତ ବର୍ଷ ଧରି ଏକ ଶିଶୁ କନ୍ୟାକୁ ଶିଶୁଶ୍ରମିକ ଭାବରେ ରଖିଥିଲେ । ଏ ସଂକ୍ରାନ୍ତରେ ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ ଅଭିଯୋଗ କରିବା ପରେ ଘଟଣାର ତଦନ୍ତ ଆରମ୍ଭ ହୋଇଛି । ଶ୍ରୀ ଦାସ ଜିଲ୍ଲାପାଳଙ୍କୁ ଏହି ଶିଶୁ ଶ୍ରମିକଟିକୁ ଉଦ୍ଧାର କରି ଶିକ୍ଷା ସହିତ ସାମିଲ କରିବା ନିମନ୍ତେ ଅନୁରୋଧ କରିଥିଲେ । ଏହି ଘଟଣାରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଶିଶୁଶ୍ରମିକ ଉଦ୍ଧାରକାରୀ ଟାସ୍କଫୋର୍ସ ବେଲହାରୀ ଗ୍ରାମରେ ମିନତୀଙ୍କ ଘରେ ଚଢଉ କରି ୧୩ବର୍ଷୀୟ ଶିଶୁକନ୍ୟାକୁ ଉଦ୍ଧାର କରିଥିଲେ । ଉକ୍ତ ଶିଶୁ କନ୍ୟାଟି ମୟୂରଭଞ୍ଜ ଜିଲ୍ଲାର । ଏହି ଶିଶୁକନ୍ୟାର ପିତାମାତାଙ୍କ ମୃତ୍ୟୁ ପରେ ଏହି ଦମ୍ପତ୍ତି ଶିଶୁକନ୍ୟାଟିକୁ ଘରେ ରଖି ଶ୍ରମିକ ଭାବରେ ଘର କାମ କରାଉଥିଲେ ବୋଲି ଶିଶୁଟି ବୟାନ ଦେଇଛି । ଏହି ସମୟରେ ଶିଶୁଟିର ଭବିଷ୍ୟତ ବିକାଶ ଚିନ୍ତା ନକରିବା ଓ ଶିକ୍ଷା ଅଧିକାର ପରି ସମସ୍ତ ମୌଳିକ ଅଧିକାରରୁ ବଞ୍ଚିତ କରିବା ଘଟଣା ଶିଶୁର କାଉନସେଲିଂ ବେଳେ ଜଣାପଡିଛି । ଶିଶୁଟି ଏବେ ଶିଶୁମଙ୍ଗଳ କମିଟିର ନିର୍ଦ୍ଦେଶ କ୍ରମେ ଅସ୍ଥାୟୀ ଭାବରେ ସରକାରୀ ଅନୁଷ୍ଠାନରେ ଥଇଥାନ କରାଯାଇଛି । ଏହି ଘଟଣାକୁ ଶିଶୁ ସୁରକ୍ଷା ୟୁନିଟର ଚାଇଲ୍ଡ ଲାଇନ ସଂଯୋଜକ ବରେନ୍ଦ୍ର କୃଷ୍ଣ ଦାସ କଳିଙ୍ଗନଗର ଥାନାରେ ଏତଲା ଦେଇଥିବା ବେଳେ ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସୁକିନ୍ଦା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପତ୍ର ଲେଖିଥିଲେ । ତେଣୁ ସୁକିନ୍ଦା ବ୍ଲକ ଶିକ୍ଷା ଅଧିକାରୀଙ୍କ ପତ୍ର ନଂ-୧୮୪୨ରେ ମିନତି ସଏଙ୍କୁ ତିନି ଦିନ ମଧ୍ୟରେ ଜବାବ ରଖିବା ପାଇଁ କାରଣ ଦର୍ଶାଅ ନୋଟିସ ଜାରି ରଖିଛନ୍ତି । ନଚେତ ଆଇନଗତ ପଦକ୍ଷେପ ପାଇଁ ଚେତାବନୀ ଦେଇଛନ୍ତି । ସେହିପରି କଳିଙ୍ଗନଗର ଥାନା ପୁଲିସ ଏଘଟଣାକୁ କେଶ ନଂ- ପଞ୍ଜିକୃତ କରିବା ସହ ଶିଶୁଶ୍ରମିକ ନିଷେଧ ଓ ନିୟନ୍ତ୍ରଣ ଆଇନ-୨୦୧୬ ଧାରା ୧୪(୧), ଶିଶୁ ଓ କିଶୋର ଆଇନ -୨୦୧୫ ଧାରା-୭୫ ଓ ୭୯, ବନ୍ଧୁଆ ଶ୍ରମିକ ଆଇନ-୧୯୭୬, ଧାରା- ୧୬ ସାମିଲ ହୋଇଛି ।

ମୁଣ୍ଡରେ ହାତ ଦେଲେଣି ଚାଷୀ

# ଧାନ ପାଇଁ ସାର ସଙ୍କଟ

ଦଶରଥପୁର,୨୧।୯ (ସମିସ):

ଖରିଫ ଧାନ ଫସଲ ପାଇଁ ଏବେ ଆବଶ୍ୟକ ପଡୁଥିବା ବିଭିନ୍ନ ପ୍ରକାରର ସାର ଚାହିଦା ରହିଥାଏ । କିନ୍ତୁ ସରକାରୀ ଗୋଦାମ ଓ ଲାଇସେନ୍ସପ୍ରାପ୍ତ ସାର ଦୋକାନରେ ସାର ଉପଲବ୍ଧ ନଥିବାରୁ ଦଶରଥପୁର ବ୍ଲକର ଖରିଫ ଧାନ ଚାଷୀମାନଙ୍କୁ ନିରାଶ ହେବାକୁ ପଡୁଛି । ବିଶେଷକରି ୟୁରିଆ ସାର ମିଳୁନଥିବାରୁ ବ୍ଲକର ଧାନ ଚାଷୀମାନେ ବିକଳ୍ପ ଭାବେ ଗ୍ରୋମର ଓ ଡିଏପି ସାର ଉପରେ ନିର୍ଭର କରୁଥିବା ସୁଯୋଗରେ କଳା ବଜାରୀମାନେ ବିଭିନ୍ନ ସାରକୁ ଗୋପନୀୟ ଭାବରେ ମହଜୁଦ କରି ୨ରୁ ୪ଗୁଣା ଦରରେ ବିକ୍ରୀ କରୁଥିବା ଅଭିଯୋଗ ହେଉଛି । ଫଳରେ ସାଧାରଣ ଚାଷୀଙ୍କ ପରିସ୍ଥିତି ଆହୁରି ସାଙ୍ଘାତିକ ଦୁର୍ଦ୍ଦଶାରେ ପହଞ୍ଚିଛି । ଜିଲ୍ଲା ଓ ବ୍ଲକ କୃଷି ବିଭାଗ ନିକଟରେ ଅଭିଯୋଗ ପହଞ୍ଚିଥିଲେ ମଧ୍ୟ ପ୍ରଶାସନ ଏହାର ତଦନ୍ତ ନକରି ନିରବ ବସିଥିବା ଅଭିଯୋଗ ହୋଇଛି । ବିନା



ଲାଇସେନ୍ସରେ ଅନେକ ଦୋକାନୀ ୟୁରିଆ ସାରକୁ ବସ୍ତା ପିଛା ଅଧିକ ୨ଶହରୁ ୩ଶହ ଟଙ୍କାରେ ବିକ୍ରୀ କରୁଥିବା ବେଳେ ବ୍ଲକରେ ୟୁରିଆ ସାରରେ କୃତ୍ରିମ ସଙ୍କଟ ପରିଲକ୍ଷିତ ହୋଇଛି । ଏବେ ଧାନ ଗଛରେ ସାର ପ୍ରୟୋଗର ଆବଶ୍ୟକତା ରହିଛି । ମାତ୍ର ସାର ସଙ୍କଟ ଯୋଗୁ ଧାନ ଗଛ ସବୁ ହଳଦିଆ ପଡିବା ଆରମ୍ଭ କଲାଣି । ଫଳରେ ଆଗକୁ ଧାନ ମଧ୍ୟ ଭଲ ଫଳିବନି । ଏଭଳି ସ୍ଥିତିରେ ବ୍ଲକର ଧାନଚାଷୀ ହତାଶ ହୋଇପଡିଛନ୍ତି । କେତେକ ଚାଷୀ ଚଢା ଦରରେ ସାର କିଣୁଥିବା ଅଭିଯୋଗ ହୋଇଛି । ବିଶେଷକରି ୟୁରିଆ ସାର ବସ୍ତା ପିଛା ୨୯୬ ଟଙ୍କା ଥିବା ବେଳେ ତାହା ଏବେ କେଉଁଠି ୫୫୦ ଟଙ୍କା ତ କେଉଁଠି ୬୦୦ଟଙ୍କା ଦେଇ ଚାଷୀଙ୍କୁ କିଣିବାକୁ ପଡୁଛି । ସେହିପରି ଗ୍ରୋମର ସାର ବସ୍ତା ସରକାରୀ ମୂଲ୍ୟ ୧୮ ଶହ ଟଙ୍କା ଥିବାବେଳେ ଏହାର କୃତ୍ରିମ ଅଭାବ ଦର୍ଶାଇ ଖୋଲା ଭାବେ ବସ୍ତା ପିଛା ୩୭ ଶହ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଥିବା ଦେଖିବାକୁ ମିଳିଛି । ଯାହା ସରକାରୀ ମୂଲ୍ୟର ୨ ଗୁଣରୁ ଅଧିକ ରହିଥିବା ଦେଖିବାକୁ ମିଳୁଛି । ଦଶରଥପୁର ବ୍ଲକରେ ୧୩ଟି ପ୍ୟାକ୍ସ କାର୍ଯ୍ୟକ୍ଷମ ଥିବା ବେଳେ ରାଜ୍ୟ କୃଷି ସଚିବଙ୍କ ନିର୍ଦ୍ଦେଶକୁ ଅମାନ୍ୟ କରି ଗୋଟିଏ ହେଲେବି ପ୍ୟାକ୍ସରେ ଆବଶ୍ୟକ ସାର ନଥିବାରୁ ଚାଷୀ ମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ବେଳେ କଳାବଜାରୀନଙ୍କ ପାଇଁ ଏଭଳି ସ୍ଥିତି ମୋଟା ଅଙ୍କର କଳା ଧନ ରୋଜଗାର ପାଇଁ ସୁଯୋଗ ସୃଷ୍ଟି କରିଛି ।

# ପୂର୍ବତନ ଜିଲ୍ଲାପରିଷଦ ସଭ୍ୟାଙ୍କ ବିୟୋଗ

ବଡଚଣା,୨୧।୯ (ସମିସ): ବଡଚଣା ବ୍ଲକ ୧୭ନମ୍ବର ଜିଲ୍ଲା ପରିଷଦର ପୂର୍ବତନ ସଭ୍ୟା ସୁମତୀ ବାସ୍କେ (୩୬) ଙ୍କର ଆଜି କଟକ ବଡ଼ ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ଗତ ଚାରି ଦିନ ତଳେ ପେଟ ଓ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା । ମାତ୍ର ଆଜି ସକାଳେ ତାଙ୍କର ମୃତ୍ୟୁ ଘଟିଛି । ଶ୍ରୀମତୀ ବାସ୍କେ ବିଜେଡିରୁ ୨୦୧୭ରୁ ୨୦୨୨ପର୍ଯ୍ୟନ୍ତ ବଡଚଣା ୧୭ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ଭାବରେ କାର୍ଯ୍ୟ କରିଥିଲେ । ତାଙ୍କ ବିୟୋଗରେ ବିଧାୟକ ଅମର ନାୟକ, ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ, ସୀତାକାନ୍ତ ମହାପାତ୍ର, କ୍ୟାପଟେନ ରାଜନାରାୟଣ ମହାପାତ୍ର, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ସାମ୍ବାଦିକ ପ୍ରସନ୍ନ କୁମାର ବିଶ୍ୱାଳ ସମେତ ବହୁ ରାଜନେତା ଶୋକ ପ୍ରକାଶ କରିଛନ୍ତି ।

# ଶିଶୁକୁ ବିଷ ପିଆଇବା ଘଟଣା; ଯୁବତୀ ଗିରଫ

ଧର୍ମଶାଳା,୨୧।୯ (ସମିସ): ଧର୍ମଶାଳା ଥାନା ଭବାନୀପୁର ପଞ୍ଚାୟତ ଭୁବନ ଗ୍ରାମରେ ଶିଶୁପୁତ୍ରକୁ ବିଷ ପିଆଇଥିବା ଘଟଣାରେ ପୁଲିସ୍ ଜଣେ ଯୁବତୀକୁ ଗିରଫ କରିଥିବା ଜଣାପଡିଛି । ଗିରଫ ଯୁବତୀ ଭୂବନ ଗ୍ରମର ମଧୁସ୍ମିତା ମହାନ୍ତି(୨୦) ବୋଲି ଜଣାପଡିଛି । ଅଭିଯୋଗ ଅନୁସାରେ, ଗତ ୮ ତାରିଖ ସକାଳ ସମୟରେ ଭୁବନ (ବଡ଼ମାଳସାହି) ଗ୍ରାମର ହିମାଂଶୁ ଶେଖର ମହାନ୍ତିଙ୍କ ଦେଢ଼ ବର୍ଷର ପୁଅ ଆଦର୍ଶକୁ ଖେଳାଇବା ପାଇଁ ପଡ଼ୋଶୀ ଦୁଃଶାସନ ମହାନ୍ତିଙ୍କ ଝିଅ ମଧୁସ୍ମିତା ନିଜ ଘରକୁ ନେଇ ଯାଇଥିଲା । କିଛି ସମୟ ପରେ ଆଦର୍ଶକୁ ତାଙ୍କ ଘରେ ଛାଡ଼ି ଦେଇଥିଲା । ଘରେ ପହଞ୍ଚିବା ପରେ ଶିଶୁଟି ଅସୁସ୍ଥ ହୋଇପଡ଼ିଥିଲା । ପରିବାର ଲୋକ ଶିଶୁକୁ ନେଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ତେବେ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାକୁ କଟକ ଶିଶୁ ଭବନକୁ ସ୍ଥାନାନ୍ତର କରାଯାଇଥିଲା । ଚିକିତ୍ସା ବେଳେ ସେ ବିଷ ପିଇଥିବା ଜଣାପଡ଼ିଥିଲା । ଏ ସଂପର୍କରେ ଶିଶୁର ବାପା ହିମାଂଶୁ ମହାନ୍ତି ଥାନାରେ ଏତଲା ଦେଇଥିଲେ । ପୁଲିସ୍ ୫୬୪/୨୫ ନମ୍ବରରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲା । ତେବେ ଗତ ୧୮ ତାରିଖରେ ଆଦର୍ଶ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଶୁଶୁଟିକୁ ବିଷ ଦିଆଯାଇଥିବା ଜଣାପଡିଥିଲା । ଏନେଇ ପୁଲେସ ଘଟଣାର ଅଧିକ ତଦନ୍ତ କରି ବିଷ ପିଆଇଥିବ ଯୁବତୀ ମଧୁସ୍ମିତାକୁ ଗିରଫ କରି କୋର୍ଟଚାଲାଣ କରିଛି ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ସୂଚନା ଦେଇଛନ୍ତି ।

# ପୋଖରି ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ପାଣିକୋଇଲ,୨୧।୯ (ସମିସ): କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଞ୍ଚାୟତର ବର୍ଦ୍ଧମଣା ଗ୍ରାମରେ ପୋଖରୀରେ ବୁଡ଼ି ଆଜି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ଗ୍ରାମର ନାରାୟଣ ମୁଦୁଲି (୭୩) ଆଜି ସକାଳେ ଗାଁ ପଦ୍ମପୋଖରୀକୁ ଶୌଚ ହେବାକୁ ଯାଇ ଗଭୀର ଜଳରେ ବୁଡ଼ି ଯାଇଥିଲେ । ସ୍ଥାନୀୟ ଲୋକମାନେ ଏହା ଦେଖି ତାଙ୍କୁ ପାଣିରୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ହେଲେ



ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ । ଏନେଇ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ଏକ ଅପମୃତ୍ୟୁ ମାମଲା ୩୪/୨୫ ରୁଜୁ ହୋଇଥିଲା । ଘଟଣାସ୍ଥଳେ ପାଣିକୋଇଲି ପୁଲିସ ପହଞ୍ଚି ପଞ୍ଚନାମା କରି ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଥିଲା । ପରେ ଶବ ଗ୍ରାମରେ ପହଞ୍ଚିବା ପରେ ଏକ ଶୋକାକୂଳ ପରିବେଶରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ଶେଷରେ ନାତି ପ୍ରିୟାଂଶୁ ମୁଦୁଲି ମୁଖାଗ୍ନି ଦେଇଥିଲେ । ସୂଚନାଯୋଗ୍ୟ, ନାରାୟଣଙ୍କ ଏକମାତ୍ର ପୁତ୍ର ନରେନ୍ଦ୍ର କରୋନାରେ ପୀଡ଼ିତ ହୋଇ ମୃତ୍ୟୁବରଣ କରିଥିଲେ । ଫଳରେ ନରେନ୍ଦ୍ରଙ୍କ ଦୁଇ ପୁତ୍ରର ଏକମାତ୍ର ଭରଷା ସାଜିଥିଲେ ନାରାୟଣ । ଘରେ ଜଣେ ଭଉଣୀ ମଧ୍ୟ ବିବାହ ନକରି ଟିଉସନ କରି ପରିବାରର ଚଳାଉଛନ୍ତି । ଏବେ ନାରାୟଣଙ୍କ ମୃତ୍ୟୁ ପରେ ପରିବାର ବେସାହାରା ହୋଇପଡିଛି ।

# ଗୋକର୍ଣ୍ଣିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ୱାଗତ ଉତ୍ସବ

ଧର୍ମଶାଳା,୨୧।୯ (ସମିସ): ଧର୍ମଶାଳା ବ୍ଲକ ଜାରକାସ୍ଥିତ ଗୋକର୍ଣ୍ଣିକା ଉଚ୍ଚ ମାଧ୍ୟମିକ



ବିଦ୍ୟାଳୟ ପକ୍ଷରୁ ଆଜି ଅପରାହ୍ନରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ରବି ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ସ୍ତମ୍ଭକାର ମନୋରଞ୍ଜନ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ଛାତ୍ରଛାତ୍ରୀ ସର୍ବଦା ଶିକ୍ଷାର ଗୁରୁତ୍ୱକୁ ଅନୁଭବ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ଅବସରପ୍ରାପ୍ତ ପ୍ରାଧ୍ୟାପକ ରାଧାଶ୍ୟାମ ସାହୁ, ବିନୟ କୁମାର ମହାନ୍ତି, ତ୍ରିଲୋଚନ ରାଉତ, ଅଧ୍ୟାପକ ସୁରେଶ ଚନ୍ଦ୍ର ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ସ୍ୱାଗତ କରିବା ପରମ୍ପରା ବହୁ ପୁରାତନ । ଏହି ପ୍ରକ୍ରିୟା ଉଭୟଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିବ ବୋଲି ଆଲୋକପାତ କରିଥିଲେ । ଅଧ୍ୟାପିକା ସ୍ମିତାରାଣୀ ରାଉତ ଧନ୍ୟବାଦ ଦେଇଥିଲେ ।

## ଶରତପାଳ କଲେଜ ଅଧକ୍ଷଙ୍କ ଡକ୍ଟରେଟ ଲାଭ



ଶରତପାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ , ପାଳବିହାର , ମହୁଲବରାଇ , ସାରସକଣା ଅଧକ୍ଷ ଭାବେ କାର୍ଯ୍ୟରତ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସାହୁ ରେଭେନ୍ସା ବିଶ୍ୱବିଦ୍ୟାଳୟ,କଟକ ରୁ ଶିକ୍ଷା ବିଭାଗରେ Doctor of Philosophy (Ph. D) ଉପାଧି ପାଇବା ନିମିତ୍ତ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେ ରେଭେନ୍ସା ବିଶ୍ୱ ବିଦ୍ୟାଳୟ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼.ସୁଦର୍ଶନ ମିଶ୍ର ଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ । ଶ୍ରୀ ସାହୁଙ୍କ ସନ୍ଦର୍ଭଟି "KNOWLEDGE BELIEF AND ATTITUDE OF STAKEHOLDERS TOWARDS MOTHER TONGUE BASED MULTILINGUAL EDUCATION : A REGIONAL STUDY FROM ODISHA". ହରିୟାଣା ସ୍ଥିତ ଚୌଧୁରୀ ରଣବୀର ସିଂ ବିଶ୍ୱ ବିଦ୍ୟାଳୟ ର ଶିକ୍ଷା ବିଭାଗର Profesor Sandeep Berwal ଏବଂ ମଣିପୁର ବିଶ୍ୱ ବିଦ୍ୟାଳୟର Profesor Keisham Shitaljit Singh (Head Dept . Education )ଙ୍କ ଦ୍ୱାରା ପରୀକ୍ଷିତ ଏବଂ ଉଚ୍ଚ ପ୍ରଶଂସିତ ହୋଇଅଛି । ଡ଼. ପୂର୍ଣ୍ଣଚନ୍ଦ୍ର ସାହୁ ମୟୂରଭଞ୍ଜ ଜିଲ୍ଲା ଖେର୍ଣ୍ଣା ଗ୍ରାମର ସ୍ୱର୍ଗତ ବଳରାମ ସାହୁ ଏବଂ ରୁକମଣି ସାହୁଙ୍କ ଜ୍ୟେଷ୍ଠ ପୁତ୍ର ଅଟନ୍ତି । ସେ ତାଙ୍କ ଏହି ସମ୍ମାନ ଏବଂ ସଫଳତାର ଶ୍ରେୟ ବାରିପଦାର ଆରାଧ୍ୟା ଦେବୀ ମା' ଅମ୍ବିକା ଏବଂ ମହାପ୍ରଭୁ ଜଗନ୍ନାଥଙ୍କୁ ଅର୍ପଣ କରିବା ସହିତ ପ୍ରଫେସର ଡ଼.ଚଣ୍ଡିପ୍ରସାଦ ନନ୍ଦ (Director Odisha Research Centre, BBSR) ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼.ଶରତ କୁମାର ରାଉତ ନିଜ ପିତାମାତା , ଧର୍ମପତ୍ନୀ ମିନାରାଣୀ ସାହୁ , କନ୍ୟା ଶ୍ରୁତିରେଖା ସାହୁ , ପୁତ୍ର ପ୍ରିତମ କୁମାର ସାହୁ , ସମସ୍ତ ପରିବାର ବର୍ଗ , ସମସ୍ତ ସହକର୍ମୀ ଏବଂ ବନ୍ଧୁ ମାନଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛନ୍ତି ।

ହାତୀ ଘଉଡ଼ାଇବା ବେଳେ ଫରେଷ୍ଟରଙ୍କୁ ମାଡ଼

# ଅଭିଯୋଗରେ ଜଣେ ଗିରଫ

ଦାନଗଦି,୨୧।୯ (ସମିସ): ଦାନଗଦି ବ୍ଲକ ଗୋବର୍ଦ୍ଧନପୁର (ମାନପୁର) ଗାଁକୁ ଶନିବାର ସନ୍ଧ୍ୟାରେ ହାତୀ ଘଉଡ଼ାଇବା ପାଇଁ ଆସିଥିବା ଦେଓଗାଁ ଫରେଷ୍ଟର ବନ୍ୟ ପ୍ରାଣୀ ସେକ୍ସନର ଫରେଷ୍ଟର ମଙ୍ଗୁଳି ଚରଣ ସାଙ୍କୁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ନେଇ ଟମକା ଥାନାରେ ଅଭିଯୋଗ ହୋଇଥିଲା। ଘଟଣାର ତଦନ୍ତ କରି ପୁଲିସ କେସ ନମ୍ବର ୧୮୮/୨୫ରେ ମାମଲା ରୁଜୁକରି ବ୍ୟକ୍ତି ଜଣକୁ ଗିରଫ କରି ଆଜି କୋର୍ଟଚାଲାଣ କରିଛନ୍ତି । ଅଭିଯୋଗ ମୁତାବକ କେନ୍ଦୁଝର ଜିଲ୍ଲା ଓରାଳି ଗ୍ରାମର ମଙ୍ଗୁଳି ଚରଣ ସା (୩୮) ଦେଓଗାଁ ବନ୍ୟ ପ୍ରାଣୀ ସେକ୍ସନ୍‌ରେ ଫରେଷ୍ଟର ଭାବରେ କାର୍ଯ୍ୟ କରନ୍ତି । ସେ ଓ ତାଙ୍କର ଷ୍ଟାଫ ଟମକା ଫରେଷ୍ଟର ଓ ତାଙ୍କ ଷ୍ଟାଫଙ୍କୁ ହାତୀ ଘଉଡ଼ାଇବାରେ ସହଯୋଗ କରିବା ପାଇଁ ମାନପୁରକୁ (ଗୋବର୍ଦ୍ଧନପୁର) ଆସିଥିଲେ । ହାତୀ ଘଉଡ଼ାଇବା ସମୟରେ ଟମକା ଗ୍ରାମର ଜ୍ଞାନରଞ୍ଜନ ମହାପାତ୍ର କେନ୍ଦୁଝର ଫରେଷ୍ଟରଙ୍କ ଖାକି ପୋଷାକକୁ ଧରି ଟଣାଓଟରା କରିବା ସହିତ ମାଡ଼ ମାରି ଅସଭ୍ୟ ଭାଷାରେ ଗାଳଗୁଲଜ କରିବା ସହିତ ତାଙ୍କର ଅନ୍ୟ ଷ୍ଟାଫମାନଙ୍କୁ ଗାଳି କରି ବାଡ଼େଇ ଥିଲା । ପରେ ଫରେଷ୍ଟର ଶ୍ରୀ ସା ଟମକା ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ ।

# ଦୁଇଟି ଓଭରଲୋଡ୍ ହାଇୱା ଜବତ

ବଡ଼ଚଣା,୨୧।୯ (ସମିସ):

ଯାଜପୁର ଜିଲ୍ଲା ବଡ଼ଚଣା ଥାନା ଅନ୍ତର୍ଗତ ଚଣ୍ଡିଖୋଲ ଆଞ୍ଚଳିକ ପରିବହନର ଟିଆଇ

**ପୁଲିସ୍ ଖସାଇ ଦେବାକୁ ମସୁଧା**

ଯୁଗଳ କିଶୋର ତିରିଆ ସୁଭଦ୍ରାପୁର ନିକଟସ୍ଥ ଜାତୀୟ ରାଜପଥ ନିକଟରୁ ଦୁଇଟି ଓଭରଲୋଡ ହାଇୱା ଜବତ କରିଛନ୍ତି । ଚଣ୍ଡିଖୋଲ ଅଞ୍ଚଳ ଦେଇ ପ୍ରତ୍ୟେକ ଦିନ ସହ ସହ ଟ୍ରିପ୍ ବେଆଇନ ଲୁହାପଥର, ମାଙ୍ଗାନିଜ , ଚିପ୍ସ, ମେଣ୍ଟାଲ,



ମୋରମ, ବାଲି, ମାଟି, ମାଙ୍କଡ଼ା ଚୋରାଚାଲାଣ ହେଉଥିବା ପ୍ରତ୍ୟେକ ଦିନ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଉଛି । ସେଥିରେ ସ୍ଥାନୀୟ ଜନ ପ୍ରତିନିଧି ଏବଂ କିଛି ପ୍ରଶାସନିକ ଅଧିକାରୀଙ୍କ ମୁଲଚାଲରେ ହେଉଥିବା ସାଧାରଣରେ ଆଲୋଚନା ହେଉଛି । ଆଜି ଦ୍ରୁତ ଗତିରେ ଯାଉଥିବା ଦୁଇଟି ହାଇୱେ (ନଂ. ଓଡି୦୪ ଏସ୍୦୧୮୧, ଓଡି୨୯ କ୍ୟୁ୦୧୮୧) ବିନା ପାଲ ବାନ୍ଧି ଓ ଓଭରଲୋଡ଼ିଂ କରି ଯାଉଥିବା ସମୟରେ କୌଣସିମତେ ଖବର ପାଇ ଓଏମ୍‌ଭିଡି ଟିଆଇ ଯୁଗଳ କିଶୋର ତିରିଆ ଅଟକ ରଖି ଯାଞ୍ଚ କରିଥିଲେ । ସଠିକ ତଥ୍ୟ ନ ପାଇବାରୁ ଦୁଇଟି ହାଇୱାକୁ ଜବତ କରି ଚଣ୍ଡିଖୋଲ ଫାଣ୍ଡିରେ ଜିମା ଦେଇଥିଲେ । ପୁଲିସ ଦୁଇଟି ଜବତ ହାଇୱାକୁ ମୁଲଚାଲ କରି ଖସାଇ ଦେବାକୁ ଉଦ୍ୟମ ଜାରି ରଖିଥିବା ବିଶେଷ ସୂତ୍ରରୁ ଖବର ମିଳୁଥିବା ବେଳେ ଫାଣ୍ଡି ଅଧିକାରୀ ଆଲୋକ ଜେନାଙ୍କୁ ପଚାରିବାରୁ କୌଣସି ଜବତ ଗାଡ଼ି ବିଷୟରେ ସୂଚନା ନ ଥିବା କହିଛନ୍ତି । ଟିଆଇ ଯୁଗଳ କିଶୋର ତିରିଆ ଜବତ ଗାଡ଼ିକୁ ଚଣ୍ଡିଖୋଲ ଫାଣ୍ଡିରେ ଜିମା ଦିଆଯାଇଥିବା ସୂଚନା ଦେଇଥିଲେ ।

**ମହାଳୟା ଅବସରରେ ପିଣ୍ଡଦାନ**

# ଲୋକାରଣ୍ୟ ହେଲା ନାଭିଗୟା

**ଯାଜପୁର, ୨୧।୯ (ସମିସ)**

ଆଜି ପବିତ୍ର ମହାଳୟା ତଥା ପିତୃପକ୍ଷର ଶେଷ ଦିନ। ଏଥିପାଇଁ ଆଜି ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ପୀଠ ହୋଇ ଉଠିଥିଲା ଚଳଚଞ୍ଚଳ। ଏହି ମହାଳୟା ତିଥି ପିତୃପକ୍ଷର ଶେଷ ଦିନରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିବାର ସ୍ୱତନ୍ତ୍ର ପରମ୍ପରା ରହିଛି। ବିଶେଷକରି ଆଜିର ଦିନରେ ପିଣ୍ଡଦାନ କଲେ ପିତୃପୁରଷଙ୍କ ମୋକ୍ଷ ଲାଭ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏଥିପାଇଁ ଆଜି ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ପୀଠରେ ଥିବା ନାଭିଗୟାରେ ପିଣ୍ଡଦାନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ଆସି ପିତୃପୁରୁଷଙ୍କୁ ନାଭିଗୟାରେ ପିଣ୍ଡଦାନ ଦେଇଛନ୍ତି।



ପିତୃପୁରୁଷଙ୍କ ପିଣ୍ଡଦାନର ପରମ୍ପରା ରହି ଆସିଛି ଆବାହନକାଳରୁ। ବିଶେଷକରି ପିତୃପକ୍ଷ ଅର୍ଥାତ ଇନ୍ଦୁ ପୂର୍ଣ୍ଣିମା ଠାରୁ ମହାଳୟା ପର୍ଯ୍ୟନ୍ତ ପିତୃପୁରୁଷଙ୍କୁ ଶ୍ରାଦ୍ଧ ବା ପିଣ୍ଡଦାନ କରାଯାଏ। କିନ୍ତୁ ମହାଳୟା ତିଥିରେ ଓ ନାଭିଗୟାରେ ପିଣ୍ଡଦାନ ନେଇ ରହିଛି ଅନେକ ପୌରାଣିକ ମତ। ସେଥିପାଇଁ ନାଭିଗୟାରେ ପିଣ୍ଡଦାନ ପାଇଁ କାହିଁ କେତେ ଦୂରରୁ ଛୁଟିଆସିଥିଲେ ଶ୍ରଦ୍ଧାଳ। ପିଣ୍ଡଦାନ ପରେ ମା' ବିରଜାଙ୍କୁ ମୁଖ ଦର୍ଶନ କଲେ କୋଟି ଜନ୍ମର ପାପ କ୍ଷୟ ହେବାର ବିଶ୍ୱାସ ରହିଛି। ଆଜି ପ୍ରବଳ ଭିଡକୁ ଲକ୍ଷ୍ୟ ରଖି ପୁଲିସ ପ୍ରଶାସନ ଓ ମନ୍ଦିର ପ୍ରଶାଶନ ପକ୍ଷରୁ ମଧ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଗତ ୧୫ ଦିନ ଧରି ଏଠାରେ ପିଣ୍ଡଦାନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା।

ସେପଟେ ମା' ବିରଜାଙ୍କର ଚାଲିଛି ଷୋଡଶ ଉପଚାର ପୂଜା। ଆଜି ମା' ବିରଜା ଦେବୀଙ୍କ ଷୋଡ଼ଶୋପଚାର ପୂଜା ନବମ ଦିନରେ ପହଞ୍ଚିଛି। ଆଜି ସକାଳ ୫ଟା ୩୦ ମିନିଟରେ ଶାସନ ବ୍ରାହ୍ମଣମାନେ ବୈତରଣୀରୁ ଜଳ ଆଣିବା ପରେ ମା'ଙ୍କର ସ୍ନାନ କରାଯାଇଥିଲା। ସ୍ନାନ ପରେ ଶାଢ଼ି ବେଶ ଓ ଚନ୍ଦନ ଲାଗି କାର୍ଯ୍ୟ ୭ଟା ୩୦ ମିନଟରେ ସରିବା ପରେ ବାଲ୍ୟ ଭୋଗ ଲାଗି କରାଯାଇଥିଲା। ନିର୍ଦ୍ଧାରିତ ସମୟ ଅନୁସାରେ ବଡ଼ ଶୃଙ୍ଗାର ବେଶ ପରେ ଆଜି ଦିନର ପୂଜା ଆୟୋଜନ କରାଯାଇଥିଲା। ୧ଟା ୫୦ ମିନିଟରେ ନୀତି ଓ କଳସ ନୀତି ପରେ ୨ଟା ୩୦ ମିନିଟରେ ପହୁଡ଼ କରାଯାଇଥିଲା। ୪ଟାରେ ପହୁଡ଼ ଖୋଲାଯିବା ପରେ ସାଧାରଣ ଦର୍ଶନ ସନ୍ଧ୍ୟାରେ ସଂଧ୍ୟା ଆଳତି କରାଯାଇଥିଲା। ଆଜି ଦିନ ଓ ରାତିରେ ବଡ଼ ନୀତିର ବ୍ୟବସ୍ଥା ପରମ୍ପରା ଅନୁଯାଇ କରାଯାଇଥିଲା। ଆସନ୍ତାକାଲି ରଥ ମଣ୍ଡପରେ ରଥ ପ୍ରତିଷ୍ଠା କାର୍ଯ୍ୟ ସରିବା ପରେ ରଥ ଚାଳନା କରାଯିବ। ମା' ବିରଜାଙ୍କ ବିଜୟ ପ୍ରତିମାକୁ ସେବାୟତମାନେ ରଥରେ ସ୍ଥାପନା କରିବା ପରେ ରଥଯାତ୍ରା କରାଯିବ। ଅପରପକ୍ଷେ କାଲିଠାରୁ ନବରାତ୍ର ଦର୍ଶନ ଆରମ୍ଭ ହେବ। ସକାଳ ସମୟରେ ଭକ୍ତମାନେ କାଲିଠାରୁ ମା'ଙ୍କ ଗର୍ଭଗୃହକୁ ଯାଇ ମାଙ୍କୁ ସ୍ପର୍ଶର୍ କରି ପାରିବେ।

**ଦୁର୍ଗାପୂଜା ଓ ଭସାଣି ପାଇଁ ବୈଠକ**

## ମଣ୍ଡପରେ ଲାଗିବ ସିସିଟିଭି

**କଆଁଗୋଲା, ୨୧।୯ (ସମିସ):** ଶାନ୍ତିଶୃଙ୍ଖଳାରେ ପାର୍ବଣ ସାରିବାକୁ ପ୍ରଶାସନ ପ୍ରାଥମିକତା ଦେଇ ସଭିଁଙ୍କ ସହଯୋଗ ଲୋଡ଼ିଛି। ଆଜି ସନ୍ଧ୍ୟାରେ ମଙ୍ଗଳପୁର ଥାନା ପରିସରରେ ମଙ୍ଗଳପୁର ବ୍ୟବସାୟୀ ସଂଘ, ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା, ଟେଣ୍ଟ, ଲାଇଟ୍, ସାଉଣ୍ଡ ସର୍ବୋପରି ଦୁର୍ଗା ପୂଜା ସହ ଜଡ଼ିତ ବ୍ୟକ୍ତି, ଗଣମାଧ୍ୟମ ପ୍ରତିନିଧି, ନିର୍ବାଚିତ ଜନ ପ୍ରତିନିଧିଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୁର୍ଗାପୂଜାକୁ ସୂଚାରୁରୂପେ ପାଳନ କରିବାକୁ ଆଇଆଇସି ଜଗଦୀଶ କର ମଙ୍ଗଳପୁର ବ୍ୟବସାୟୀ ସଂଘ ପୂଜା କମିଟିର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ପ୍ରତି ପୂଜା ମଣ୍ଡପରେ ସିସିଟିଭି ବ୍ୟବସ୍ଥା, ଉପଯୁକ୍ତ ପ୍ରଶାସନିକ ଅନୁମତି, ମଣ୍ଡପରେ ସୁରକ୍ଷିତ ବିଦ୍ୟୁତ ପରିଚାଳନା, ଅଗ୍ନି ନିର୍ବାପକ ବ୍ୟବସ୍ଥା ଓ ପରିମଳ ପ୍ରତି ଧ୍ୟାନ ଦେବାକୁ କୁହାଯାଇଥିଲା। ଭିଡ଼ ନିୟନ୍ତ୍ରଣ ଭଳି ମୁଖ୍ୟ ସମସ୍ୟା ପ୍ରତି ପ୍ରଶାସନ ଗୁରୁତ୍ୱ ଦେବାକୁ ଉପଦେଷ୍ଟା କମିଟି ମେମ୍ବରମାନେ ଥାନା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଭିଡ଼ ନିୟନ୍ତ୍ରଣ ଓ ଯାନବାହନ ଚଳାଚଳ ଉପରେ ପୁଲିସ ପ୍ରଶାସନ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିବାକୁ ଯାଉଛି ବୋଲି ଆଇଆଇସି ସୂଚନା ଦେଇଥିଲେ। ଏହି ବୈଠକ ଥାନା ଏସ୍ଆଇ ବିଭୁତି ମହାପାତ୍ର, ଅନିତା ପ୍ରଧାନ ଉପସ୍ଥିତ ଥିଲେ।

## ବାଇକ୍ ଦୁର୍ଘଟଣାରେ ଦୁଇ ନାବାଳକ ଗୁରୁତର

**ସୁକିନ୍ଦା, ୨୧।୯ (ସମିସ):** ରବିବାର ସନ୍ଧ୍ୟାରେ ଏକ ଦ୍ରୁତଗାମୀ ବାଇକ୍ ଦୁର୍ଘଟଣାରେ ସୁକିନ୍ଦା ଥାନା ଅଞ୍ଚଳର ଦୁଇ ନାବାଳକ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ରବିବାର ସନ୍ଧ୍ୟାରେ କଣ୍ଟାପାଳ ଗ୍ରାମ କଳାକାର ମହାରଣାଙ୍କ ପୁଅ ଅଭିମନ୍ୟୁ ମହାରଣା(୧୫) ଓ ହରମୋହନ ମହାରଣାଙ୍କ ପୁଅ ଅଜୟ(୧୪) ସାଇକେଲ ନେଇ ଗ୍ରାମ ନିକଟରେ ଥିବା ଦୋକାନକୁ ଯାଉଥିବା ସମୟରେ ଏକ ଦ୍ରୁତଗାମୀ ବାଇକ୍ ସାଇକଲକୁ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଉଭୟ ନାବାଳକ ଗୁରୁତର ଆହତ ଅବସ୍ଥାରେ ପଡ଼ିରହିଥିଲେ। ଖବର ପାଇ ସ୍ଥାନୀୟ ଲୋକେ ଉଭୟ ନାବାଳକଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି।

**ବାପା ମାଆଙ୍କୁ ହରାଇ ଦୁର୍ବିସହ ଜୀବନ**

## ତିନି ଅସହାୟ ଶିଶୁଙ୍କୁ ସହଯୋଗ

**ସୁକିନ୍ଦା, ୨୧।୯ (ସମିସ):** ସର୍ପାଘାତରେ ବାପା ମାଆଙ୍କୁ ହରାଇ ଅସହାୟ ହୋଇପଡ଼ିଥିବା ତିନି ଶିଶୁଙ୍କୁ ସହଯୋଗର ହାତ ବଢ଼ାଇଛି ତହସିଲ ପ୍ରଶାସନ। ଗତ ଅଗଷ୍ଟ ୧୫ତାରିଖ ରାତିରେ ସର୍ପାଘାତର ଶୀକାର ହୋଇ କଟକରେ ଚିକିତ୍ସାଧୀନ ଅବସ୍ଥାରେ ଦମ୍ପତି ଜୈରାମ ଚାଟାର ଓ ଚମ୍ପା ଚାଟାରଙ୍କ ମୃତ୍ୟୁ ଘଟିଥିଲା। ମୃତ୍ୟୁ ପରେ ସେମାନଙ୍କ ଦୁଇ ଝିଅ ପିଙ୍କି, ମମତା ଓ ପୁଅ ରାଜା ବେସାହାରା ହୋଇପଡ଼ିଛନ୍ତି। ସୂଚନା ପାଇ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଓ ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଅସହାୟ ଶିଶୁଙ୍କ ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ଏହି ଶିଶୁ ମାନଙ୍କୁ ଆବଶ୍ୟକୀୟ ସରକାରୀ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ସୁକିନ୍ଦା ତହସିଲ ପ୍ରଶାସନ ପକ୍ଷରୁ ଅସହାୟ ପରିବାର ନିକଟରେ ପହଞ୍ଚି ସେମାନଙ୍କ ଅବସ୍ଥା ବୁଝିବା ସହ ତହସିଲଦାର ଶିଶୁ ମାନଙ୍କ ପାଇଁ କିଛି ଖାଦ୍ୟ ସାମଗ୍ରୀ ପ୍ରଦାନ କରିଥିଲେ। ତହସିଲ ପକ୍ଷରୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ କରି ଶିଶୁ ମାନଙ୍କ ରହିବା ଓ ପଢ଼ିବାର ବ୍ୟବସ୍ଥା କରିବାକୁ ଉଦ୍ୟମ ଆରମ୍ଭ ହୋଇଥିବା ଜଣାପଡ଼ିଛି। ସର୍ପାଘାତରେ ମୃତ୍ୟୁବରଣ କରିଥିବା ଜନିତ ସରକାରୀ ସହାୟତା ରାଶି ଶିଶୁ ମାନଙ୍କୁ ପ୍ରଦାନ କରିବାର ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡ଼ିଛି। ତହସିଲଦାର ମାନସ ରଞ୍ଜନ ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଅତିରିକ୍ତ ତହସିଲଦାର ନିର୍ମଳ ଦାସ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଭାଗ୍ୟଶ୍ରୀ ସୁନ୍ଦରାୟ, ଆର୍ଆଇ ସ୍ନିଗ୍ଧାରାନୀ ନନ୍ଦୀ, ସ୍ଥାନୀୟ ସରପଞ୍ଚ ରେବତୀ ମହାନ୍ତ ପ୍ରମୁଖ ଶିଶୁ ମାନଙ୍କ ନିକଟରେ ପହଞ୍ଚି ସେମାନଙ୍କ ଅବସ୍ଥା ପଚାରି ବୁଝିଥିଲେ।

## ଦୁର୍ଗାପୂଜା ପାଇଁ ପୂର୍ଣ୍ୟତୋୟା ସେବା ସମିତିର ପ୍ରସ୍ତୁତି



**ଯାଜପୁର, ୨୧।୯ (ସମିସ):** ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ଚଳିତ ବର୍ଷର ପାର୍ବଣ ଯାତ୍ରା ପାଇଁ ଯାଜପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପୂର୍ଣ୍ୟତୋୟା ସେବା ସମିତିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଜି ସନ୍ଧ୍ୟାରେ ମନ୍ଦିର ପରିସରରେ ଥିବା ନୂତନ ମଣ୍ଡପରେ ପୂର୍ଣ୍ୟତୋୟା ସେବା ସମିତିର ସମସ୍ତ କାର୍ଯ୍ୟକର୍ତ୍ତା ପହଞ୍ଚି ଚଳିତ ପାର୍ବଣ ଯାତ୍ରା ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରିଥିଲେ। ସମସ୍ତ ଯୋଜନାକୁ ସମସ୍ତ ସଭ୍ୟମାନେ ସ୍ୱାଗତ ମଧ କରିଥିଲେ। ସଭାପତି ସୁରେନ୍ଦ୍ର ରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ଚଳିତ ବର୍ଷର ଆୟବ୍ୟୟ ସମୀକ୍ଷା କରାଯିବା ସହିତ ନୂତନ ସଭ୍ୟ ସଂଗ୍ରହଉପରେ ଆଲୋଚନା କରାଯାଇଥିଲା। ବର୍ତ୍ତମାନ ସେବା ସମିତିର ସଭ୍ୟସଂଖ୍ୟା ୫୦ ଥିବା ବେଳେ ଆଗାମୀ ଦୁର୍ଗାପୂଜାକୁ ୨୦୦ ସଭ୍ୟ ସଂଖ୍ୟା କରାଯିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ପୂର୍ଣ୍ୟତୋୟା ସେବା ସମିତି ତରଫରୁ ପ୍ରତ୍ୟେକ ବର୍ଷ ନବ ବର୍ଷ ଦିନ ମା'ଙ୍କ ଦୈନନ୍ଦିନ ନୀତି ପାଇଁ ୩୬ ହଜାର ଟଙ୍କା ମନ୍ଦିର ପ୍ରଶାସନକୁ ଦିଆଯାଉଥିବା ବେଳେ ମା'ଙ୍କ ଜନ୍ମଦିନ ସ୍ୱନକ୍ଷତ୍ରରେ ସମସ୍ତ ଭକ୍ତମାନଙ୍କୁ ନିଶୁଳ୍କ ପ୍ରସାଦ ସେବନ, ମନ୍ଦିର ବେଢ଼ା ବାହାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସାବିତ୍ରୀ ଅମାବାସ୍ୟାରେ ଭକ୍ତମାନଙ୍କୁ ଥଣ୍ଡା ପାନୀୟ ଜଳ ଓ ଦୁର୍ଗାପୂଜା ସମୟରେ ସଫେଇ କାର୍ଯ୍ୟକ୍ରମ ଠାରୁ ଆରମ୍ଭ କରି ଅନ୍ୟାନ୍ୟ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଆଜିର ବୈଠକରେ ଭବପ୍ରସାଦ ଦାସ, ଦେବୀ ପ୍ରସାଦ ପାଣି, ସୁଧାଂଶୁ ଆଚାର୍ଯ୍ୟ, ରମଣୀ ରଞ୍ଜନ ରାଉତ, ଧର୍ମେନ୍ଦ୍ର ନାୟକ, ବ୍ୟାସଦେବ ରାଉତ, ଭରତ ସାହୁ, ପଦ୍ମନାଭ ଦାସ, ଦେବଦତ୍ତ ଦାସ, ମଳୟ ପଣ୍ଡା, କେଦାରନାଥ ଖୁଣ୍ଟିଆ, ରୁଦ୍ର ପ୍ରସାଦ ଦାସ, ମୁକ୍ତିକାନ୍ତ ପଣ୍ଡା, ଚିତ୍ତରଞ୍ଜନ ବେହୁରିଆ, ଅଜୟ ନନ୍ଦ କବି ପ୍ରମୁଖ ଉପସ୍ଥିତ ଥିଲେ।

## ଶାଖା ଡାକଘରେ ଉପଲବ୍ଧ ହେଲା ସ୍ପିଡ୍ ଓ ରେଜିଷ୍ଟ୍ରି ପୋଷ୍ଟ

**କବାଟବନ୍ଧ, ୨୧।୯ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଉପଡ଼ାକଘର ଅଧୀନ ସମସ୍ତ ଶାଖା ଡାକଘର ରେଜିଷ୍ଟ୍ରି ଏବଂ ସ୍ପିଡ୍ ପୋଷ୍ଟ ସେବା ଆରମ୍ଭ ହୋଇଛି। ପୂର୍ବରୁ ଶାଖା ଡାକଘରମାନଙ୍କରେ କେବଳ ଟଙ୍କା ଜମା କରିବା, ଜୀବନ ବୀମା, ଟଙ୍କା ଉଠାଣ କରିବା, ସୁକନ୍ୟା ସମୃଦ୍ଧି ଯୋଜନା, ଫିକ୍ସ ଡିପୋଜିଟ, ଗ୍ରାମୀଣ ଡାକ ଜୀବନ ବୀମା, ଆଦି ସେବା ଯୋଗାଇ ଦିଆଯାଉଥିଲା। ଶୁକ୍ରବାର ଜେନାପୁର ଶାଖା ଡାକଘର ଅଧୀନ ଅଣ୍ଡିଆ, କବାଟବନ୍ଧ, ବଳରାମପୁର ତଳ ଗଡ଼, ଏଣ୍ଡଲବା, ଗଡ଼ମଧୁପୁର, ମଧୁସୂଦନପୁର, ମହିସରା, ମର୍ଜିତାପୁର, ପୁରୁଣାବଡଲମାଳ, ରେଖିଦେଇପୁର, ସରଗଡ଼ା ମୁକୁନ୍ଦପୁର ଆଦି ସମସ୍ତ ୧୨ ଗୋଟି ଶାଖା ଡାକଘର ଏହି ସେବା ଉପଲବ୍ଧ ହୋଇଛି। ପରୀକ୍ଷା ମୂଳକ ଭାବେ ଶୁକ୍ରବାର କବାଟବନ୍ଧ ଶାଖା ଡାକଘର ୩ ଗୋଟି ସ୍ପିଡ୍ ପୋଷ୍ଟ କରିଥିବା ପୋଷ୍ଟମାଷ୍ଟର ଅରୁଣ କୁମାର ଦାସ ସୂଚନା ଦେଇଛନ୍ତି। ଏହି ସେବା ପାଇଁ ଲୋକମାନଙ୍କୁ ଆଉ ଦୂରକୁ କିମ୍ବା ଉପ ଡାକଘର ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ଜନସାଧାରଣ ଏହି ସୁବିଧାର ସୁଯୋଗ ନେବା ପାଇଁ ପୋଷ୍ଟ ମାଷ୍ଟର ଶ୍ରୀ ଦାସ କହିଛନ୍ତି।

## ଗୀତିକାରଙ୍କୁ ମହାମାୟା ସମ୍ମାନ




**ସିଂହପୁର, ୨୧।୯ (ସମିସ):** ବିଞ୍ଝାରପୁର ବ୍ଲକର କଲ୍ୟାଣପୁରସ୍ଥିତ ଶ୍ରୀବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ତଥା ଗୀତିକାର ନଳିନୀ ପ୍ରଭା ଦାସଙ୍କୁ କଲଚରାଲ ଡେଭଲପମେଣ୍ଟ ଫାଉଣ୍ଡେସନ ପକ୍ଷରୁ ଶୁକ୍ରବାର ସଂଧ୍ୟାରେ ଦୁର୍ଗାପୂଜା ଅବସରରେ ଆନ୍ତର୍ଜାତୀୟ ମେଗା ଶାସ୍ତ୍ରୀୟ ଆଗମଣୀ ନୃତ୍ୟ ଏବଂ ପୁରସ୍କାର ସମାରୋହ 'ମହାମାୟା' କୋଲକାତାର ଆଇସିସିଆର ପ୍ରେକ୍ଷାଳୟରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ସଭାପତି ଡ. ଉପେନ୍ଦ୍ର କୁମାର ଶର୍ମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଅନୁଷ୍ଠାନରେ ପଶ୍ଚିମବଙ୍ଗ ତଥା ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ନୃତ୍ୟଶିଳ୍ପୀ ଏବଂ ନୃତ୍ୟଗୁରୁ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକର ମାନ୍ଧାତାପାଟଣା ଗ୍ରାମର ବିଶିଷ୍ଟ ଗୀତିକାର ତଥା ଶିକ୍ଷୟିତ୍ରୀ ନଳିନୀପ୍ରଭା ଦାସଙ୍କୁ ଅନୁଷ୍ଠାନ ପକ୍ଷରୁ ମହାମାୟା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ସେ ଗୀତିକାର ଭାବେ ପାଞ୍ଚଶହରୁ ଊର୍ଦ୍ଧ୍ୱ ଗୀତ ରଚନା କରି ସଫଳତା ଅର୍ଜନ କରିଛନ୍ତି। ଏହି ପୁରସ୍କାର ସଂଗଠନର ସଭାପତି ଡ. ଉପେନ୍ଦ୍ର କୁମାର ଶର୍ମା, ନାଟ୍ୟ ନିର୍ଦ୍ଦେଶକ ତୁଷାରକାନ୍ତ ବେହେରା, ଓଡ଼ିଶା ରାଜ୍ୟ କଳାକାର ସଂଘର ସଭାପତି ଡ. ଚୈତନ୍ୟ ପାଇକ ଉପସ୍ଥିତ ଥିଲେ।

## ମଧୁବନ ସାହିତ୍ୟ ସଂସଦର କବିତା ପାଠ ଉତ୍ସବ



**କୁଆଖିଆ, ୨୧।୯ (ସମିସ):** ରସୁଲପୁର ବ୍ଲକର ପୁରାତନ ସାଂସ୍କୃତିକ ଅନୁଷ୍ଠାନ ମଧୁବନ ସାହିତ୍ୟ ସଂସଦ ପକ୍ଷରୁ ଶାରଦୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଅନୁଷ୍ଠାନର ଉପସଭାପତି କୈଳାସ ଚନ୍ଦ୍ର ମଲିକଙ୍କ ଆବାହକତ୍ୱରେ ମଧୁବନ ମହାବିଦ୍ୟାଳୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବରେ ପ୍ରାଧ୍ୟାପକ ତଥା ବିଶିଷ୍ଟ କବି ଶ୍ରୀହରି ଧଳ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସଭାପତି ବସନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ ସନ୍ତୋଷ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ମଧୁବନ ମହାବିଦ୍ୟାଳୟର ପ୍ରାକ୍ତନ ଓଡ଼ିଆ ବିଭାଗ ଅଧ୍ୟାପକ ନିତ୍ୟାନନ୍ଦ ମହାନ୍ତ ଯୋଗଦେଇଥିବା ବେଳେ ସହ ସମ୍ପାଦକ ରବୀନ୍ଦ୍ର କୁମାର ମିଶ୍ର ସ୍ୱାଗତ ଭାଷଣ ମଞ୍ଚ ନିମନ୍ତ୍ରଣ କରିଥିବା ବେଳେ ଅଭୟ କୁମାର ତ୍ରିପାଠୀ ବେଦପାଠ କରିଥିଲେ। ଏହି ଅବସରରେ ପୂର୍ବତନ ବିଆର୍‌ସିସି ପ୍ରଦୀପ କୁମାର ସାମଲ, କବି ପ୍ରଭାତ କୁମାର ମଲ୍ଲିକ, କବି ଜିତେନ୍ଦ୍ର କୁମାର ବେହେରା ଓ କବୟିତ୍ରୀ ସରୋଜିନୀ ପତିଙ୍କ ସଂଯୋଜନାରେ କବିତା ପାଠ ଅନୁଷ୍ଠିତ ହୋଇଥିଲା। ଏଥିରେ କବୟିତ୍ରୀ ମମତାମୟୀ ଖୁଣ୍ଟିଆ, ଗଣେଶ୍ୱର ବେହେରା, ସୁରେନ୍ଦ୍ର କୁମାର ବେହେରା, ଭୁବନାନନ୍ଦ ମହାନ୍ତି, ଶ୍ରୀମତୀ ଅନସୂୟା ମଲ୍ଲିକ, ଅଧ୍ୟାପିକା ପଦ୍ମିନୀ ତ୍ରିପାଠୀ, ସୁକାନ୍ତି ପଣ୍ଡା, ଗୌରାଙ୍ଗ ଚରଣ ଖୁଣ୍ଟିଆ, ସୁଦାମ ଚରଣ ଦାସ, ସୁଭଦ୍ରା ପଣ୍ଡା, କୈଳାସ ଚନ୍ଦ୍ର ରାଉତ, ଆଶୁତୋଷ ପଣ୍ଡା, ଗୟାଧର ସାହୁ, ଧ୍ରୁବନାନନ୍ଦ ଦେଓ, ମନୋଜ କୁମାର ନାଥ, ଆଶାଲତା ନନ୍ଦ, ନରୋତ୍ତମ ସାହୁ, ଓମ ପଣ୍ଡା ପ୍ରମୁଖ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସହଯୋଗୀ ସମ୍ପାଦକ ସନ୍ତୋଷ କୁମାର ପାଢ଼ୀ, କୋଷାଧକ୍ଷ ଧୀରେନ୍ଦ୍ର କୁମାର ସାହୁ, କୈଳାସ ଚନ୍ଦ୍ର ପତି, ହରିହର ସାହୁ, ପରିଚାଳନା କରିଥିବା ବେଳେ ସାଙ୍ଗଠନିକ ସମ୍ପାଦକ ସୁଶାନ୍ତ କୁମାର ମହାରଣା, ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ କର୍ମଚାରୀଙ୍କ ବୈଠକ




**ଯାଜପୁର, ୨୧।୯ (ସମିସ):** ଯାଜପୁର ଅବସରପ୍ରାପ୍ତ କର୍ମଚାରୀ ସଂଘର ମାସିକ ବୈଠକ ସଭାପତି ଗଦାଧର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ପ୍ରଦୀପ କୁମାର ଦାସ ବିବରଣୀ ପାଠ କରିଥିଲେ। ଉକ୍ତ ସଭାରେ ସଂଘର ଉପ-ସଭାପତି ଧନଞ୍ଜୟ କେଶରୀ ରାଉତରାୟ, ବରିଷ୍ଠ ନାଗରିକ ସଂଘର ସମ୍ପାଦକ ପ୍ରବୋଧ କୁମାର ନାୟକ, ସହ ସମ୍ପାଦକ ବୃନ୍ଦାବନ ମିଶ୍ର, ଯୁଗ୍ମ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ, ବରିଷ୍ଠ ସଦସ୍ୟ ପ୍ରଶାନ୍ତ କୁମାର ନାୟକ, ଶିଶିର କୁମାର ମହାପାତ୍ର, ବରିଷ୍ଠ ସଦସ୍ୟା ନିରୁପମା ମହାନ୍ତି, ନୃସିଂହ ଚରଣ ଜେନା, ବରିଷ୍ଠ ସଦସ୍ୟ ବିଷ୍ଣୁ ଚରଣ ଲେଙ୍କା, କେଶବ ଚନ୍ଦ୍ର ସାମନ୍ତ ପ୍ରମୁଖ ଉପସ୍ଥିତ ରହିବ ବିଭିସନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଶେଷରେ ବରିଷ୍ଠ ସଦସ୍ୟ ମିହିର ରଞ୍ଜନ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଝୁଝଁପଦା ବିଦ୍ୟାଳୟରେ ଓଜୋନ ଦିବସ

**ଯଖପୁରା, ୨୧।୯ (ସମିସ):** ରାଛିପୁର ଜୁଝଁପଦା ଉଚ୍ଚ ବିଦ୍ୟାଳରେ ଇକୋ କ୍ଲବ ଅନୁକୂଲ୍ୟରେ ସଞ୍ଚାଳକ ରାଜେଶ ରାଉଳଙ୍କ ତତ୍ତ୍ୱାବଧାନରେ ଜିଲ୍ଲାସ୍ତରୀୟ ଓଜୋନ ଦିବସ ପାଳିତ ହୋଇଯାଇଛି। ପୂର୍ବତନ ପ୍ରଧାନ ଶିକ୍ଷକ ଗଙ୍ଗାଧର ପାଳଙ୍କ ଦ୍ୱାରା ଉଦ୍‌ଘାଟିତ ଉତ୍ସବରେ ସମୂହ ବୃକ୍ଷ ପୂଜା କରାଯାଇଥଲା। ପ୍ରଧାନ ଶିକ୍ଷକ ଡ. ରାଜୀବ ଲୋଚନ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଇକୋ କ୍ଲବର ମୁଖ୍ୟ ପ୍ରଶିକ୍ଷକ ଡ. ନୃସିଂହ ବେହେରା, ମୁଖ୍ୟବକ୍ତା ଡ. ମହେଶ୍ୱର ଜେନା ସାମନ୍ତ, ସମ୍ମାନିତ ଅତିଥି ଭାବରେ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କଳିଙ୍ଗନଗର ଅଧିକାରୀ ଇଂ. ମଦନ ମୋହନ ସାହୁ, ଜିଲ୍ଲା ପରିବେଶ କାର୍ଯ୍ୟକାରୀ ଓ ନିୟନ୍ତ୍ରଣ କମିଟିର ସମ୍ପାଦକ ଡ. ଶରତ ସାହୁ, ସାମ୍ବାଦିକ ପ୍ରଣବ କୁମାର ବିଶ୍ୱାଳ, କ୍ଲଷ୍ଟର ନିରୀକ୍ଷକ କଳ୍ପତରୁ ତରାଇ, ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା ଦେହୁରୀ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ଡାକ କର୍ମଚାରୀଙ୍କୁ ଅବସର ସମ୍ବର୍ଦ୍ଧନା



**ପ୍ରୀତିପୁର, ୨୧।୯ (ସମିସ):** ବିଞ୍ଝାରପୁର ବ୍ଲକର ପ୍ରୀତିପୁର ଉପଡ଼ାକଘରର କର୍ମଚାରୀ ରଙ୍ଗାଧର ମଲିକଙ୍କର ଅବସର ଗ୍ରହଣ ଉପଲକ୍ଷେ ଆଜି ଉତ୍ତରକୂଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଅବସର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଯାଜପୁର ମୁଖ୍ୟ ଡାକଘରର ଅବସର ପ୍ରାପ୍ତ ପୋଷ୍ଟମାଷ୍ଟର ମୀନକେତନ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ସ୍ୱଳ୍ପସଞ୍ଚୟ ଅଧିକାରୀ ବିମ୍ବାଧର ଧଳ ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଉପଡ଼ାକପାଳ ଜଗନ୍ନାଥ ଶତପଥୀ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଏସପିଏମ୍ ରବିନାରାୟଣ ନାୟକ, ଅତୁଲ୍ୟ କୁମାର ଦାସ, ବାସୁଦେବ ରଥ, ସୁଧାଂଶୁ ସେଠ୍, ଅନନ୍ତ ବାରିକ, ପ୍ରିୟବ୍ରତ ମିଶ୍ର, ଶଶୀକାନ୍ତ ମହାରଣା ପ୍ରମୁଖ ଯୋଗଦାନ କରିଥିଲେ। ପ୍ରୀତିପୁର ଉପଡ଼ାକଘରର ଏସ୍‌ପିଏମ୍ ସୋମନାଥ ମଲ୍ଲିକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅକ୍ଷୟ କୁମାର ଧଳ ଧନ୍ୟବାଦ ଅର୍ପଣ କରିଥିଲେ। ଅବସରପ୍ରାପ୍ତ ଡାକ କର୍ମଚାରୀ ରଙ୍ଗାଧର ମଲିକଙ୍କୁ ମାନପତ୍ର, ଅଙ୍ଗବସ୍ତ୍ର, ପ୍ରଦାନ ପୂର୍ବକ ଅବସର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

**ଫେକ୍ ଆକାଉଣ୍ଟରେ ବ୍ଲାକ୍‌ମେଲିଂ ଘଟଣା**

## ଜଗତପୁର ପଠାଇଲା ଜେନାପୁର ପୁଲିସ୍

**ଯାଜପୁର, ୨୧।୯ (ସମିସ)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନାର ଥାନା ଅଧିକାରିଣୀ ଜଣେ ମହିଳା ଅଛନ୍ତି। ଥାନାରେ ମହିଳାମାନଙ୍କୁ ଉଚିତ ଓ ତ୍ୱରିତ ନ୍ୟାୟ ମିଳିବା ଲକ୍ଷ୍ୟରେ ମହିଳା ଅଧିକାରୀଙ୍କୁ ନିଯୁକ୍ତ କରାଯାଉଛି। କିନ୍ତୁ ସେହି ମହିଳା ଅଧିକାରୀମାନେ ମହିଳାଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ମହିଳାମାନଙ୍କୁ ନାନା ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ନିଜ ନ୍ୟାୟ ପାଇଁ ଲଢୁଥିବା ଜନୈକ ମହିଳାଙ୍କୁ ଜେନାପୁର ଥାନାରୁ କଟକ ଜଗତପୁର ଥାନାକୁ ଦୌଡାଯାଉଥିବା ଭଳି ସଂଗୀନ ଅଭିଯୋଗ ହୋଇଛି। ନିକଟରେ ଏଭଳି କର୍ତ୍ତବ୍ୟରେ ଅବହେଳା କରି ବଡ଼ଚଣା ଥାନା ଅଧିକାରୀ ନିଲମ୍ବିତ ହୋଇଥିଲେ ମଧ ଏଥିରୁ ଜେନାପୁର ଥାନା କେଉଁ ଶିକ୍ଷା ପାଇଲା ତାକୁ ନେଇ ଚର୍ଚ୍ଚା ଜୋର ଧରିଛି।

ସୂଚନା ମୁତାବକ ଜେନାପୁର ଥାନା ବୃନ୍ଦାଦେଇପୁର ଶାସନ ଅଞ୍ଚଳରେ ଜଣେ ଯୁବତୀଙ୍କୁ ସୋସିଆଲ ମିଡ଼ିଆରେ ଜନୈକ ଯୁବକ ବ୍ଲାକମେଲିଂ କରୁଥିବା ଅଭିଯୋଗ ହୋଇଛି। ବାରମ୍ବାର ଯୁବତୀଙ୍କ ଫଟୋ ବ୍ୟବହାର କରି ନାନା ଅଶ୍ଳୀଳ ଭିଡିଓ ଅପଲୋଡ କରାଯାଉଛି। ସେହି ସବୁ ଭିଡିଓ ସହିତ ସମ୍ପୃକ୍ତ ପୀଡ଼ିତା ଜଣକ ଜେନାପୁର ଥାନାରେ ଅଭିଯୋଗ କରିଥିଲେ ମଧ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଅଭିଯୋଗ ପାଇବା ପରେ ପୁଲିସ କେବଳ ଏକ ଏତଲା ରୁଜୁ କରି ନିଜ କାମ ସାରି ଦେଇଥିଲା। ଏ ସଂକ୍ରାନ୍ତରେ ଆଜି 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ସମ୍ପୃକ୍ତ ପୀଡ଼ିତାଙ୍କୁ ନ୍ୟାୟ ଦେବା ବଦଳରେ ଜେନାପୁର ପୁଲିସ ଏ ସଂକ୍ରାନ୍ତରେ କଟକ ଜିଲ୍ଲା ଜଗତପୁର ଥାନାରେ ଅଭିଯୋଗ କରିବାକୁ ପରାମର୍ଶ ଦେଇଛି। ଏପରିକି ଏହି ଅଭିଯୋଗକୁ ଥାନା ପକ୍ଷରୁ ଟ୍ରାନ୍ସଫର କରାଯାଇଥିବା କୁହାଯାଇଛି। ଅଭିଯୁକ୍ତଙ୍କ ଘର ସେହି ଜଗତପୁର ଅଞ୍ଚଳର ହୋଇଥିବାରୁ ଏଭଳି ପରାମର୍ଶ ଦେଇ ନିଜର କାମ ସାରିଦେଇଛି ଜେନାପୁର ପୁଲିସ। ସେପଟେ ଅଭିଯୁକ୍ତ ଜଣକ ପୁଲିସର ନିଷ୍କ୍ରିୟତାର ସୁଯୋଗ ନେଇ ଗୋଟିଏ ପରେ ଗୋଟିଏ ଭିଡିଓ ଅପଲୋଡ୍ କରିବାରେ ଲାଗିଛି। ପୀଡ଼ିତା ଜେନାପୁର ପୁଲିସର ପରାମର୍ଶ କ୍ରମେ ଜଗତପୁର ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ ସେଠାରୁ ନିରାଶ ହୋଇଥିବା ଜଣାପଡ଼ିଛି। ଜଗତପୁର ପୁଲିସ କୌଣସି ଅଭିଯୋଗ ଗ୍ରହଣ କରିବାକୁ ମନା କରିଦେଇଥିବା ପୀଡ଼ିତାଙ୍କ ପରବାର ସୂତ୍ରରୁ ଜଣାପଡ଼ିଛି। ରାଜ୍ୟରେ ଏଭଳି ଘଟଣାକୁ ନେଇ ସରକାର ସମ୍ବେଦନଶୀଳ ଥିବା ବାରମ୍ବାର ଘୋଷଣା କରୁଥିବା ବେଳେ ଏହାର କୌଣସି ପ୍ରଭାବ ପୁଲିସ ଉପରେ ପଡୁନଥିବା ଏହି ଘଟଣାରୁ ସ୍ପଷ୍ଟ ହୋଇଛି। ପୁଲିସର ନିଷ୍କ୍ରିୟତା ଯୋଗୁଁ ପୀଡ଼ିତା ପରିବାର ନାନା ମାନସିକ ଦୁଃଶ୍ଚିନ୍ତା ଦେଇ ଗତି କରୁଥିବା ବେଳେ କୌଣସି ଅଘଟଣ ଯେ ନ ଘଟିବ ତାହା କିଏ କହିବ। ଏହି ଘଟଣା ସମ୍ପର୍କରେ ଆଜି ଗୃହ ବିଭାଗ ତତ୍ପରତା ପ୍ରକାଶ କରି ତୁରନ୍ତ ଏହି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁଲିସ ଡିଜି ଏବଂ ଯାଜପୁର ଏସ୍‌ପିଙ୍କୁ ସାମାଜିକ ଗଣମାଧ୍ୟମ ଏକ୍ସ ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି।

**ଡିଜି ଓ ଏସ୍‌ପିଙ୍କୁ କାର୍ଯ୍ୟାନୁଷ୍ଠାନ ନେବାକୁ ଗୃହ ବିଭାଗର ନିର୍ଦ୍ଦେଶ**

# ସମ୍ପାଦକୀୟ



ମାନବାଧିକାର ସୁରକ୍ଷା ସଭ୍ୟତାର ସବୁଠାରୁ ବଡ଼ ଆହ୍ୱାନ।
-ନେଲ୍ସନ୍ ମାଣ୍ଡେଲା।

ସକାଳ
THE SAKALA

## ଖେଳାଳିଙ୍କ ଦେଶପ୍ରେମ !

ଭାରତ ଓ ପାକିସ୍ତାନ କ୍ରିକେଟ୍ ଦଳର କପ୍ତାନଙ୍କ ମଧ୍ୟରେ କରମର୍ଦ୍ଦନ ପ୍ରସଙ୍ଗକୁ ନେଇ ବିବାଦୀୟ ହୋଇପଡ଼ିଥିବା ଚଳିତ ଏସିଆ କପ୍ କ୍ରିକେଟ୍ ପୁଣି ଏକ ବିତର୍କ ସହିତ ଯୋଡ଼ି ହୋଇଯାଇଛି। ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ବିଜୟକୁ ପହେଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କ ପରିବାର ପ୍ରତି ଉତ୍ସର୍ଗ କରିଥିବା ଭାରତୀୟ ଦଳ ଘୋଷଣା କରିବା ପରେ ଆମ୍ ଆଦ୍‌ମି ପାର୍ଟି ନେତା ସୌରଭ ଭରଦ୍ୱାଜ୍ ଏହାକୁ ଛଳନା ବୋଲି ପରୋକ୍ଷରେ ଆକ୍ଷେପ କରିଛନ୍ତି। ତାଙ୍କ ମତରେ ଯଦି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ ଓ ଭାରତୀୟ କ୍ରିକେଟ୍ ଖେଳାଳିଙ୍କ ବାସ୍ତବରେ ଦେଶପ୍ରୀତି ଓ ପହଲ୍‌ଗାମ୍ ପୀଡ଼ିତଙ୍କ ପ୍ରତି ସମବେଦନା ଅଛି ତେବେ ମ୍ୟାଚ୍‌ଲବ୍ଧ ସମ୍ପୂର୍ଣ୍ଣ ଆର୍ଥିକ ରୋଜଗାରକୁ ପୀଡ଼ିତଙ୍କ ପରିବାରକୁ ଉତ୍ସର୍ଗ କରନ୍ତୁ। ଶ୍ରୀଭରଦ୍ୱାଜଙ୍କ ଯୁକ୍ତି କିଛି ମନ୍ଦ ନୁହେଁ। କାରଣ ବିଶ୍ୱରେ ସବୁଠାରୁ ବିତ୍ତଶାଳୀ କ୍ରୀଡ଼ା ସଂଗଠନ ଭାବେ ମାନ୍ୟତାପ୍ରାପ୍ତ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ ଓ ତାହାର ଧନାଢ଼୍ୟ ସଦସ୍ୟମାନେ ଯଦି ଏସିଆ କପ୍ ବାବଦ ସେମାନଙ୍କ ମ୍ୟାଚ୍ ଫି ଦାନ କରିଦିଅନ୍ତେ ତେବେ ସମୁଦ୍ରରୁ ମାତ୍ର ଆଞ୍ଜୁଳାଏ ପାଣି କାଢ଼ି ନେବା ପରି ହୁଅନ୍ତା। ଆପ୍ ନେତାଙ୍କ ମତକୁ ଭାରତୀୟ କ୍ରିକେଟ୍ ଖେଳାଳିମାନେ କେତେ ସକାରାତ୍ମକ ଭାବେ ଗ୍ରହଣ କରିଛନ୍ତି ଓ କରିବେ ତାହା ଭିନ୍ନ କଥା; କିନ୍ତୁ ସ୍ୱାଭାବିକ ଭାବେ କ୍ରିକେଟ୍‌ର ଅନ୍ଧଭକ୍ତମାନେ ପ୍ରତିକ୍ରିୟାଶୀଳ ହୋଇଉଠିଛନ୍ତି ଏବଂ ଶ୍ରୀଭରଦ୍ୱାଜଙ୍କୁ ସମାଲୋଚନା କରିବା ଆରମ୍ଭ କରିଛନ୍ତି।

ଆମ ଭାରତୀୟ କ୍ରିକେଟ୍‌ରମାନଙ୍କ ଦେଶଭକ୍ତି ଓ ରାଷ୍ଟ୍ରୀୟ ଭାବନା କେତେ ତାହା ୨୦୦୨ ଆଇସିସି ଚମ୍ପିଆନ୍ ଟ୍ରଫି ବେଳେ ଜଣାପଡ଼ିଯାଇଥିଲା; ଅଥଚ କ୍ରିକେଟ ରଙ୍କୁଣା ଭାରତୀୟମାନେ ଖେଳାଳିମାନଙ୍କର ସେହି ସ୍ୱାର୍ଥପର ମାନସିକତାକୁ ହଜମ୍ କରିଦେଇଥିଲେ। ପ୍ରାୟ ସମସ୍ତ ନିର୍ଣ୍ଣାୟକ ମ୍ୟାଚ୍‌ରେ ବିଫଳ ହେଉଥିବାର ବିରଳ ରେକର୍ଡଧାରୀ ତଥାକଥିତ କ୍ରିକେଟ୍‌ର ଭଗବାନ୍‌ଙ୍କୁ ଭାରତ ଓ ଭାରତବାସୀ ବିଭିନ୍ନ ରତ୍ନ-ଅଳଙ୍କାରରେ ସମ୍ମାନିତ କରିବାରେ କୌଣସି ହେଳା କରିନାହାନ୍ତି। ତାଙ୍କର ଅସୁମାରୀ ସମ୍ପଦ ପଛରେ ଈଶ୍ୱରଦତ୍ତ ପ୍ରତିଭା ତୁଳନାରେ ଭାରତୀୟଙ୍କ କ୍ରିକେଟ୍‌ପ୍ରେମ ଯେ ଅଧିକ ରହିଛି ତାହା ଅନସ୍ୱୀକାର୍ଯ୍ୟ। ଅଥଚ ତାଙ୍କୁ ପୁରସ୍କାରରେ ମିଳିଥିବା ଫେରାରି କାରକୁ ଭାରତ ଆଣିବା ପାଇଁ ସୀମାଶୁଳ୍କ ସମ୍ପୂର୍ଣ୍ଣ ଛାଡ଼ ପାଇଁ ସେ ଭାରତ ସରକାରଙ୍କ ଉପରେ ଏକପ୍ରକାର ଚାପ ପକାଇ ସଫଳ ହୋଇଥିଲେ। ତେଣୁ ଭାରତୀୟ କ୍ରିକେଟ୍ ଖେଳାଳିଙ୍କ ଠାରୁ ଦେଶସ୍ୱାର୍ଥ ଓ ରାଷ୍ଟ୍ରୀୟ ଭାବନାରେ ଆନ୍ତରିକତା ଓ ବାସ୍ତବତା ଆଶା କରିବା ବୃଥା, ଏହା ଏକ ଅପ୍ରିୟ ସତ୍ୟ। କ୍ରିକେଟ୍ ସହିତ ଦେଶପ୍ରେମ ଓ ରାଷ୍ଟ୍ରୀୟ ଭାବନା କେବଳ ବଞ୍ଚି ରହିଛି ଦେଶର ଅଗଣିତ କ୍ରିକେଟ୍‌ପ୍ରେମୀଙ୍କ ପାଖରେ ଏବଂ ସେମାନେ ଭାବି ନେଇଛନ୍ତି ସେମାନଙ୍କର ପୂଜ୍ୟ କ୍ରିକେଟ୍-ଦେବତାମାନେ ମଧ୍ୟ ସମଭାବାପନ୍ନ ହୋଇଥିବେ। କିନ୍ତୁ ସେମାନେ ଯେ କୁହେଳିପୂର୍ଣ୍ଣ ଏକ ଭ୍ରାନ୍ତ ଓ ଅନ୍ଧବିଶ୍ୱାସର କ୍ରିକେଟ୍-ଆକର୍ଷଣର ମୋହାଚ୍ଛନ୍ନ ଦୁନିଆରେ ବୁଡ଼ି ରହିଛନ୍ତି ତାହା ହୃଦୟଙ୍ଗମ କରିବାକୁ ଆହୁରି ବହୁବର୍ଷ ଲାଗିଯିବ।

ବିଡ଼ମ୍ବନା ଏହା ଯେ ଯେଉଁ ହକି ଖେଳାଳି ଜଣକ ଭାରତୀୟତାର ଗୌରବ ବଜାୟ ରଖିବା ପାଇଁ ତାଙ୍କ କ୍ରୀଡ଼ାଜୀବନ କାଳରେ ଜାଣତରେ କିମ୍ବା ଅଜାଣତରେ ସାମାନ୍ୟତମ ସାଲିସ୍ କରି ନଥିଲେ ଆମେ ତାଙ୍କୁ ଏ ପର୍ଯ୍ୟନ୍ତ ଭାରତ ରତ୍ନ ଭଳି ରାଷ୍ଟ୍ରୀୟ ସମ୍ମାନରେ ସମ୍ମାନିତ କରିବାକୁ ଆନ୍ତରିକତା ପ୍ରଦର୍ଶନ କରିନାହୁଁ। ପ୍ରବଳ ଜ୍ୱରାକ୍ରାନ୍ତ ହୋଇ ମଧ୍ୟ ନିର୍ଣ୍ଣାୟକ ମ୍ୟାଚ୍‌ରେ ଭାରତକୁ ଜିତାଇବା ପାଇଁ ପଡ଼ିଆକୁ ଓହ୍ଲାଇଥିବା ଏହି ମହାନ୍ କ୍ରୀଡ଼ା ବ୍ୟକ୍ତିତ୍ୱ ଜର୍ମାନୀ ତରଫରୁ ଖେଳିବା ଲାଗି ହିଟ୍‌ଲର ଯାଚି ଦେଇଥିବା ବିପୁଳ ଅର୍ଥ, ପଦବୀ ଓ ପ୍ରତିପତ୍ତିକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଅଥଚ ଆମେ ତାଙ୍କ ଜନ୍ମଦିନକୁ କେବଳ ଜାତୀୟ କ୍ରୀଡ଼ା ଦିବସ ଭାବେ ଘୋଷଣା କରି ଆମ କର୍ତ୍ତବ୍ୟ ସାରି ଦେଇଛୁ। ବୋଧହୁଏ କ୍ରିକେଟ୍‌କୁ ଛାଡ଼ି ଆଉ କୌଣସି ଖେଳ କିମ୍ବା ଖେଳାଳିଙ୍କ ସହିତ ଦେଶପ୍ରେମ ଓ ରାଷ୍ଟ୍ରଭକ୍ତି ଜଡ଼ିତ ନାହିଁ; ଯଦିବା କିଏ କେଉଁଠି କେତେବେଳେ ଦେଶଭକ୍ତିର ଉଦାହରଣଟିଏ ସୃଷ୍ଟି କରିଛନ୍ତି ତାହା ମଧ୍ୟ ବୋଧହୁଏ କ୍ରିକେଟ୍ ବିନା ନିରର୍ଥକ!

## ଟ୍ରମ୍ପ ଦାଉ

ଭାରତ ଓ ଭାରତୀୟଙ୍କୁ ସବୁମତେ ହଇରାଣ ହରକତ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସତେଯେମିତି ଖୋଜି ଖୋଜି ଉପାୟମାନ ବାହାର କରୁଛନ୍ତି। ଭାରତୀୟ ଉତ୍ପାଦ ଉପରେ ବର୍ଦ୍ଧିତ ହାରରେ ଶୁଳ୍କ ଲାଗୁ କରି ଭାରତ ସରକାରଙ୍କ ଉପରେ ତାଙ୍କର ରାଗ ବୋଧହୁଏ ଶାନ୍ତ ହୋଇ ନାହିଁ। ଇତିମଧ୍ୟରେ ୟୁରୋପୀୟ ସଂଘ ସହିତ ଭାରତର ବାଣିଜ୍ୟ ରାଜିନାମାକୁ ଭଣ୍ଡୁର କରିବାକୁ ସବୁମତେ ଉଦ୍ୟମ କରୁଛନ୍ତି ଏବଂ ୟୁକ୍ରେନ୍‌କୁ ମତାଇ ଭାରତୀୟ ଉତ୍ପାଦ ଆମଦାନୀ ନ କରିବାକୁ ମସୁଧା କରିଛନ୍ତି। ପୁଣି ଏବେ ସେ ଆମେରିକାରେ ରହୁଥିବା ପ୍ରବାସୀ ଭାରତୀୟଙ୍କ ଉପରେ ଦାଉ ସାଧିବାର ଉପାୟଟିଏ ପାଇଯାଇଛନ୍ତି।

ଟ୍ରମ୍ପଙ୍କ ସଦ୍ୟତମ ଘୋଷଣା ଅନୁଯାୟୀ, ଏଣିକି ବିଦେଶୀ ପେସାଦାରମାନଙ୍କୁ ନିଯୁକ୍ତି ଦେଉଥିବା ଆମେରିକୀୟ ସଂସ୍ଥାମାନେ ପ୍ରତି ବିଦେଶୀ କର୍ମଚାରୀ ପିଛା ଏଚ୍୧-ବି ଭିସା ବାବଦକୁ ବାର୍ଷିକ ୧ ଲକ୍ଷ ଡଲାର(ଭାରତୀୟ ମୁଦ୍ରାରେ ପ୍ରାୟ ୯୦ ଲକ୍ଷ ଟଙ୍କା) ପୈଠ କରିବାକୁ ପଡ଼ିବ(ଏବେ ତାହା ମାତ୍ର ୧୫୦୦ ଡଲାର ଅଛି)। ସେପ୍ଟେମ୍ବର ୨୧ରୁ ତତ୍କାଳ ଲାଗୁ ହେବାକୁ ଥିବା ଟ୍ରମ୍ପଙ୍କ ଏହି ନିର୍ଦ୍ଦେଶ ପରେ ହୁଏତ ଆମେରିକୀୟ ସଂସ୍ଥାମାନେ ବିଦେଶୀ କର୍ମଚାରୀ ନିଯୁକ୍ତିକୁ କାଣ୍ଟଛାଣ୍ଟ କରିବେ କିମ୍ବା ଭିସା ବାବଦ ଅର୍ଥ ପ୍ରବାସୀ କର୍ମଚାରୀଙ୍କ ଦରମାରୁ କାଟି ରଖିବେ। ଆମେରିକାର ବିଭିନ୍ନ ସଂସ୍ଥାମାନଙ୍କରେ ସର୍ବାଧିକ ପ୍ରବାସୀ ଭାରତୀୟ କାମ କରୁଥିବାରୁ ଉଭୟ ପଦକ୍ଷେପରେ ସେମାନେ ହିଁ ସର୍ବାଧିକ ପ୍ରଭାବିତ ହେବେ। ଆମେରିକୀୟ କମ୍ପାନୀମାନେ ବିଦେଶରୁ ଶସ୍ତାରେ କର୍ମଚାରୀମାନଙ୍କୁ ନିଯୁକ୍ତି ଦେଉଥିବାରୁ ଆମେରିକୀୟ ପେସାଦାରମାନେ କର୍ମସଂସ୍ଥାନ ହରାଉଛନ୍ତି ବୋଲି ଆଭ୍ୟନ୍ତରୀଣ ଅଭିଯୋଗ ହୋଇଆସୁଥିଲା। ତେଣୁ 'ମାଗା' ଯୋଜନାରେ ଆମେରିକୀୟଙ୍କୁ ସନ୍ତୁଷ୍ଟ କରିବାକୁ ଟ୍ରମ୍ପ ଉପରୋକ୍ତ ଘୋଷଣା କରିଥିବା କୁହାଯାଉଥିଲେ ହେଁ ବାସ୍ତବରେ ତାଙ୍କର ଭାରତ ବିରୋଧୀ ଅସୂୟା ହିଁ ସ୍ପଷ୍ଟ ହେଉଛି। କାରଣ ଏଚ୍୧-ବି ଭିସାଧାରୀଙ୍କ ମଧ୍ୟରୁ ୭୦% ବା ପ୍ରାୟ ୪ ଲକ୍ଷ ଭାରତୀୟ। ଏଥିରେ କିନ୍ତୁ ଆମେରିକୀୟ ସଂସ୍ଥା ଓ ଅର୍ଥନୀତି ହିଁ ଅଧିକ ପ୍ରଭାବିତ ହେବ। କ୍ରୋଧାନ୍ଧ ଓ ପଦମତ୍ତ ଟ୍ରମ୍ପ ଏହି ହିତାହିତ ଜ୍ଞାନଶୂନ୍ୟ ହୋଇଥିବା ସ୍ୱାଭାବିକ।

# ଜିଏସ୍‌ଟି ସଂସ୍କାର କେତେ ସଂପୂର୍ଣ୍ଣ

ନଳିନୀ କାନ୍ତ ଧର

ଜୁଲାଇ, ୧ ୨୦୧୭ରୁ ପ୍ରଣୟନ କରାଯାଇଥିବା ସାମଗ୍ରୀ ଓ ସେବା କର(ଜିଏସ୍‌ଟି) ସ୍ୱାଧୀନତା ପରେ କର ବ୍ୟବସ୍ଥାରେ ସବୁଠାରୁ ବଡ଼ ସଂସ୍କାର ଥିଲା। ନିକଟରେ ଏଥିରେ କେତେକ ସଂଶୋଧନ କରାଯାଇଛି, ଯାହାକୁ ଜିଏସ୍‌ଟି-୨ ଆଖ୍ୟା ଦିଆଯାଇଛି। ପୂର୍ବରୁ କେନ୍ଦ୍ର ଓ ରାଜ୍ୟସ୍ତରରେ ବିଭିନ୍ନ ପ୍ରକାର ଅଲଗା ଅଲଗା ହାରରେ ସାମଗ୍ରୀ ଓ ସେବା ଉପରେ ପ୍ରାୟ ୧୭ ପ୍ରକାର କର ଲାଗୁଥିଲା। ଜିଏସ୍‌ଟି ଲାଗୁ ହେବା ପରେ ଦେଶରେ ଉତ୍ପାଦିତ ସାମଗ୍ରୀ ଓ ସେବା ଉପରେ ଗୋଟିଏ କର ଲାଗୁ ହେଲା। ଭାରତଭଳି ଏକ ବିଶାଳ ଦେଶରେ, ଯେଉଁଠି ଜନସାଧାରଣଙ୍କର ଅର୍ଥନୈତିକ ତାରତମ୍ୟ ଖୁବ୍ ଅଧିକ, ସେଠାରେ 'ଗୋଟିଏ ଦେଶ ଗୋଟିଏ କର' ବ୍ୟବସ୍ଥା ଆଶାନୁରୂପ ସଫଳ ହୋଇପାରି ନ ଥିଲା। ଜିଏସ୍‌ଟି-୧ରେ ୦, ୫, ୧୨, ୧୮ ଓ ୨୮ ପ୍ରତିଶତ ହାରରେ ୫ଟି ସ୍ଲାବ୍ ନିର୍ଦ୍ଧାରିତ ହୋଇଥିବା ବେଳେ ସୁନା ଉପରେ ସ୍ୱତନ୍ତ୍ର ଭାବରେ ୩ ପ୍ରତିଶତ ଜିଏସ୍‌ଟି ଲାଗୁ ହୋଇଥିଲା। ଏତେଗୁଡ଼ିକଏ ସ୍ଲାବ୍ ରହିଥିବାରୁ ଅନେକ ସମୟରେ ନିର୍ଦ୍ଦିଷ୍ଟ ସାମଗ୍ରୀର ଟିକସ ହାର ନେଇ ବିଭ୍ରାଟ, ଟିକସ ଫାଙ୍କି ଏବଂ କିଛି ସାମଗ୍ରୀ ଉପରେ ମାତ୍ରାଧିକ ଟିକସ ଆଦି ପାଇଁ ସରକାର ସମାଲୋଚନାର ଶରବ୍ୟ ହେଉଥିଲେ। ତେଣୁ ପରିବର୍ତ୍ତିତ ସ୍ଥିତିକୁ ଅନୁଧ୍ୟାନ କରି ସରକାର ୨୮ ପ୍ରତିଶତ ଓ ୧୨ ପ୍ରତିଶତ ସ୍ଲାବ୍‌କୁ ଉଚ୍ଛେଦ କରି ବର୍ତ୍ତମାନ ମେରିଟ୍ ଗୁଡ୍ସ ଉପରେ ୫ ପ୍ରତିଶତ ଓ ଷ୍ଟାଣ୍ଡାର୍ଡ ଗୁଡ୍ସ ଉପରେ ୧୮ ପ୍ରତିଶତ - ଏହିଭଳି ମାତ୍ର ଦୁଇଟି ସ୍ଲାବ୍ ସ୍ଥିର କରିଛନ୍ତି। ଏହାବ୍ୟତୀତ ସିଗାରେଟ୍, ଗୁଟ୍‌ଖା, ମଦ, ବିଳାସ ସାମଗ୍ରୀ, ବଡ଼ କାର ଇତ୍ୟାଦି ଉପରେ ସିନ୍ ଗୁଡ୍ସ ଟିକସ ଭାବରେ ୪୦ ପ୍ରତିଶତ ଟିକସ ନିର୍ଦ୍ଧାରିତ କରିଛନ୍ତି। ପ୍ରଚଳିତ ସମସ୍ତ ସେସ୍‌କୁ ବି ସମାପ୍ତ କରାଯାଇଛି। ଜିଏସ୍‌ଟି ଟିକସ କମ୍ ହେବା ଫଳରେ ଦରଦାମ ହ୍ରାସ ପାଇବା ସହ ମୁଦ୍ରାସ୍ଫୀତି ମଧ୍ୟ ହ୍ରାସ ପାଇବ ବୋଲି ଆଶା କରାଯାଉଛି। ଅପରପକ୍ଷରେ ସରକାର ଚଳିତ ବର୍ଷ ଏଥିଯୋଗୁଁ ୪୮, ୦୦୦କୋଟି ଟଙ୍କା ଏବଂ ଆସନ୍ତା ବର୍ଷ ୧, ୫୦, ୦୦୦ କୋଟି ଟଙ୍କାର ରାଜସ୍ୱ ହରାଇବେ ବୋଲି ଆକଳନ କରାଯାଇଛି।

ଜିଏସ୍‌ଟି କାର୍ଯ୍ୟକାରୀ ହେବା ପରେ ପ୍ରାଥମିକ ପର୍ଯ୍ୟାୟରେ ୬୬.୫ ଲକ୍ଷ ବ୍ୟବସାୟିକ ପ୍ରତିଷ୍ଠାନ ଅନ୍ତର୍ଭୁକ୍ତ ହୋଇଥିଲେ, ଯାହା ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୧.୫୧ କୋଟିରେ ପହଞ୍ଚିଛି। ରାଜସ୍ୱ ମଧ୍ୟ ଆଶାନୁରୂପକ ବୃଦ୍ଧି ପାଇ ୨୨.୦୪ ଲକ୍ଷ କୋଟି ଟଙ୍କା ହୋଇଛି। କ୍ଷୁଦ୍ର ବ୍ୟବସାୟୀ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଇତ୍ୟାଦିଙ୍କ ପାଇଁ ଜିଏସ୍‌ଟିର ଜଟିଳ ପ୍ରକ୍ରିୟା ସବୁକୁ ପାଳନ କରିବା ବ୍ୟୟସାପେକ୍ଷ ଓ କଷ୍ଟସାଧ୍ୟ ହେଉଥିଲା। ତେଣୁ ଏହାକୁ ସରଳ କରାଯାଇଛି। ଯେଉଁମାନଙ୍କର ମାସିକ କାରବାର ୨.୫ଲକ୍ଷ ଟଙ୍କାରୁ କମ୍ ହେବ ସେମାନଙ୍କୁ ସ୍ୱୟଂଚାଳିତ ପ୍ରକ୍ରିୟାରେ ମାତ୍ର ୩ ଦିନ ଭିତରେ ପଞ୍ଜିକରଣ କରାଯିବ। ଆବଶ୍ୟକତା ଅନୁଯାୟୀ, ଏଥିରୁ କୌଣସି ସମୟରେ ସେମାନେ ଓହରି ପାରିବେ ଓ ପ୍ରତ୍ୟାବର୍ତ୍ତନ ମଧ୍ୟ କରି ପାରିବେ। ଏହାଦ୍ୱାରା ହାରାହାରି ୯୬ ପ୍ରତିଶତ ପ୍ରତିଷ୍ଠାନ ଉପକୃତ ହେବେ। ବିଦେଶକୁ ରପ୍ତାନୀ କରୁଥିବା ସାମଗ୍ରୀ ଓ ଏସ୍‌ଇଜେଡ୍‌ରୁ ବିକ୍ରି ହେଉଥିବା ସାମଗ୍ରୀ ଉପରେ ୯୦ ପ୍ରତିଶତ କର ସ୍ୱୟଂଚାଳିତ ଯାନ୍ତ୍ରିକ ପ୍ରକ୍ରିୟାରେ ଏହାର ମୂଲ୍ୟାୟନ କରି ତୁରନ୍ତ କର ପ୍ରାପ୍ୟ ଫେରସ୍ତ ହୋଇଯିବ, ଯାହାକି ରପ୍ତାନି କ୍ଷେତ୍ରରେ ୩୮ ପ୍ରତିଶତ ଯୋଗଦାନ କରୁଥିବା କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପ ଗୋଷ୍ଠୀ ବିଶେଷ ଲାଭବାନ ହେବେ।

ଜିଏସ୍‌ଟି ପ୍ରଚଳନ ହେବା ପରଠାରୁ ଟିକସ ହାରରେ ସଂଶୋଧନ ହୋଇଚାଲିଛି ଏବଂ ପୂର୍ବର ହାରାହାରି ୧୫.୫ ପ୍ରତିଶତ ସାମଗ୍ରିକ ଟିକସରୁ ନୂତନ ହାର ଭିତ୍ତିରେ ମାତ୍ର ୧୦.୫ ପ୍ରତିଶତ ହୋଇଯିବ। ସେହିପରି ଭାବରେ ପୂର୍ବରୁ ମୋଟ ଘରୋଇ ଉତ୍ପାଦନର ୬.୫ ପ୍ରତିଶତ ରାଜସ୍ୱ ଆୟ ବର୍ତ୍ତମାନ ୫.୪ ପ୍ରତିଶତକୁ ଖସିଯିବ। ଆଗାମୀ ଆର୍ଥିକ ବର୍ଷ ୨୦୨୬-୨୭ରେ ୧.୫ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ରାଜସ୍ୱ ସଂକୁଚିତ ହେବ। ତେଣୁ ରାଜସ୍ୱ ବୃଦ୍ଧି ପାଇଁ କେତେକ ସୁନା, ରୁପା ପରି ମୂଲ୍ୟବାନ ଧାତୁ ଉପରେ ୩ ପ୍ରତିଶତରୁ ୫ ପ୍ରତିଶତ ଏବଂ ଆୟର କେତେକ ଆବଶ୍ୟକୀୟ ସାମଗ୍ରୀ ଉପରେ ଲାଗୁଥିବା ୫ ପ୍ରତିଶତ ଟିକସକୁ ୮ ପ୍ରତିଶତକୁ ବୃଦ୍ଧି କରିବା ପାଇଁ ମଧ୍ୟ ମତ ପ୍ରକାଶ ପାଇଛି। ଅନେକ ରାଜ୍ୟରେ ଆର୍ଥିକ ସ୍ଥିତି ଭଲ ନ ଥିବାରୁ ରାଜସ୍ୱ ହ୍ରାସ ଫଳରେ ସେମାନଙ୍କର ବିତ୍ତୀୟ ନିଅଣ୍ଟ ବୃଦ୍ଧି ପାଇବ ଏବଂ ଦେଶରେ ଏକକ କର ବ୍ୟବସ୍ଥା ଲାଗୁ ହେଲା ପରେ ତାଙ୍କର କୌଣସି ନୂତନ ଟିକସ ଆଦାୟ କରିବା ସାର୍ବଭୌମିକ କ୍ଷମତା ନାହିଁ। ସବୁ ରାଜ୍ୟର ଅର୍ଥମନ୍ତ୍ରୀଙ୍କୁ ନେଇ ଜିଏସ୍‌ଟି ପରିଷଦ ଗଠିତ। ସମସ୍ତ ନିଷ୍ପତ୍ତି ଏହି ପରିଷଦ ନିର୍ଦ୍ଧାରଣ କରିଥାଏ। କିନ୍ତୁ ଚଳିତ ଟିକସ ହ୍ରାସର ଘୋଷଣା ବା ପ୍ରତିଶ୍ରୁତି ପ୍ରଧାନମନ୍ତ୍ରୀ ଲାଲ୍ କିଲ୍ଲାରୁ ସ୍ୱାଧୀନତା ଦିବସ ଉଦ୍‌ବୋଧନୀ ଭାଷଣରେ ଦେଲେ, ଯାହାକି ଏକ ସଂଘୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସାମାନ୍ୟ ବ୍ୟତିକ୍ରମ ହୋଲି ଅନୁଭୂତ ହୁଏ।

ଟିକସ ହାରରେ ହ୍ରାସ ଫଳରେ ଜନସାଧାରଣ ଅଧିକ କ୍ରୟ କଲେ ବ୍ୟବସାୟିକ ପ୍ରତିଷ୍ଠାନମାନଙ୍କର ଲାଭ ବୃଦ୍ଧି ପାଇବ ଏବଂ ସରକାର ପ୍ରତ୍ୟକ୍ଷ ଓ ପରୋକ୍ଷ ଟିକସ ଭାବରେ କିଛିମାତ୍ରାରେ ଭରଣା କରିବେ। ଟିକସ ହାର ହ୍ରାସ ପାଇବା ପରେ ପୂର୍ଣ୍ଣମାତ୍ରାରେ ଜନସାଧାରଣ ଯେପରି ଏହାର ଲାଭ ପାଇବାରିବେ ସରକାର ଏଥିପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ। କାରଣ ବିଗତ ଦିନରେ ଏହାର ବ୍ୟତିକ୍ରମ ଅନେକ ଦୃଷ୍ଟାନ୍ତ ଅଛି। ଯଦିଓ ଭାରତର ସମସ୍ତ ଉତ୍ପାଦିତ ସାମଗ୍ରୀ ଓ ସେବା ଜିଏସ୍‌ଟି ଅନ୍ତର୍ଭୁକ୍ତ ହୋଇଛି; କିନ୍ତୁ ପେଟ୍ରୋଲିୟମ୍ ସାମଗ୍ରୀ, ବିଦ୍ୟୁତ ଓ ଜମିକିଣା ବିକା ଇତ୍ୟାଦି ଏହି ବ୍ୟବସ୍ଥା ଅଧୀନକୁ ଆସିପାରିନାହିଁ। ଆଗାମୀ ଦିନରେ ଅନ୍ତତଃ ପେଟ୍ରୋଲିୟମ୍ ସାମଗ୍ରୀକୁ ଜିଏସ୍‌ଟି ଅଧୀନକୁ ଆଣିବା ପାଇଁ ଦାବି ହେଉଛି। କିନ୍ତୁ ପେଟ୍ରୋଲିୟମ ସାମଗ୍ରୀ ଉପରେ ବର୍ତ୍ତମାନ ହାରାହାରି ୫୮ ପ୍ରତିଶତ ଟିକସ ଆଦାୟ ହେଉଥିବାରୁ ଏବଂ ରାଜ୍ୟମାନେ ମଧ୍ୟ ଅଧିକ ରାଜସ୍ୱ ପାଉଥିବାରୁ ଏହାକୁ ଅନ୍ତତଃ ୪୦ ପ୍ରତିଶତ ସ୍ଲାବ୍‌ରେ ସାମିଲ କରି ଅତିରିକ୍ତ ସେସ୍ ମାଧ୍ୟମରେ ଭରଣା କଲେ କେସକେଡିଂ ପ୍ରଭାବ ଦୂର ହେବା ସହ ବ୍ୟବସାୟିକ ଗୋଷ୍ଠୀ ଇନ୍‌ପୁଟ୍ କ୍ରେଡିଟ୍ ପାଇପାରନ୍ତେ। ସମସ୍ତ ବ୍ୟବସାୟିକ ପ୍ରକ୍ରିୟା ସରଳ ହୋଇପାରନ୍ତା।


ଅନୁରୂପ ଭାବରେ ଜିଏସ୍‌ଟିକୁ ମଧ୍ୟ ଫେସ୍ଲେସ୍ କରାଯାଉ। ଅବଶ୍ୟ ସରକାର ସବୁ ରାଜ୍ୟରେ ଏକ ଟ୍ରିବ୍ୟୁନାଲ ସ୍ଥାପନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି, ଯାହା ବିବାଦ ସମାଧାନରେ ସମସ୍ତଙ୍କ ପାଇଁ ସହାୟକ ହେବ। ଜିଏସ୍‌ଟି ପ୍ରଣୟନ ହେବା ସମୟରୁ ମ୍ୟାନୁଫେକ୍‌ଚରିଂ ପାଇଁ ୪୦ ଲକ୍ଷ ଏବଂ ସେବା ପ୍ରଦାନକାରୀଙ୍କ ପାଇଁ ୨୦ ଲକ୍ଷ ବାର୍ଷିକ କାରବାର ଉପରେ ଜିଏସ୍‌ଟି ବହିର୍ଭୂତ ଥିଲା, ଯାହାକି ମୁଦ୍ରାସ୍ଫୀତି ହିସାବକୁ ନେଲେ ଅନ୍ତତଃ ଏହାକୁ ଦୁଇଗୁଣ କରିବାର ଆବଶ୍ୟକତା ଅଛି। ଯାହା ଫଳରେ ଛୋଟ ଛୋଟ ବ୍ୟବସାୟୀ ବିଶେଷଭାବେ ଉପକୃତ ହେବେ। କାରଣ ଜିଏସ୍‌ଟି ଲାଗୁ ପରଠାରୁ ଅତିକ୍ଷୁଦ୍ର ବ୍ୟବସାୟୀ ନିୟମକାନୁନ ପାଳନର ଅସମର୍ଥତା ଯୋଗୁଁ ବହୁମାତ୍ରାରେ ସେମାନଙ୍କ କାରବାର ବନ୍ଦ କରିଦେବା ଅନେକ ଦୃଷ୍ଟାନ୍ତ ଅଛି।

ଗରିବ ଜନସାଧାରଣ ସେମାନଙ୍କର ଆୟର ସିଂହଭାଗ ସାମଗ୍ରୀ କିଣାକିଣିରେ ଖର୍ଚ୍ଚ ହେଉଥିବାରୁ ପରୋକ୍ଷ କର ବାବଦରେ ସେମାନେ ଅଧିକ ଖର୍ଚ୍ଚାନ୍ତ ହୋଇଥା'ନ୍ତି। ଅପରପକ୍ଷେ ଧନିକ ଗୋଷ୍ଠୀ ସେମାନଙ୍କର ଆୟର ଅପେକ୍ଷାକୃତ ଖୁବ୍ କମ୍ ସାମଗ୍ରୀ କିଣାରେ ଖର୍ଚ୍ଚ କରନ୍ତି ଏବଂ ବଳକା ରାଶି ପୁଞ୍ଜିବଜାରରେ ଇତ୍ୟାଦି ବିନିଯୋଗ କରି ଅଧିକ ଲାଭବାନ ହୋଇଥା'ନ୍ତି। ତେଣୁ ପରୋକ୍ଷ କର ଗରିବ ବର୍ଗର ଜନସାଧାରଣଙ୍କୁ ବେଶି ମାତ୍ରାରେ ପ୍ରଭାବିତ କରିଥାଏ। ବିକ୍ରି ହେଉଥିବା ସାମଗ୍ରୀ ବା ସେବାର ମୂଲ୍ୟବୃଦ୍ଧି ମୁଦ୍ରାସ୍ଫୀତି ବୃଦ୍ଧି ଅର୍ଥନୀତିରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ସାମଗ୍ରିକ ଭାବରେ ଦୀର୍ଘ ୮ ବର୍ଷର ଜିଏସ୍‌ଟିର ଯାତ୍ରା ସଂପୂର୍ଣ୍ଣ ତ୍ରୁଟିମୁକ୍ତ ନ ହେଲେ ମଧ୍ୟ ଭାରତରେ ପରୋକ୍ଷ କର ବ୍ୟବସ୍ଥାରେ ସ୍ଥିରତା ଓ ରାଜସ୍ୱ ବୃଦ୍ଧିରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣି ପାରିଛି। ପ୍ରଯୁକ୍ତି ବିଦ୍ୟାର ବହୁଳ ବ୍ୟବହାର ଫଳରେ ଜିଏସ୍‌ଟି ଆଗାମୀ ଦିନରେ ଆହୁରି ସହଜ ଓ ସରଳ ହେବ ବୋଲି ଆଶା କରାଯାଏ। ଆଗାମୀ ଦିନରେ ବିକଶିତ ଦେଶମାନଙ୍କର ଅଭିଜ୍ଞତାକୁ ନେଇ ସଂସ୍କାର ପ୍ରକ୍ରିୟାକୁ ନିରବିଚ୍ଛିନ୍ନ ଭାବେ ଚାଲୁରଖିବା ଏକାନ୍ତ ବାଞ୍ଛନୀୟ।

ରାଉରକେଲା, ମୋ: ୯୪୩୭୩୪୪୬୫୪।

# ମହାଜାଗତିକ ବିକିରଣ ଓ ଦୃଷ୍ଟିଶକ୍ତିର ସମ୍ଭାବନା

ଭୁବନାନନ୍ଦ ସାହୁ



ଆମେରିକାର ଏରୋନେଟିକ୍ ସ୍ପେସ୍ ଏଜେନ୍ସି (ନାସା) ପ୍ରଥମ ଥର ପାଇଁ ବ୍ରହ୍ମାଣ୍ଡର ଉତ୍ପତ୍ତିକୁ ଜାଣିବା ପାଇଁ ମହାକାଶକୁ କୋବେ ନାମକ ଏକ ସାଟେଲାଇଟ ପଠାଇଥିଲା। ଏହି ସାଟେଲାଇଟ ଅବଲୋହିତ ଓ ମାଇକ୍ରୋୱେଭ୍ ବିକିରଣକୁ ମାପି ୧୩.୭ ବିଲିୟନ(୧ବିଲିୟନ=୧୦୦କୋଟି) ବର୍ଷ ପୂର୍ବେ ବ୍ରହ୍ମାଣ୍ଡର ଉତ୍ପତ୍ତି ହୋଇଛି ବୋଲି ଦର୍ଶାଇଥିଲା। ଏହି ବିକିରଣର ତାପମାତ୍ରା ବ୍ରହ୍ମାଣ୍ଡର ଉତ୍ପତ୍ତି ସମୟରେ ୧.୦ ଗୁଣନ ୧୦କୁ ୨୭ଥର ଗୁଣନ କରିବା ପରେ ଯେଉଁ ସଂଖ୍ୟା ଆସିବ ସେତିକି ଡିଗ୍ରୀ ସେଣ୍ଟିଗ୍ରେଡ୍ ଥିଲା। ଏହି ବିକିରଣ ବ୍ରହ୍ମାଣ୍ଡର ପ୍ରସାରଣ ସହିତ କମି କମି ଆସି ଏବେ ୩ ଡିଗ୍ରୀ କେଲଭିନରେ ଅଛି ବୋଲି କୋବେ ନିଷ୍କର୍ଷରେ ପହଞ୍ଚିଛି। ଏହି ସାଟେଲାଇଟ ଦୂର ବ୍ରହ୍ମାଣ୍ଡରୁ ଆସୁଥିବା ଅବଲୋହିତ ଓ ମାଇକ୍ରୋୱେଭ୍ ଆଲୋକର ଉଷ୍ମତାକୁ କ୍ୟାମେରାରେ ଦେଖି ତା'ର ସଠିକ ମାନଚିତ୍ରକୁ ତିଆରି କଲା।

ଆଜିର ଆମ ବ୍ରହ୍ମାଣ୍ଡଟି ୧୩.୭ ବିଲିୟନ ବର୍ଷ ପୂର୍ବରୁ ଏକ ବହୁତ ଛୋଟ ଓ ଘନ ପଦାର୍ଥରୁ ବିସ୍ଫୋରଣ ପରେ ସୃଷ୍ଟି ହୋଇଛି। ଏହା ହେଉଛି ବଡ଼ ଧରଣର ପ୍ରଥମ ପ୍ରମାଣ ଏବଂ ୨୦୦୬ରେ ଏହି ଆବିଷ୍କାର ପାଇଁ ଦୁଇ ଜଣ ବୈଜ୍ଞାନିକଙ୍କୁ ନୋବେଲ ପୁରସ୍କାର ମିଳିଲା। ଆମେ ସମୁଦାୟ ଆଲୋକର କେବଳ ୦.୦୦୩୫% କୁ ଦେଖିପାରୁ। ଏହି ଦୃଶ୍ୟମାନ ଆଲୋକଟି ଇନ୍ଦ୍ରଧନୁର ସାତଟି ରଙ୍ଗ। ସେହି ସାତଟି ରଙ୍ଗ ହେଲା ବାଇଗଣୀ, ଘନନୀଳ, ନୀଳ, ସବୁଜ, ହଳଦିଆ, ନାରଙ୍ଗୀ ଓ ଲୋହିତ। ଆମ ଆଖିରେ ନୀଳ, ସବୁଜ ଓ ଲୋହିତ ରଙ୍ଗର କୋଷ ଅଛି। ଏହି କୋଷ ଆମକୁ ଇନ୍ଦ୍ରଧନୁର ସାତଟି ରଙ୍ଗ ଦେଖେଇପାରୁଛି। ଆମର ଆଖି ଅତିବାଇଗଣୀ ଓ ଅବଲୋହିତ ଆଲୋକକୁ ଦେଖି ପାରେନାହିଁ। ସୂର୍ଯ୍ୟାଲୋକରୁ ଆସୁଥିବା କିରଣର ୯୯.୯୯%କୁ ଆମେ ଦେଖିପାରି ନ ଥାଉ। ସେହି ଦେଖିପାରୁ ନଥିବା କିରଣଗୁଡ଼ିକ ହେଲା ଗାମାରେ, ଏକ୍ସରେ, ଅତିବାଇଗଣୀ, ଅବଲୋହିତ, ମାଇକ୍ରୋୱେଭ୍ ଓ ରେଡିଓ ୱେଭ୍। ଆମେ ଯଦି ସୂର୍ଯ୍ୟାଲୋକର ସବୁକିରଣ ଦେଖିପାରନ୍ତେ ପୃଥିବୀଟି ଆମକୁ ପରିରାଇଜ ପରି ଆହୁରି ସୁନ୍ଦର ଦେଖାଯା'ନ୍ତା। ବିଜ୍ଞାନର ଅଭିବୃଦ୍ଧି ବ୍ରହ୍ମାଣ୍ଡରେ ଆମ ପୃଥିବୀ ପରି ଆଉ ଅନେକ ଗ୍ରହର ଆବିଷ୍କାର କରିଛି, ଯେଉଁଠି ଜୀବ ସମାଜ ଥାଇପାରନ୍ତି। ବୋଧେ ସେହି ଜୀବ ସମାଜ ଆମଠୁ ଅଧିକ ସୂର୍ଯ୍ୟାଲୋକ କିରଣ ଦେଖିପାରୁଥିବେ।

କେତେକ ପ୍ରାଣୀ ଅବଲୋହିତ ଓ ଅତିବାଇଗଣୀ ଆଲୋକକୁ ଦେଖିବାର ଅସାଧାରଣ କ୍ଷମତା ରଖନ୍ତି। ଅନ୍ଧାରରେ ଶିକାର ଓ ଶିକାରୀକୁ ସଠିକ୍ ଭାବରେ ଦେଖିବା ପାଇଁ ସାପର ଅବଲୋହିତ ଦର୍ଶନ କ୍ଷମତା ଅଛି। ଏକ ଉଦାହରଣରେ ନିଆଁ ହେଉଛି ଦୃଶ୍ୟମାନ୍ ଆଲୋକ ଏବଂ ଏହାର ଉଷ୍ମତା ହେଉଛି ଅବଲୋହିତ ଆଲୋକ। ଆଖି ଓ ନାକ ମଧ୍ୟରେ ସାପର ଏକ ବିଶେଷ ଅଙ୍ଗ ଅଛି, ଯାହାକୁ ପିଟ୍ କିମ୍ବା ଗର୍ତ୍ତ କୁହାଯାଏ। ଏହି ଗର୍ତ୍ତ ସାହାଯ୍ୟରେ ସାପ ପ୍ରାଣୀର ଉଷ୍ମତାକୁ ମାପି ତା'ର ଚିତ୍ରପଟ ତିଆରି କରେ। ଏହି ଗର୍ତ୍ତ ଅଙ୍ଗରେ ଥିବା ସ୍ନାୟୁରେ ଟିଆରପିଏ ୧ନାମକ ଏକ ଶ୍ୱେତସାର ଥାଏ। ଏହି ଟିଆରପିଏ ୧ ହେଉଛି ଏକ ଉତ୍ତାପ ସକ୍ରିୟ ଶ୍ୱେତସାର। ଉଷ୍ମ ରକ୍ତ ପ୍ରାଣୀର ଶରୀରରୁ ଆସୁଥିବା ଅବଲୋହିତ ଉତ୍ତାପ ଦ୍ୱାରା ଟିଆରପିଏ୧ ସକ୍ରିୟ ହୋଇଯାଏ। ଉତ୍ତାପ ଗ୍ରହଣ ପରେ ମସ୍ତିଷ୍କରେ ଟିଆରପିଏ ୧ ଦ୍ୱାରା ଏକ ତାପଜ ଚିତ୍ର ତିଆରି ହୁଏ।

ଅନ୍ୟ ପ୍ରାଣୀମାନଙ୍କରେ ଅବଲୋହିତ କିରଣକୁ ଦେଖିପାରିବା ଏପର୍ଯ୍ୟନ୍ତ ଅସମ୍ଭବ ଥିଲା। ନାନୋଟେକ୍ନୋଲୋଜି ଜରିଆରେ ଏବେ ଏହି ଅସମ୍ଭବକୁ ସମ୍ଭବ କରା ହୋଇପାରିଛି। ଅନ୍ଧ ମୂଷାମାନଙ୍କ ଉପରେ ଦୀର୍ଘ ଗବେଷଣା ପରେ ତାଙ୍କୁ ପୁନର୍ବାର ଦେଖିବାର କ୍ଷମତା ଦିଆଯାଇ ପାରିଛି। ସାପର ଟିଆରପିଏ ୧ କୁ ଅନ୍ଧ ମୂଷାଙ୍କ ଆଖିରେ ପ୍ରତିରୋପଣ କରି ଉଷ୍ମତାକୁ ଦେଖିବାର ଶକ୍ତିକୁ ଅଣାଯାଇ ପାରିଛି। ଏହି ଆବିଷ୍କାର ଦିନେ ଅନ୍ଧ ଲୋକଙ୍କର ପୁନର୍ବାର ଦୃଷ୍ଟି ଶକ୍ତି ଫେରାଇ ଆଣିପାରିବ - ଏହା ବୈଜ୍ଞାନିକମାନଙ୍କର ବିଶ୍ୱାସ।

(ବୈଜ୍ଞାନିକ-ମାସାଚୁସେଟ, ଆମେରିକା)
ଜାମସେଠ(ପାଇକମାଳ, ବରଗଡ଼)

# ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

## ପଦ୍ମ

ସୌଭାଗ୍ୟସୁନ୍ଦର

ପଦ୍ମ ବା କମଳ ହେଉଛି ଏକ ଦେଶୀୟ ଜଳଜ ଉଦ୍ଭିଦ, ଯାହା ଦକ୍ଷିଣ ଭାରତରୁ ଆରମ୍ଭ କରି ଉତ୍ତର ଭାରତ, ହିମାଳୟର ୧, ୪୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ସର୍ବତ୍ର ବିଦ୍ୟମାନ। ବର୍ତ୍ତମାନ ଶ୍ରୀଲଙ୍କା, ଦକ୍ଷିଣପୂର୍ବ ଏସିଆ, ନ୍ୟୁ ଗିନି ଏବଂ ଉତ୍ତର ଓ ପୂର୍ବ ଅଷ୍ଟ୍ରେଲିଆରେ ଏହାର ଉପସ୍ଥିତି ରହିଛି। ହିନ୍ଦୁ, ବୌଦ୍ଧ, ଜୈନ, ଇସମାଇଲିବାଦ ଓ ଚୀନ୍ ସଂସ୍କୃତିରେ ଏହା ଗଭୀର ସାଂସ୍କୃତିକ, ଆଧ୍ୟାତ୍ମିକ ଓ ଧାର୍ମିକ ଗୁରୁତ୍ୱ ବହନ କରେ। ପବିତ୍ରତା, ପ୍ରଜ୍ଞା, ଆଧ୍ୟାତ୍ମିକ ଜାଗରଣ ଏବଂ ଦିବ୍ୟସୌନ୍ଦର୍ଯ୍ୟର ପ୍ରତୀକ, ଯାହା କଳା, ସ୍ଥାପତ୍ୟ ଓ ସାହିତ୍ୟ କ୍ଷେତ୍ରରେ ବ୍ୟାପକ ଭାବରେ ଚିତ୍ରିତ ଓ ପ୍ରସ୍ଫୁଟିତ ହୋଇଛି। ପଦ୍ମ ଖାଦ୍ୟ ଉପଯୋଗୀ ବିହନ ଭାବେ ଚାଷ ହେବାର ପ୍ରାୟ ୩, ୦୦୦ ବର୍ଷର ଏକ ଦୀର୍ଘ ଇତିହାସ ରହିଛି। ଏହାର ପ୍ରାୟ ୧୦୦ ପ୍ରକାର ଉପଜାତି ରହିଥିବା କୁହାଯାଏ। ପବିତ୍ର ପଦ୍ମ ଭାରତର ଜାତୀୟ ଫୁଲ ଏବଂ ଅନୌପଚାରିକ ଭାବରେ ଭିଏତନାମର ମଧ୍ୟ ଜାତୀୟ ଫୁଲ। ଚୀନ୍ ଦେଶର ଲୋକମାନେ ଏହି ତୃଣକୁ ଦୀର୍ଘାୟୁର ପ୍ରତୀକ ଭାବରେ ବିଶ୍ୱାସ କରନ୍ତି।

ପଦ୍ମର ଲମ୍ବା କାଣ୍ଡକୁ ରାଇଜୋମ ବା କନ୍ଦ କୁହାଯାଏ, ଯେଉଁଥିରେ ଅନେକ ବାୟୁ ରନ୍ଧ୍ର ଥାଏ। ରାଇଜୋମର ଗଣ୍ଠିରୁ ସୂକ୍ଷ୍ମ ତନ୍ତୁ ପରି ମୂଳ ବାହାରିଥାଏ। ପଦ୍ମ ଗଛର ରାଇଜୋମ ପୋଖରୀ କିମ୍ବା ନଦୀ ତଳ ମାଟିରେ ପାଣି ତଳେ ଅନୁଭୂମିକ ଭାବରେ ସ୍ଥାୟୀ ଭାବରେ ସ୍ଥାନିତ ଥିବା ବେଳେ ପତ୍ର ଓ ଫୁଲଗୁଡ଼ିକ ଜଳପୃଷ୍ଠରେ ଭାସମାନ ଅବସ୍ଥାରେ ଥା'ନ୍ତି। ଏହାର ପତ୍ରଟି ଆକାରରେ ବଡ଼, ଗୋଲାକାର। ପତ୍ର ନାଡ଼ ପ୍ରାୟ ୨୦୦ ସେମି ପର୍ଯ୍ୟନ୍ତ ଲମ୍ବା ହୋଇପାରେ, ଫୁଲଗୁଡ଼ିକ ୩୫ ସେମି ବ୍ୟାସ ପର୍ଯ୍ୟନ୍ତ ବଢ଼ିଥାଏ। ଫୁଲର କ୍ୟାଲିକ୍ସ ବା ବୃତି ମଣ୍ଡଳରେ ୫ ବୃତି, କରୋଲା ବା ଦଳ ମଣ୍ଡଳରେ ୧୦ ରୁ ୩୦ଟି କିମ୍ବା ତା'ଠାରୁ ଅଧିକ ପାଖୁଡ଼ା ଥାଏ, ଯାହା ହଳଦିଆ ଫୁଂକେଶର ଚକ୍ରକୁ ଘେରି ରହିଥାଏ। ଫୁଂକେଶର ଚକ୍ର ମଧ୍ୟରେ ଗାଇନୋସିୟମ୍ ବା ଫଳିକା ଚକ୍ର ଅବସ୍ଥିତ। କାର୍ପେଲ ବା ଫଳିକା ଚକ୍ରରେ ଏକ ଡିମ୍ବାଶୟ ଥାଏ, ଯାହା ଡିମ୍ବାଣୁକୁ ଧାରଣ କରେ। ସଫଳ ପରାଗ ସଙ୍ଗମ ପରେ, କାରପେଲ୍ ଏକ ବୀଜପଡ୍ କିମ୍ବା ଫଳକୁ ବିକଶିତ କରେ। ବୀଜପଡ୍ ସାଧାରଣତଃ ସବୁଜ ରଙ୍ଗର ଅନନ୍ୟ ତ୍ରିକୋଣୀୟ ଥାଳି ଆକୃତିର ହୋଇ ଥାଏ। ପରିପକ୍ୱ ହେବା ସହିତ ଏହା ରଙ୍ଗ ପରିବର୍ତ୍ତନ କରେ ଏବଂ କଠିନ ହୁଏ। ଭିତରେ ବିକାଶଶୀଳ ବିହନକୁ ସୁରକ୍ଷା ଦିଏ।

ବୀଜପଡ୍ ପ୍ରାୟ ୧୦ ରୁ ୩୦ ବୀଜ ଧାରଣ କରିପାରେ। ବୀଜଗୁଡ଼ିକ ଗୋଲାକାର, ଛୋଟ ଓ ଗାଢ଼ ରଙ୍ଗର। ୧୯୯୪ ମସିହାରେ, ପ୍ରାୟ ୧, ୩୦୦ ବର୍ଷ ପୁରୁଣା ଏକ ପବିତ୍ର ପଦ୍ମରୁ ଏକ ବୀଜ, ଉତ୍ତର-ପୂର୍ବ ଚୀନ୍‌ର ଏକ ଶୁଷ୍କ ହ୍ରଦପଡ଼ିଆରୁ ସଫଳତାର ସହ ଅଙ୍କୁରିତ ହୋଇଥିଲା।

ପଦ୍ମ ଡାଳ, ବିହନ, ପତ୍ର ଓ ଫୁଲ ଦୀର୍ଘବର୍ଷ ଧରି ପାରମ୍ପରିକ ଔଷଧ ପ୍ରସ୍ତୁତିରେ ବ୍ୟବହୃତ ହୋଇଆସୁଛି। ପତଳା ଝାଡ଼ା, ସଂକ୍ରମଣ, କାଶ, ଉଚ୍ଚ ରକ୍ତଚାପ, ଜ୍ୱର, କର୍କଟ, ସ୍ମରଣ ଶକ୍ତି ହ୍ରାସ, ମାଢ଼ି ରୋଗ, ....ଚିକିତ୍ସା ପାଇଁ ପଦ୍ମର ବିଭିନ୍ନ ଅଂଶ ବ୍ୟବହାର କରାଯାଏ। ଏହାର ଆଣ୍ଟିଅକ୍ସିଡାଣ୍ଟ କାର୍ଯ୍ୟକଳାପ ବିହନ ଓ ପତ୍ରରେ ସବୁଠାରୁ ଅଧିକ କେନ୍ଦ୍ରିତ ଦେଖାଯାଏ, ଯେଉଁଥିରେ କ୍ୟାମ୍ପଫେରୋଲ୍, କ୍ୟାଟେଚିନ୍, କ୍ଲୋରୋଜେନିକ୍ ଏସିଡ୍ ଓ କ୍ୱେର୍ସେଟିନ୍ ସମେତ ଆଣ୍ଟିଅକ୍ସିଡାଣ୍ଟ ଯୌଗିକ ଜୈବ ରସାୟନ ଥାଏ। ଟୁଥପେଷ୍ଟ ଓ ଅନ୍ୟାନ୍ୟ ମୁଖ ପରିଷ୍କାର ଉତ୍ପାଦରେ ଏକ ଉପାଦାନ ଭାବରେ ଏହାର ଉପଯୋଗ ହୁଏ। ପଦ୍ମ ଶୁଖିଲା ମୂଳ, ଚା, ପାଉଡର, କ୍ୟାପସୁଲ୍ ଓ ନିଷ୍କାସନ ସମେତ ଅନେକ ପ୍ରସ୍ତୁତିରେ ଉପଲବ୍ଧ। ପତ୍ରଗୁଡ଼ିକରେ ଫ୍ଲାଭୋନୋଲ୍ ମିକ୍ୱେଲିଆନିନ୍ ଏବଂ ଆଲକାଲଏଡ୍ ଯେପରିକି କୋକ୍ଲାଓରିନ୍ ଓ ନରକୋକ୍ଲାଓରିନ୍ ଥାଏ। ସମଗ୍ର ଉଦ୍ଭିଦରେ ନ୍ୟୁସିଫେରିନ୍ ଓ ନେଫେରିନ୍ ସମେତ ଜୈବିକ ସକ୍ରିୟ ଯୌଗିକ ଉପାଦାନ ଥାଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଶୋଇଥିବା ବେଳେ ସ୍ତ୍ରୀ ଆଗରେ ସ୍ୱାମୀଙ୍କୁ ହତ୍ୟା

ଆନନ୍ଦପୁର,୨୧।୯ (ସମିସ): ସ୍ୱାମୀ-ସ୍ତ୍ରୀ ଘରେ ଶୋଇଥିବାବେଳେ ଶନିବାର ବିଳମ୍ବିତ ରାତିରେ ହଠାତ୍ କେହି ଦୁର୍ବୃତ୍ତ ଘରେ ପଶି ସ୍ୱାମୀଙ୍କୁ ହାଣି ଦେଇଛି। ରବିବାର ସକାଳେ ଏଭଳି ଅଭାବନୀୟ ଘଟଣା ଆନନ୍ଦପୁର ଥାନା ସିନ୍ଦୁରିଆ ଗାଁରେ ଚହଳ ପକାଇଛି। ମୃତକ ଜଣକ ହେଲେ ଜଗବନ୍ଧୁ ଦେଓଗାମ। ଖବରପାଇ ପୁଲିସ୍ ଘଟଣାର ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ପରେ ଅଭିଯୁକ୍ତକୁ ଧରିବା ପାଇଁ ତନାଘନା ଚଳାଇଛି। ପ୍ରକାଶ ଯେ, ଶନିବାର ରାତିରେ ଜଗବନ୍ଧୁ ଓ ତାଙ୍କ ସ୍ତ୍ରୀ ଘରେ ଶୋଇଥିଲେ। ରାତି ସାଢ଼େ ୧୨ଟା ସମୟରେ କେହି ଦୁର୍ବୃତ୍ତ ଘରେ ପଶି ଜଗବନ୍ଧୁଙ୍କ ଜଙ୍ଘକୁ ଏକ ଧାରୁଆ ଅସ୍ତ୍ରରେ ହାଣି ଫେରାର୍ ହୋଇଯାଇଥିଲା। ଅନ୍ଧାରର ସୁଯୋଗ ନେଇ ଆକ୍ରମଣକାରୀ ଜଣକ ସେଠାରୁ ଫେରାର୍ ହୋଇଯିବାରେ ସକ୍ଷମ ହୋଇଥିଲା। ସଙ୍ଗେ ସଙ୍ଗେ ଜଗବନ୍ଧୁଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ ପରିବାର ଲୋକେ। ଜଙ୍ଘରେ ଶକ୍ତ ଆଘାତ ଏବଂ ପ୍ରବଳ ରକ୍ତସ୍ରାବ ଯୋଗୁଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ତେବେ ପୂର୍ବରୁ କୌଣସି କାରଣକୁ ନେଇ ଜଗବନ୍ଧୁଙ୍କ ସହ ତାଙ୍କର ଜଣେ ପୁତୁରାର ଝଗଡ଼ା ହୋଇଥିବାରୁ ହତ୍ୟାକାଣ୍ଡରେ ତା'ର ହାତ ଥାଇପାରେ ବୋଲି ସନ୍ଦେହ କରିଛନ୍ତି ଝିଅ ପୂଜାରାଣୀ। ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତକୁ ଧରିବା ପାଇଁ ତଦନ୍ତ ଜାରି ରଖିଛି।

## ଟ୍ରେଲର-ଟ୍ରକ୍ ମୁହାଁମୁହିଁ ଧକ୍କା; ଜଣେ ମୃତ

ଝାରସୁଗୁଡ଼ା,୨୧।୯ (ସମିସ): ରବିବାର ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ଅଧୀନ କନକତୋରା ଛକ ନିକଟରେ ଏକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ଅପରାହ୍ଣରେ ଝାରସୁଗୁଡ଼ାରୁ ଛତିଶଗଡ଼ ପଟକୁ ଯାଉଥିବା ଏକ ଟ୍ରେଲର ଏବଂ ଛତିଶଗଡ଼ ପଟୁ ଝାରସୁଗୁଡ଼ାକୁ ଆସୁଥିବା ଏକ ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଟ୍ରେଲର ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଖବର ଲେଖାହେବା ସୁଦ୍ଧା ତାଙ୍କ ପରିଚୟ ମିଳିପାରିନାହିଁ। ତେବେ ଦୁର୍ଘଟଣା ପରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଛି। ଜନସାଧାରଣ ରାସ୍ତାରୋକ କରିଥିବାବେଳେ ପୁଲିସ ସେମାନଙ୍କୁ ବୁଝାସୁଝା କରିଛି। ଅନ୍ୟପଟେ ଏହି ଦୁର୍ଘଟଣାରେ ଦୁଇଟି କାର୍ ମଧ୍ୟ ସାମାନ୍ୟ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି।

### ଯୁବକଙ୍କୁ ଅବହେଳା ପ୍ରସଙ୍ଗରେ ବର୍ଷିଲା ଯୁବ ବିଜେଡି

# ସରକାର ବାଣ୍ଟୁଛନ୍ତି ନବୀନ ସରକାରଙ୍କ ନିଯୁକ୍ତିର ନିଯୁକ୍ତିପତ୍ର

ଭୁବନେଶ୍ୱର,୨୧।୯ (ସମିସ): ରାଜ୍ୟରେ ବିଜେପି କ୍ଷମତାକୁ ଆସିବାର ୧୫ ମାସ ବିତି ଯାଇଥିଲେ ମଧ୍ୟ ଯୁବ ବର୍ଗର ବିକାଶ ପାଇଁ ସରକାରଙ୍କ ପାଖରେ କୌଣସି ରୋଡ୍‌ମ୍ୟାପ୍ ନାହିଁ। ଏଥିପାଇଁ ଯୁବବର୍ଗ ସଂପୂର୍ଣ୍ଣ ଅବହେଳିତ ଓ ହତାଶ

**■ ନିଶାମୁକ୍ତ ନାରା ଦେଇ ସରକାର ଖୋଲୁଛନ୍ତି ନୂଆ ମଦ ଦୋକାନ**
**■ ରାଜଧାନୀରେ ବେକାର ଯୁବକଙ୍କ ସମ୍ମିଳନୀ କରିବ ଯୁବ ବିଜେଡି**

ହୋଇପଡିଛନ୍ତି ବୋଲି କହିଛନ୍ତି ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ। ରାଜ୍ୟ ସରକାର ଯୁବକଙ୍କ ପ୍ରତି କରୁଥିବା ଛଳନା ସମ୍ପର୍କରେ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାହୁ କହିଛନ୍ତି ଯେ ରାଜ୍ୟରେ ବେକାରୀ ଆଜି ଚରମ ସୀମାରେ ପହଞ୍ଚିଛି। ରାଜ୍ୟ ସରକାରଙ୍କ କୌଣସି ଯୁବ ନୀତି ନାହିଁ କି ଯୁବବର୍ଗର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପାଖରେ କୌଣସି ରୋଡ୍‌ମ୍ୟାପ ନାହିଁ। ଗୋଟିଏ ପଟେ ରାଜ୍ୟ ସରକାର ନିଶାମୁକ୍ତ ଭାରତ ନାରା ଦେଇ ଗଣଦୌଡ ଆୟୋଜନ କରୁଛନ୍ତି; ଅପରପକ୍ଷରେ ସରକାର ଗତକାଲି ରାଜ୍ୟରେ ବନ୍ଦ ହୋଇଥିବା ପ୍ରାୟ ୭୦ଟି ମଦ ଦୋକାନ ଖୋଲିବ ବୋଲି ସୂଚନା ଦେଇଛନ୍ତି। ଏ ଗୁଡିକ ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ନିକଟରେ ଥିବାରୁ ବିଜେଡି ସରକାର ଏଗୁଡିକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ। ବର୍ତ୍ତମାନର ବିଜେପି ସରକାର ଏହାକୁ ପୁଣିଥରେ ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହା ସରକାରଙ୍କ ଦୋମୁହାଁ ଚରିତ୍ରକୁ ପଦାରେ ପକାଇବା ସହିତ ନିଶାମୁକ୍ତ ଭାରତ ଗଠନର ନାରା କେବଳ ଏକ ପ୍ରହସନ ବୋଲି ଶ୍ରୀ ସାହୁ କହିଛନ୍ତି।



ସେ ଆହୁରି କହିଛନ୍ତି ଯେ ରାଜ୍ୟ ବିଜେପି ସରକାରଙ୍କ ପ୍ରତିଶ୍ରୁତି ଆଜି ପ୍ରତାରଣାରେ ପରିଣତ ହୋଇଛି। ବିଜେପି ତାର ନିର୍ବାଚନୀ ଇସ୍ତାହାରରେ ଦେଢ ଲକ୍ଷ ଖାଲିଥିବା ସରକାରୀ ଚାକିରୀକୁ ଦୁଇ ବର୍ଷରେ ପୂରଣ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଗତ ପନ୍ଦର ମାସରେ ରାଜ୍ୟ ସରକାର ୫୭,୦୦୦ ପଦବୀ ପୂରଣ କଲେଣି ବୋଲି ବାହାସ୍ଫୋଟ ମାରୁଛନ୍ତି। ବାସ୍ତବରେ ଏହି ନିଯୁକ୍ତି ଗୁଡିକର ନିଯୁକ୍ତି ପ୍ରକ୍ରିୟା ନବୀନ ସରକାରଙ୍କ ସମୟରେ ହୋଇଥିଲା। କେବଳ ନିଯୁକ୍ତି ପତ୍ର ବିତରଣ କରି ଏଥିରୁ ବାହାବା ନେବାକୁ ସରକାର ଅପଚେଷ୍ଟା କରୁଛନ୍ତି। ଗତ ପନ୍ଦର ମାସରେ ପନ୍ଦରଟି ପରୀକ୍ଷାରେ ମହାବିଭ୍ରାଟ ଦେଖିବାକୁ ମିଳିଛି। ରାଜ୍ୟ ସରକାର ୧୬ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆସିବ ବୋଲି ଦାବି କରିଥିଲେ। କିନ୍ତୁ ଗୋଟିଏ ବି ପ୍ରକଳ୍ପର ଗ୍ରାଉଣ୍ଡିଙ୍ଗ ହୋଇ ପାରି ନାହିଁ। ଓଲଟି ପୂର୍ବରୁ ଚୁକ୍ତିବଦ୍ଧ ଥିବା ଅନେକ କମ୍ପାନୀ ଓଡିଶା ଛାଡୁଛନ୍ତି। ନବୀନ ପଟ୍ଟନାୟକଙ୍କ ସମୟରେ ଓଡିଶା କ୍ରୀଡା କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ସହିତ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର କ୍ରୀଡା କାର୍ଯ୍ୟକ୍ରମ ଆୟୋଜନ କରି ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ଖ୍ୟାତି ହାସଲ କରିଥିଲା। ଏବେ କ୍ରୀଡା କ୍ଷେତ୍ରରେ ଓଡିଶା ପଛକୁ ଚାଲି ଯାଇଛି। ପର୍ଯ୍ୟଟନ କ୍ଷେତ୍ରରେ ନବୀନଙ୍କ ନେତୃତ୍ୱରେ ଓଡିଶା ଆଗକୁ ଯାଇଥିଲା, କିନ୍ତୁ ଏବେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବାକୁ ନେଇ ଆମେରିକା ତାଙ୍କ ଦେଶର ଲୋକଙ୍କୁ ଓଡିଶା ଆସିବାକୁ ବାରଣ କରିଛି। ରାଜ୍ୟ ସରକାର ନିଶାମୁକ୍ତ ନାରା ଦେଇ ମାରାଥନ ଆୟୋଜନ କରୁଛନ୍ତି କିନ୍ତୁ ଆଜି ରାଜ୍ୟରେ ନାରୀ ନିର୍ଯାତନା, ଗଣଦୁଷ୍କର୍ମ, ଆଇନ ଶୃଙ୍ଖଳା ସ୍ଥିତିରେ ଅବନତି ମାରାଥନ ଗତିରେ ହୋଇ ଚାଲିଛି। ଯୁବବର୍ଗର ସ୍ୱାର୍ଥକୁ ଏଭଳି ଅଣଦେଖା କଲେ ରାଜ୍ୟର ଯୁବବର୍ଗ ରାଜରାସ୍ତାକୁ ଓହ୍ଲାଇବେ। ଏହାଛଡ଼ା ବିଜୁ ଯୁବ ଜନତା ଦଳ ତରଫରୁ ଏକ ବେକାର ଯୁବକ ମାନଙ୍କ ସମ୍ମିଳନୀ ଅତିଶୀଘ୍ର ଆୟୋଜନ କରି ସେମାନଙ୍କ ସ୍ୱାର୍ଥ ହାସଲ ପାଇଁ ସ୍ୱର ଉତ୍ତୋଳନ କରାଯିବ ବୋଲି ରାଜ୍ୟ ସରକାରଙ୍କୁ ବିଜୁ ଯୁବ ଜନତା ଦଳ ଚେତାବନୀ ଦେଇଛି।

## ବଜ୍ରପାତରେ ମହିଳାଙ୍କ ସମେତ ୨ ମୃତ

ଖଲ୍ଲିକୋଟ,୨୧।୯ (ସମିସ): ଖଲ୍ଲିକୋଟ ଓ ବେଗୁନିଆପଡ଼ା ଥାନା ଅଞ୍ଚଳରେ ବଜ୍ରପାତ ଘଟି ଜଣେ ମହିଳାଙ୍କ ସମେତ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଖଲ୍ଲିକୋଟ ଥାନା ଭରସା ନୂଆପଲ୍ଲୀ ଗ୍ରାମର ଚନ୍ଦ୍ରମା ଗୌଡ଼ ଓ ବେଗୁନିଆପଡ଼ା ଥାନା ଅନ୍ତର୍ଗତ ଅଙ୍ଗାରଗାଁ ଶଙ୍ଖଭୂମି ଗ୍ରାମର ସୁବାସ ଦାସ। ପ୍ରକାଶ ଯେ, ଭରସା ନୂଆପଲ୍ଲୀର ଚନ୍ଦ୍ରମା ଗୌଡ଼ ଓ ଉର୍ମିଳା ଗୌଡ଼ ରବିବାର ବ୍ରଜରାଜପୁର ଗ୍ରାମ ନିକଟରେ ଥିବା ବିଲକୁ କାମ କରିବାକୁ ଯାଇଥିଲେ। ମଧ୍ୟାହ୍ନରେ କାମ କରୁଥିବାବେଳେ ହଠାତ୍ ବର୍ଷା ସହ ବଜ୍ରପାତ ହୋଇଥିଲା। ଫଳରେ ଚନ୍ଦ୍ରମା ଓ ଉର୍ମିଳା ଗୁରୁତର ଆହତ ହୋଇଥିଲେ। ଦୁହିଁଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ଚନ୍ଦ୍ରମାଙ୍କୁ ମୃତ ଘୋଷଣା କରିଥିଲେ। ଉର୍ମିଳାଙ୍କ ଗୁରୁତର ଅବସ୍ଥାରେ ଚିକିତ୍ସା ଚାଲିଛି। ଅପରପକ୍ଷେ ଶନିବାର ଅପରାହ୍ଣରେ ଶଙ୍ଖଭୂମି ଗ୍ରାମର ସୁବାସ ଦାସ ଗାଈଗୋଠ ନେଇ ନିକଟସ୍ଥ ବିଲରେ ଚରାଉଥିବା ବେଳେ ବଜ୍ରପାତରେ ଗୁରୁତର ହୋଇଥିଲା। ତାଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

### ଜେଲ୍‌ରୁ ବିଚାରାଧୀନ କଏଦୀ ଫେରାର ଘଟଣା

# ଦୁର୍ଗାପୁର ପାହାଡ଼ରୁ ୪ ଦିନ ପରେ ମିଳିଲା ମୃତଦେହ

ରାଉରକେଲା,୨୧।୯ (ସମିସ): ରାଉରକେଲା ସ୍ୱତନ୍ତ୍ର ଜେଲରୁ ଗତ ୪ ଦିନ ତଳେ ପାଚେରି ଡେଇଁ ଫେରାର ହୋଇଥିବା ବିଚାରାଧୀନ କଏଦୀ ସୁରେଶ ବାର୍ଲା (୩୨)ଙ୍କ କ୍ଷତବିକ୍ଷତ ଗଳିତ ମୃତଦେହକୁ ପୁଲିସ ନିକଟସ୍ଥ ଦୁର୍ଗାପୁର ପାହାଡ଼ ଉପରୁ ଜବତ କରିଛି। ରଘୁନାଥପାଲୀ ଥାନା ପୁଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଆଜି ଏ ବିଷୟରେ ସୂଚନା ମିଳିବା ପରେ ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ପାନପୋଷ ଏସ୍‌ଡିପିଓ ରଶ୍ମୀରଞ୍ଜନ ମହାପାତ୍ର,

### ଜେଲ୍ କର୍ତ୍ତୃପକ୍ଷଙ୍କୁ ଦାୟୀ କଲେ ପରିବାର

ରଘୁନାଥପାଲୀ ଆଇଆଇସି ରାଜେନ୍ଦ୍ର କୁମାର ସ୍ୱାଇଁ ଏବଂ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତକଙ୍କ ପରିବାର ଏବଂ ଜେଲ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଶବ ଚିହ୍ନଟ କରିବା ପରେ ତାହା ଜେଲରୁ ଫେରାର ହୋଇଥିବା ସୁରେଶ ବାର୍ଲାଙ୍କର ବୋଲି ସ୍ପଷ୍ଟ ହୋଇଥିଲା।

ମୃତ ସୁରେଶଙ୍କ ଶବ ପଚି ଯାଇଥିଲେ ହେଁ ଶରୀରରେ ଏକାଧିକ କ୍ଷତଚିହ୍ନ ରହିଥିବା ପରିଲକ୍ଷିତ ହୋଇଥିଲା। ସେପଟେ ମୃତ ସୁରେଶଙ୍କ ପରିବାରବର୍ଗ ଏହି ମୃତ୍ୟୁ ପାଇଁ ଜେଲ କର୍ତ୍ତୃପକ୍ଷଙ୍କ ସମେତ ଡ୍ୟୁଟିରେ ଥିବା ଅନ୍ୟ କର୍ମଚାରୀଙ୍କୁ ଦାୟୀ କରି ଉପଯୁକ୍ତ ତଦନ୍ତ ପାଇଁ ଦାବି କରିଛନ୍ତି। ମୃତ ସୁରେଶଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଥିବା ବେଳେ ଅନେକ ପ୍ରଶ୍ନ ଉଠିଛି। ଜେଲ ପାଚେରିର ଉଚ୍ଚତା ପ୍ରାୟ ୩୫ରୁ ୪୦ ଫୁଟ ହୋଇଥିବା ବେଳେ ଏତେ ଉଚ୍ଚରୁ ସୁରେଶ ଡେଇଁ ଥିବାରୁ ଗୁରୁତର ଭାବେ ଆହତ ଅବସ୍ଥାରେ ନିକଟସ୍ଥ ଦୁର୍ଗାପୁର ପାହାଡ଼ ଉପରକୁ ଚାଲିଯିବା ଏବଂ ଚିକିତ୍ସା ଓ ଖାଦ୍ୟ ନ ପାଇ ମୃତ୍ୟୁବରଣ କରିଥିବା ସନ୍ଦେହ କରାଯାଉଛି। ଅନ୍ୟପକ୍ଷରେ ସୁରେଶଙ୍କ ମୃତ୍ୟୁ ପଛରେ କେବଳ ଏହି ଘଟଣା ନା ଅନ୍ୟ କିଛି ରହସ୍ୟ ଲୁଚି ରହିଛି ବୋଲି ମଧ୍ୟ ପ୍ରଶ୍ନ ଉଠିଛି। ସେପଟେ ପାନପୋଷ ଏସ୍‌ଡିପିଓ



ଶ୍ରୀ ମହାପାତ୍ର କହିଛନ୍ତି ଯେ ପୁଲିସ ଏବେ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କହିଛନ୍ତି।

ସୂଚନାଯୋଗ୍ୟ ଯେ, ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗାସ୍ଥିତ ମାରିଙ୍ଗିପିଢ଼ି ଗ୍ରାମରେ ସୋନିଆ ବାର୍ଲା(୬୦)ଙ୍କ ସହ ତାଙ୍କ ବଡ଼ ପୁଅ କିଶୋର ବାର୍ଲା ଏବଂ ସାନ ପୁଅ ସୁରେଶ ବାର୍ଲା ରହୁଥିଲେ। ସୁରେଶ ବିବାହ ହୋଇ ନଥିବା ବେଳେ ସେ ସବୁବେଳେ ମଦ୍ୟପାନ କରୁଥିଲା। ଗତ ଜୁନ ୨୪ ତାରିଖ ସକାଳେ ସୁରେଶ ମଦ ପିଇବାକୁ ମା' ସୋନିଆଙ୍କୁ ଟଙ୍କା ମାଗିଥିଲା। ସୋନିଆ ମଦ ପାଇଁ ଆଉ ଟଙ୍କା ଦେବାକୁ ମନା କରି ଦେବାରୁ ସେ ତାଙ୍କୁ ଏକ ଟାଙ୍ଗିଆରେ ଆକ୍ରମଣ କରିବା ପାଇଁ ଉଦ୍ୟତ ହେଉଥିବା ବେଳେ ବଡ଼ ପୁଅ କିଶୋର ମା'ଙ୍କୁ ଘର ଭିତରକୁ ଟାଣି ନେଇଥିଲା। ଫଳରେ ସୋନିଆ ଅଳ୍ପକେ ବର୍ତ୍ତି ଯାଇଥିଲେ। ହେଲେ ସୁରେଶ ପୂର୍ବରୁ ମାଡ଼ ମାରିଥିବାରୁ ସୋନିଆ ଆହତ ହୋଇଥିଲେ। ତାଙ୍କୁ ବଡ଼ ପୁଅ କିଶୋର ଡାକ୍ତରଖାନା ନେଇ ଚିକିତ୍ସା କରାଇବା ପରେ ବ୍ରାହ୍ମଣୀ ତରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ଏହାର ତଦନ୍ତ କରିବା ସହ ଜୁନ୍ ୨୫ ତାରିଖରେ ଅଭିଯୁକ୍ତ ସାନ ପୁଅ ସୁରେଶ ବାର୍ଲାକୁ ଗିରଫ କରିବା ସହ ଟାଙ୍ଗିଆକୁ ଜବତ କରି କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ବିଚାରାଧୀନ କଏଦୀ ଭାବେ ରହିଥିଲା। ତେବେ ସୁଯୋଗ ଦେଖି ସେପ୍ଟେମ୍ବର ୨୭ ସକାଳ ପ୍ରାୟ ସାଢେ ୧୦ଟାରୁ ୧୧ଟା ମଧ୍ୟରେ ଜେଲ ପରିସରରେ ଚାଲିଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସମସ୍ତେ ବ୍ୟସ୍ତ ଥିବା ବେଳେ ସୁରେଶ ଜେଲ ଭିତରେ ଥିବା ୱାଚ୍ ଟାୱାର ଉପରେ ଚଢ଼ି ପାଚେରିରୁ ଡେଇଁ ଫେରାର ହୋଇ ଯାଇଥିଲା। ପୁଲିସ ବିଭିନ୍ନ ସ୍ଥାନରେ ତାକୁ ଧରିବା ପାଇଁ ଚଢ଼ଉ ଜାରି ରଖିଥିଲା। ଗତକାଲି ରାତିରେ ଜେଲ ରୋଡ ତଥା ସରକାରୀ ଆଇଟିଆଇ ପଛ ପାଶ୍ୱର୍ରେ ଥିବା ପାହାଡ ଉପରେ ଯୁବକଙ୍କ ଶବ ପଡ଼ିଥିବା ଦେଖି ଲୋକେ ପୁଲିସକୁ ସୂଚନା ଦେଇଥିଲେ। ଆଜି ପରିବାର ଲୋକେ ପହଞ୍ଚି ଶବ ଚିହ୍ନଟ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜିଠାରୁ ନୂଆ...

ବିଚ୍ୟୁତି ଘଟିଲେ ବ୍ୟବସାୟୀଙ୍କୁ ଜେଲ ଓ ଜୋରିମାନାରେ ଦଣ୍ଡିତ ହେବାକୁ ପଡ଼ିବ। ଜିଏସ୍‌ଟି ହ୍ରାସ ପରେ ଜୀବନ ଏବଂ ସ୍ୱାସ୍ଥ୍ୟ ବୀମା ପ୍ରିମିୟମ ଉପରେ ଲାଗୁ ହେବନାହିଁ। ସେପ୍ଟେମ୍ବର ୨୨ ପରେ ପୈଠ କରାଯାଇଥିବା ନବୀକରଣ ପ୍ରିମିୟମ ମଧ୍ୟ ଜିଏସ୍‌ଟି ମୁକ୍ତ ହେବ।

### ଜିଏସ୍‌ଟି ବଚତ୍...

ସଂସ୍କାର ସହିତ ସ୍ୱଦେଶୀ ସାମଗ୍ରୀ କାରବାର ଅଭିବୃଦ୍ଧିକୁ ଗତିଶୀଳ କରିବା ସହିତ ଅଧିକରୁ ଅଧିକ ପୁଞ୍ଜି ଆଣିବା ଲାଗି ଅନୁକୂଳ ପରିବେଶ ସୃଷ୍ଟି କରିବ। ଆତ୍ମନିର୍ଭର ଭାରତ ଏବଂ ସ୍ୱଦେଶୀ ଅଭିଯାନରେ ସାମିଲ ହେବା ଲାଗି ପ୍ରଧାନମନ୍ତ୍ରୀ ସମସ୍ତ ରାଜ୍ୟଙ୍କୁ ଆହ୍ୱାନ ଜଣାଇଛନ୍ତି।

### ଭାରତରୁ ଚିଙ୍ଗୁଡି...

ଓଡ଼ିଶା ୪,୭୦୦ କୋଟି ଟଙ୍କାର ଚିଙ୍ଗୁଡ଼ି ରପ୍ତାନି କରିଥିଲା। ଏହି ରପ୍ତାନିର ପ୍ରାୟ ଏକ ତୃତୀୟାଂଶ କେବଳ ଆମେରିକାକୁ ହୋଇଥିଲା। ଏହି ସମୟରେ ଆମେରିକା ପ୍ରଶାସନର ଚିଙ୍ଗୁଡ଼ି ଆମଦାନୀ କଟକଣା ରପ୍ତାନିକାରୀ, ମତ୍ସ୍ୟଜୀବୀ ଏବଂ ସରକାରଙ୍କୁ ଚିନ୍ତାରେ ପକାଇଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶାର ଚିଙ୍ଗୁଡ଼ି ରପ୍ତାନି ଦ୍ରୁତ ଗତିରେ ବୃଦ୍ଧି ପାଇଛି। ୨୦୦୪-୦୫ ରେ ରାଜ୍ୟର ଚିଙ୍ଗୁଡ଼ି ରପ୍ତାନି ୩୦୦-୪୦୦ କୋଟି ମଧ୍ୟରେ ରହିଥିଲା। ୨୦୨୪-୨୫ରେ ଏହା ୪,୭୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଭାରତରୁ ଚିଙ୍ଗୁଡ଼ି ଆମେରିକା, ୟୁରୋପ, ରୁଷ, ଜାପାନ ଏବଂ ଅନ୍ୟାନ୍ୟ ବିକଶିତ ଦେଶଗୁଡ଼ିକୁ କରାଯାଉଛି ଏବଂ ଏହାର ସିଂହଭାଗ କେବଳ ଆମେରିକାକୁ ପଠାଯାଉଛି। ଭାରତରୁ ବାର୍ଷିକ ୯ ଲକ୍ଷ ଟନ୍ ଚିଙ୍ଗୁଡ଼ି ଉତ୍ପାଦିତ ହୋଇଥାଏ, ଯାହା ସାରା ବିଶ୍ୱରୁ ଉତ୍ପାଦିତ ଚିଙ୍ଗୁଡ଼ିର ୪୦%।

ସମ୍ପ୍ରତି ଆମେରିକୀୟ ସେନେଟରମାନେ ଭାରତୀୟ ଚିଙ୍ଗୁଡ଼ି ରପ୍ତାନି ଉପରେ ଶୁଳ୍କ ଲଗାଇବାକୁ ପ୍ରସ୍ତାବ ଦେଇଛନ୍ତି। ରିପବ୍ଲିକାନ୍ ସେନେଟର ବିଲ୍ କାସିଡି ଏବଂ ସିଣ୍ଡି ହାଇଡ୍-ସ୍ମିଥ୍ ଆମେରିକୀୟ କଂଗ୍ରେସରେ 'ଇଣ୍ଡିଆ ଚିଙ୍ଗୁଡ଼ି ଟାରିଫ୍ ବିଲ୍' ଆଗତ କରିଛନ୍ତି। ଭାରତ ଅନୁଚିତ ବାଣିଜ୍ୟ ଅଭ୍ୟାସ ମାଧ୍ୟମରେ ଆମେରିକା ବଜାରରେ ଚିଙ୍ଗୁଡ଼ି ବିକ୍ରି କରୁଛି, ଯାହା ଦ୍ୱାରା ଲୁଇସିଆନାର ଚିଙ୍ଗୁଡ଼ି ଏବଂ କ୍ୟାଟ୍‌ଫିସ୍ ଶିଳ୍ପକୁ ଯଥେଷ୍ଟ କ୍ଷତି ପହଞ୍ଚୁଥିବା ଏଥିରେ ଉଲ୍ଲେଖ ରହିଛି। ଆମେରିକୀୟ ସେନେଟରମାନେ ଏହି ବିଲ୍ ସାମୁଦ୍ରିକ ଖାଦ୍ୟ ଶିଳ୍ପ ଏବଂ ହଜାର ହଜାର ନିଯୁକ୍ତିକୁ ସୁରକ୍ଷା ଦେବ ବୋଲି ଦାବି କରିଛନ୍ତି।

### ୨୪ ଘଣ୍ଟାରେ...

ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବ। ତେଣୁ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ଉତ୍ତର ବଙ୍ଗୋପସାଗର ମଧ୍ୟକୁ ନ ଯିବା ପାଇଁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି। ସୋମବାର କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଥିବା ବେଳେ ରାଜ୍ୟର ବାକି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି ହୋଇଛି।

ଅନ୍ୟପଟେ ଏହି ଲଘୁଚାପ ପ୍ରଭାବ ଯାଉ ଯାଉ ଆସନ୍ତା ୨୫ ସେପ୍ଟେମ୍ବର ପାଖାପାଖି ମିଆଁମାର-ବାଂଲାଦେଶ ଉପକୂଳରେ ଥିବା ପୂର୍ବକେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର-ପୂର୍ବ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଲଘୁଚାପଟି ଅଧିକ ଘନୀଭୂତ ହେବା ନେଇ ପ୍ରାଥମିକ ଆକଳନରୁ ଜଣାପଡ଼ିଛି। ତେଣୁ ଏହି ଲଘୁଚାପ ଯୋଗୁଁ ପାର୍ବଣ ସମୟରେ ରାଜ୍ୟର ଅନେକ ସ୍ଥାନରେ ବର୍ଷା ଆଶଙ୍କା ରହିଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତିଙ୍କ ସୂଚନା ଅନୁସାରେ, ୨୫ ତାରିଖ ବେଳକୁ ବଙ୍ଗୋପସାଗରରେ ଏକ ନୂଆ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଅଛି। ଏହା ପ୍ରଭାବରେ ୨୫ ତାରିଖରୁ ବର୍ଷା ବଢ଼ିବା ସହ ୨୮ ତାରିଖ ଯାଏଁ କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ଓ ଆଉ କିଛି ସ୍ଥାନରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ଆଲର୍ଟ ଜାରି କରାଯାଇଛି। ଲଘୁଚାପ ଯୋଗୁଁ ବିଶେଷ କରି ଉତ୍ତର ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାରେ ଜିଲ୍ଲାଗୁଡ଼ିକରେ ବର୍ଷା ଅଧିକ ହେବାର ସମ୍ଭାବନା ରହିଛି।

### ବନ୍ଦ ହେବ...

ଆଶଙ୍କା ସୃଷ୍ଟି ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ବିଇଡି କଲେଜରେ ଆବଶ୍ୟକ ଅଧ୍ୟାପକ ନ ଥିବାରୁ ବହୁ ବିଇଡି କଲେଜର ସ୍ୱୀକୃତି ପ୍ରତ୍ୟାହାର ହୋଇଥିଲା। ଏହାପରେ ବିଇଡି କଲେଜ ପରିଚାଳନା ଭାର ଉଚ୍ଚଶିକ୍ଷା ବିଭାଗ ନେଇଥିଲା। ଏହାପରେ ୩୮୫ଟି ଅଧ୍ୟାପକ ପଦରେ ନିଯୁକ୍ତି ପାଇଁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପ୍ରକ୍ରିୟା ଆରମ୍ଭ କରିଥିଲା। ତହିଁରେ ଗୋଟିଏ ବିଷୟରେ ସ୍ନାତକୋତ୍ତର କରିବା ସହ ବିଇଡି କରିଥିବା ଆବଶ୍ୟକ ବୋଲି ଶିକ୍ଷାଗତ ଯୋଗ୍ୟତା ଧାର୍ଯ୍ୟ କରାଗଲା। ହେଲେ ଏହା ଏନ୍‌ସିଟିଇ ଧାର୍ଯ୍ୟ କରିଥିବା ମାନଦଣ୍ଡକୁ ଉଲଙ୍ଘନ କରିଥିଲା। ଗୋଟିଏ ସ୍ନାତକୋତ୍ତର ଡିଗ୍ରୀ ସହିତ ଏମ୍‌ଇଡି ବାଧ୍ୟତାମୂଳକ ନିୟମକୁ ପାଳନ କରି ନ ଥିଲା। ଫଳରେ ମୋଟ୍ ୩୮୫ ଜଣଙ୍କ ମଧ୍ୟରୁ ଯୋଗ୍ୟତା ନ ଥାଇ ମଧ୍ୟ ପ୍ରାୟ ୨୧୪ ଜଣ ଅଧ୍ୟାପକ ଭାବେ ନିଯୁକ୍ତି ପାଇଛନ୍ତି। ଆବଶ୍ୟକ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଥିବା ଦର୍ଶାଇ ସ୍ୱୀକୃତି ପ୍ରତ୍ୟାହାର ହୋଇଥିବା କଲେଜଗୁଡ଼ିକୁ ପୁନଃ ଖୋଲିବାକୁ ଉଚ୍ଚଶିକ୍ଷା ବିଭାଗ ଏନ୍‌ସିଟିଇକୁ ଅନୁରୋଧ କରାଯାଇଥିଲା। ହେଲେ ଏକାଧିକ ଅଭିଯୋଗ ସହ ଉଚ୍ଚ ନ୍ୟାୟାଳୟରେ ମାମଲା ପହଞ୍ଚିବା ପରେ ଏନ୍‌ସିଟିଇ ଖୋଳତାଡ଼ ଜାରି ରଖିଛି।

ଗତ ଅଗଷ୍ଟ ୨୫ ଓ ୨୬ ତାରିଖରେ ଏନ୍‌ସିଟିଇର ୩୭୪ତମ ବୈଠକରେ ଏନେଇ ବିସ୍ତୃତ ଭାବେ ଆଲୋଚନା ହୋଇଛି। ପୂର୍ବରୁ ଗୋଟିଏ ଥର କାରଣ ଦର୍ଶାଅ ନୋଟିସ୍ ଜାରି କରିଥିବା କଲେଜଗୁଡ଼ିକୁ ଦ୍ୱିତୀୟ ବା ଚୂଡ଼ାନ୍ତ ନୋଟିସ୍ କରିବାକୁ ନିଷ୍ପତି ହୋଇଛି। ଭୁବନେଶ୍ୱରସ୍ଥିତ ନଳିନୀ ଦେବୀ ବିଇଡି କଲେଜ, କଟକସ୍ଥିତ ରାଧାନାଥ କଲେଜ, ଅନୁଗୁଳସ୍ଥିତ ନବକୃଷ୍ଣ ଚୌଧୁରୀ ବିଇଡି କଲେଜ, ସମ୍ବଲପୁରସ୍ଥିତ ପର୍ଶୁରାମ ମିଶ୍ର ଅଗ୍ରଗାମୀ ବିଇଡି କଲେଜ, ଗଞ୍ଜାମ ଭଞ୍ଜନଗରସ୍ଥିତ କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ବିଇଡି କଲେଜ, ବଲାଙ୍ଗିର ବିଇଡି କଲେଜ, ବାରିପଦାସ୍ଥିତ ଉତ୍କଳମଣି ଗୋପବନ୍ଧୁ ବିଇଡି କଲେଜ ଏବଂ ବ୍ରହ୍ମପୁରସ୍ଥିତ ଦିବାକର ପଟ୍ଟନାୟକ ବିଇଡି କଲେଜକୁ ନୋଟିସ୍ କରିବାକୁ ନିଷ୍ପତ୍ତି ହୋଇଛି। ଫଳରେ ଆସନ୍ତା ଶିକ୍ଷାବର୍ଷରୁ ଏହି କଲେଜରେ ନାମଲେଖା ବନ୍ଦ ହୋଇଯିବ।

ଅଯୋଗ୍ୟ ଅଧ୍ୟାପକ ନିଯୁକ୍ତି ପାଇଁ ସ୍ୱୀକୃତି ପ୍ରତ୍ୟାହାର ପରି ଦୃଢ଼ କାର୍ଯ୍ୟାନୁଷ୍ଠାନ ରାଜ୍ୟରେ ହଇଚଇ ସୃଷ୍ଟି କରିଛି। ପୂର୍ବରୁ ଗୋଟିଏ ଲେଖାଏଁ ନୋଟିସ୍ ପାଇଥିବା ଏହି ୮ଟି ବିଇଡି କଲେଜ ଉପରେ କାର୍ଯ୍ୟାନୁଷ୍ଠାନ ଖଣ୍ଡା ଝୁଲି ରହିଛି। ଆଗାମୀ ଦିନରେ ଏଗୁଡ଼ିକର ସ୍ୱୀକୃତି ମଧ୍ୟ ପ୍ରତ୍ୟାହାର କରିବା ସୁନିଶ୍ଚିତ ବୋଲି ଶିକ୍ଷାବିତ୍‌ମାନେ ଆଶଙ୍କା କରୁଛନ୍ତି।

### ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ...

ମଧ୍ୟ କେହି ନିଯୁକ୍ତି ପାଇ ନାହାନ୍ତି। ଅନୁରୂପ ଭାବରେ ମୁଖିଆ ଅଭାବରୁ ବିଭିନ୍ନ ନିଗମଗୁଡ଼ିକ ଦିଶାହୀନ ଭାବରେ ଗତି କରୁଛି।

୧୫ ମାସ ହେଲାଣି ବୋର୍ଡ, ନିଗମ ଏବଂ ଅକାଦେମୀ ସହ ବିଭିନ୍ନ କମିଶନରେ ନିଯୁକ୍ତି ଦିଆଯାଉ ନ ଥିବାରୁ ବିକାଶମୂଳକ କାମ ଅଟକି ରହିଛି। ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପରି ଗୁରୁତ୍ୱପୂର୍ଣ୍ଣ ପଦ ଖାଲି ପଡ଼ିଛି। ଏପଟେ ନୂଆ ମନ୍ତ୍ରୀ ହୋଇଥିବା ଏବଂ ଏନେଇ ଆଗରୁ ଆଦୌ ଅଭିଜ୍ଞତା ନ ଥିବା ମନ୍ତ୍ରୀଙ୍କ ଉପରେ ଏକାଧିକ ବିଭାଗ ନ୍ୟସ୍ତ କରାଯାଇଥିବାରୁ ସେମାନେ ଏକପ୍ରକାର ଅଣନିଶ୍ୱାସୀ। ଏହି ପରିପ୍ରେକ୍ଷୀରେ ପ୍ରତି ମାସେ ଦୁଇମାସ ବ୍ୟବଧାନରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବା ନେଇ ଚର୍ଚ୍ଚା ହେଉଛି। ବିଶେଷ ଭାବରେ ରାଜ୍ୟ ବିଜେପି ସଭାପତି ଓ ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ ସମୟରେ ଏହି ଚର୍ଚ୍ଚା ବେଶି ଦାନା ବାନ୍ଧୁଥିଲେ ହେଁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ସହମତି ହୋଇ ପାରୁ ନ ଥିବା କୁହାଯାଉଛି। ଦଳ ମଧ୍ୟରେ ଗୋଷ୍ଠୀ ବିବାଦ ଓ ପ୍ରବଳ ଲବି ଯୋଗୁଁ ମନ୍ତ୍ରୀ ପଦଗୁଡ଼ିକ ପୂରଣ ହୋଇ ପାରୁ ନ ଥିବା କୁହାଯାଉଛି। ଯାହାକୁ ନେଇ ଦଳୀୟ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଛି। ଏପରିକି ଖୋଦ ଦଳର କର୍ମୀ ଓ କର୍ମକର୍ତ୍ତା ସରକାର ଓ ସଙ୍ଗଠନର ନିଷ୍ପତ୍ତି ନେବାର କ୍ଷମତାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି।

ଗତ ସପ୍ତାହ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପ୍ରସଙ୍ଗରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନିଆଯିବ ବୋଲି କହିଥିଲେ। ଏପରିକି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସଂକ୍ରାନ୍ତରେ ଦିଲ୍ଲୀରେ କୌଣସି ଆଲୋଚନା ହୋଇନାହିଁ ଓ ନିଗମ ନିଯୁକ୍ତି ସମ୍ପର୍କରେ କୌଣସି ନିଷ୍ପତ୍ତି ହୋଇ ନ ଥିବା ସୂଚନା ଦେଇଥିଲେ। ମନମୋହନଙ୍କ ଏହି ସଂକ୍ଷିପ୍ତ ମନ୍ତବ୍ୟ ମନ୍ତ୍ରୀ ଆଶାୟୀଙ୍କୁ ନିରାଶ କରିଥିବାବେଳେ ନିଗମ ଓ ବୋଡର୍‌ରେ ଥଇଥାନ ହେବାକୁ ଆଶା ବାନ୍ଧିଥିବା ଅନେକଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି। ଏହା ସତ୍ତ୍ୱେ ଚଳିତ ମାସ ଶେଷ ସପ୍ତାହରେ ଦୁର୍ଗାପୂଜା ଅବକାଶ ପୂର୍ବରୁ ରାଜ୍ୟରେ ନିଗମ ଓ ବୋଡର୍ ନିଯୁକ୍ତି ସହ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି ଅନେକ ଆଶା କରୁଛନ୍ତି।

### ବିଷ ବି...

ବିଷ ବି ଭେଜାଲ୍ ହୋଇଥିବା ଜଣାପଡ଼ିଛି।

ଚାଷ ଜମିକୁ ରୋଗ ଦାଉରୁ ରକ୍ଷା କରିବା ପାଇଁ ଚାଷୀ ଦିନରାତି ପରିଶ୍ରମ କରୁଛି। କୃଷି ବିଭାଗ ବ୍ଲକ୍‌ୱାରୀ ହ୍ୱାଟସ୍‌ଆପ୍ ଗ୍ରୁପ୍ କରିଛି। ଏଥିରେ ଚାଷୀଙ୍କୁ ବିଭିନ୍ନ ପ୍ରକାର ସଚେତନତାଠାରୁ ଆରମ୍ଭ କରି ରୋଗ ପୋକ ବିଷୟରେ ବି ସଚେତନ କରାଯାଉଛି। ମାତ୍ର ସବୁ ଚାଷୀଙ୍କ ପାଖରେ ଏହି ସୂଚନା ପହଞ୍ଚିପାରୁନି। ତେଣୁ ରୋଗ ଦାଉରୁ କେମିତି ରକ୍ଷା ପାଇବେ ଚାଷୀମାନେ ଜାଣିପାରୁନାହାନ୍ତି। କେଉଁ କୀଟନାଶକ ବ୍ୟବହାର କଲେ, ଏହାକୁ ପ୍ରତିହତ କରିହେବ ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। ମାତ୍ର କୃଷି ବିଭାଗ ପକ୍ଷରୁ ଏନେଇ କୌଣସି ସୂଚନା ମିଳିନଥିବା ଅଭିଯୋଗ ହେଉଛି। ଏହି ରୋଗ ଏବେ ଉପକୂଳ ଓଡ଼ିଶା ସମେତ ନୟାଗଡ଼, ବୌଦ୍ଧ, କନ୍ଧମାଳ ଆଦି ଜିଲ୍ଲାରେ ଏହି ରୋଗ ଦେଖାଦେଇଥିବା ଅଭିଯୋଗ ହେଉଛି। ଚାଷ ଜମିରେ ଅଧିକ ପାଣି ଜମି ରହିବା ଓ ମାତ୍ରାଧିକ ସାରର ପ୍ରୟୋଗ ଯୋଗୁଁ ଏହି ରୋଗ ହେଉଛି। ଏହି ରୋଗର ଲକ୍ଷଣ ୩ ପ୍ରକାରର। ଧାନପତ୍ର ହଳଦିଆ ପଡ଼ିବ, ଧାନପତ୍ରରେ ଚିହ୍ନ ସୃଷ୍ଟି ହେବ ଓ ଧାନ ଉପରୁ ମୂଳ ପର୍ଯ୍ୟନ୍ତ ପୋଡ଼ି ପୋଡ଼ି ଆସିବା ହେଉଛି ଏହାର ମୂଳ ଲକ୍ଷଣ। ସେହିପରି ପତ୍ରମୋଡ଼ା ରୋଗ ମଧ୍ୟ ଧାନକୁ ସର୍ବନାଶ କରିଦେଉଛି। ଉପରୁ ଧାନ ଗଛକୁ ଗୋଟେ କରି ପୋକ ଖାଇଦେବ ଓ ଧାନ ବଢ଼ିବାକୁ ଦେଉନି।

କୃଷି ବିଶେଷଜ୍ଞ ସୁବ୍ରତ ପାଣିଗ୍ରାହୀଙ୍କ କହିବାନୁସାରେ, ଏହି ରୋଗ ପ୍ରତିହତ କରିବାକୁ ହେଲେ ଏବେ କୀଟନାଶକ ବ୍ୟବହାର କରିବା ପରିବର୍ତ୍ତେ ଜୈବକ ଉପାୟ ଅବଲମ୍ବନ କରିବା ଜରୁରୀ। ରୋଗ ଲାଗିବା ପରେ ଚାଷୀ ୨ ଶହ ଲିଟର ପାଣିରେ ୨୦କେଜି କଞ୍ଚା ଗୋବର ମିଶାଇ ସିଞ୍ଚନ କଲେ ପୋକ ଦାଉରୁ ରକ୍ଷା ପାଇପାରିବ। ପ୍ରଥମେ ଚାଷୀ ଏହି ଉପାୟକୁ ଅବଲମ୍ବନ କରି ପୋକ ନାଶ କରିବାକୁ ଚେଷ୍ଟା କରିବା ଦରକାର ବୋଲି ସେ କହିଛନ୍ତି। ଜିଲ୍ଲା ଓ ବ୍ଲକ୍‌ସ୍ତରରେ ଥିବା କୃଷି ଅଧିକାରୀମାନେ ତୃଣମୂଳସ୍ତରକୁ ଯାଇ ଚାଷୀଙ୍କୁ ସଚେତନ କରାନ୍ତୁ। କୀଟନାଶକ ପରିବର୍ତ୍ତେ ଜୈବିକ ଉପାୟ ଅବଲମ୍ବନ କରିବା ପାଇଁ ପ୍ରୋତ୍ସାହନ କରନ୍ତୁ ବୋଲି ସେ କହିଛନ୍ତି। ଏନେଇ କୃଷି ବିଭାଗର ଜଣେ ଅଧିକାରୀ କହିଛନ୍ତି, କିଛି ବ୍ଲକ୍‌ରେ ପତ୍ରପୋଡ଼ା ରୋଗ ନେଇ ଅଭିଯୋଗ ଆସିଛି। ଆମେ ଏହା ଉପରେ ଯାଞ୍ଚ କରି ରୋଗ ଦାଉରୁ ରକ୍ଷା କରିବା ପାଇଁ ପଦକ୍ଷେପ ନେବୁ ବୋଲି ସେ କହିଛନ୍ତି।


**AFFIDAVIT**

By virtue of an affidavit sworn before Executive Magistrate, Banpur, vide no-3550, dated 17/09/2025 I, Saikh Firdosh, S/o- Saikh Taher, of At-Badahantuad, Po.- Badahantuad, Ps.-.Banpur, Dist.-Khordha, declare that in my Adhar card my name is wrongly mentioned as Sek Firdos instead of Saikh Firdosh. Henceforth, I shall be known as **Saikh Firdosh** for all purposes.

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 20.09.2025, I BABLU BISSOI, S/o- Late Jagat Bissoi, Vill.- Sindhiguda, Po.- Sindhiguda, Ps.- Nabarangpur, Dist.- Nabarangpur, Odisha, Pin - 764063 declare that, I have changed my name from **BABULA BISUI to BABLU BISSOI**. Henceforth I shall be known as **BABLU BISSOI** for all purposes.
Sd/- **BABLU BISSOI**

**AFFIDAVIT**

By virtue of an affidavit No, 2459, dtd 20/9/2024 before the Executive Magistrate, Phulbani, I, Sanjiba Mallick, resident At-Dangarapada, Po-Ratanga, Ps-Phiringia, Dist-Kandhamal have changed my minor daughter's name from Sili Mallick to Snehalata Mallick. Henceforth, she shall be known as **Snehalata Mallick** for all purposes.
**Sd/-Sanjiba Mallick**

**AFFIDAVIT**

By virtue of an affidavit sworn before Excutive Magistrate, Soro on 16.09.2025, I Sarojini Mohanty, formerly called Sarojini Jena, W/o Debashish Jena, At- Brahmansahi, Po-Sarasankha, Ps-Soro Balasore, PIN-756045, declare that I have changed my name from Sarojini Jena to Sarojini Mohanty. Henceforth, I shall be known as **Sarojini Mohanty** for all further purposes.

**AFFIDAVIT**

By virtue of an affidavit no.285, dtd. 17.09.2025 before the Executive Magistrate, Dharakote, Dist.: Ganjam, I, Tambar Goud, Spouse of Late Balab Goud have changed my name & Date of Birth from Tambal Goud (DOB 10.03.1970) to Tambar Goud (DOB 27.01.1967). Henceforth I shall be known as **Tambar Goud and DOB 27.01.1967** for all purposes.

**AFFIDAVIT**

By virtue of an affidavit sworn before the Notary Public, Baripada, Mayurabhanj, dated 18-09-2025 I Sri Pasupati Dehuri s/o- Tarapada Dehuri, At-khaikhia, Po-Dhemanasole, Ps- Chandua, Dist-Mayurbhanj declare that the actual and correct Date of Birth(DOB) of my daughter Sonali Dehuri (Rakhi) is 10-11-2010. Which is mentioned in her Birth Certificate. But in her SLC the DOB is wrongly mentioned as 12-11-2010, Henceforth her Birth Certificate DOB will be use for all purposes. **Sd/-Pasupati Dehuri**

**AFFIDAVIT**

By virtue of an affidavit before the Executive Magistrate, Nayagarh, I, Mahendra Majhi, At/Po-Subalaya, Ps-Bhapalm, Dist-Nayagarh have changed my minor son's name from Sandipsoyansu Majhi (old name) to Sandep Swayanshu Majhi (new name). Henceforth, he shall be known as Sandep Swayanshu Majhi for all purposes.
**Sd/-Mahendra Majhi**

**AFFIDAVIT**

By virtue of an affidavit sworn before the Notary Public, Nabarangpur vide no.372 dated. 20.09.2025, I Smt. Jochhnarani Nayak @ Jochhana Rani Behera, D/o- Late Radha Krushna Nayak W/o- Susanta Kumar Behera resident of At/Po./Ps.- Papadahandi state that in my son **Baibhav Kumar Behera's** birth certificate my name has been wrongly mentioned as Jochhnarani Nayak. Hence **Jochhnarani Nayak** and **Jochhana Rani Behera** is one and same person.
Sd/- **Jochhana Rani Behera**

**AFFIDAVIT**

By virtue of an affidavit before the Executive Magistrate, Titilagarh, on dated- 24/02/2025. I, **Sri Tulasi Nag** (Applicant name), aged about 34 years, S/o- Sashi Nag, Address: At- Makripada, PO-Lebada, PS- Muribahal, Dist-Bolangir (Odisha), PIN- 767033 declare that, my daughter name is **Chutila Nag** which is mentioned in her Aadhar Card bearing No: 2568 3099 3409. That, now I have changed my daughter name from **Chutila Nag to Chunnu Nag.** Henceforth, she shall be known as **CHUNNU NAG** (new name) for all purposes.
**Sri Tulasi Nag**

ସକାଳ THE SAKALA



www.sakalaepaper.com

### ପୁରୁଣା ମୁଖ୍ୟ ଚିକିତ୍ସାଳୟକୁ ସାଟେଲାଇଟ୍ ସେଣ୍ଟର କରିବା ପ୍ରସଙ୍ଗ

# ସ୍ୱାସ୍ଥ୍ୟ ସଚିବଙ୍କ ନିର୍ଦ୍ଦେଶର ହେଉନି ଅନୁପାଳନ

ଭଦ୍ରକ, ୨୧।୯ (ସମିସ)

ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନୂତନ କୋଠାକୁ ସ୍ଥାନାନ୍ତରିତ ହେବା ପରେ ପୁରୁଣା ମୁଖ୍ୟ ଚିକିତ୍ସାଳୟକୁ ସାଟେଲାଇଟ ସେଣ୍ଟର ଭାବେ କାର୍ଯ୍ୟକ୍ଷମ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଦେଇଥିବା ନିର୍ଦ୍ଦେଶକୁ ଜିଲ୍ଲା ପ୍ରଶାସନ ଅଣଦେଖା କରୁଛି। ଫଳରେ ଏହାକୁ ନେଇ ଏବେ ତେଜୁଛି ଅସନ୍ତୋଷ। କିଛିଦିନ ତଳେ ନାଗରିକ ସମାଜ ପକ୍ଷରୁ ପୁରୁଣା ମୁଖ୍ୟ ଚିକିତ୍ସାଳୟ ପରିସରକୁ 'ସିଟି ହସପିଟାଲ' ମାନ୍ୟତା ଦେବା ଲାଗି ଗଣଧାରଣାର ଆୟୋଜନ ହୋଇଥିଲା। ପ୍ରଶାସନ ଏ ସମ୍ପର୍କରେ ସ୍ୱାସ୍ଥ୍ୟବିଭାଗକୁ ଅବଗତ କରାଯାଇଥିବା ନେଇ ସୂଚନା ଦେଇଥିଲା। ମାତ୍ର ଅସଲରେ ଉକ୍ତ ପୁରୁଣା ଚିକିତ୍ସାଳୟକୁ ସାଟେଲାଇଟ ସେଣ୍ଟର ଭାବେ କାର୍ଯ୍ୟକ୍ଷମ କରିବାକୁ ସ୍ୱାସ୍ଥ୍ୟ ବିଭାଗ ଗତ ମଇ'ମାସ ୨୭ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ନୂତନ କୋଠାକୁ ସ୍ଥାନାନ୍ତରିତ ହେବାକୁ ଥିବା ରାଜ୍ୟର ୬ଟି ଜିଲ୍ଲା(ଝାରସୁଗୁଡା, କେନ୍ଦ୍ରାପଡା, ଢେଙ୍କାନାଳ, ଭଦ୍ରକ, ସୋନପୁର ଓ ଦେଓଗଡ)ର ସିଡିଏମ ଏଣ୍ଡ ପିଏଚ୍‌ଓଙ୍କ ଲାଗି ଗୋଟିଏ ନିର୍ଦ୍ଦେଶନାମା (ନଂ ୧୫୪୮୦) ଜାରି କରିଥିଲେ ସ୍ୱାସ୍ଥ୍ୟ ସଚିବ। ଯେଉଁଥିରେ ନୂତନ କୋଠାକୁ ସ୍ଥାନାନ୍ତର ପରେ ଜିଲ୍ଲା ହସପିଟାଲ ଗୁଡିକ ସାଟେଲାଇଟ ସେଣ୍ଟର ଭାବେ ବ୍ୟବହାର ହେବ ବୋଲି କୁହାଯାଇଥିଲା।

**ବିଭିନ୍ନ ମହଲରେ ଆନ୍ଦୋଳନ ନିଷ୍ପତ୍ତି**

ଉକ୍ତ ସାଟେଲାଇଟ ସେଣ୍ଟରରେ ୧୦ଟି ଶଯ୍ୟା ରହିବ। ଦୈନିକ ଓପିଡି ସାଙ୍ଗକୁ ଔଷଧ ବିତରଣ କେନ୍ଦ୍ର, ଲାବୋରେଟୋରୀ/ରୋଗ ନିରୂପଣ ବ୍ୟବସ୍ଥା, ସପ୍ତାହର ନିର୍ଦ୍ଦିଷ୍ଟ ଦିନରେ ବିଶେଷଜ୍ଞ ଡାକ୍ତରଙ୍କ ଉପସ୍ଥିତି, ଯୋଗ, ଫିଜିଓଥେରାପି ଆଦି ସମେତ ଅନେକ ଚିକିତ୍ସା ବ୍ୟବସ୍ଥା ଉପଲବ୍ଧ କରାଇବାକୁ ନିର୍ଦ୍ଦେଶ ଥିଲା। ଏଥିସହ ଉକ୍ତ ପରିସରରେ ୩ ମାସରେ ଥରେ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିରର ଆୟୋଜନ ଲାଗି ମଧ୍ୟ ନିର୍ଦ୍ଦେଶ ଥିଲା। ତେବେ ସ୍ୱାସ୍ଥ୍ୟ ସଚିବଙ୍କ ଏହି ଚିଠି ଭଦ୍ରକରେ ଅନୁପାଳନ ହୋଇନାହିଁ। ଏବେ ପୁରୁଣା ହସପିଟାଲ ପରିସରରେ ମାତ୍ର କେଇଘଣ୍ଟା ଲାଗି ସକାଳ ବେଳା ଜଣେ ଡାକ୍ତର ଡ୍ୟୁଟି କରୁଥିବା ବେଳେ ଆଉ କିଛି ବ୍ୟବସ୍ଥା ହିଁ ନାହିଁ। ଏପରିକି ଫାଷ୍ଟ-ଏଡ୍ ବ୍ୟବସ୍ଥା ବି ଠିକ ସେ ଉପଲବ୍ଧ ନୁହେଁ ବୋଲି ଆଇନଜୀବୀ ଦେବାଶିଷ ନାୟକ କହିଛନ୍ତି। ପୁରୁଣା ହସପିଟାଲର ଭିତିଭୂମି ଓ ବଡ଼ ପରିସରକୁ ସାଟେଲାଇଟ ସେଣ୍ଟର ମାନ୍ୟତା ଦିଆଗଲେ ସହରାଞ୍ଚଳର ୩୦ଟି ୱାର୍ଡ ସାଙ୍ଗକୁ ଆଖପାଖ ଗ୍ରାମାଞ୍ଚଳର ଲୋକେ ମଧ୍ୟ ଉପକୃତ ହୋଇପାରନ୍ତେ; କିନ୍ତୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏଭଳି ନିର୍ଦ୍ଦେଶନାକାକୁ କାର୍ଯ୍ୟକ୍ଷମ ନକରିବା ଦୁର୍ଭାଗ୍ୟଜନକ ବୋଲି ଦର୍ଶାଇଛନ୍ତି ବହୁ ବରିଷ୍ଠ ନାଗରିକ। ଅପରପକ୍ଷେ ସରକାରଙ୍କ ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ଦାବିରେ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ବି ତେଜୁଥିବା ସୂଚନା ମିଳିଛି। ଏ ବାବଦରେ ବଡ଼ ଆନ୍ଦୋଳନ କରିବାକୁ ବିଭିନ୍ନ ମହଲରେ ଆଲୋଚନା ଚାଲିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧୀରଂଜନ ନାୟକ କହନ୍ତି 'ସାଟେଲାଇଟ ସେଣ୍ଟର କାର୍ଯ୍ୟକ୍ଷମ କରିବା ଓ ତହିଁରେ ସେବା ଉପଲବ୍ଧ କରାଇବା ଲାଗି ଆବଶ୍ୟକ କର୍ମଚାରୀ ନାହାନ୍ତି। ଏଥିଲାଗି କର୍ମଚାରୀ ନିୟୋଜନ କରିବାକୁ ସରକାରଙ୍କୁ ଚିଠି ଆମେ ଚିଠି ଲେଖିଛୁ।






ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ପୀଠଦେବୀ ଜୟଦୁର୍ଗାଙ୍କ ଷୋଡ଼ଶ ଦିବସୀୟ ପୂଜାର ମହାଳୟା ଅବସରରେ ମା'ଙ୍କ ମହାକାଳୀ ବେଶ

---

**ବିବାହର ପ୍ରତିଶ୍ରୁତି ପରେ ପ୍ରତାରଣା**

## ପ୍ରେମିକାକୁ ଜେଲ୍ ପଠାଇଲା ପୁଲିସ୍

ଧାମନଗର, ୨୧।୯ (ସମିସ): ଧାମନଗର ବ୍ଲକ କଲ୍ୟାଣୀ ପଞ୍ଚାୟତରେ ଅଭାବନୀୟ ଘଟଣା ଘଟିଛି। ପାଠପଢ଼ା ଜୀବନରୁ ଆରମ୍ଭ ହେଲା ପ୍ରଥମେ ପ୍ରେମ, ପରେ ବିବାହର ପ୍ରଲୋଭନ ଦେଖାଇ ଝିଅର ଅନିଚ୍ଛା ସତ୍ତ୍ୱେ ଦୀର୍ଘ ବର୍ଷ ଧରି ବିଭିନ୍ନ ସମୟରେ ବାରମ୍ବାର ଶାରୀରିକ ସମ୍ପର୍କ ରଖିବା ଏବଂ ଶେଷରେ ଯୁବକ ଜଣକ ବିବାହକୁ ନେଇ ମନା କରିବାରୁ ଯୁବତୀଙ୍କ ପକ୍ଷରୁ ଯୁବକ ନାମରେ ଗତ ଗୁରୁବାର ଧାମନଗର ଥାନାରେ ଏତଲା ଦିଆଯାଇଥିଲା। ଏତଲାକୁ ଭିତ୍ତିକରି ଥାନା କେସ ନଂ ୩୪୭/୨୫ ମାମଲା ରୁଜୁ କରି ଯୁବକକୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ରଞ୍ଜନ କୁମାର ସେଠୀ କହିଛନ୍ତି। ଉକ୍ତ ଅଞ୍ଚଳର ବିସ୍ମୟ କୁମାର ସାମଲ ( ୩୨)ଙ୍କ ମଧ୍ୟରେ ଉକ୍ତ ଯୁବତୀଙ୍କ ଦୀର୍ଘ ପ୍ରାୟ ୧୫ ବର୍ଷ ପୂର୍ବରୁ ପ୍ରେମ ସମ୍ପର୍କ ହୋଇଥିଲା। ଉଭୟ ସପ୍ତମ ଶ୍ରେଣୀରେ ପଢ଼ିବା ବେଳେ ସମ୍ପର୍କ ଗଢି ଉଠିଥିଲା ଓ ପରେ ଉଭୟ ଭିନ୍ନ ଭିନ୍ନ ସ୍କୁଲ ଓ କଲେଜରେ ପଢୁଥିଲେ ମଧ୍ୟ ଉଭୟଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ରହିଥିଲା। ୨୦୦୯ ଦୁର୍ଗା ପୂଜା ସମୟରେ ନାବାଳିକା ନିଜ ଘରେ ଏକୁଟିଆ ଥିବା ବେଳେ ଘରେ କେହି ନଥିବାର ସୁଯୋଗ ନେଇ ଯୁବତୀର ଅନିଚ୍ଛା ସତ୍ତ୍ୱେ ଅଭିଯୁକ୍ତ ଜୋରଜବରଦସ୍ତ ସମ୍ପର୍କ ରଖୁଥିଲା ଓ ପରେ ବିବାହର ବୟସ ହୋଇଗଲେ ବିସ୍ମୟ ବିବାହ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ବିସ୍ମୟ ୨୦୧୦ରୁ ବାରମ୍ବାର ଶାରୀରିକ ସମ୍ପର୍କ ରଖିଆସୁଥିଲା। ଗତ ୧୮.୩.୨୫ରେ ବିବାହକୁ ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା କରିବା ପାଇଁ ବାସୁଦେବପୁରଠାରେ ଘର ଭଡ଼ା ନେଇ ରହୁଥିବା ସ୍ଥାନକୁ ବିସ୍ମୟ ଯୁବତୀକୁ ଡାକିଥିଲା ଓ ହେଲେ ପୂର୍ବ ଯୋଜନା ମୁତାବକ ଉକ୍ତ ଦିନ ଯୁବତୀଙ୍କୁ ଜୋରଜବରଦସ୍ତ ଅଟକାଇ ରାତିରେ ବଳପୂର୍ବକ ଶାରୀରିକ ସମ୍ପର୍କ ରଖୁଥିଲା। ଶାରୀରିକ ସମ୍ପର୍କ ସମୟରେ ଯୁବକ ଜଣଙ୍କ ଯୁବତୀଙ୍କ ଅଜାଣତରେ ମୋବାଇଲରେ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଉଠାଇ ରଖିଥିଲା। ଏହାକୁ ନେଇ ଗତ ଜୁଲାଇ ମାସରେ ଉଭୟ ପରିବାରଙ୍କ ମଧ୍ୟରେ ଆଲୋଚନା ହେବା ସହ ବିବାହ ହେବା ପାଇଁ ସ୍ଥିର ହୋଇଥିଲା ପରବର୍ତ୍ତୀ ସମୟରେ ୮/୮/୨୫ରେ ବାସୁଦେବପୁର ଅଞ୍ଚଳର ଏକ ମନ୍ଦିରରେ ବିବାହ କରିବାକୁ ଧାର୍ଯ୍ୟ ହୋଇଥିଲା। ପରଦିନ ବାସୁଦେବପୁର ଯାଇ ଯୁବକକୁ ଦେଖାକରି ବିବାହ କରିବାକୁ କହିବାରୁ ମନା କରିବା ସହ ଯୁବତୀ ପାଖରେ ଥିବା ମୋବାଇଲ, ଟଙ୍କା ଓ ଅନ୍ୟାନ୍ୟ ଜିନିଷ ଜୋର୍ ଜବରଦସ୍ତ ଛଡାଇ ନେଇଥିଲା। ଯୁବତୀଙ୍କ ପାଖରୁ ପ୍ରାୟ ୫୦ ହଜାର ଟଙ୍କାରୁ ଅଧିକ ଟଙ୍କା ନେଇଥିବାର ଏତଲାରେ ଦର୍ଶାଯାଇଛି।




## ବିଜୁ ଜନତା ଦଳ ପକ୍ଷରୁ ନୂତନ ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




ଅସୁରାଳି/ଧାମନଗର, ୨୧।୯ (ସମିସ): ଧାମନଗର ବ୍ଲକ ବିଜୁ ଜନତା ଦଳର ସକ୍ରିୟ ସଦସ୍ୟଙ୍କ ସହମତିକ୍ରମେ ନଗର ଓ ୩୧ଟି ପଞ୍ଚାୟତର ନୂତନ ସଭାପତିଙ୍କୁ ଦଳ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଧାମନଗର ନିର୍ବାଚନମଣ୍ଡଳୀ ନେତା ଡ଼ାକ୍ତର ସଞ୍ଜୟ ଦାସଙ୍କ ନିର୍ଦ୍ଦେଶକ୍ରମେ ଆନନ୍ଦ ବଜାରସ୍ଥିତ ଶାନ୍ତି କଲ୍ୟାଣ ମଣ୍ଡପରେ ବ୍ଲକ ସଭାପତି ପ୍ରତାପ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ୩୧ଟି ପଞ୍ଚାୟତର ନୂତନ ସଭାପତିଙ୍କୁ ଦଳ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ନିର୍ବାଚନମଣ୍ଡଳୀ ନେତା ଡାକ୍ତର ଦାସ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ସାରଦା ପ୍ରସନ୍ନ ସାହୁ, ଏନଏସି ଉପାଧ୍ୟକ୍ଷା ଓସିମ ଏଜଦାନି କାଦିରୀ, ନଗର ସଭାପତି ବିଜୟକେତନ ସାହୁ, ବିଜେଡି ନେତା ଉମେଶ ମହାନ୍ତି, ସୁଶାନ୍ତ ରାଉତ, ଭାରତ ବିଜୟ ଦଳାଇ, ଦୟାନିଧି ମିଶ୍ର, ଅଜୟ ମଲ୍ଲିକ, ସୀତାକାନ୍ତ ମିଶ୍ର, ସୁପ୍ରଭା ଆଚାର୍ଯ୍ୟ, ସରିତା ମହାନ୍ତି, ରାମଚନ୍ଦ୍ର ସାହୁ, ବିଜୁ ମିଶ୍ର, ସନ୍ଦୀପ ସ୍ୱାଇଁ, ରାକେଶ ପତି, କୃଷ୍ଣଚନ୍ଦ୍ର ପତି ପ୍ରମୁଖ ରଙ୍ଗ ବଦଳା ଓ 'ମିଛୁଆ ମୋହନ ସରକାର'ଙ୍କ ବିରୋଧରେ ବିଜେଡି ନେତାମାନେ ବର୍ଷିଥିଲେ। ଆଗାମୀ ଦିନରେ ଧାମନଗର ନିର୍ବାଚନମଣ୍ଡଳୀରେ ବିଜେଡିକୁ ଅଧିକରୁ ଅଧିକ ଶକ୍ତିଶାଳୀ ହୋଇପାରିବ ସେଥିପାଇଁ ଶପଥ ନେଇଥିଲେ।

## ଦେଢ଼ କିଲୋ ଗଞ୍ଜେଇ ଜବତ; ଜଣେ ଗିରଫ



ବନ୍ତ/ଆଗରପଡ଼ା, ୨୧।୯ (ସମିସ): ଥାନାଧିକାରିଣୀ ମୋନାଲିସା କରଙ୍କ ନିର୍ଦ୍ଦେଶକ୍ରମେ ବନ୍ତ ପୋଲିସ୍ ବନ୍ତ ଥାନା ରାମଚନ୍ଦ୍ରପୁର ପଞ୍ଚାୟତ ନିମପଡ଼ା ଶାନ୍ତି ବନପଡିଆରେ ଚଢଉ କରି ୧କିଲୋ ୧୫୩ ଗ୍ରାମ ଗଞ୍ଜେଇ ଜବତ କରିବା ସହ ରାମଚନ୍ଦ୍ରପୁର ଗ୍ରାମର ସଫିରୁଦ୍ଦିନ୍ ଖାନ(୩୫)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଠାରୁ ୪୭୦ ଟଙ୍କା ଓ ଗୋଟିଏ ମୋବାଇଲ ଫୋନ ଜବତ କରି ତଦନ୍ତ ଜାରି ରଖିଥିବା ଜଣାପଡିଛି। ଚଢ଼ଉ ଦଳରେ ଏସ୍‌ଆଇ ରଞ୍ଜିତା ବେହେରା, ହାବିଲଦାର ଯଯାତୀ କେଶରୀ ପ୍ରଧାନ, କନେଷ୍ଟବଳ ବସନ୍ତ ଜେନା, ଜଗବନ୍ଧୁ ମାଟିଆ, ପ୍ରହଲ୍ଲାଦ ରାଉତରାଏ ଏବଂ ତ୍ରିଲୋଚନ ଟୁଡୁ ପ୍ରମୁଖ ସାମିଲ ଥିଲେ।

## ସତ୍ୟ ମହାନ୍ତି ଏମସିଏଲ ଅଧିବକ୍ତା ନିଯୁକ୍ତ

ବନ୍ତ/ଆଗରପଡ଼ା, ୨୧।୯ (ସମିସ): କେନ୍ଦ୍ର ସରକାର ଅଧୀନସ୍ଥ କୋଲଇଣ୍ଡିଆ ମନ୍ତ୍ରାଣାଳୟର ମହାନଦୀ କୋଲ ଲିମିଟେଡ ଅଧିବକ୍ତା ଭାବେ ୫ ବର୍ଷ ପାଇଁ ସତ୍ୟ ଶିବସୁନ୍ଦର ମହାନ୍ତି ନିଯୁକ୍ତି ପାଇଥିବା ଜଣାପଡ଼ିଛି। ଆଗରପଡ଼ାସ୍ଥିତ କୁଆଁଶମଡ଼ିଆ ଗ୍ରାମର ସ୍ୱର୍ଗତ ରଘୁନାଥ ମହାନ୍ତିଙ୍କ ପୁଅ ସତ୍ୟ ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ତା'ପରଠାରୁ ସେ ରାଜନୀତିରେ ସକ୍ରିୟ ରହିଛନ୍ତି। ରାଜ୍ୟସରକାର ଆଗରପଡ଼ା ଡିଗ୍ରୀ କଲେଜ ପରିଚାଳନା କମିଟି ସଭାପତି ଭାବେ ତାଙ୍କୁ ମନୋନୀତ କରିଥିଲେ। ସଂପ୍ରତି ସେ ଓଡ଼ିଶା ହାଇକୋର୍ଟରେ ଅଧିବକ୍ତା ଭାବେ କାର୍ଯ୍ୟ କରି ଆସୁଛନ୍ତି। କେନ୍ଦ୍ର ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ମହାନଦୀ କୋଲ ଲିମିଟେଡ଼ ରେ ଅଧିବକ୍ତା ଭାବେ ସତ୍ୟ ନିଯୁକ୍ତି ପାଇଥିବାରୁ ଜନ୍ମସ୍ଥାନ ଆଗରପଡ଼ା ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇଛି। କେନ୍ଦ୍ର କୋଇଲା କ୍ୟାବିନେଟ ମନ୍ତ୍ରୀ ଜି . କିଶନ ରେଡ୍ଡୀ, ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେଙ୍କୁ ଶ୍ରୀ ମହାନ୍ତି କୃତଜ୍ଞତା ଜ୍ଞାପନ କରିଛନ୍ତି।

## ନିଶାମୁକ୍ତ ଭାରତ ଗଠନ ମାରାଥନ୍



ଭଦ୍ରକ,୨୧।୯ (ସମିସ): ରାଜ୍ୟ କ୍ରୀଡ଼ା, ଯୁବସେବା ବିଭାଗ ଏବଂ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ଯୋଗ ଦେଇ ନିଶା ମୁକ୍ତ ଭାରତ ଗଠନ ସମ୍ପର୍କିତ ମାରାଥନ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ନଗର ପରିକ୍ରମା କରି ଏକ ସୁସ୍ଥ ସମାଜ ଗଠନ କରିବା ସହ ନିଶା ସେବନରୁ ଦୂରରେ ରହି ସମସ୍ତେ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବାକୁ ଅତିରିକ୍ତ ଜିଲ୍ଲାପାଳ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ଏଇ କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ୟାମଳ ରାୟ, କ୍ରୀଡ଼ା ବିଭାଗ ଓଏସଡି ରମେଶ ମହାନ୍ତି, ସମାଜସେବୀ ଅତିଶ୍ ବେହେରା, କ୍ରୀଡାବିତ୍ ମନୋଜ ସାହୁ ପ୍ରମୁଖ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ପାଇଁ ସଂକଳ୍ପ ନେବାକୁ ପରାମର୍ଶ ଦେଇଥିଲେ।

## 'ନିଶା ନିବାରଣର ମାଧ୍ୟମ ହିଁ ଆଧ୍ୟାତ୍ମିକତା'

ବାରିକପୁର,୨୧।୯ (ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଭଣ୍ଡାରିପୋଖରୀ ଶାଖା ଆନୁକୂଲ୍ୟରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମାର୍ଦ୍ଧରେ ଶାଖା ପକ୍ଷରୁ ବସଷ୍ଟାଣ୍ଡଠାରୁ ବ୍ଲକ ଛକ ଯାଏଁ ନିଶା ନିବାରଣ ଉପରେ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାଛଡା ଛୋଟ ଛୋଟ ପିଲାଙ୍କ ଦ୍ୱାରା ପଥପ୍ରାନ୍ତ ସଚେତନତା ନାଟକ ଆୟୋଜନ ହୋଇଥିଲା। ଏହାପରେ ଶାଖା ପରିଚାଳିକା ବିକେ ସରସ୍ୱତୀଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ସଭାରେ ମୁଖ୍ୟଅତିଥି ଭାବେ ଭଦ୍ରକ ଜିଲ୍ଲା ସର୍ବୋଦୟ ମଣ୍ଡଳ ସଭାପତି ଅମର କୁମାର ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ଭାବେ ଯୁବ ସାମ୍ବାଦିକ ତଥା ଭଗବତ ପ୍ରଚାରକ ଦୁର୍ଯ୍ୟୋଧନ ଲେଙ୍କା ଯୋଗ ଦେଇଥିଲେ। ସଂପ୍ରତି ଯୁବ ପିଢି ନିଶା କବଳରେ ପଡ଼ିଥିବା ବେଳେ ଏଥିପାଇଁ ସାମାଜିକ ବିଶୃଙ୍ଖଳା ସୃଷ୍ଟି ହେଉଛି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ତେଣୁ ଆଧ୍ୟାତ୍ମିକ ରାସ୍ତାରେ ପରିଚାଳିତ ହୋଇ ନିଶା ଠାରୁ ଦୂରେଇ ରହିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ମୁଖ୍ୟ ସଂଚାଳିକା ଅତିଥି ଙ୍କୁ ଉଲରୀୟ ଓ ପରମେଶ୍ୱରଙ୍କ ପତ୍ର ଦ୍ୱାରା ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ବୋହୁ ବୃଦ୍ଧିଜୀବୀ, ବରିଷ୍ଠ ନାଗରିକ, ଛାତ୍ର ଛାତ୍ରୀ, ଅଭିଭାବକ ଓ ମହିଳାମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବିକେ ଅଶୋକ, ବିକେ କିଶୋର, ବିକେ ଶୁଭାଶିଷ, ବିକେ ନିରଞ୍ଜନ ପ୍ରମୁଖ ପରିଚାଳନା କରିଥିଲେ।




## ସେବାନିବୃତ୍ତ କର୍ମଚାରୀଙ୍କ ପରଲୋକ

ବାରିକପୁର, ୨୧।୯ (ସମିସ): ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ରାଢ଼ୋ ଗ୍ରାମର ସେବାନିବୃତ୍ତ ସରକାରୀ କର୍ମଚାରୀ ଶ୍ରୀଧର ସାମଲଙ୍କ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ହୋଇଥିଲା। ରବିବାର ଭୋର ସମୟରେ ଅସୁସ୍ଥ ହୋଇ ପଡିବାରୁ ପରିବାର ଲୋକେ ତାଙ୍କୁ ଯାଜପୁର ମେଡିକାଲକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦଘାତରେ ଶ୍ରୀ ସାମଲଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି। ସେ ଜଣେ ଧର୍ମ ପରାୟଣ ମିଷ୍ଟଭାଷୀ ବ୍ୟକ୍ତି ଥିଲେ। ତାଙ୍କ ଆକସ୍ମିକ ମୃତ୍ୟୁ ଯୋଗୁଁ ଗାଁରେ ଶୋକର ଛାୟା ଖେଳିଯାଇଛି।



## ପୁଣି ଧସିଲା ଗେଙ୍ଗୁଟି ନଦୀବନ୍ଧ

ଦୋବଲ, ୨୧।୯ (ସମିସ): ଧାମନଗର ବ୍ଲକ ଦଳାଙ୍ଗ ପଞ୍ଚାୟତର ରାମେଶ୍ୱର ମଳିକ ସାହିଠାରେ ପୁଣି ଧସିଲା ଗେଙ୍ଗୁଟି ନଦୀବନ୍ଧ। ପ୍ରାୟ ୧୦୦ ଫୁଟ ଲମ୍ବର ବନ୍ଧ ନଦୀ ଆଡ଼କୁ ଧସିଯାଇଛି। ଯାହାକୁ ନେଇ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଖୁବଶୀଘ୍ର ଏହାର ମରାମତି କରିବାକୁ ଦାବି ହୋଇଛି। ରାମେଶ୍ୱରପୁର-କରଦା ପୋଲଠାରୁ ପୂର୍ବକୁ ୨୦୦ ମିଟର ଦୂରରେ ମଳିକ ସାହି ପାଖରେ ଏଭଳି ବାରମ୍ବାର ଘଟୁଛି। ୫ ବର୍ଷ ତଳେ ବନ୍ଧ ମରାମତି ଆରମ୍ଭ ହୋଇଥିଲା। ପ୍ରଶସ୍ତୀକରଣ ସହ ସୁଦୃଢ଼ୀକରଣ ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ତା ସତ୍ତ୍ୱେ ପୁଣି ବନ୍ଧ ଧସିବାରେ ଲାଗିଛି। ମଳିକ ସାହି ପାଖରେ ନଦୀବନ୍ଧ ଧସିବାର ମୂଳ କାରଣ ହେଉଛି ଏହାର ଭୌଗଳିକ ସ୍ଥିତି ଓ ରାମେଶ୍ୱରପୁର-କରଦା ଗେଙ୍ଗୁଟି ପୋଲର ଆବଟମେଣ୍ଟ ୱାଲ। ଗେଙ୍ଗୁଟିର ମୁହଁ ଅଧିକ ଚଉଡ଼ା ହୋଇଥିବାବେଳେ ରାମେଶ୍ୱରପୁର ମଳିକ ସାହି ପାଖରେ ଏହା ସଂକୀର୍ଣ୍ଣ ହୋଇଯାଇଛି। ତା ସାଙ୍ଗକୁ ଉପରୁ ପ୍ରଖର ସ୍ରୋତରେ ଅତ୍ୟଧିକ ପାଣି ଆସୁଥିବାରୁ ତାହା ପୋଲର ସୁରକ୍ଷା ପ୍ରାଚୀରରେ ପିଟି ହୋଇଥାଏ। ସେଠାରୁ ଦିଗ ବଦଳାଇ ଉତର ଦିଗକୁ ଆସି ରାମେଶ୍ୱରପୁର ମହାନ୍ତିସାହି ପାଖ ପଠାକୁ ଧକ୍କା ଦିଏ। ଏହାପରେ ଏଠାରୁ ପାଣି ଦକ୍ଷିଣ ଦିଗକୁ ଗତି କରି ମଳିକ ସାହି ପାଖରେ ବନ୍ଧରେ ପିଟି ହୁଏ। ଏଠାରେ ପଠା ନଥିବାରୁ ବନ୍ଧ ଉପରେ ଚାପ ପଡ଼େ। ଏଣୁ ମଳିକ ସାହି ପାଖରେ ନଦୀ ଭିତରେ କଂକ୍ରିଟ ବେଡ୍ କରି ତା ଉପରୁ ପଥର ପିଚିଂ କରାଗଲେ ବନ୍ଧ ପ୍ରତି ବିପଦ ପଡ଼ନ୍ତା ନାହିଁ। ହେଲେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ସେମିତି କରାଯାଉ ନଥିବାରୁ ପ୍ରତିବର୍ଷ ବନ୍ୟା ଟିକିଏ ଛାଡ଼ିବା ପରେ ନଦୀବନ୍ଧ ଧସୁଥିବା ଦେଖିବାକୁ ମିଳିଛି। ଏନେଇ ଧାମନଗର ଜଳସଂପଦ ଅଧିକାରୀ ଅନ୍ତର୍ଯ୍ୟାମୀ ମହାନ୍ତିଙ୍କୁ ପଚାରିବାରୁ କହିଛନ୍ତି ଯେ ମୁଁ ଯାଜପୁର ଓ ଧାମନଗର ଦ୍ୱୟ ଦାଇତ୍ୱରେ ରହିଛି। ଏବିଷୟରେ ଖବର ପାଇନାହିଁ। ଆପଣଙ୍କଠାରୁ ଖବର ପାଇଲି। ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ।



## ହିନ୍ଦୁ ଜାଗରଣ ମଞ୍ଚର ଜିଲ୍ଲା ପ୍ରଶିକ୍ଷଣ ବର୍ଗ

ଭଦ୍ରକ, ୨୧।୯ (ସମିସ): ଭଦ୍ରକ ଜିଲ୍ଲାର ଅଗ୍ରଣୀ ରାଷ୍ଟ୍ରବାଦୀ ସାମାଜିକ ସଂଗଠନ "ହିନ୍ଦୁ ଜାଗରଣ ମଞ୍ଚ' ପକ୍ଷରୁ ଆଜି ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ବର୍ଗ ଅନୁଷ୍ଠିତ ହୋଇଯାଇଛି। ନୂଆବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ଏହି ଏକ ଦିବସବ୍ୟାପୀ ପ୍ରଶିକ୍ଷଣ ଶିବିରରେ ପ୍ରଥମେ ଭାରତମାତାଙ୍କ ପ୍ରତିକୃତିରେ ପୂଜାର୍ଚ୍ଚନା କରାଯାଇଥିଲା। ମଞ୍ଚ କାର୍ଯ୍ୟକାରିଣୀ ସଦସ୍ୟ ଅଶ୍ୱିନୀ ନାୟକଙ୍କ ପରିଚାଳନାରେ ବୌଦ୍ଧିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମୁଦାୟ ଚାରୋଟି ସତ୍ରରେ ଭିନ୍ନ ଭିନ୍ନ ବିଷୟରେ ସଦସ୍ୟମାନେ ପ୍ରଶିକ୍ଷିତ ହୋଇଥିଲେ। ଓଡ଼ିଶା ପୂର୍ବ ପ୍ରାନ୍ତର ବରିଷ୍ଠ କାର୍ଯ୍ୟକର୍ତା ପ୍ରେମାନନ୍ଦ ବେହେରା ପ୍ରଶିକ୍ଷାର୍ଥୀଙ୍କୁ ସମ୍ବୋଧନ କରିଥିଲେ। ମଞ୍ଚରା ଓଡ଼ିଶା ପୂର୍ବପ୍ରାନ୍ତ ସଂଯୋଜକ ରଘୁନାଥ ବାରିକ ଆଗାମୀ କାର୍ଯ୍ୟପନ୍ଥା ତଥା ରାଷ୍ଟ୍ର ସୁରକ୍ଷା ସମ୍ପର୍କରେ ବିଶଦ ଭାବରେ ସମ୍ଭାଷଣ ପ୍ରଦାନ କରିଥିଲେ। ଓଡ଼ିଶା ପୂର୍ବ ପ୍ରାନ୍ତ ସମନ୍ୱୟ ପ୍ରମୁଖ ବିଭୂଚନ୍ଦନ ଜେନା ବିଭିନ୍ନ ସମାଜମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଓଡ଼ିଶା ପୂର୍ବ ପ୍ରାନ୍ତର ବରିଷ୍ଠ କାର୍ଯ୍ୟକର୍ତ୍ତା ଓ ହିନ୍ଦୁ ଜାଗରଣ ମଞ୍ଚର ପ୍ରାନ୍ତ ସହ ସଂଯୋଜକ ସଞ୍ଜୟ ଦାସ ତଥା ଲକ୍ଷ୍ମଣ ମୁଣ୍ଡା ଜିଲ୍ଲା ଓ ଖଣ୍ଡ ସ୍ତରରେ ବିଭିନ୍ନ କାର୍ଯ୍ୟଧାରା ବିଷୟରେ ଅବଗତ କରିଥିଲେ। ସମାରୋପ୍ରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓଡ଼ିଶା ପ୍ରାନ୍ତର ବରିଷ୍ଠ କାର୍ଯ୍ୟକର୍ତ୍ତା ରବିନାରାୟଣ ପଣ୍ଡା ରାଷ୍ଟ୍ର ସୁରକ୍ଷାରେ ସ୍ୱୟଂସେବକଙ୍କ ଦାୟିତ୍ୱ ସମ୍ପର୍କରେ କହିଥିଲେ। ପ୍ରଶିକ୍ଷଣ ବର୍ଗରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଶତାଧିକ ପ୍ରଶିକ୍ଷାର୍ଥୀ ତଥା କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ।




**ସ୍ନାୟୁ ରୋଗରେ ଛଟପଟ ଯୁବକ**

## ବାସଗୃହ ଖଣ୍ଡିଏ ପାଇଁ ଭିନ୍ନକ୍ଷମଙ୍କ ଗୁହାରି

ବାରିକପୁର,୨୧।୯ (ସମିସ)

ଯୁବାବସ୍ଥାରେ ସ୍ନାୟୁ ରୋଗ ଛଟପଟ କରୁଛି। ଦିନକୁ ଦିନ ଶରୀର ଦୁର୍ବଳ ହେଉଥିବା ବେଳେ ଗୋଡ଼ ୨ଟି ମଧ୍ୟ ସମ୍ପୂର୍ଣ୍ଣ ଅଚଳ ହେବାକୁ ବସିଛି। ଏବେ ଆଶାବାଡ଼ିକୁ ଭରସା କରି ଜୀବନ ଅତିବାହିତ କରୁଛନ୍ତି ଭିନ୍ନକ୍ଷମ ବିଶ୍ୱଜିତ। ସୂଚନା ଅନୁଯାୟୀ, ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ନୌରଙ୍ଗପୁର ଗ୍ରାମର କମଳାକାନ୍ତ ସାମଲଙ୍କ ପୁଅ ବିଶ୍ୱଜିତ ଏବେ ୨୭ ବର୍ଷରେ। ଗୁରୁତର ସ୍ନାୟୁଜନିତ ସମସ୍ୟା ଯୋଗୁଁ ସେ ପିଲାବେଳୁ ସଳଖି ଚାଲି ପାରୁ ନଥିଲେ। ଯଥେକଷ୍ଟେ ମାଟ୍ରିକ ଓ ଯୁକ୍ତ ଦୁଇ ଶିକ୍ଷା ଶେଷ କରିବା ପରେ କିଛିଦିନର ବ୍ୟବଧାନ ପରେ ଏବେ ସେ ଯୁକ୍ତତିନିରେ ଅଧ୍ୟୟନ କରୁଛନ୍ତି। ପାଠପଢି କିଛି କରିବା ପାଇଁ ସ୍ୱପ୍ନ ରହିଥିଲେ ସୁଦ୍ଧା ଭିନ୍ନକ୍ଷମ ଅସହାୟତା ଯୋଗୁଁ ବିଶ୍ୱଜିତଙ୍କ ମନୋବଳ ଦିନକୁ ଦିନ ଦୁର୍ବଳ ହୋଇଯାଉଛି। ଗୋଡ଼ ୨ଟି ଧିରେଧିରେ ଚାଲିବାର କ୍ଷମତା ହରାଉଥିବା ବେଳେ ଆଶା ବାଡ଼ି ତାଙ୍କ ପାଇଁ ସବୁ କିଛି ପାଲଟିଛି। ଏପଟେ ବାପା ତାଙ୍କର ଶ୍ରମିକ ଶ୍ରେଣୀର ହୋଇଥିବା ବେଳେ ପରିବାରର ଚାରି ପାଞ୍ଚ ଜଣଙ୍କୁ ଗୋଟିଏ ରୋଜଗାରରେ ଚଳାଇବା କଷ୍ଟକର ହେଉଛି। ଭିନ୍ନକ୍ଷମ ପୁଅର ଔଷଧ ଓ ପାଠପଢ଼ା ଖର୍ଚ୍ଚ ମଧ୍ୟ ରହିଛି। ସରକାରୀ ସହାୟତା କହିଲେ ଚାଉଳ ଗଣ୍ଡେ ଓ ପୁଅର ୧୨ଶହ ଟଙ୍କା ଭତା ପରିବାର ପାଇଁ ସାହାରା ପାଲଟିଛି। ଆର୍ଥିକ ଅନଟନ ଯୋଗୁଁ ନିୟମିତ ଔଷଧ ସେବନ କରିବା ମଧ୍ୟ ବିଶ୍ୱଜିତଙ୍କ ପାଇଁ କଷ୍ଟକର ହୋଇପଡୁଛି। ଏପରିସ୍ଥଳେ ବିଶ୍ୱଜିତ ଶତକଡା ୮୦ଭାଗ ଭିନ୍ନକ୍ଷମ ଆଧାରରେ ଭତା ରାଶିକୁ ୩୫୦୦ ବୃଦ୍ଧି କରିବା ଓ ପରିବାର ସକାଶେ ଆବାସ ଗୃହ ଖଣ୍ଡିଏ ପାଇଁ ସେ ବ୍ଲକ ପ୍ରଶାସନ ନିକଟରେ ଗୁହାରି କରିଛନ୍ତି। ପୂର୍ବରୁ ମଧ୍ୟ ବାସଗୃହ ପାଇଁ ସେ ଅନେକ ବାର ଦାବି ଜଣାଇଥିଲେ। ତାଙ୍କର ଦାବିକୁ କେହି ଗ୍ରହଣ କରୁନାହାନ୍ତି। ଏପରିକି ଯୋଗ୍ୟ ତାଲିକାରେ ନାଁ ଥିଲେ ସୁଦ୍ଧା ତାଙ୍କୁ ଏଯାଏଁ ଘର ଖଣ୍ଡିଏ ମିଳିପାରିନାହିଁ। ତେଣୁ ନିରାଶ ହୋଇ ସୁଦ୍ଧା ମନରେ ପୁଣି ଆଶା ନେଇ ବହୁ କଷ୍ଟେମଷ୍ଟେ ଭିନ୍ନକ୍ଷମ ବିଶ୍ୱଜିତ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ପୁନର୍ବାର ଦାବି ସମ୍ପର୍କରେ ବିଡିଓଙ୍କୁ ଜଣାଇଛନ୍ତି।



## ପୂଜ୍ୟପୂଜା ସାଂସ୍କୃତିକ ପରିଷଦ ପକ୍ଷରୁ ଚା’ ଦିବସ



ଧାମନଗର, ୨୧।୯(ସମିସ): ଧାମନଗର ପୂଜ୍ୟ ପୂଜା ସାଂସ୍କୃତିକ ପରିଷଦ ପକ୍ଷରୁ ଧାମନଗର ବାସନ୍ତୀ ଦୁର୍ଗା ଗେଟ ନିକଟସ୍ଥ କୈଳାସ ଜେନା (କାବୁଲି)ଚା ଦୋକାନ ସମ୍ମୁଖରେ ବିଶ୍ୱ ଚା ଦିବସ ରବିବାର ଅପରପକ୍ଷରେ ପାଳିତ ହୋଇଯାଇଛି। ପରିଷଦର ମୁଖ୍ୟ ଉପଦେଷ୍ଟା ରସାନନ୍ଦ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଦୀପକ କୁମାର ନାୟକ, ଅଧ୍ୟାପକ ଚିତ୍ତରଂଜନ ଦାଶ,ଏବିଇଓ ହେମେନ୍ଦ୍ର ନାଥ ମହାନ୍ତି ଓ ମନୋଜ ଜେନା,ବରିଷ୍ଠନାଗରିକପରିଷଦରସମ୍ପାଦକ ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା,ପରିଷଦର ଉପସଭାପତି ତଥା ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ସୁରଥଚନ୍ଦ୍ର ସେଠୀ,ଶିକ୍ଷାବିତ ନିରାକାର ଧଳ,ସମାଜସେବୀ ମାନଗୋବିନ୍ଦ ମଲିକ, ସେକ ହଲିମ, ସେକ ମକଦୁମ, ଏମଡି ଜୋନେଦ ଅହମଦ,ସୈଳେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପରିଷଦର ସମ୍ପାଦକ ପ୍ରଦୀପ ମହାପାତ୍ର ବିଶ୍ୱ ଚା ଦିବସରେ ଉଦ୍ଦେଶ୍ୟ ପ୍ରଦାନ କରିଥିଲେ। ପରିଷଦର କାର୍ଯ୍ୟକର୍ତା ସାମ୍ବାଦିକ ସନ୍ତୋଷ ମହାପାତ୍ର, ସଞ୍ଜୀବ ମହାନ୍ତି, ସେକ ହମିଦ, ବିଶ୍ୱଜିତି ପଲାଇ, ଶିଶିର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପଦେଷ୍ଟା ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ବିପଦପୂର୍ଣ୍ଣ ଝାଡ଼ପଟା ପ୍ରାଥମିକ ବିଦ୍ୟାଳୟ

ଦୋଳସାହି, ୨୧।୯(ସମିସ): ତିହିଡି ବ୍ଲକ୍ ଗୁଆମାଳ ପଞ୍ଚାୟତର ଝାଡ଼ପଟା ପ୍ରାଥମିକ ବିଦ୍ୟାଳୟ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଝାଡ଼ପଟା ଗାଁରେ ଥିବା ଏହି ପ୍ରାଥମିକ ବିଦ୍ୟାଳୟଗ୍ରାମବାସୀଙ୍କ ଦ୍ୱାରା ୧୯୫୯ରେ ନିର୍ମାଣ ହୋଇଥିବା ବେଳେ ଅଦ୍ୟାବଧି ଏହି ବିଦ୍ୟାଳୟକୁ ସରକାରଙ୍କ ତରଫରୁ ବିଦ୍ୟାଳୟ ଗୃହ ପ୍ରଦାନ କରାଯାଇନାହିଁ। ଫଳରେ ଦୀର୍ଘବର୍ଷ ତଳେ ନିର୍ମିତ ହୋଇଥିବା ଗୃହ ଦୁର୍ବଳ ହେବା ସହ ବିପଦପୂର୍ଣ୍ଣ ଜଣାଯାଇଛି। ଏହି ବିଦ୍ୟାଳୟ ଛାତର ବିଭିନ୍ନ ସ୍ଥାନରେ ଫାଟି ଅତଡ଼ା ଖସୁଥିବା ନେଇ ଛାତ୍ରଛାତ୍ରୀ ବିପଦପୂର୍ଣ୍ଣ ଭାବେ ପାଠ ପଢୁଥିବା ଦେଖି ସାଧାରଣରେ ତଥା ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଏହି ବିଦ୍ୟାଳୟର ମରାମତି ପାଇଁ ସରାକାରଙ୍କ ତରଫରୁ ୧ ବର୍ଷ ପୂର୍ବରୁ ୪ଲକ୍ଷ ଟଙ୍କା ପ୍ରଦାନ ହୋଇଥିବା ବେଳେ ଏହି କାର୍ଯ୍ୟ ଅତି ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଏହି ପଞ୍ଚାୟତର ଅନେକ ବିଦ୍ୟାଳୟରେ ସରକାରଙ୍କ ତରଫରୁ ପ୍ରଦାନ ହୋଇଥିବା ଅନୁଦାନ ଅର୍ଥ ଆତ୍ମସାତ ହୋଇଥିବା ନେଇ ଅଭିଯୋଗ ହୋଇଛି।



# ଆଜି ୮୩ତମ ସହିଦ ସ୍ମୃତି ଦିବସ

## ସ୍ମୃତି ସାଉଁଟୁଛି ସହିଦନଗର

ଅସୁରାଳି, ୨୧।୯(ସମିସ)

ଇଂରେଜ ଶାସନରୁ ମୁକ୍ତି ପାଇଁ ଭାରତବର୍ଷରେ ହୋଇଥିବା ସ୍ୱାଧୀନତା ଆନ୍ଦୋଳନର ଇତିହାସ ଆଜି ବି ଜୀବନ୍ତ। ଦେଶ ମାତୃକାର ମୁକ୍ତି ପାଇଁ ଅନେକ ସଂଘର୍ଷ ଓ ସଂଘାତ ଦେଖିବାକୁ ମିଳିଥିଲା ବେଳେ ଏଥିମଧ୍ୟରୁ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ଲୁଣିଆଠାରେ ଆଜକୁ ୮୩ବର୍ଷ ତଳେ ଘଟିଥିବା ଗୁଳିକାଣ୍ଡର ସ୍ମୃତି ଏବେବି ତାଜା ହୋଇ ରହିଛି। ଘଟଣା ବହୁଳ ସ୍ୱାଧୀନତା ସଂଗ୍ରାମରେ ସଂଗଠିତ ଲୋମ ଟାଙ୍କୁରା ଲୁଣିଆ ଗୁଳିକାଣ୍ଡର ପୃଷ୍ଠଭୂମି ଥିଲା ହୃଦୟସ୍ପର୍ଶୀ। ୧୯୪୨ରେ ଗାନ୍ଧିଜୀଙ୍କ ଆହ୍ୱାନରେ ସବୁଠି ଭାରତ ଛାଡ଼ ଆନ୍ଦୋଳନର ସ୍ୱର ସ୍ୱର ଶୁଭୁଥାଏ। ଉତ୍କଳ କେଶରୀ ଡ ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ ଭଦ୍ରକ ଅଞ୍ଚଳରେ ବ୍ରିଟିଶ ବିରୋଧୀ ଅସନ୍ତୋଷ କୁହୁଳିଥିବା ବେଳେ ଧୂଷୁରୀ ଅଞ୍ଚଳ ସ୍ୱାଧୀନ ଘୋଷଣା ହୋଇସାରିଥିଲା। ସ୍ୱାଧୀନ ହେବାର ସ୍ୱପ୍ନରେ ବିଭୋର ଜନତା ସବୁଠି ଏକଜୁଟ ହୋଇଥାନ୍ତି। ଧାମନଗର ଥାନା ଅଧୀନ କଟସାହି, ଖପରପଦା, ଲୁଣିଆ, ଶ୍ରୀଗଙ୍ଗା ପାଟଣା ଆଦି ଅଞ୍ଚଳରେ ସର୍ଦ୍ଦାର ମୂରଲୀଧର ପଣ୍ଡାଙ୍କ ନେତୃତ୍ୱରେ ବୈଠକ ହୋଇ ଆନ୍ଦୋଳନକୁ ତୀବ୍ର ରୂପ ଦିଆଯାଇଥାଏ।ଏ ଖବର ପୁଲିସ ପାଇ ସରିଥାଏ। ଇଂରେଜ ବିରୋଧୀ ଆନ୍ଦୋଳନର ନେତା ମୂରଲୀଙ୍କୁ ଗିରଫ କରିବା ପାଇଁ ଯୋଜନା କରିଥିବା ଧାମନଗର ଥାନାର ତତ୍କାଳୀନ ଅଧିକାରୀ ବଳରାମ ବେହେରାଙ୍କ ନେତୃତ୍ୱରେ ପୁଲିସ ଟିମ୍ ଆସୁଥିବା ଖବର ପ୍ରଚାର ହୋଇ ଯାଇଥିଲା। ସର୍ଦ୍ଦାରଙ୍କ ଗିରଫଦାରୀ ବିରୋଧରେ ଅଳ୍ପ ସମୟ ମଧ୍ୟରେ ହଜାର ହଜାର ମୁକ୍ତିକାମୀ ଜନତା ଚାନ୍ଦିଆପଶି ପଡିଆରେ ଏକ ହେଲେ ସେଦିନ ଥିଲା ୧୯୪୨ ମସିହା ସେପ୍ଟେମ୍ବର ମାସର ୨୨ତାରିଖ ଅଶୁଭ ମଙ୍ଗଳବାର ଇନିସପେକ୍ଟର ବଳରାମ ବେହେରାଙ୍କ ସମେତ ପୁଲିସ ସଦଳବଳ ଚାନ୍ଦିଆପଶି (ଅଧୁନା ସହିନଗର)ରେ ପହଞ୍ଚି ସାରିଥିଲା। ସର୍ଦ୍ଦାର ମୁରଲୀଙ୍କ ଗିରଫଦାରୀ ବିରୋଧରେ ପ୍ରତିବାଦ ପାଇଁ ଏକଜୁଟ ବିପୁଳ ଲୋକେ ବ୍ରିଟିସ ବିରୋଧୀସ୍ଲୋଗାନ ସହ ପୁଲିସଠାରୁ ସେମାନଙ୍କ ବନ୍ଧୁକ ଛଡାଇ ନେଇଥିଲେ ପୁଲିସ ନେହୁରା ହୋଇ ବନ୍ଧୁକ ଫେରି ପାଇବା ପରେ କେଇ ହାତ ଆଗକୁ ଯାଇ ହଟାତ ଆକ୍ରମଣ କରିଥିଲେ। ପୁଲିସ ଗୁଳିରେ ଚାହୁଁ ଚାହୁଁ ସେହିଠାରେ ଟଳି ପଡ଼ିଥିଲେ ୯ଜଣ ସ୍ୱାଧୀନକାମୀ ସଂଗ୍ରାମୀ। ସର୍ଦ୍ଦାର ମୁରଲୀ ପଣ୍ଡାଙ୍କୁ ଗିରଫ କରାଗଲା ରାଜୁଆଳିର ନିଧି ମହାଳିକ(୫୫), କୃଷ୍ଣ ମହାଳିକ(୨୮), ଶ୍ୟାମ ମହାଳିକ(୩୫), ଲୁଣିଆର ଅଗଣି ସାହୁ(୫୨), କଟସାହିର ଗୋପୀନାଥ ଯେନା(୨୫), କାଶିପୁରର ନବ କିଶୋର ନାୟକ(୩୨), ଶୁଗୁଆର ଗୌରୀ (୮୦), ପଥରଡ଼ହର ଚିନ୍ତାମଣି ଦାସ(୫୫) ଏବଂ ଖପରପଦାର ଶଙ୍କର ବେହେରା(୫୦)ଙ୍କ ରକ୍ତରେ ଲେଖା ହେଲା ସ୍ୱାଧୀନତା ଆନ୍ଦୋଳନର ଇତିହାସ ଇତିମଧ୍ୟରେ ଅନେକ ଦିନ ଅତିକ୍ରାନ୍ତ ହୋଇଛି। ୯ଜଣ ବୀରଙ୍କ ଆତ୍ମବଳିଦାନର ମୂକସାକ୍ଷୀ ହୋଇ ରହିଛି ସେଦିନର ଲୁଣିଆ ଭାରତୀୟ ମୁକ୍ତି ସଂଗ୍ରାମରେ ରକ୍ତର ସ୍ୱାକ୍ଷର ଛାଡିଥିବା ଲୁଣିଆ(ସହିଦ ନଗର)କୁ ରାଜ୍ୟ ସରକାର ପର୍ଯ୍ୟଟନସ୍ଥଳୀ ଭାବେ ଘୋଷଣା କରିଛନ୍ତି; କିନ୍ତୁ ବିକାଶ କଥାଲୁ ଭୁଲି ଯାଇଛନ୍ତି। ଚଳିତ ମାସ ୧ ତାରିଖରେ ମଙ୍ଗଳପୁରଠାରୁ ବିଲଣା ଯାଏଁ ଶିଳାନ୍ୟାସ କରାଯାଇଥିଲା କିନ୍ତୁ ଏଯାବତ କୌଣସି ପ୍ରକାର ର ରାସ୍ତା ନିର୍ମାଣ ପାଇଁ ତତ୍ପରତା ଦେଖା ଯାଇ ନାହିଁ। ନା ପଡ଼ିଲା ଚିପ୍ସ ଡଷ୍ଟ ନା ପଡ଼ିଛି ମେଟାଲ୍। କେବଳ ଶିଳାନ୍ୟାସରେ ସୀମିତହୋଇ ରହିଗଲା ମଙ୍ଗଳପୁର-ବିଲଣା ରାସ୍ତା। ପୁଣି ସହିଦ୍ ଦିବସ ଆସିଲେ ସରକାରଙ୍କର ମନେପଡେ ଏହି ସହିଦ୍ ପରିବାରଙ୍କ କଥା; ଗୋଟିଏ ଗାମୁଛା ଓ ଫୁଲତୋଡ଼ାରେ ସୀମିତ ହୋଇ ଯାଇଛି ତାଙ୍କର କର୍ତ୍ତବ୍ୟ। ଆଜି ୮୩ତମ ସହିଦ ଦିବସ ପାଳନ କରାଯାଉଛି; କିନ୍ତୁ ସହିଦ୍ ପରିବାରର ଦୁଃଖ କୁ ଆଡେଇ ଦେଉଛି ଲୋକଙ୍କ ସରକାର ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।



### ଭୂମିହୀନ ଦର୍ଶାଇ ସରକାରୀ ଜମି ହଡ଼ପ ପ୍ରସଙ୍ଗ

## ଜିଲ୍ଲାପାଳଙ୍କ ଚିଠିକୁ ୪ ମାସ ପୂରିବ, ଉତ୍ତର ରଖୁନାହାନ୍ତି ତହସିଲଦାର

ବନ୍ତ/ଆଗରପଡ଼ା,୨୧।୯(ସମିସ): ଜଣେ ବ୍ୟକ୍ତିଙ୍କ ନିଜସ୍ୱ ଜାଗା ଥିବାବେଳେ ସେ ନିଜକୁ ଭୂମିହୀନ ଦର୍ଶାଇ ସରକାରୀ ଜମିକୁ ବେନିୟମ ଭାବେ ହଡ଼ପ କରିଥିବା ନେଇ ଭଦ୍ରକ ଜିଲ୍ଲାପାଳଙ୍କଠାରେ ଜଣେ ସୂଚନା ଅଧିକାର କର୍ମୀ ଅଭିଯୋଗ ଆଣିଥିଲେ। ଅଭିଯୋଗ ପାଇବା ପରେ ଅଭିଯୋଗ ଉପରେ ଉତ୍ତର ରଖିବାକୁ ଉପଜିଲ୍ଲାପାଳ(ରାଜସ୍ୱ ବିଭାଗ)ଙ୍କ ପକ୍ଷରୁ ବନ୍ତ, ତହସିଲଦାରଙ୍କୁ ଜବାବ ମଗାଯାଇଥିଲା। ପରେ ବନ୍ତ ତହସିଲଦାର ପୂର୍ବରୁ ପ୍ରଦାନ କରାଯାଇଥିବା ତଥ୍ୟକୁ ଉପଜିଲ୍ଲାପାଳ(ରାଜସ୍ୱ ବିଭାଗ)ଙ୍କୁ ପ୍ରେରଣ କରିଥିଲେ। ଉପଜିଲ୍ଲାପାଳ ତହସିଲଦାରଙ୍କ ଉତ୍ତର ଉପରେ ପ୍ରଶ୍ନ ଉଠାଇବା ସହ ଗତ ଏପ୍ରିଲ ମାସ ୨୧ ତାରିଖ ପତ୍ରସଂଖ୍ୟା ୩୭୮୪ରେ ଏହାର ପୁନଃ ତର୍ଜମା କରି ସଠିକ୍ ଉତ୍ତର ରଖିବାକୁ ଅନୁରୋଧ କରିଥିଲେ; କିନ୍ତୁ ପତ୍ର ପଠାଇବାର ୨୨ଦିନ ପରେ ମଧ୍ୟ ତହସିଲଦାର,ବନ୍ତ ଉପଜିଲ୍ଲାପାଳ(ରାଜସ୍ୱ ବିଭାଗ)ଙ୍କ ପତ୍ରର କୌଣସି ଉତ୍ତର ନରଖିବାରୁ ପୁନଶ୍ଚ ଉପଜିଲ୍ଲାପାଳଙ୍କ ପକ୍ଷରୁ ଗତ ମେ ମାସ ୧୩ ତାରିଖରେ କାର୍ଯ୍ୟାଳୟ ପତ୍ରସଂଖ୍ୟା ୪୫୬୫ରେ ତହସିଲଦାର, ବନ୍ତଙ୍କୁ ଏକ ସ୍ମାରକପତ୍ର ପଠାଯିବା ସହ ଅଭିଯୋଗ ଉପରେ ନିଜର ମତାମତ ରଖିବା ସହ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଯାଇଥିଲା। ପତ୍ର ପଠାଇବାର ୨୪ଦିନ ପରେ ମଧ୍ୟ ତହସିଲଦାର,ବନ୍ତ ଉପଜିଲ୍ଲାପାଳ(ରାଜସ୍ୱ ବିଭାଗ)ଙ୍କ ପତ୍ରର କୌଣସି ଉତ୍ତର ନରଖିବାରୁ ଗତ ଜୁନ ମାସ ୫ ତାରିଖରେ କାର୍ଯ୍ୟାଳୟ ପତ୍ରସଂଖ୍ୟା ୫୨୦୪ରେ ସ୍ମାରକ ପତ୍ର-୨ ସ୍ୱରୂପ ଚିଠିରେ ପୁଣି ଉତ୍ତର ରଖିବାକୁ ଅନୁରୋଧ କରାଯାଇଥିବା ଜଣାପଡ଼ିଥିଲା। କିନ୍ତୁ ଚିଠିକୁ ୪ମାସ ପୂରିବାକୁ ବସିଥିବା ବେଳେ ତହସିଲଦାର, ବନ୍ତ ଚିଠିର କୌଣସି ଉତ୍ତର ରଖିପାରୁ ନଥିବାରୁ ଏହା ତାଙ୍କର କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ପ୍ରକାଶ ଥାଉକି, ୨୦୨୧ ଅପ୍ରେଲ ୩ ତାରିଖରେ ବନ୍ତ ତହସିଲଦାର ଇନ୍ଦିରା ସାହୁଙ୍କ ନିକଟରେ ଗୋପିନାଥପୁର ପଂଚାୟତ ଅନ୍ତର୍ଗତ ଗୋପିନାଥପୁର ଗ୍ରାମର ଜୟକୃଷ୍ଣ ଦାଶଙ୍କ ପୁତ୍ର ଗୋପିନାଥ ଦାଶ ଯିଏକି ୨୦୦୮ ମସିହାରୁ ବନ୍ତ ବ୍ଲକ ଶିକ୍ଷାଧିକାରୀଙ୍କ ଅଧିନ ଆସ୍ତିରା ୟୁଜିଏମଇ ସ୍କୁଲରେ ଶିକ୍ଷକ ଭାବେ କାର୍ଯ୍ୟ କରିଆସୁଛନ୍ତି। ୨୦୦୫ ମସିହାରେ ଚାକିରି କରି ନଥିବା ବେଳେ ସେ ନିଜକୁ ଭୂମିହୀନ ଦର୍ଶାଇ ସରକାରଙ୍କ ତରଫରୁ ୪ଡ଼ିସିମିଲ ଜାଗା ଚତୁରତାର ସହିତ ନିଜ ନାମରେ ହାତେଇଛନ୍ତି କିନ୍ତୁ ତାଙ୍କ ପୂର୍ବପୁରୁଷଙ୍କ ନାମରେ ୯.୫ଡ଼ିସିମିଲ ଘରବାଡ଼ି ଓ ୭୭ ଡ଼ିସିମିଲ ଚାଷ ଜମି ଥିବା ସ୍ଥଳେ ଶ୍ରୀ ଦାଶ କିପରି ଭୂମିହୀନ ହୋଇ ସରକାରୀ ଜମିକୁ ହାତେଇଲେ ସେନେଇ ସୂଚନା ଅଧିକାର କର୍ମୀ ବିକାଶ ଧଳ ଅଭିଯୋଗ ଆଣିଥିଲେ। ପରବର୍ତ୍ତୀ ସମୟରେ ତତ୍କାଳୀନ ତହସିଲଦାର ଆଗରପଡା ରାଜସ୍ୱ ନିରୀକ୍ଷକଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦେଇଥିଲେ। ଉକ୍ତ ତଦନ୍ତ ରିପୋର୍ଟ ସରକାରୀ ନିୟମକୁ ଉଲଂଘନ କରୁଥିବା ଜଣାପଡ଼ିଥିଲା। ଏହା ଜାଣି ସୁଦ୍ଧା ତତ୍କାଳୀନ ତହସିଲଦାର ଇନ୍ଦିରା ସାହୁ ଏହାର ଠିକ ତର୍ଜମା ନକରି ଏକ ପାଖିଆ ତର୍ଜମା କରିଥିବାରୁ ଏହା ଉପରେ ବିଚାର କରିବାକୁ ଜିଲ୍ଲାପାଳଙ୍କଠାରେ ୨୦୨୧ ନଭେମ୍ବର ୮ତାରିଖରେ ଅଭିଯୋଗ ହୋଇଥିଲା। ଜିଲ୍ଲାପାଳ ଏହାର ତଦନ୍ତ ଭାର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ଉପଜିଲ୍ଲାପାଳ ଏହାର ତଦନ୍ତ ଦାୟିତ୍ୱ ଯାହା ନାମରେ ତଦନ୍ତକୁ ନେଇ ଅଭିଯୋଗ ହୋଇଛି ତାଙ୍କୁ(ଇନ୍ଦିରା ସାହୁ)ଙ୍କୁ ପ୍ରଦାନ କରିଥିଲେ। ତେଣୁ ଅଭିଯୋଗକାରୀଙ୍କୁ ଉଚିତ ନ୍ୟାୟ ମିଳି ପାରି ନଥିଲା। ତେଣୁ ତତ୍କାଳୀନ ତହସିଲଦାରଙ୍କ ତଦନ୍ତ ଉପରେ ପ୍ରଶ୍ନ ଉଠାଇ ସୂଚନା ଅଧିକାର କର୍ମୀ ଶ୍ରୀ ଧଳ ଏହାର ପୁନଃବିଚାର କରିବା ସହିତ ଉପଜିଲ୍ଲାପାଳ(ଭଦ୍ରକ), ତହସିଲଦାର(ବନ୍ତ), ରାଜସ୍ୱ ନିରୀକ୍ଷକ(ଆଗରପଡ଼ା) ଏବଂ ଶିକ୍ଷକ ଗୋପିନାଥ ଦାଶଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାନେଇ ଉଚିତ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ପରବର୍ତ୍ତୀ ସମୟରେ ଜିଲ୍ଲାପାଳ ଉପଜିଲ୍ଲାପାଳ(ରାଜସ୍ୱ ବିଭାଗ)ଙ୍କୁ ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଦେଶ ଦେଇଥିବା ଜଣାପଡ଼ିଥିଲା।

## ଚାନ୍ଦବାଲି ବ୍ଲକ୍ସ୍ତରୀୟ ବିଜ୍ଞାନ ସେମିନାର




ଭଦ୍ରକ,୨୧।୯(ସମିସ): ଉଚ୍ଚବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ସେମିନାର ଚାନ୍ଦବାଲି ବ୍ଲକରେ ଅନୁଷ୍ଠିତ ହୋଇଛି। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଏହି ବ୍ଲକସ୍ତରୀୟ ବିଜ୍ଞାନ ସେମିନାରକୁ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅନିତା ମିଶ୍ର ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମିନାକ୍ଷୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସେମିନାରରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ସୁରେନ୍ଦ୍ର କୁମାର ସାହୁ, ବ୍ଲକ ବିଜ୍ଞାନ ସଂଯୋଜକ ଅମୂଲ୍ୟ କୁମାର ରାଉତ, ସମ୍ମାନିତ ଅତିଥି ଅଶୋକ ପଣ୍ଡା ପ୍ରମୁଖ ଯୋଗ ଦେଇ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କିପରି ବିଶ୍ୱ ବ୍ରହ୍ମାଣ୍ଡର ଶିଖରରେ ପହଞ୍ଚିପାରୁଛି ଏବଂ କୃତ୍ରିମ ବୁଦ୍ଧିମତାକୁ ଭିତ୍ତି କରି କ୍ୱାଣ୍ଟମ୍ ଯୁଗରେ ପ୍ରବେଶ କରିବାକୁ ଯାଉଛି ସେନେଇ ଆଲୋଚନା କରିଥିଲେ। ଶିକ୍ଷକ ରବୀନ୍ଦ୍ର କୁମାର ନନ୍ଦୀ ଅତିଥି ପରିଚୟ ଏବଂ ସୁବାସ ସେଠୀ ସ୍ୱାଗତ ଭାଷଣ ଦେଇଥିଲେ। ଚାନ୍ଦବାଲି ବ୍ଲକର ବିଭିନ୍ନ ହାଇସ୍କୁଲର ଛାତ୍ରଛାତ୍ରୀ, ବିଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ବିଜ୍ଞାନ ଶିକ୍ଷକ ଦିବ୍ୟଜ୍ୟୋତି ବାରିକ ଧନ୍ୟବାଦ ଦେଇଥିଲେ।

## ପେଟଯନ୍ତ୍ରଣା ସହି ନପାରି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ଭଦ୍ରକ, ୨୧।୯(ସମିସ): ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବନ୍ଧଗାଁ ପଞ୍ଚାୟତର ମଦନ ବାରିକଙ୍କ ପୁଅ ଦିଲୀପ/ବାପି ବାରିକ (୩୪) ନିଜ ଘରେ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେବାରୁ ତାଙ୍କ ଦେହର ୬୦ ଭାଗ ପୋଡ଼ି ଯାଇଛି। ରବିବାର ସକାଳ ୮ଟାରେ ଏହି ଅଭାବନୀୟ ଘଟଣା ଘଟିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ଭଦ୍ରକ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଥାଉ କି, ବାପି ଜଣେ ଦକ୍ଷ ବୁଲେଟ୍ ମେକାନିକ ଭାବେ ଭଦ୍ରକ ବୁଲେଟ୍ ଶୋ ରୁମ୍ ଓ ପରେ ଚାନ୍ଦବାଲିରେ କାମ କରୁଥିଲେ। କିଛି ଦିନ ହେବ ସେ ପେଟ ରୋଗରେ ପୀଡ଼ିତ ହୋଇ ଯନ୍ତ୍ରଣା ଭୋଗୁଥିଲେ। ସକାଳେ ଏହି କାରଣରୁ ନିଜର ମାନସିକ ଭାରସାମ୍ୟ ହରାଇ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗେଇ ଦେଇଥିଲେ। ଏହା ଜାଣିବା ପରେ ତାଙ୍କ ମାଆ ଚଞ୍ଚଳା ଓ କିଛି ପଡୋଶୀ ତାଙ୍କୁ ତୁରନ୍ତ ଘର ନିକଟ ପୋଖରୀକୁ ନେଇ ବୁଡାଇଥିଲେ। ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ ଯୋଗେ ଭଦ୍ରକ ଓ ସେଠାରୁ କଟକ ସ୍ଥାନାନ୍ତର କରାଯାଇଛି।

## ନବଗ୍ରହ ମନ୍ଦିରରେ ନବରାତ୍ରୀ ପୂଜା

ଅସୁରାଳି, ୨୧।୯(ସମିସ): ଜ୍ୟୋତିଷ ଅନୁସାରେ ସୂର୍ଯ୍ୟ, ଚନ୍ଦ୍ର, ମଙ୍ଗଳ, ବୁଧ, ଗୁରୁ, ଶୁକ୍ର, ଶନି, ରାହୁ ଏବଂ କେତୁ ଏହି ନଅ ଗ୍ରହଙ୍କୁ ନବଗ୍ରହ ଭାବେ ବିବେଚିତ କରାଯାଇଥାଏ। ଏହି ନବଗ୍ରହର ମହତ୍ତ୍ୱ ବହୁ ବ୍ୟକ୍ତି ବିଶେଷଙ୍କ ଜୀବନରେ ବହୁ ଅଧିକ। ଏହାର ଚଳନ ଲୋକମାନଙ୍କ ଜୀବନକୁ ପ୍ରଭାବିତ କରିଥାଏ। ଏଣୁ ନବଗ୍ରହ ପୂଜାର ମହତ୍ୱ ବହୁ ଅଧିକ। ଶାରଦୀୟ ଦୁର୍ଗା ପୂଜା ଅବସରରେ ପାଳ ସାହି ପଞ୍ଚାୟତ ଅଧୀନ ବେତାଳୀ ଗାଁସ୍ଥିତ ନବଗ୍ରହ ମନ୍ଦିରରେ ପଣ୍ଡିତ ପଞ୍ଚାନନ ମିଶ୍ରଙ୍କ ତତ୍ତ୍ୱାବଧାନରେ ନବରାତ୍ରୀ ପୂଜା ଅନୁଷ୍ଠିତ ହୋଇଛି। ଉକ୍ତ ପୂଜାଟି ୨୧ ବର୍ଷ ଧରି ହୋଇଆସୁଛି। ବିଶ୍ୱ ଶାନ୍ତି ନିମିତ୍ତ ତଥା ଦୈବ ଶକ୍ତି ସଜାଗ ପାଇଁ ୨୧ ସେପ୍ଟେମ୍ବରରୁ ୨ ଅକ୍ଟୋବର ଯାଏଁ ୯ ଦିନ ଧରି ପୂଜା ଚାଲୁ ରହିବ। ଏହି ପରିପ୍ରେକ୍ଷୀରେ ପଣ୍ଡିତ ଗିରିଶ ପାଢ଼ି, ଦିପ୍ତିକାନ୍ତ ଉପାଧ୍ୟାୟ, ମନୋଜ ମିଶ୍ର ଦୁର୍ଗା ଶପ୍ତସତୀ ଚଣ୍ଡୀ ପାଠ କରିବା ସହ ସମସ୍ତ ନୀତି କାନ୍ତି ଅନୁଯାୟୀ ପୂଜା କାର୍ଯ୍ୟ ସମାପନ କରିଥିଲେ।



# ବ୍ୟବସ୍ଥାରେ ତ୍ରୁଟି; ନଷ୍ଟ କରାଯାଉଛି ଦୋବଲ ହାଟକୁ

ଦୋବଲ, ୨୧।୯(ସମିସ)

ବ୍ୟବସ୍ଥାଗତ ଭାବେ ଧାମନଗର ବ୍ଲକ ମୁସ୍ତଫାପୁରରେ ଥିବା ଦୋବଲ ହାଟକୁ ନଷ୍ଟ କରାଯାଉଥିବା ଅଭିଯୋଗ ହୋଇଛି। ପଞ୍ଚାୟତସମିତି ଅଧିକାରୀ ଓ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅପରିଣାମଦର୍ଶୀ ପଦକ୍ଷେପରୁ ଏଭଳି ଅବସ୍ଥା ଉପୁଜିଛି। ମୁସ୍ତଫାପୁର ପଞ୍ଚାୟତ ଅଧୀନରେ ଥିବା ହାଟ ଏଥର ନିଲାମ ହୋଇପାରି ନାହିଁ। ଚଳିତ ବର୍ଷ ହାଟ ନିଲାମର ବେସ୍ ପ୍ରାଇସ୍ ୧ ଲକ୍ଷ ୭୬ ହଜାର ରଖାଯାଇଥିଲା। ନିୟମ ଅନୁସାରେ ନିଲାମ ଧରିବାକୁ ହେଲେ ବେସ୍ ପ୍ରାଇସର ୧୦ ଭାଗରୁ ଭାଗେ ଟଙ୍କା ଅମାନତ ଆକାରରେ ଜମା ରଖିବାକୁ ହେବ; ଯିଏ ନିଲାମ ଜିଣିବେ ତାଙ୍କ ଅମାନତ ଟଙ୍କା ରଖାଯିବ। ବାକି ସମସ୍ତଙ୍କର ଫେରାଯିବ। ପ୍ରଥମତଃ ବେସ୍ ପ୍ରାଇସ୍ ଖୁବ୍ ଅଧିକ ରହିଛି। ପୁଣି ନିଲାମ ଡାକ ହେଲେ ତାହା ବଢ଼ିବାର ସମ୍ଭାବନା ରହିଛି। ଏବେ ସମସ୍ୟା ହେଉଛି ଯିଏ ନିଲାମ ଧରିବ, ତାହାର ସେହି ପରିମାଣର ଟଙ୍କା ଉଠିବ କି ନାହିଁ ସେନେଇ ଆଶଙ୍କା ରହିଛି। ସୋମବାର ଓ ଗୁରୁବାର ହିସାବରେ ସପ୍ତାହକୁ ଦୁଇ ଦିନ ହାଟ ବସୁଛି। ପୁଣି ଅପରାହ୍ଣ ହାଟ। ଦୋବଲ ହାଟଠାରୁ ୫ କିଲୋମିଟର ଦୂର ଆନନ୍ଦପୁରରେ ସୋମବାର ଓ ଶୁକ୍ରବାର ସକାଳ ଓଳି ଜଗନ୍ନାଥ ହାଟ ବସିଥାଏ। ସେହିପରି ୫ କିଲୋମିଟର ଦୂର ଧାମନଗରରେ ବୁଧବାର ଓ ରବିବାର ହାଟ ବସେ। ସେପଟେ ଖଙ୍ଗରାରେ ଶନିବାର ଓ ମଙ୍ଗଳବାର ଦିନ ହାଟ ବସେ। ଧାମନଗରକୁ ଛାଡ଼ିଦେଲେ ଦୋବଲ, ଆନନ୍ଦପୁର ଓ ଖଙ୍ଗରା ହାଟକୁ ପ୍ରାୟତଃ ସମାନ ବେପାରୀ ଆସନ୍ତି। ଆଉ ୭ଟି ପଞ୍ଚାୟତର ଲୋକ ଏହି ତିନି ହାଟ ଉପରେ ନିର୍ଭର କରନ୍ତି। ଏଣୁ ଗୋଟିଏ ସ୍ଥାନର ହାଟକୁ ଗୋଟିଏ ପାଳି ଆସି ନପାରିଲେ ପରଦିନ ଯେକୌଣସି ଗୋଟିଏ ହାଟରୁ ପରିବାପତ୍ର କିଣିପାରନ୍ତି ଏହି ୭ ପଞ୍ଚାୟତ ଲୋକ। ଦୋବଲ ହାଟକୁ ପ୍ରତି ହାଟ ପାଳିରେ ୨୦-୩୦ ଜଣ ପରିବା ବେପାରୀ ଆସିଥାନ୍ତି। ଶୀତ ଦିନେ ପରିବା ଚାଷ ସମୟରେ ଏମାନଙ୍କ ସଂଖ୍ୟା ଟିକେ ଅଧିକ ହୋଇଥାଏ। ପ୍ରାୟ ୭୦ରୁ ୮୦ ଭିତରେ ବେପାରୀ ଆସନ୍ତି। ଲକ୍ଷେ ୭୬ ହଜାର ଟଙ୍କାରେ ବର୍ଷକୁ ୫୨ ସପ୍ତାହ ଅର୍ଥାତ ୧୦୪ଟି ହାଟ ପାଳି ଲିଜ୍ ନେଇଥାନ୍ତି ନିଲାମଧାରୀ। ଏଣୁ ହାଟ ପାଳିକୁ ୧୭୦୦ ଟଙ୍କା ପଡ଼ିଲା। ଯିଏ ନିଲାମ ନେବ ନିଜର ଲାଭ ନ ରଖିଲେ ସିଏ ବେପାରୀଙ୍କଠାରୁ ହାଟ ପାଳିକୁ ସେହି ୧୭୦୦ ଟଙ୍କା ଆଦାୟ କରିବ। ଅଣପରିବା ବେପାରୀ ମୋଟ୍ ୩୦ ଜଣ ବେପାରୀ ଆସୁଥିଲେ ସେମାନଙ୍କ ପାଖରୁ ପ୍ରାୟତଃ ୬୦ ଟଙ୍କା ଆଦାୟ କରିବାକୁ ପଡ଼ିବ। ଗାଁ ହାଟ ହୋଇଥିବାରୁ ଗାଁ ଚାଷୀ ଆସନ୍ତି। କେଉଁ ଚାଷୀ ୫ କିଲୋ ସାରୁ, ଆଉ କିଏ ୫ କିଲୋ ବାଇଗଣ ଆଣିଥାନ୍ତି। ଏଣୁ ସେମାନଙ୍କଠାରୁ ଯଦି ୬୦ ଟଙ୍କା ଲେଖାଏଁ ମହାସୁଲ ନିଆଯିବ, ତା ହେଲେ ସେମାନଙ୍କର ଲାଭ କଣ ରହିବ? ବେସ୍ ପ୍ରାଇସ୍ ଅଧିକ ରହୁଥିବାରୁ ଓ ଏହି ହିସାବରେ ମହାସୁଲ୍ ଆଦାୟ ସମ୍ଭାବନା କ୍ଷୀଣ ରହୁଥିବାରୁ କେହି ହାଟ ନିଲାମ ନେବାକୁ ରାଜି ହେଉନାହାନ୍ତି। ତା ଛଡ଼ା ପଞ୍ଚାୟତ ପକ୍ଷରୁ ବେପାରୀଙ୍କ ପାଇଁ ସେମିତି ବି କିଛି ସୁବିଧା କରାଯାଇ ନାହିଁ। ନା ଚାଳିଆ ଅଛି ନା ଭଲ ପିଣ୍ଡି ଅଛି। ବ୍ୟବସ୍ଥାଗତ ଭାବେ ଅବ୍ୟବସ୍ଥା ଥିବାରୁ ହାଟ ନିଲାମ ହୋଇପାରୁନାହିଁ। ପଞ୍ଚାୟତର ଆୟ କମୁଛି। ହାଟ ନଷ୍ଟ ହେଉଛି। ବେପାରୀ ମୁହଁ ଫେରାଉଛନ୍ତି। ଦିନକୁ ଦିନ ହାଟ ଦୁର୍ବଳ ହେବାରେ ଲାଗିଛି। ତେବେ ଏନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଭୁଦତ ପାତ୍ରଙ୍କୁ ପଚାରିବାରୁ କୁହନ୍ତି ଅଧିକ ରେଟ୍ ହୋଇଯାଇଥିବାରୁ କେହି ନିଲାମ ଧରୁନାହାନ୍ତି। କମାଇବା ମୋ ହାତରେ ନାହିଁ। ଏଣୁ ସବକଲେକ୍ଟରଙ୍କ ସହିତ କଥା ହୋଇ ସମାଧାନ କରିବା ପାଇଁ ଅନୁମତି ନେବାକୁ ହେବ ବୋଲି କହିଛନ୍ତି। ସେହିପରି ଏହି ହାଟର କିଛି ଅଂଶ ଜବରଦଖଲକାରୀଙ୍କ କବଜାରେ ରହିଛି। ଏଠାରେ ଜୋରଜବରଦସ୍ତ କରି କିଛି ଚାରିଚକିଆ ଗାଡି ରଖିଛନ୍ତି ବୋଲି ଅଭିଯୋଗ ହୋଇଛି।



## ନିଜସ୍ୱ ଉଦ୍ୟମରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢୁଛନ୍ତି ଶିକ୍ଷକ ପ୍ରଦୀପ

ବନ୍ତ/ଆଗରପଡ଼ା,୨୧।୯(ସମିସ): ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ସରକାର ମାଗଣା ବହି, ପୋଷାକ, ମଧ୍ୟାହ୍ନଭୋଜନ ଆଦିର ସୁବନ୍ଦୋବସ୍ତ କରିଥିଲେ ସୁଦ୍ଧା ଶୈକ୍ଷିକ ବାତାବରଣରେ ଉନ୍ନତି ହୋଇପାରୁ ନଥିବାରୁ ସରକାରଙ୍କ ଯୋଜନାର ସଫଳ ରୂପାୟନ ହୋଇପାରୁ ନଥିବା ଜଣାପଡ଼ିଛି। ଏହିପରିସ୍ଥଳେ ସରକାରୀ ବିଦ୍ୟାଳୟ ପ୍ରତି ଅଭିଭାବକଙ୍କ ଆଗ୍ରହ ମଧ୍ୟ କମିକମି ଯାଉଛି। ବିଭିନ୍ନ ସମସ୍ୟା ମଧ୍ୟରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଗତି କରୁଥିବା ସ୍ଥଳେ ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ କାଦବରାଙ୍ଗ ଓ ନରାଜପୁର କ୍ଲଷ୍ଟର ସିଆରସିସି ପ୍ରଦୀପ ପଲାଇଙ୍କ ଭିନ୍ନ ଏକ ପ୍ରୟାସ ଅନ୍ୟ ଶିକ୍ଷକଙ୍କ ପାଇଁ ଉଦାହରଣ ସୃଷ୍ଟି କରିବା ସହ ଭୁଶୁଡ଼ି ପଡୁଥିବା ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବାରେ ସହାୟତା ପ୍ରଦାନ କରୁଥିବା ଜଣାପଡ଼ିଛି।

ବନ୍ତ ବ୍ଲକ କାଦବରାଙ୍ଗ ପଞ୍ଚାୟତ ଅନ୍ତର୍ଗତ ଏରେଣ୍ଡେଇ ଗାଁର ଗଜେନ୍ଦ୍ର ପଲାଇ ଓ ପ୍ରମିଳାଙ୍କ ୨ୟ ପୁତ୍ର ପ୍ରଦୀପ ନିଜର ଶିକ୍ଷାଗତ ଯୋଗ୍ୟତା ହାସଲ କରିବା ପରେ ୨୦୧୨ ମସିହାରେ ସରକାରୀ ଶିକ୍ଷକ ଭାବେ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ୨୦୧୮ରେ ନିୟମିତ ଶିକ୍ଷକ ଭାବେ ଯୋଗ୍ୟ ହୋଇ ଶିକ୍ଷାଦାନ କରୁଥିଲେ। ପରେ ୨୦୨୩ ଅଗଷ୍ଟରୁ ସିଆରସିସି ଭାବେ କାର୍ଯ୍ୟଭାର ଗ୍ରହଣ କଲେ। ପ୍ରଥମେ ତାଙ୍କୁ ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ନରାଜପୁର କ୍ଲଷ୍ଟର ଦାୟିତ୍ୱ ପ୍ରଦାନ କରାଯାଇଥିଲା। ପରେ ପରେ କାଦବରାଙ୍ଗ କ୍ଲଷ୍ଟରର ଅତିରିକ୍ତ ଦାୟିତ୍ୱ ମଧ୍ୟ ପ୍ରଦାନ କରାଯାଇଥିଲା। ଏବେ ଶ୍ରୀ ପଲାଇ କାଦବରାଙ୍ଗ ଓ ନରାଜପୁର କ୍ଲଷ୍ଟରର ଦାୟିତ୍ୱ ନିର୍ବାହ କରୁଛନ୍ତି।

ସୂଚନା ଅନୁଯାୟୀ, ନରାଜପୁର କ୍ଲଷ୍ଟର ଅଧୀନରେ ୮ଟି ବିଦ୍ୟାଳୟ ଓ କାଦବରାଙ୍ଗ କ୍ଲଷ୍ଟର ଅଧୀନରେ ଥିବା୧୦ଟି ବିଦ୍ୟାଳୟ ସମୁଦାୟ ୧୮ଟି ବିଦ୍ୟାଳୟର ସିଆରସିସି ଦାୟିତ୍ୱ ନିର୍ବାହ କରୁଛନ୍ତି ଶ୍ରୀ ପଲାଇ। ସିଆରସିସି ଦାୟିତ୍ୱ ସୁଚାରୁରୂପେ ପ୍ରତିପାଦନ କରୁଥିବା ପଲାଇଙ୍କ ଭିନ୍ନ ଏକ ପ୍ରୟାସ ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ଶ୍ରୀ ପଲାଇ ବର୍ତ୍ତମାନ ନିଜ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟର ପାଖାପାଖି ୭୨ଜଣ ଛାତ୍ରଛାତ୍ରୀଙ୍କୁ (୩ୟ ଓ ୫ମ ଶ୍ରେଣୀ) ବୃତ୍ତି ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହେବାକୁ ନେଇ ମାଗଣାରେ ନିଜ ବାସସ୍ଥାନରେ ରବିବାର ଓ ଅନ୍ୟ ସରକାରୀ ଛୁଟି ଦିବସରେ ଶିକ୍ଷା ଦାନ କରୁଛନ୍ତି। ଶ୍ରୀ ପଲାଇଙ୍କ କହିବା ଅନୁଯାୟୀ, ପ୍ରତି ବିଦ୍ୟାଳୟର ୩ୟ ଓ ୫ମ ଶ୍ରେଣୀରୁ ଶ୍ରେଷ୍ଠ ୨ଜଣ ବୃତ୍ତି ପରୀକ୍ଷା ଦେବା ପାଇଁ ଯୋଗ୍ୟତା ହାସଲ କରିଥାନ୍ତି। ବୃତ୍ତି ପରୀକ୍ଷାରେ ସଫଳତା ହାସଲ କରିବା ପାଇଁ ବିଭିନ୍ନ ପ୍ରକାର ପାଠ୍ୟ ପୁସ୍ତକର ଆବଶ୍ୟକତା ରହିଛି। ଏହିପରିସ୍ଥଳେ ସରକାରୀ ବିଦ୍ୟାଳୟରେ ଶିକ୍ଷା ଲାଭ କରୁଥିବା ବହୁ ଛାତ୍ରଛାତ୍ରୀଙ୍କ ପରିବାର ବର୍ଗଙ୍କ ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନଥିବାରୁ ସେମାନେ ଉନ୍ନତ ମାନର ଶିକ୍ଷାଲାଭରୁ ବଞ୍ଚିତ ହୋଇଥାନ୍ତି। ସେମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ପ୍ରୟାସ କରୁଥିଲେ ମଧ୍ୟ ଅର୍ଥ ପ୍ରତିବନ୍ଧକ ସାଜିଥାଏ। ତେଣୁ ମୁଁ ସ୍ୱଇଚ୍ଛାରେ ମୋ କ୍ଲଷ୍ଟରର ପିଲାଙ୍କୁ ସେମାନଙ୍କ ଉଚ୍ଚ ଭବିଷ୍ୟତ ପାଇଁ ଛୋଟ ଏକ ପ୍ରୟାସ ଜାରି ରଖିଛି ବୋଲି ସେ କହିଛନ୍ତି। ଶ୍ରୀ ପଲାଇ ବୃତ୍ତି ପରୀକ୍ଷା ପାଇଁ ଯୋଗ୍ୟତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ଦେବା ପାଇଁ ଫର୍ମ ଫିଲଅପ୍ କରିବା ପରଠାରୁ ଆଜି ପର୍ଯ୍ୟନ୍ତ ପାଖାପାଖି ୨ମାସ ହେବ ଶିକ୍ଷାଦାନ କରିଆସୁଛନ୍ତି। ବିଦ୍ୟାଳୟରେ ସରକାରଙ୍କ ଧାର୍ଯ୍ୟ ନିୟମ ଭିତରେ ବୃତ୍ତି ପାଇଁ ଯୋଗ୍ୟ ହାସଲ କରିଥିବା ପିଲାଙ୍କୁ ଶିକ୍ଷା ପ୍ରଦାନ କରିବା ସମ୍ଭବ ପର ହେଉ ନଥିବାରୁ ସେ ନିଜ ଗୃହରେ ରବିବାର ଓ ଅନ୍ୟ ଛୁଟି ଦିବସରେ ଶିକ୍ଷାଦାନ କରୁଥିବା ଜଣାପଡିଛି। ବୃତ୍ତି ପରୀକ୍ଷା ନିମନ୍ତେ ଆବଶ୍ୟକ ପାଠ୍ୟପୁସ୍ତକର ସମସ୍ତ ଖର୍ଚ୍ଚ ସେ ନିଜେ ବହନ କରିବା ସହ ପିଲାଙ୍କୁ ଉଚ୍ଚାକାଂକ୍ଷା କରିବାର ପ୍ରୟାସ ତାଙ୍କୁ ଭିନ୍ନ ଏକ ମଣିଷ କରି ଗଢି ତୋଳିଛି। ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ପ୍ରହସନରେ ପରିଣତ ହେବାରେ ଲାଗିଥିବା ବେଳେ ସରକାରଙ୍କ ଯୋଜନା ଓ ଶ୍ରୀ ପଲାଇଙ୍କ ପ୍ରୟାସ ସରକାରୀ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବାରେ ସହାୟତା ପ୍ରଦାନ କରିବ ବୋଲି ଶିକ୍ଷାବିତ୍‌ମାନେ ମତ ପୋଷଣ କରିଥିବା ବେଳେ ଶ୍ରୀ ପଲାଇ ତାଙ୍କ କ୍ଲଷ୍ଟର ପିଲାମାନେ ବୃତ୍ତି ପରୀକ୍ଷାରେ ନିଜର ଶତପ୍ରତିଶତ ପ୍ରଦାନ କରିବେ ବୋଲି ଆଶା ବ୍ୟକ୍ତ କରିଛନ୍ତି।

# ରାସ୍ତା ପାଇଁ ନର୍କଯନ୍ତ୍ରଣା ଭୋଗୁଛନ୍ତି ଜୁରୁଡ଼ି ଅଞ୍ଚଳବାସୀ

ଯୋଡ଼ା, ୨୧।୯ (ସମିସ):





କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣିକ୍ଷେତ୍ରରେ ରାସ୍ତାଘାଟର ଅବସ୍ଥା ଏତେ ଶୋଚନୀୟ ହୋଇପଡିଛି। ଏଥିପାଇଁ ଅଞ୍ଚଳବାସୀ ନର୍କ ଯନ୍ତ୍ରଣା ଭୋଗ କରୁଛନ୍ତି। ଜାତୀୟ ରାଜପଥ ୫୨୦କୁ ସଂଯୋଗ କରିଥିବା ବିଜୁ ପଟନାୟକ ରାଜ୍ୟ ରାଜପଥରେ ମରାମତି ଅଭାବରୁ କେଉଁଠାରେ ଆଣ୍ଠୁଏ ତ ଅନ୍ୟ କେଉଁଠାରେ ଅଣ୍ଟାଏ ଗାତ ହୋଇ ବର୍ଷା ସମୟରେ ପୁଷ୍କରିଣୀର ଭ୍ରମ ସୃଷ୍ଟି କରୁଛି। ଏନେଇ ପ୍ରତେକ ଦିନ ଛୋଟବଡ଼ ଦୁର୍ଘଟଣା ମାନ ଘଟୁଛି କିନ୍ତୁ ଜିଲ୍ଲା ପ୍ରଶାସନକୁ ଏଥିପାଇଁ କିଛି ଫରକ୍ ପଡୁନାହିଁ। ରାସ୍ତା ଖରାପ ଯୋଗୁଁ ଅତ୍ୟାବଶ୍ୟକ ସାମଗ୍ରୀ ଯାଇପାରୁନାହିଁ। ସରକାରଙ୍କ ବସ ସେବା ବନ୍ଦ ରହିଛି। ସ୍କୁଲ ବସ ଠିକ ସମୟରେ ପହଞ୍ଚି ପାରୁନାହିଁ। ନିର୍ମାଣ ହେବାର ଦେଢ଼ ବର୍ଷ ନ ପୂରୁଣୁ ଏହା ମରଣଯନ୍ତା ପାଲଟିଛି। ଗ୍ରାମାଞ୍ଚଳକୁ ଯାଇ ଲୋକଙ୍କ ପାଖରେ ପହଞ୍ଚି ପାରୁଥିବା ଲକ୍ଷ୍ମୀ ବସ ମଧ୍ୟ ରାସ୍ତାରେ ଯିବା ବନ୍ଦ କରିଦେଇଛି। ସୁଲଭ ମୂଲ୍ୟରେ ଯାତାୟାତ କରୁଥିବା ଜନସାଧାରଣ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଜୁରୁଡି ପୋଲ ଉପରେ ଆଣ୍ଠୁଏ ଲେଖାଏଁ ଖାଲ ହୋଇ ପାଣି ଜମି ରହୁଛି, ଯାହା ଫଳରେ ଚାରିଚକିଆ ଯାନ ଓ ଦୁଇଚକିଆ ଯାନ ଯିବାଆସିବାରେ ନାକେଦମ୍ ହୋବାକୁ ପଡୁଛି। ଠିକ୍ ସେହିପରି ଜରିବାହାର୍ ରେଲୱେ ଓଭରବ୍ରିଜ୍ ପାଖମଧ ଅଣ୍ଟାଏ ଲେଖାଏଁ ଖାଲ ହୋଇଯାଇଛି। ପ୍ରତେକ ଦିନ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଥିଲେ ମଧ୍ୟ ପ୍ରଶାସନ ନିଦାବିଷ୍ଟୁ ସାଜିଛି। ଜୁରୁଡି, ଜଲହରି, ଜଜାଙ୍ଗ, ଜରିବାହାର୍, ବାମେବାରୀ, କାଳୀମାଟି, ଏମିତିକି ପାଞ୍ଚଟି ପଞ୍ଚାୟତର ଲୋକେ ଏହି ରାସ୍ତାରେ ଯୋଡ଼ା ବ୍ଲକ କିମ୍ବା ଶିକ୍ଷା, ସ୍ୱାସ୍ଥ୍ୟ, ବଜାର ସଉଦା ପାଇଁ ବ୍ୟବହାର କରନ୍ତି। ଏହି ରାସ୍ତାରେ ପ୍ରତିଦିନ ମାଲ ମାଲ ଟ୍ରକ ରାଜ୍ୟର ବିଭିନ୍ନ ରେଳ ସାଇଡିଙ୍ଗ୍ କାରଖାନା ଓ ବନ୍ଦରଗୁଡିକୁ ଖଣିଜ ପଦାର୍ଥ ପରିବହନ କରନ୍ତି। ସରକାର କୋଟିକୋଟି ଟଙ୍କା ରାଜସ୍ୱ ପାଉଥିବାବେଳେ ଏ ଅଞ୍ଚଳ ପ୍ରତି ଯେମିତି ସମ୍ପୂର୍ଣ୍ଣ ଆଖି ବୁଜି ଦେଇଛନ୍ତି। ତୁରନ୍ତ ଏହି ରାସ୍ତାର ମରାମତି ନିମନ୍ତେ ଟ୍ରକ ମାଲିକମାନେ ସରକାରଙ୍କ ନିକଟରେ ଦାବି କରିଛନ୍ତି।

ତେବେ ଏହାକୁ ନେଇ ସ୍ଥାନୀୟ ବିଧାୟକ ସନାତନ ମହାକୁଡ଼ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପରେ ଏହାର ମରାମତି କାର୍ଯ୍ୟ ମାତ୍ର କିଛି ଦିନ ହେବ ଆରମ୍ଭ ହୋଇଛି। କଚ୍ଛପ ଗତିରେ ରାସ୍ତାର ମରାମତି କାର୍ଯ୍ୟ ହେଉଥିବା ନେଇ ଅଭିଯୋଗ ହେଉଛି। ମରାମତି କାର୍ଯ୍ୟ ତୁରନ୍ତ ତ୍ୱରାନ୍ୱିତ କରିବାକୁ ସାଧାରଣରେ ଦାବି ହେଉଛି।

# ସାହିରାସ୍ତା ସାରା ଖାଲଖମା; ପୋଖରୀର ଭ୍ରମ

ବେଲବାହାଲି,୨୧।୯ (ସମିସ): ଘସିପୁରା ବ୍ଲକ ତରିମୂଳ ପଞ୍ଚାୟତ ଅନ୍ତର୍ଗତ ରେକୁଟିଆ ଗ୍ରାମର ନୂଆରଗଡ଼ି ସାହିର ରାସ୍ତା ଖାଲଖମା ଯୋଗୁଁ ସ୍ଥାନୀୟ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତିନି କିମି ବ୍ୟାପି ଏହି ରାସ୍ତାରେ ଦୈନିକ ରେକୁଟିଆ ଓ ତୁଳସୀପୁର ଗ୍ରାମର ୧୨ ଶହ ପରିବାରର ଶହ ଶହ ଲୋକ ଓ ସେମାନଙ୍କ ଯାନବାହନ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଛି। ଏହାସହ ଏହି ରାସ୍ତା ଦେଇ ସେଠାରେ ସ୍ଥାପନ କରାଯାଇଥିବା ଗ୍ରୀଡକୁ ଲୋକମାନେ ଯାତାୟାତ କରୁଥିବା ବେଳେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ, ମହାବିଦ୍ୟାଳୟ ସହିତ ଗ୍ରାମ୍ୟ ବ୍ୟାଙ୍କ, ଆରଆଇଙ୍କ କାର୍ଯ୍ୟାଳୟ ରେକୁଟିଆ ଛକ ଓ ସେଠାକାର ଦୁଗ୍ଧ ଉତ୍ପାଦନ କେନ୍ଦ୍ରକୁ ଯାତାୟତ ପାଇଁ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି। ରେକୁଟିଆର ସମସ୍ତ ଚାଷୀଙ୍କ ବିଲ ବାଡିକୁ ଯାତାୟାତ ପାଇଁ ଏହା ଏକମାତ୍ର ରାସ୍ତା। ବର୍ତ୍ତମାନ ତିନି କିମି ଦୂର ବିଶିଷ୍ଟ ଏହି ରାସ୍ତାରେ ଶହେରୁ ଅଧିକ ଖାଲଖମା ସୃଷ୍ଟି ହୋଇଛି। ସାମାନ୍ୟ ବର୍ଷା ହେଲେ ଏହି ରାସ୍ତା ଉପରେ ଥିବା ଖାଲ ଖମାଗୁଡିକରେ ଦୁଇ ଫୁଟ ଉପରେ ପାଣି ଜମି ରହୁଛି। ଫଳରେ ରାସ୍ତା ଦେଇ ଯାତାୟାତ ସମୟରେ ଲୋକମାନେ ଦୁର୍ଘଟଣାରେ ପଡ଼ି ଆହତ ହେବା ସାଧାରଣ ଘଟଣାରେ ପରିଣତ ହୋଇଛି। ଅନ୍ୟପଟେ ଏହି ରାସ୍ତା ଦେଇ ଦୈନିକ ଶେଣ୍ଡେଇ, କୁଶେଇ ଓ ରେମାଳ ନଦୀରୁ ବାଲି ଉଠାଯାଇ ବାହାରକୁ ଚାଲାଣ ହେବା ଦ୍ୱାରା ଦୈନିକ ୧୦-୧୨ ହାଇୱା ଓ ଏକାଧିକ ଟ୍ରାକ୍ଟର ମାଧ୍ୟମରେ ନଦି ପଠାଗୁଡିକରୁ ବେଆଇନ ଭାବରେ ବାଲି ଉତ୍ତୋଳନ ଚାଲିଥିବାରୁ ରାସ୍ତାଟି ଏଭଳି ଅବସ୍ଥା ସୃଷ୍ଟି ହୋଇଥିବା ଜଣାପଡିଛି। ଏଭଳି ଗୁରୁତ୍ୱପୂର୍ଣ୍ଣ ମାଟି ରାସ୍ତାଟିରେ ଦୀର୍ଘ ବର୍ଷହେବ ମାଟି କି ମୋରମ ପକାଯାଇନାହିଁ କି ବ୍ଲକ ବା ପଞ୍ଚାୟତ ପକ୍ଷରୁ ଏହାକୁ ବର୍ଷ ବର୍ଷ ଧରି ମରାମତି ପାଇଁ ଉଦ୍ୟମ କରାଯାଇନାହିଁ। ରାସ୍ତା ଉପରେ ନିର୍ଭର କରୁଥିବା ଗ୍ରାମବାସୀ ରାସ୍ତାଟିର ପୁନଃଉଦ୍ଧାର ପାଇଁ ସ୍ଥାନୀୟ ଲୋକପ୍ରତିନିଧିଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଆଜିସୁଦ୍ଧା କୌଣସି ପ୍ରତିକାର କରାଯାଇନାହିଁ। ଅନ୍ୟପକ୍ଷରେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଏହି ରାସ୍ତାକୁ ମରାମତି କରାନଯାଇ ଲୋକଙ୍କୁ ଅସୁବିଧାରେ ପକାଇବା ପାଇଁ ବ୍ୟବସ୍ଥା କରାଯାଉଥିବା ଅଭିଯୋଗ ହୋଇଆସୁଛି। ଖୁବଶୀଘ୍ର ରାସ୍ତା ମରାମତି କରିବାକୁ ଗ୍ରାମର ଗୋଲଖ ନାହକ, ଶରତ ନାହକ, କାଠିଆ ନାହକ, ପେଜୁ ନାହକ, ଦୀବାନୀ ନାହକ, ଗୋପୀନାଥ ନାହକ, ନୀଳ ନାହକ, ପାଗଳ ନାହକ, ନକୁଳ ନାହକ, ଦୁର୍ଯ୍ୟ?ଧନ ନାହକ, ସୁର ନାହକ, ମିଲୁ ନାହକ, ଆଦିକାନ୍ତ ନାହକ ପ୍ରମୁଖ ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି।



# ମହିଳାଙ୍କ ବେକ କାଟିଦେଲା ଦୁର୍ବୃତ୍ତ

ବାରିପଦା,୨୧।୯ (ସମିସ): ଗାଧୋଇବା ପାଇଁ ପୋଖରୀକୁ ଯାଇଥିଲେ; ହେଲେ କେହି ଦୁର୍ବୃତ୍ତ ବେକ କାଟିଦେଇଥିବା ବେଳେ ଗୁରୁତର ଅବସ୍ଥାରେ ମହିଳାଙ୍କୁ ଉଦ୍ଧାର କରାଯାଇଛି। ମହିଳା ଜଣକ ଏବେ ବାରିପଦା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏଭଳି ଘଟଣା ଘଟିଛି ଉଦଳା ଥାନା ବଡ଼ଖମଣ ଗ୍ରାମରେ। ଗ୍ରାମର ନମିତା ନାଏକ ରବିବାର ମଧ୍ୟାହ୍ନ ସମୟରେ ଘର କାମ ସରି ନିକଟରେ ଥିବା ପୋଖରୀକୁ ଗାଧୋଇବା ନିମନ୍ତେ ଯାଇଥିଲେ। ହେଲେ ଦୀର୍ଘ ସମୟ ଧରି ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପୋଖରୀ ନିକଟରେ ଥିବା ଏକ ଲଟାବୁଦା ଭିତରୁ ନମିତାଙ୍କୁ ଗୁରୁତର ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରିଥିଲେ ପରିବାର ଲୋକେ। ପରେ ଚିକିତ୍ସା ନିମନ୍ତେ ପ୍ରଥମେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବାରିପଦା ସ୍ଥାନାନ୍ତର କରାଯାଇଛି। ତେବେ କେହି ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ନମିତାଙ୍କ ବେକ କାଟିବା ସହିତ ମୁଣ୍ଡରେ ଗଭୀର ଆଘାତ ଦେଇଛି। କାରଣ ଅସ୍ପଷ୍ଟ ରହିଥିବା ବେଳେ ପୁଲିସ ଘଟଣାର ତଦନ୍ତ କରୁଛି।

# ଆନ୍ତଃରାଜ୍ୟ ଗ୍ରାମାଞ୍ଚଳ ଫୁଟ୍‌ବଲ୍ ପ୍ରତିଯୋଗିତା



କରଞ୍ଜିଆ,୨୧।୯ (ସମିସ): କରଞ୍ଜିଆ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ୩୨ଟି ଟିମକୁ ନେଇ ଆନ୍ତଃ ରାଜ୍ୟ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତାର ଫାଇନାଲ ଖେଳ ଖଣ୍ଡେଇପଡା ବନାମ ଇଲେଭେନ ଷ୍ଟାର ମଧ୍ୟରେ ହୋଇଯାଇଛି। ଖେଳ ଆରମ୍ଭର ୨୨ ମିନିଟ ସମୟରେ ଖଣ୍ଡେଇପଡା ଦଳ ଗୋଟିଏ ଗୋଲ ଦେଇଥିଲେ। ଖେଳ ଶେଷ ହେବାର ଦୁଇ ମିନିଟ ପୂର୍ବରୁ ଇଲେଭେନ ଷ୍ଟାର ଦଳ ଗୋଟିଏ ଗୋଲ ଦେଇ ସମାନ ସ୍ଥିତିରେ ରହିବାରୁ ଟାଇବ୍ରେକର ଜରିଆରେ ଇଲେଭେନ ଷ୍ଟାର ୩-୧ ଗୋଲରେ ବିଜେତା ହୋଇ ଚାମ୍ପିଅନ ହୋଇଥିଲେ। ଚାମ୍ପିଅନ ଇଲେଭେନ ଷ୍ଟାର ଦଳଙ୍କୁ ୧୫ ହଜାର ଟଙ୍କା ରନର୍ସଅପ ଖଣ୍ଡେଇପଡା ଦଳଙ୍କୁ ୧୦ ହଜାର ଟଙ୍କା ପୁରସ୍କାର ମୁଖ୍ୟଅତିଥି ଓ ସାଧାରଣ ସମ୍ପାଦକ ପ୍ରଦାନ କରିଥିଲେ। ଆଜିର ମୁଖ୍ୟଅତିଥି କ୍ରୀଡା ସଂସଦର ଉପ ସଭାପତି ଡା. ଜନାର୍ଦ୍ଦନ ଚୌଧୁରୀ, ସାଧାରଣ ସମ୍ପାଦକ ପ୍ରଭାକର ବାଗସିଂ, ଯୁଗ୍ମ ସମ୍ପାଦକ ଅଭିମନ୍ୟୁ ତ୍ରିପାଠୀ, ଇଂ ରାଜ କିଶୋର ମହାନ୍ତ ଖେଳାଳିମାନଙ୍କ ସହିତ ପରିଚିତ ହୋଇଥିଲେ। ଆଜିର ଖେଳକୁ ପରିଚାଳନା କରିଥିଲେ ଉକ୍ରଳମଣି ବେହେରା, ବୁଲେନ୍ଦ୍ର ହେମ୍ବ୍ରମ, ବିଶ୍ୱନାଥ ଟୁଡୁ। କଲ୍ୟାଣ କୁମାର ନାଏକ, ଟୁଟୁ ମେହେର ଓ ରତିକାନ୍ତ ବାରିକ ଖେଳରେ ସହାୟତା କରିଥିଲେ।

# ଜବତ ଗାଡ଼ିକୁ ବନ୍ଧୁକ ଦେଖାଇ ଲୁଟ ଘଟଣାରେ ୨ ଅଟକ

ମହୁଲଡିହା,୨୧।୯ (ସମିସ): ଠାକୁରମୁଣ୍ଡା ଥାନା ୫୩ ରାଜ୍ୟ ରାଜପଥ ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାର କେନ୍ଦୁଜିଆଣୀଠାରେ ଏକ ମଇଁଷି ବୋଝେଇ ପିକଅପ୍‌କୁ ଜବତ କରିଥିଲା ଠାକୁରମୁଣ୍ଡା ପୁଲିସ। ଜବତ ହୋଇଥିବା ମଇଁଷିମାନଙ୍କୁ ସେହି ପିକଅପରେ କେନ୍ଦୁଝର ଜିଲ୍ଲା ରାଜନଗର ସ୍ଥିତ ନନ୍ଦିନୀ ଗୋଶାଳକୁ ପଠାଯାଇଥିଲା। ମଇଁଷିକୁ ଗୋଶାଳାରେ ଛାଡି ଦିନ ୧୨ଟାରେ ଫେରି ପିକଅପକୁ ବୈତରଣୀ ନଦୀ ବ୍ରିଜ ପାଖରେ ରଖି ଗାଧୋଇବା ବେଳେ ଠାକୁରମୁଣ୍ଡା ଥାନାର ଜଣେ ଗୃହରକ୍ଷୀ ଓ ଗୋଶାଳା କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ପିକଅପଟି ନେଇ ପଳାଇ ଥିଲେ ଦୁର୍ବୃତ୍ତ। ଖବର ପାଇ କରଞ୍ଜିଆ ଏସଡିପିଓ ନବକୃଷ୍ଣ ନାଏକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରଥିଲେ। ୨୦ ତାରିଖ ଦିନ ଗୃହରକ୍ଷୀ ଇନ୍ଦ୍ରମଣୀ ନାଏକଙ୍କ ଅଭିଯୋଗ କ୍ରମେ ତୁରୁମଙ୍ଗା ଥାନା ପୁଲିସ ମାମଲ ଦାଏର କରି ତଦନ୍ତ ଆରମ୍ଭ କରିଛି। ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ଖବର ପାଇ ସଦଳବଳେ ଯାଜପୁର ଜିଲ୍ଲାର ଧର୍ମଶାଳା ଥାନା ଅଧୀନ ଜାରକାରୁ ପିକଅପ ସହିତ ୨ଯୁବକଙ୍କୁ ନିଜ ହେପାଜତକୁ ନେଇ ଠାକୁରମୁଣ୍ଡା ଥାନାକୁ ଆଣିଥିଲେ। ତୁରୁମୁଙ୍ଗା ଥାନା ଏସଆଇ କିରଣ ପ୍ରସାଦ ସାହୁ ଠାକୁରମୁଣ୍ଡା ଥାନାରୁ ପିକଅପ ସହିତ ୨ଯୁବକଙ୍କୁ ତୁରୁମଙ୍ଗା ଥାନାକୁ ନେଇ ତଦନ୍ତ ଆରମ୍ଭ କରିଛନ୍ତି।

# ରାସ୍ତା ସଫା କଲେ ଯୁବଗୋଷ୍ଠୀ

ରାମଚନ୍ଦ୍ରପୁର,୨୧।୯ (ସମିସ): ଘଷିପୁରା ବ୍ଲକ ପୁରୁଣାବାନ୍ଧଗୋଡା ଗାଁ ବଳରାମ ଧୀର ହାଇସ୍କୁଲକୁ ସଂଯୋଗ କରୁଥିବା ରାସ୍ତାର ଉଭୟ ପାର୍ଶ୍ୱ ବର୍ଷା ଦିନ ହେତୁ ଘଞ୍ଚ ଅରଣ୍ୟ ହୋଇଥିବାରୁ ବିଦ୍ୟାଳୟ ଯିବାଆସିବା କରୁଥିବା ଛାତ୍ରଛାତ୍ରୀ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଗ୍ରାମର ଏନ୍‌ଜିୱାଇସି କ୍ଲବ୍ ସଭାପତି ଆଶୁତୋଷ ମାଝୀ ସମେତ ସମସ୍ତ ସଦସ୍ୟ ମିଶି ରାସ୍ତାର ଦୁଇ ପାର୍ଶ୍ୱକୁ ମେସିନ ଲଗାଇ ସଫା କରିଥିଲେ। ଯୁବକଙ୍କ ଏଭଳି କାର୍ଯ୍ୟକୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି।




# ନାମଲେଖା ଓ ଓରିଣ୍ଟେସନ୍ କାର୍ଯ୍ୟକ୍ରମ



ତେଲକୋଇ, ୨୧।୯ (ସମିସ): ତେଲକୋଇସ୍ଥିତ ଚାରିଗଡ଼ ମହାବିଦ୍ୟାଳୟରେ ଶନିବାର ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସ୍‌ର "ଓରିଣ୍ଟେସନ୍ କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଛି। ଜାତୀୟ ସେବା ଯୋଜନାର ପୋଗ୍ରାମ ଅଫିସର ସନ୍ଦୀପ କୁମାର ସିଂ ପରିଚାଳନା କରିଥିଲେ। ଏଥିରେ ନୂତନ ଛାତ୍ରଛାତ୍ରୀଙ୍କୁ ସମାଜସେବା ଓ ବ୍ୟକ୍ତିତ୍ୱ ନିର୍ମାଣ କରିବା ସମ୍ପର୍କରେ ବୁଝାଇଥିଲେ। ଅଧ୍ୟାପିକା ପାର୍ବତୀ ସାହୁ ଜଳ ସଂରକ୍ଷଣ କିପରି କରାଯିବ ଶିକ୍ଷା ଦେଇଥିଲେ। ଏହି ସଭାରେ ବିଦ୍ୟାଳୟର ଅଧକ୍ଷ ଡ଼. ତପନ କୁମାର ପଣ୍ଡା ଓ ଅଧ୍ୟାପିକା, ବବିତା ରାଉଳ, ସ୍ମୃତି ଦାସ, ମୋନାଲିଜା ପ୍ରଧାନ, ଟୁଇଁକିଲ ବେହେରା ଶୁଭସ୍ମିତା ମାଝୀ ଏବଂ ଟୁନା ରାମ ମହାନ୍ତ ଯୋଗଦାନ କରିଥିଲେ।

# ବଜ୍ରପାତରେ ୪ ଗାଈ, ୪ ଛେଳି ମୃତ

■ ଜଣେ ଗୁରୁତର



କେନ୍ଦୁଝର,୨୧।୯ (ସମିସ): ଅପରାହ୍ନରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ହୋଇଛି। ବାଂଶପାଳ ମରସୁଆଁ ଗାଁରେ ବଜ୍ରପାତରେ ୪ ଗାଈ ୪ ଛେଳିଙ୍କ ମୃତ୍ୟୁ ଘଟିଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି। ସେହିପରି କୁଶକଳା ଗ୍ରାମର ବୈତାଲୁ ଧାଙ୍ଗଡ ବଜ୍ରପାତର ଶିକାର ହୋଇ ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ବାଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେଠାରେ ସେ ଚିକିତ୍ସିତ ହେଉଥିବା ଜଣାଯାଇଛି।

# ବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ



ଠାକୁରମୁଣ୍ଡା,୨୧।୯ (ସମିସ): ଠାକୁରମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ନିମନ୍ତେ ରବିବାର ବିଦ୍ୟାଳୟ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପୂର୍ବତନ ଛାତ୍ର ଅବସରପ୍ରାପ୍ତ ଅଧ୍ୟାପକ ଡ଼ଃ ହରିଶ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ପୂର୍ବତନ ଛାତ୍ର ବସନ୍ତ ପୈବର୍ତ୍ତୀ, ଅଞ୍ଜନ କୁମାର ବାରିକ, ବସିର ଅଲ୍ଲୀ, ପଦ୍ମଲୋଚନ ନନ୍ଦ, ବିଷ୍ଣୁ ଚରଣ ବାରିକ, ଚକ୍ରଧର ଦାସ, ପ୍ରଦ୍ୟୁମ୍ନ ବାରିକଙ୍କ ଉପସ୍ଥିତିରେ ବିଦ୍ୟାଳୟର ପୂର୍ବତନ ଛାତ୍ରମାନେ ବୈଠକରେ ଉପସ୍ଥିତ ଥିଲେ। ହୀରକ ଜୟନ୍ତୀ ଆସନ୍ତା ଡିସେମ୍ବର ମାସରେ ପାଳନ କରାଯିବାକୁ ସ୍ଥିର କରାଯାଇଥିଲା। ପରବର୍ତ୍ତୀ ବୈଠକରେ ତାରିଖ ଧାର୍ଯ୍ୟ କରାଯିବ ସହିତ ଅନ୍ୟାନ୍ୟ ପ୍ରସ୍ତୁତି ନିମନ୍ତେ ଆଲୋଚନା କରାଯିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକ ଶେଷରେ ପଦ୍ମଲୋଚନ ନନ୍ଦ ଧନ୍ୟବାଦ ଦେଇଥିଲେ।

# ଆସନ୍ତା ୧୭ରେ 'ମୁଁ ସ୍ୱାବଲମ୍ବୀ ହେବି' ଜିଲ୍ଲାସ୍ତରୀୟ କର୍ମଶାଳା

ବାରିପଦା,୨୧।୯ (ସମିସ): ମୟୂରଭଞ୍ଜ ଜିଲ୍ଲାରେ ଥିବା ଅସରନ୍ତି ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ ଓ ଐତିହ୍ୟସ୍ଥଳୀଗୁଡିକର ଉନ୍ନତିକରଣ କରି ଜିଲ୍ଲାରେ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ଏବଂ ବନ୍ୟଜାତ ଦ୍ରବ୍ୟର ଉଚିତ ବ୍ୟବସାୟୀକରଣ ତଥା ହସ୍ତତନ୍ତ କୁଟୀର ଶିଳ୍ପ ମାଧ୍ୟମରେ କିଭଳି ଜିଲ୍ଲାର ଯୁବସମାଜ ବାହାର ଜିଲ୍ଲା/ରାଜ୍ୟକୁ ଦାଦନ ଖଟିବାକୁ ଯିବା ପରିବର୍ତ୍ତେ ନିଜ ମାଆ ମାଟିରେ ରହି ସ୍ୱାବଲମ୍ବୀ ହୋଇପାରିବେ। ସେବାବଦରେ ଭଞ୍ଜସେନା ପକ୍ଷରୁ ବାରିପଦା ସହିଦ ସ୍ମୃତି ଭବନଠାରେ ଦୁଇଦିନିଆ କର୍ମଶାଳା ଅକ୍ଟୋବର ୧୭ ଓ ୧୮ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଅଛି। ଜିଲ୍ଲାର ୨୬ ବ୍ଲକ, ୨ଟି ମ୍ୟୁନିସିପାଲଟି ଏବଂ ୨ଗୋଟି ଏନଏସିରୁ ୩୦ ଜଣ ଲେଖାଏଁ ସର୍ବମୋଟ ୯୦୦ ଜଣ ଯୁବ ଛାତ୍ର (ଯୁବକ/ଯୁବତୀ) ପ୍ରତିନିଧି ସାମିଲ ହେବେ। ଆଉ ଇଚ୍ଛୁକ ପ୍ରତିନିଧିମାନେ ଗୁଗଲ୍ ଫର୍ମ ମାଧ୍ୟମରେ ନିଜର ନାମ ପଞ୍ଜୀକରଣ କରିପାରିବେ ବୋଲି ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ସୂଚନା ଦେଇଛନ୍ତି ବୋଲି ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ପ୍ରେସ ଇସ୍ତାହାରରେ ଜଣାଇଛନ୍ତି।

■ ବାଲି ସୁରକ୍ଷାକୁ ନେଇ ମାଫିଆଙ୍କ ତୁମୁଳକାଣ୍ଡ

# ଥାନାର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ତେଲକୋଇ, ୨୧।୯ (ସମିସ): ତେଲକୋଇ ବ୍ଲକ ସମାକୋଇ ନଦୀର ଅବବାହିକା ଅଞ୍ଚଳ ଏବେ ବାଲି ମାଫିଆଙ୍କ କବଜାରେ ରହିଛି। ବାଲି ମାଫିଆମାନେ ଗାଁ ମଝିରେ ପଶି ତୁମୂଳକାଣ୍ଡ କରିବା ସହିତ ଲୋକଙ୍କୁ ହତ୍ୟା ଓ ମହିଳାଙ୍କୁ ବଳାତ୍କାରର ଧମକ ଦେଉଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ସଦର ମହକୁମା ରାମଚନ୍ଦ୍ରପୁର ଗ୍ରାମବାସୀ ତେଲକୋଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି।



ବାଲି ଘାଟଗୁଡ଼ିକୁ ସୁରକ୍ଷା ପାଇଁ ଗ୍ରାମବାସୀ ନିକଟରେ ଏକ ସଭା ଆୟୋଜନ କରି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା। ମାତ୍ର ୧୯ ତାରିଖ ଶୁକ୍ରବାର ଗ୍ରାମର ରବି ମୁଣ୍ଡା ଓଡ଼ି ୦୯ ଏସି ୧୮୪୩ ନମ୍ବର ବିଶିଷ୍ଟ ଟ୍ରାକ୍ଟର ଆଣି ଉକ୍ତ ବାଲି ଘାଟରୁ ଚୋରା ଚାଲାଣ କରୁଥିବା ବେଳେ ସ୍ଥାନୀୟ ଗ୍ରାମବାସୀ ତାଙ୍କୁ ବାରଣ କରିଥିଲେ। ଏହା ପରେ ରବି ମୁଣ୍ଡା ୨୦ ତାରିଖ ଶନିବାର ସନ୍ଧ୍ୟା ବେଳେ ଉକ୍ତ ଗ୍ରାମର ସୁକ୍ରା ମୁଣ୍ଡା, ବିର୍ସା ମୁଣ୍ଡା, ରାଜୁ ମୁଣ୍ଡା, ସୁନିଲ ମୁଣ୍ଡା, ରବି ମୁଣ୍ଡା, ଅନିଲ ମୁଣ୍ଡା, ଗୁରୁ ମୁଣ୍ଡା, ଶତ୍ରୁ ମୁଣ୍ଡା ମାରଣାସ୍ତ୍ର ଧରି ଗାଁ ମଧ୍ୟରେ ପଶି ଗ୍ରାମ ବାସୀଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହିତ ଜାତିଆଣ ଆକ୍ଷେପ କରି ଘରୁ ବାହାର ଗୋଟି ଗୋଟି କରି ମୁଣ୍ଡ କାଟି ଦେବାକୁ ହତ୍ୟା ଧମକ ଦେଇଥିଲେ। ଗ୍ରାମବାସୀ ସେମାନଙ୍କୁ ଗାଁ ମଝିରେ ପାଟି ନ କରିବାକୁ ବାରଣ କରିଥିଲେ। ଫଳରେ ସଂପୃକ୍ତ ଯୁବକ ରବି ମୁଣ୍ଡା, ଅନିଲ ମୁଣ୍ଡା, ସୁନିଲ ମୁଣ୍ଡା, ଶତ୍ରୁ ମୁଣ୍ଡା ହାତରେ ଧରିଥିବା ଟାଙ୍ଗିଆ, ଭୁଜାଲି ଓ ଠେଙ୍ଗା ରେ ଆକ୍ରମଣ କରିବାକୁ ଗୋଡ଼ାଇଥିଲେ। ଅଭିଯୁକ୍ତ ମାନେ ଆଜି ନହେଲେ କାଲି ହାଣିବୁ ବୋଲି ଧମକ ଦେଇଥିଲେ। ରବିବାର ସକାଳେ ମଧ୍ୟ ଗ୍ରାମର ସଞ୍ଜୟ ସାହୁ ଓ ଦିନେଶ ବିଶ୍ୱାଳ ନିକଟସ୍ଥ ନଦୀକୁ ଯାଇଥିବା ବେଳେ ରବି ମୁଣ୍ଡା ଓ ତାର ଦୁଇ ପୁଅ ଅନିଲ ଏବଂ ସୁନିଲ ମୁଣ୍ଡା ଆକ୍ରମଣ କରିବାକୁ ଗୋଡ଼ାଇଥିଲେ। ଏହାପରେ ପୁଣି ଗ୍ରାମରେ ବୈଠକ ଅନୁଷ୍ଠିତ ହୋଇଥିଲା। ଯାହାକୁ ନେଇ ଗ୍ରାମବାସୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପ୍ରକାଶ ଥାଉକି, ପୁଲିସ ସେତେବେଳେ ଘଟଣାସ୍ଥଳକୁ ଆସିନଥିବା ବେଳେ ନିଷ୍କ୍ରିୟତା ବାଲି ମାଫିଆଙ୍କୁ ଆହୁରି ସକ୍ରିୟ କରୁଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ରବିବାର ଅପରାହ୍ନରେ ଗ୍ରାମର ଦେବାଶିଷ ସାହୁ, ଦିନେଶ ବିଶ୍ୱାଳ, ତ୍ରିଲୋଚନ ସାହୁ, ସଞ୍ଜୟ ସାହୁ, ଉମେଶ ଚନ୍ଦ୍ର ବିଶ୍ୱାଳ, ବିଭୂତି ସାହୁ, ପ୍ରଦୀପ କୁମାର ସାହୁ, ଚନ୍ଦ୍ରମଣି ସାହୁ, ରାହାସ ବିଶ୍ୱାଳ, କ୍ଷେତ୍ରବାସୀ ବିଶ୍ୱାଳ, ବସନ୍ତ କୁମାର ସାହୁ, ଅରୁଣ କୁମାର ସାହୁ, ଅନୁକୂଳ ବିଶ୍ୱାଳ, ରଘୁନାଥ ବିଶ୍ୱାଳ, ଗୁରୁଚରଣ ସାହୁଙ୍କ ସମେତ ବହୁ ଗ୍ରାମବାସୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# କୁସଂସ୍କାର ଦୂରୀକରଣ ସଚେତନତା କାର୍ଯ୍ୟକ୍ରମ

ଖୁଣ୍ଟା,୨୧।୯ (ସମିସ): ସ୍ଥାନୀୟ ବାହାନଡ଼ାସ୍ଥିତ ଶାନ୍ତି ନିକେତନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ନାସା ଫାଉଣ୍ଡେସନ ବାରିପଦା ଦ୍ୱାରା କୁସଂସ୍କାର ଅନ୍ଧବିଶ୍ୱାସ ଦୂରୀକରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏମପିସି



ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ସହକାରୀ ପ୍ରଫେସର ଡ. ସରୋଜ ନାୟକ ଯୋଗଦେଇ ପିପିଟି ମାଧ୍ୟମରେ ନିଜ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ବିଜ୍ଞାନ କେବଳ ଏକ ବିଷୟନୁହେଁ ଏକ ଜୀବନଶୈଳୀ ଏବଂ ନିଜକୁ କୁସଂସ୍କାର ଅନ୍ଧବିଶ୍ୱାସରୁ ଦୁରେଇରଖି ସ୍ୱାଧୀନ ଚିନ୍ତା କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ କବି ଅମିତାଭ ମିଶ୍ର ଯୋଗ ଦେଇଥିବା ବେଳେ ବିଦ୍ୟାଳୟର ଶିକ୍ଷକ ଶିବ ଚରଣ ନାଏକ, ସୁଶ୍ରୀ ସଂଗୀତା ମହାପାତ୍ର, ସୀମାରାଣୀ ଦେ ଓ ଇତିଶ୍ରୀ ମହାନ୍ତ ଅତିଥିଭାବେ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ଦେବାନନ୍ଦ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ଶରତ/ମହୁଲଡିହା,୨୧।୯ (ସମିସ):

ଠାକୁରମୁଣ୍ଡା ପଞ୍ଚାୟତ ଜାମୁନାଳିଆଠାରେ ମାର୍ଶାଲ ଆକାଳା ଯୁବକ ସଂଘ ପକ୍ଷରୁ ମାର୍ଶାଲ ଟୁର୍ଣ୍ଣାମେଣ୍ଟ ୨୦୨୫ର ସିଲଭର ଜୁବୁଲି କୋଲ ଗୁରୁ ଲାକୋବଦ୍ରା ମିନି ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଯାଇଛି। ଖେଳର ଉଦ୍‌ଯାପନ ଅବସରରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁଜିତ ଲୁଗୁନ ଏବଂ ସମ୍ମାନିତ ଅତିଥିଭାବେ ସାଲେଇବେଡା ସରପଞ୍ଚ ପେଲଙ୍ଗ ପାଲେୟା, ଭାରତୀୟ ରିଜର୍ଭ ବ୍ୟାଙ୍କର ଅବସରପ୍ରାପ୍ତ ଅଧିକାରୀ ମାଣିକ ରାମ ବାନ୍ଦିଆ, ମା' ବାସୁଳି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଉପେନ୍ଦ୍ର ମହାନ୍ତି, ପୂର୍ବତନ ସରପଞ୍ଚ ତଥା ସ୍ଥାନୀୟ ସମାଜସେବୀ ଆଲୋକ ଦଙ୍ଗ, କଲେଜ ପିଇଟି କାନ୍ଦୁରୁ ପାତ୍ର, ଅଲ ଇଣ୍ଡିଆ ହୋ ଭାଷା କାଉନସିଲ ପରାମର୍ଶଦାତା ରାମଚନ୍ଦ୍ର ବଦରା ଯୋଗଦେଇଥିଲେ। ଖେଳରେ ୧୬ଟି ଟିମ୍ ଆଧାର କାର୍ଡ ଦଳ ଅଂଶଗ୍ରହଣ କରିଥିବା ବେଳେ ଅନ୍ୟ ୧୬ଟି ନନ ଆଧାର କାର୍ଡ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳରେ ନନ ଆଧାର ଟିମର ସୋରେନ ଏଫ ସି, ଶରତ ଟିମ ଚାମ୍ପିଅନ ହୋଇଥିବା ବେଳେ ଭୁବନେଶ୍ୱର ପୂର୍ତ୍ତି ଷ୍ଟାର ଟିମ ରନର୍ସ ଅପ ହୋଇଥିଲେ। ସେହିଭଳି ଆଧାର ଟିମର ଏସଆରଏସ ଟିମ ପୋଖରୀ ବାଡ଼ି ଟିମ ଚାମ୍ପିଅନ ହୋଇଥିବା ବେଳେ ଘୋଡ଼ାବିନ୍ଧା ସଦାମ କ୍ଲବ ଟିମ ରନର୍ସ ଅପ ହୋଇଥିଲେ। ସେହିଭଳି ନନ ଆଧାର ଟିମର ଚେହେରାଜ ଏଫ ସି ଓ ଅନଲାଇନ ଏଫ ସି ଟିମ ଉଭୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆଧାର ଟିମର ସ୍ଥାନୀୟ କୋଲ ଗୁରୁ ସ୍ପୋର୍ଟିଂ କ୍ଲବ, ତୃତୀୟ ଓ ଶରତର ଜେପିଏସ ରଜତ ନଗର ଟିମ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ଖେଳଗୁଡିକୁ ରେଫରୀ ଭାବେ କେଦାର କାଲୁଣ୍ଡିଆ, ମଙ୍ଗଳ ମୁଣ୍ଡୁରୀ, ଗୁରା ପୂର୍ତ୍ତି ଓ ଚକ୍ରଧର ଚାତାର ପରିଚାଳନା କରିଥିବା ବେଳେ କ୍ଲବ ପକ୍ଷରୁ ଚିତ୍ତରଞ୍ଜନ ବାନ୍ଦିଆ, ହରିଚରଣ ବାନ୍ଦିଆ, ବୀରେନ୍ଦ୍ର କେରାଇ, ମୁକେଶ, ତୁରାମ ସୟ, ରାଜେନ୍ଦ୍ର, ରବି, ସୁଶାନ୍ତ, କୃଷ୍ଣ, ରୁଷି, ଟୁକୁଲୁ, ଭୀମ, ଈଶ୍ୱର, ପ୍ରିନ୍ସ, ଦିଲ୍ଲୀପ, ଅଲେଖ, ଗଣେଶ, ଗୌରାଙ୍ଗ, ରାକେଶ, ଶୈଳେଶ, ଗୁଲୁ, ମାର୍କଣ୍ଡ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ। ଅତିଥି ମାନେ ବିଜେତା ଟିମମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ।

ସକାଳ THE SAKALA
www.sakalaepaper.com

# ସମ୍ପୂର୍ଣ୍ଣା

ସୋମବାର, ୨୨ ସେପ୍ଟେମ୍ବର ୨୦୨୫





## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଘରକୁ ଅତିଥି ଆସିବେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ବାର୍ଦ୍ଧକ୍ୟଜନିତ ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାମଲାମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

## ଆଜିର ଇତିହାସ

- ୧୭୯୧- ପ୍ରସିଦ୍ଧ ବୈଜ୍ଞାନିକ ମାଇକେଲ୍ ଫାରାଡେଙ୍କ ଜନ୍ମ।
- ୧୮୮୮- ନେସନ୍ୟାଲ୍ ଜିଓଗ୍ରାଫିକ୍ ପତ୍ରିକାର ପ୍ରଥମ ଅଙ୍କ ପ୍ରକାଶିତ ହୋଇଥିଲା।
- ୧୯୫୫- ବ୍ରିଟେନରେ ପ୍ରଥମ ଥର ଟିଭିରେ ବିଜ୍ଞାପନ ପ୍ରସାରିତ ହେଲା।
- ୧୯୮୦- ଇରାକ୍, ଇରାନ୍ ଉପରେ ଆକ୍ରମଣ କଲା।
- ୨୦୧୩- ପାକିସ୍ତାନର ପେଶୱାରରେ ଏକ ଚର୍ଚ୍ଚ ଉପରେ ହୋଇଥିବା ଆତ୍ମଘାତୀ ଆକ୍ରମଣରେ ଅତିକମ୍‌ରେ ୧୨୭ ଜଣଙ୍କ ମୃତ୍ୟୁ।

## 'କଲ୍‌କୀ ୨'ରୁ ବାହାରିଲେ

# ଦୀପିକା

ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍ କିଛି ଦିନ ପୂର୍ବରୁ 'ସ୍ପିରିଟ୍'ର ନିର୍ଦ୍ଦେଶକ ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ ସହ ବିବାଦକୁ ନେଇ ଚର୍ଚ୍ଚାରେ ରହିଥିଲେ। ଇତିମଧ୍ୟରେ ଦୀପିକାଙ୍କ ହାତରୁ ଆଉ ଏକ ବଡ଼ ପ୍ରୋଜେକ୍ଟ ମଧ୍ୟ ଚାଲି ଯାଇଛି। 'କଲ୍‌କୀ ୨୮୯୮ ଏଡି'ର ସିକ୍ୱେଲ 'କଲ୍‌କୀ ୨'ରୁ ଏବେ ଦୀପିକା ବାଦ୍ ପଡ଼ିଛନ୍ତି। ନିକଟରେ ପ୍ରଯୋଜନା ସଂସ୍ଥା ବୈଜୟନ୍ତୀ ଫିଲ୍ମସ୍ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ ସେୟାର କରି ଏବିଷୟରେ ସୂଚନା ଦିଆଯାଇଛି। ତେବେ ଦୀପିକା 'କଲ୍‌କୀ ୨'ର ନିର୍ମାତାଙ୍କ ପାଖରେ କିଛି ସର୍ତ୍ତ ରଖିଥିଲେ। ଏହି ସର୍ତ୍ତ ପାଇଁ ତାଙ୍କୁ ଫିଲ୍ମରୁ ବାଦ୍ ଦିଆଗଲା ବୋଲି ଜଣାପଡ଼ିଛି। ଦୀପିକା ଏହାର ସିକ୍ୱେଲ ପାଇଁ ୨୫% ଅଧିକ ପାରିଶ୍ରମିକ ଦାବି କରିବା ସହ ସାତଘଣ୍ଟିଆ ସିଫ୍ଟରେ ସୁଟ୍ କରିବେ ବୋଲି କହିଥିଲେ। ତେବେ ଏହା ଏକ ଭିଏଫ୍‌ଏକ୍ସ ଫିଲ୍ମ ହୋଇଥିବାରୁ ଏତେ କମ୍ ସମୟରେ ସୁଟ୍ କରିବା ଦ୍ୱାରା ଫିଲ୍ମର ବଜେଟ୍ ବୃଦ୍ଧି ପାଇବ। ଏହାବାଦ୍ ସେ ତାଙ୍କ ସପୋର୍ଟ ଟିମ୍ ରହିବା ପାଇଁ ପଞ୍ଚ ତାରକା ହୋଟେଲ ଯୋଗାଇ ଦେବାକୁ କହିଥିଲେ। ଦିନକୁ ଦିନ ଦୀପିକାଙ୍କ ସର୍ତ୍ତ ବଢ଼ିବାରୁ ପ୍ରଡକ୍‌ସନ୍ ଟିମ୍ ତାଙ୍କୁ ବାଦ୍ ଦେବା ପାଇଁ ସ୍ଥିର କରିଥିବା ଚର୍ଚ୍ଚା ହେଉଛି। ଫିଲ୍ମ ନିର୍ମାତା ଏହାର କାହାଣୀରେ ପରିବର୍ତ୍ତନ କରି ଦୀପିକାଙ୍କ ଭୂମିକାକୁ ଛୋଟ କରିଦେବାରୁ ସେ ଏହି ଫିଲ୍ମ ଛାଡ଼ି ଦେଇଥିବା ମଧ୍ୟ ଚର୍ଚ୍ଚା ହେଉଛି। ଏହାପୂର୍ବରୁ 'ସ୍ପିରିଟ୍'ରୁ ମଧ୍ୟ ଦୀପିକାଙ୍କ ସର୍ତ୍ତ ପାଇଁ ତାଙ୍କୁ ବାଦ୍ ଦିଆଯାଇଥିଲା।



## ବିଶ୍ୱ ଗୋଲାପ ଦିବସ

### କର୍କଟ ରୋଗୀଙ୍କ ମନୋବଳ ବୃଦ୍ଧି ପାଇଁ ଦିନଟିଏ



ଗୋଲାପ ଫୁଲକୁ ସ୍ନେହ ଓ ପ୍ରେମର ପ୍ରତୀକ ଭାବେ ଧରାଯାଏ। କ୍ୟାନ୍ସର ପରି ଏକ ମାରାତ୍ମକ ବ୍ୟାଧି ସହ ଲଢୁଥିବା ରୋଗୀଙ୍କୁ ଗୋଲାପ ଫୁଲଟିଏ ଦେଇ ସେମାନଙ୍କ ମନୋବଳ ବୃଦ୍ଧି କରିବା ସହ ଜୀବନ ପ୍ରତି ନୂତନ ଆଶା ସଞ୍ଚାର କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ୨୨ ତାରିଖକୁ 'ବିଶ୍ୱ ଗୋଲାପ ଦିବସ' ଭାବେ ପାଳନ କରାଯାଏ। କର୍କଟ ରୋଗ ସହ ସଂଘର୍ଷ କରୁଥିବା ଲୋକଙ୍କୁ ଜାଗିବା ପାଇଁ ପ୍ରେରଣା ଦେବା ତଥା ତାଙ୍କ ଜୀବନରେ ଖୁସି ଆଣିଦେବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ଗୋଲାପ ଫୁଲକୁ ଦେଖିବା ମାତ୍ରେ ମନରେ ଏକ ସକାରାତ୍ମକ ଭାବନା ଆସିଥାଏ। ଏହି ଦିନ କର୍କଟ ରୋଗୀଙ୍କୁ ଗୋଲାପ ଫୁଲ ଦେଇ ଏହି ସନ୍ଦେଶ ଦିଆଯାଏ ଯେ, କ୍ୟାନ୍ସର ଜୀବନର ଅନ୍ତ ନୁହେଁ, ଆରମ୍ଭ। ଦୃଢ଼ ଇଚ୍ଛା ଶକ୍ତି ଦ୍ୱାରା କ୍ୟାନ୍ସର ଯୁଦ୍ଧକୁ ଜିତିହେବ। ୱାର୍ଲ୍ଡ ରୋଜ୍ ଡେ' ପାଳନର ଆରମ୍ଭ ୧୯୯୪ ମସିହାରୁ ହୋଇଥିଲା। କାନାଡ଼ାର ୧୨ ବର୍ଷୀୟା କ୍ୟାନ୍ସର ପୀଡ଼ିତା ମେଲିଣ୍ଡା ରୋଜ୍‌ଙ୍କ ସ୍ମୃତିରେ ଏହି ଦିବସ ପାଳନ କରାଯାଏ। କୁନି ବୟସରୁ ମେଲିଣ୍ଡା ବ୍ଲଡ୍ କ୍ୟାନ୍ସରର ଏକ ବିରଳ ପ୍ରକାର ଆସ୍କିନ୍ସ ଟ୍ୟୁମରରେ ପୀଡ଼ିତ ଥିଲେ। ଅତି ସାହସର ସହ ସେ ଶେଷ ପର୍ଯ୍ୟନ୍ତ ଏହି ରୋଗ ସହ ଲଢ଼ିଥିଲେ। ମେଲିଣ୍ଡା କ୍ୟାନ୍ସରର ଲାଷ୍ଟ ଷ୍ଟେଜ୍‌ରେ ଥିଲେ। ସେ ଆଉ ଗୋଟିଏ କି ଦୁଇ ସପ୍ତାହ ବଞ୍ଚିବେ ବୋଲି ଡାକ୍ତର କହିଥିଲେ। ମେଲିଣ୍ଡା ତାଙ୍କର ଦୃଢ଼ ଇଚ୍ଛାଶକ୍ତି ବଳରେ ଡାକ୍ତରଙ୍କୁ ଭୁଲ୍ ସାବ୍ୟସ୍ତ କରି ଛଅମାସ ବଞ୍ଚିଥିଲେ। ଏହି ଛଅମାସ ମଧ୍ୟରେ ପ୍ରତି ମୁହୂର୍ତ୍ତକୁ ସ୍ମରଣୀୟ କରିବା ସହ ଖୁସିର ବାର୍ତ୍ତା ବାଣ୍ଟୁଥିଲେ। ସେ ଅନ୍ୟ କର୍କଟ ରୋଗୀଙ୍କ ମନୋବଳ ବଢ଼ାଇବା ପାଇଁ ସେମାନଙ୍କ ଉଦ୍ଦେଶ୍ୟରେ କବିତା, ଇମେଲ୍ ଆଦି ଲେଖୁଥିଲେ। ୧୨ ବର୍ଷର ଏହି ଝିଅ ଜଣକ କ୍ୟାନ୍ସର ରୋଗୀଙ୍କ ପାଇଁ ଏକ ଉଦାହରଣ ହୋଇଗଲେ। ସେ କର୍କଟ ରୋଗ ସହ ଲଢୁଥିବା ରୋଗୀମାନଙ୍କ ପାଇଁ ଆଶାର କିରଣ ସାଜିଥିଲେ। ମେଲିଣ୍ଡାଙ୍କର ଏହି ଆକର୍ଷଣୀୟ ବ୍ୟକ୍ତିତ୍ୱ ତଥା ତାଙ୍କ ସାହସକୁ ମନେ ପକାଇ ପ୍ରତିବର୍ଷ ସେପ୍ଟେମ୍ବର ୨୨କୁ ବିଶ୍ୱ ଗୋଲାପ ଦିବସ ବା ୱାର୍ଲ୍ଡ ରୋଜ୍ ଡେ' ଭାବେ ପାଳନ କରାଯାଏ। ଏହି ଦିନ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଲୋକେ କ୍ୟାନ୍ସର ରୋଗୀମାନଙ୍କୁ ଗୋଲାପ ଫୁଲ ଦେବା ସହ ସେମାନଙ୍କ ସହ ସମୟ ଅତିବାହିତ କରନ୍ତି।

## ସବୁଠୁ ଦାମୀ ଶାଢ଼ି 'ବିବାହ ପଟ୍ଟୁ'

ଶାଢ଼ି ଭାରତୀୟ ମହିଳାମାନଙ୍କର ଏକ ପାରମ୍ପରିକ ପରିଧାନ। ସାଧାରଣତଃ ଶାଢ଼ିର ଡିଜାଇନ୍ ଓ କପଡ଼ା ଅନୁସାରେ ଏହାର ମୂଲ୍ୟ ନିର୍ଦ୍ଧାରଣ ହୋଇଥାଏ। ଏହି କ୍ରମରେ ବିଶ୍ୱର ସବୁଠୁ ଦାମୀ ଶାଢ଼ି ଭାବେ 'ବିବାହ ପଟ୍ଟୁ' ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛି। ଏହା ଏକ ଚେନ୍ନାଇ ସିଲ୍‌କ ଶାଢ଼ି। ଏହାର ଦାମ୍ ୩୯.୯୩ ଲକ୍ଷ। ଏଥିରେ ସୁନା, ରୂପା, ହୀରା ଆଦି ଖଚିତ ହେବା ସହ ପ୍ରସିଦ୍ଧ ଚିତ୍ରକର ରବି ବର୍ମାଙ୍କର ୧୧ଟି ପେଣ୍ଟିଂକୁ ବୁଣାଯାଇଛି। ତନ୍ମଧ୍ୟରୁ ସ୍ୱତନ୍ତ୍ର ହେଉଛି 'ଗାଲାକ୍ସି ଅଫ୍ ମ୍ୟୁଜିସିୟାନ୍ସ'। ଏଥିରେ ବିଭିନ୍ନ ରାଜ୍ୟର ମହିଳାମାନେ ନିଜର ପାରମ୍ପରିକ ବାଦ୍ୟଯନ୍ତ୍ର ବଜାଉଥିବାର ଦେଖାଯାଇଛନ୍ତି। ଏହି ଶାଢ଼ିରେ ୫୯.୭ ଗ୍ରାମ୍ ସୁନା, ୩.୯୧୩ କ୍ୟାରେଟ୍ ହୀରା, ୧୨୦ ମିଲିଗ୍ରାମ୍ ପ୍ଲାଟିନମ୍, ୫୫ ସେଟ୍ ପନ୍ନା, ୨.୯୮୫ କ୍ୟାରେଟ୍ ରୁବି, ନବରତ୍ନ ପଥର, ମୋତି, ମୁଙ୍ଗା ଆଦି ଦାମୀ ରତ୍ନର ମଧ୍ୟ ବ୍ୟବହାର କରାଯାଇଛି। ୮ କିଲୋ ଓଜନର ଏହି ଶାଢ଼ିରେ ୬୪ ପ୍ରକାରର ରଙ୍ଗ ଓ ୧୦ ଟି ନିଆରା ଡିଜାଇନ୍‌ର ବ୍ୟବହାର କରାଯାଇଛି। ଏହାର ଓଜନ ଅଧିକ ଥିବା ସତ୍ତ୍ୱେ, ଏହାକୁ ସାଧାରଣ ଶାଢ଼ି ଭଳି ପିନ୍ଧାଯାଇ ପାରିବ। ଏହାକୁ ଏପର୍ଯ୍ୟନ୍ତ ଦୁଇଥର କିଣାଯାଇ ସାରିଛି। ଏହି ଶାଢ଼ି ପ୍ରଥମେ ବେଙ୍ଗାଲୁରୁର ଜଣେ ବ୍ୟବସାୟୀ ୧୦ମ ବିବାହ ବାର୍ଷିକୀ ଅବସରରେ ପତ୍ନୀଙ୍କୁ ଉପହାର ଦେବା ପାଇଁ କିଣିଥିଲେ। ଏହାପରେ କୁଏତ୍‌ର ଜଣେ ଧନୀ ବ୍ୟବସାୟୀ ବି ଏହି ଶାଢ଼ି ତିଆରି କରିବା ଲାଗି ଅନୁରୋଧ କରିଥିଲେ। ତେବେ ଏହି ଶାଢ଼ି କେବଳ ପିନ୍ଧିବା ପାଇଁ ଉଦ୍ଦିଷ୍ଟ ନୁହେଁ, ଏହା ଏକ ଅମୂଲ୍ୟ କଳାକୃତି, ଯାହା ଭାରତୀୟ ବୟନ କଳା ଗୌରବକୁ ବିଶ୍ୱରେ ଏକ ଭିନ୍ନ ପରିଚୟ ପ୍ରଦାନ କରିଛି।





## ଦୁର୍ଗା ଚାଳିଶା ପାଠର ନିୟମ

ନବରାତ୍ରୀରେ ମା' ଦୁର୍ଗା ନଅଟି ରୂପରେ ପୂଜା ପାଇଥାନ୍ତି। ଏହି ନଅଦିନ ମା' ଦୁର୍ଗା ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରୀ, ମହାଗୌରୀ ଓ ସିଦ୍ଧିଦାତ୍ରୀ ରୂପରେ ପୂଜା ପାଇଥାନ୍ତି। ଏହି ନବଦିନାତ୍ମକ ପୂଜାରେ ମା'ଙ୍କ ପୂଜାର୍ଚ୍ଚନା ସହ ଦୁର୍ଗାସପ୍ତଶତୀ ଏବଂ ଦୁର୍ଗା ଚାଳିଶା ପାଠ କରାଯାଏ। ଦୁର୍ଗା ଚାଳିଶା ପାଠ ଦ୍ୱାରା ମାନସିକ ଶାନ୍ତି ପ୍ରାପ୍ତ ହୁଏ। ଘରୁ ନକାରାତ୍ମକ ଶକ୍ତି ଦୂର ହୁଏ ଏବଂ ଆର୍ଥିକ ଲାଭ ହୁଏ। ତେବେ ଦୁର୍ଗା ଚାଳିଶା କିଭଳି ପାଠ କରିବେ, ସେ ସମ୍ପର୍କରେ ଜାଣିବା।

- ସକାଳୁ ସ୍ନାନ ସାରି ଭଲ ବସ୍ତ୍ର ପରିଧାନ କରନ୍ତୁ।
- ଏହାପରେ ଦେବୀ ମାତାଙ୍କ ପୂଜାର୍ଚ୍ଚନା କରନ୍ତୁ।
- ମା' ଦୁର୍ଗାଙ୍କୁ ଫୁଲ, ଧୂପ, ଦୀପ ଲାଗି କରିବା ସହ ପ୍ରସାଦ ଭୋଗ କରନ୍ତୁ।
- ଏହା ପରେ ଦୁର୍ଗା ଚାଳିଶା ପାଠ କରନ୍ତୁ।
- ଦୁର୍ଗା ଚାଳିଶା ପାଠ କରିସାରିବା ପରେ ମା'ଙ୍କ ଆରତୀ କରି ପ୍ରସାଦ ଗ୍ରହଣ କରନ୍ତୁ।

## ନବରାତ୍ରୀରେ ଦୀପ ପ୍ରଜ୍ୱଳନ



ନବରାତ୍ରୀର ନଅଦିନରେ ନିତିଦିନ ଦେବୀଙ୍କ ଅଲଗା ଅଲଗା ରୂପକୁ ପୂଜା କରାଯାଏ। ଏଥିରେ ଅଖଣ୍ଡ ଦୀପ ପ୍ରଜ୍ୱଳନର ପରମ୍ପରା ରହିଛି। ଶାସ୍ତ୍ରରେ ଦୀପ ପ୍ରଜ୍ୱଳନର ବିଶେଷ ମହତ୍ତ୍ୱ ରହିଛି। ଏହି ନଅ ଦିନ ଦୀପ ପ୍ରଜ୍ୱଳନ କରିବା ଦ୍ୱାରା ଜୀବନର ଅନ୍ଧକାର ଦୂର ହୁଏ। ଘରେ ସୁଖ ଓ ସମୃଦ୍ଧିର ଆଗମନ ହୁଏ। ଏହି ଅବଧି ମଧ୍ୟରେ କେଉଁ କେଉଁ ସ୍ଥାନରେ ଦୀପ ଜାଳିବା ଦରକାର, ସେ ସମ୍ପର୍କରେ ଜାଣିବା।

**ମୁଖ୍ୟଦ୍ୱାର**

ଶାସ୍ତ୍ରରେ ମୁଖ୍ୟ ଦ୍ୱାରରେ ଦୀପ ଜାଳିବା ଶୁଭ। ଏହା ଦ୍ୱାରା ଘରକୁ ଦେବୀଦେବତାଙ୍କର ପ୍ରବେଶ ହୋଇଥାଏ ଏବଂ ପରିବାରରେ ସୁଖ ଶାନ୍ତି ବୃଦ୍ଧି ପାଏ।

**ପୂଜାଘର**

ପ୍ରଥମ ଦୀପ ଘରର ମନ୍ଦିର ଏବଂ ପୂଜା ସ୍ଥାନରେ ଜାଳିବା ଉଚିତ। ଏହା ଦ୍ୱାରା ଘରେ ସକାରାତ୍ମକ ଶକ୍ତିର ସଞ୍ଚାର ହୁଏ।

**ରୋଷେଇ ଘର**

ନବରାତ୍ରୀରେ ରୋଷେଇ ଘରେ ଦୀପ ଜାଳିବା ଦ୍ୱାରା ମା' ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି। ଘରେ ଅନ୍ନର ଅଭାବ ଦେଖା ଦିଏ ନାହିଁ।

**ତୁଳସୀ ଚଉରା**

ହିନ୍ଦୁ ଧର୍ମରେ ତୁଳସୀ ଗଛକୁ ଅତ୍ୟନ୍ତ ପବିତ୍ର ବୋଲି ବିବେଚନା କରାଯାଇଛି। ଏହି ନଅଦିନ ଯାକ ସନ୍ଧ୍ୟାରେ ଦୀପ ଜାଳିବା ଭଲ।

## ଆସ୍ଥା

## କନ୍ୟା ପୂଜା



ଖୁବ୍ ଶୀଘ୍ର ଆରମ୍ଭ ହେବ ଶାରଦୀୟ ନବରାତ୍ରୀ। ଆଶ୍ୱିନ ପ୍ରତିପଦାରୁ ନବରାତ୍ରୀ ପ୍ରାରମ୍ଭ ହୋଇଥାଏ ଏବଂ ଏହା ନବମୀ ତିଥି ପର୍ଯ୍ୟନ୍ତ ଚାଲେ। ନବରାତ୍ରୀ କନ୍ୟା ପୂଜାରେ ଶେଷ ହୋଇଥାଏ। ଏହା ପରେ ପାଳନ କରାଯାଏ ଦଶହରା। ତେବେ କନ୍ୟା ପୂଜା ବିନା ନବରାତ୍ରିର ନଅ ଦିନର ସାଧନାର ଫଳ ମିଳି ନ ଥାଏ। ଅଷ୍ଟମୀ ଏବଂ ନବମୀ ପୂଜା ପରେ କନ୍ୟା ପୂଜା କରାଯାଏ। ଏଥିରେ କନ୍ୟାମାନଙ୍କୁ ପୂଜା କରାଯାଇ ଭୋଜନ ଓ ଉପହାର ପ୍ରଦାନ କରାଯାଇ ଆଶୀର୍ବାଦ କାମନା କରାଯାଏ।

- ପ୍ରଥମେ କନ୍ୟାଙ୍କ ପାଦ ପ୍ରକ୍ଷାଳନ କରାଯାଏ।
- ଏହା ପରେ ତିଳକ କରାଯାଏ।
- ଏହାପରେ ଖାଦ୍ୟ ପ୍ରଦାନ କରାଯାଏ ଏବଂ ତା'ପରେ ଉପହାର ଦେବାର ନିୟମ ଅଛି।
- କନ୍ୟା ପୂଜା ଦ୍ୱାରା ଘରେ ମା' ଦୁର୍ଗା ବାସ କରନ୍ତି।
- କୌଣସି କନ୍ୟାଙ୍କୁ ଅପମାନିତ କିମ୍ବା ଦୁଃଖ ଦେବା ଅନୁଚିତ।
- ଉପହାରରେ କୌଣସି କଳା ରଙ୍ଗ ଜିନିଷ ପ୍ରଦାନ କରନ୍ତୁ ନାହିଁ। ଏହା ଦ୍ୱାରା ଶନି ଦୋଷ ଲାଗେ।
- ସେହିପରି କାଚ ଜିନିଷ ଦିଅନ୍ତୁ ନାହିଁ।
- ଚମଡ଼ାରୁ ତିଆରି ଜିନିଷ, ଷ୍ଟିଲ ଏବଂ ଲୁହା ଜିନିଷ ଦିଅନ୍ତୁ ନାହିଁ।
- କନ୍ୟା ସହିତ ଜଣେ ଛୋଟ ବାଳକକୁ ଆମନ୍ତ୍ରିତ କରିବା ଉଚିତ।
- ଉପହାରରେ ପୁରୁଣା ଓ ବ୍ୟବହୃତ ଜିନିଷ ପ୍ରଦାନ କରନ୍ତୁ ନାହିଁ।

## ସୂର୍ଯ୍ୟାସ୍ତ ପରେ ଝାଡ଼ୁ କରିବା ମନା

**ରାତିରେ ଝାଡ଼ୁ ନ କରିବାର ନିୟମ ପ୍ରାଚୀନ କାଳରୁ ରହି ଆସିଛି। ରାତିରେ ଝାଡ଼ୁ ନ କରିବାର ମାନ୍ୟତା ଜ୍ୟୋତିଷ ଓ ବାସ୍ତୁଶାସ୍ତ୍ର ଉପରେ ଆଧାରିତ। ରାତିରେ ଝାଡ଼ୁ କରିବା ଦ୍ୱାରା ମା' ଲକ୍ଷ୍ମୀ କୋପ କରନ୍ତି ଏବଂ ଘରେ ଦାରିଦ୍ର୍ୟତା ଦେଖା ଦିଏ ବୋଲି କୁହାଯାଏ।**



ହିନ୍ଦୁ ମାନ୍ୟତାନୁସାରେ, ଝାଡ଼ୁକୁ ଦେବୀ ଲକ୍ଷ୍ମୀଙ୍କ ପ୍ରତୀକ ବୋଲି କୁହାଯାଇଛି। ମାନ୍ୟତା ଅଛି ସନ୍ଧ୍ୟାରେ ଏବଂ ଦୀପ ଜଳିବା ପରେ ଦେବୀ ଲକ୍ଷ୍ମୀ ଘରେ ପ୍ରବେଶ କରନ୍ତି। ତେଣୁ ରାତିରେ ଝାଡ଼ୁ କରିବା ଦ୍ୱାରା ତାଙ୍କ ପ୍ରତି ଅପମାନିତ ହୁଏ। ଫଳରେ ସେ କୋପ କରି ଘର ଛାଡ଼ି ଚାଲିଯାଆନ୍ତି।

ସେହିପରି ବାସ୍ତୁଶାସ୍ତ୍ର ଅନୁସାରେ, କିଛି ଲୋକ ସନ୍ଧ୍ୟାରେ ଝାଡ଼ୁ କରି ଅଳିଆ ବାହାର କରନ୍ତି। ସୂର୍ଯ୍ୟାସ୍ତ ପରେ ଘରେ ଝାଡ଼ୁ କରିବା ଅନୁଚିତ। କୌଣସି କାରଣବଶତଃ ଝାଡ଼ୁ କରୁଥିଲେ, ଅଳିଆକୁ ଡଷ୍ଟବିନ୍‌ରେ ରଖନ୍ତୁ। ଏହାକୁ ତା'ପରଦିନ ସକାଳୁ ଫିଙ୍ଗିଦିଅନ୍ତୁ।

ତେବେ ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ରାହୁ ଓ କେତୁଙ୍କ ପ୍ରଭାବ ରାତିରେ ଥିବାରୁ ଏହି ସମୟରେ ଝାଡ଼ୁ କରିବା ମନା। ଏହାବାଦ୍ ଏହି ସମୟ ତାମସିକ ଶକ୍ତିର। ଏହି ସମୟରେ ଝାଡ଼ୁ ଲଗାଇବା ଦ୍ୱାରା ନକାରାତ୍ମକ ଶକ୍ତି ବୃଦ୍ଧି ପାଇବା ଆଶଙ୍କା ଅଛି।

ଭାରତ-ପାକିସ୍ତାନ ସୁପର-୪ ମୁକାବିଲା

# ଜୀବନଦାନ ପରେ ଫରହାନଙ୍କ ଅର୍ଦ୍ଧଶତକ

ଦୁବାଇ,୨୧।୯ (ଏଜେନ୍ସି)

ଭାରତ ବିପକ୍ଷ ଏସିଆ କପ୍ ସୁପର-୪ ମୁକାବିଲାରେ ପାକିସ୍ତାନର ଯୁବ ଖେଳାଳି ଫର୍ମକୁ ଫେରିଛନ୍ତି। ୩ଟି କ୍ୟାଚ୍ ଡ୍ରପ୍‌ର ସୁଯୋଗ ନେଇ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୧୦.୩ ଓଭର ସୁଦ୍ଧା ୨ ୱିକେଟ ହରାଇ ୯୩ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଯୁବ ଓପନର ସାହିବଜାଦା ଫରହାନ ଅର୍ଦ୍ଧଶତକ ହାସଲ କରି ୫୩ ରନ୍‌ରେ ବ୍ୟାଟିଂ କରୁଥିଲେ। ହୁସେନ ତଲତ ତାଙ୍କ ସହ ୦ ରନ୍‌ରେ ଅପରାଜିତ ରହିଥିଲେ। ଆଉଟ ହୋଇଥିବା ପାକିସ୍ତାନ ଖେଳାଳିଙ୍କ ମଧ୍ୟରେ ଫକର ଜମାନ ୧୫ ଓ ୩ଟି ଶୂନ ପରେ ଖାତା ଖୋଲିଥିବା ସାଏମ ଆୟୁବ ୨୧ ରନ୍ କରିଥିଲେ। ଭାରତ ପକ୍ଷରୁ ହାର୍ଦ୍ଦିକ ପାଣ୍ଡ୍ୟା ଓ ଶିବମ ଦୁବେ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। କିନ୍ତୁ ଏହି ସମୟ ମଧ୍ୟରେ ଭାରତୀୟ ଖେଳାଳିମାନେ ୩ଟି କ୍ୟାଚ୍ ଡ୍ରପ୍ କରିଥିଲେ।

## ବୁମ୍‌ରାଙ୍କ ବ୍ୟୟବହୁଳ ପାୱାର ପ୍ଲେ

ପାକିସ୍ତାନ ବିପକ୍ଷ ଏହି ସୁପର୍-୪ ମୁକାବିଲାରେ ଭାରତୀୟ ପ୍ରମୁଖ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲେ। ପାୱାର ପ୍ଲେ'ର ୬ ଓଭର ମଧ୍ୟରେ ବୁମ୍‌ରା ୩ ଓଭର ବୋଲିଂ କରି ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଏହି ୩ ଓଭରରେ ସେ କୌଣସି ୱିକେଟ ପାଇ ନ ଥିବାବେଳେ ୩୪ ରନ ବ୍ୟୟ କରିଥିଲେ। ଫଳରେ ବୁମ୍‌ରା ତାଙ୍କ ଟି-୨୦ କ୍ୟାରିୟରରେ ପାୱାର ପ୍ଲେ'ରେ ସବୁଠୁ ମହଙ୍ଗା ସାବ୍ୟସ୍ତ ହୋଇଛନ୍ତି। ଏଥିପୂର୍ବରୁ ୨୦୧୬ରେ ଏମ୍‌ସିଜି ଗ୍ରାଉଣ୍ଡରେ ଘରୋଇ ଅଷ୍ଟ୍ରେଲିଆ ବିପକ୍ଷ ଟି-୨୦ରେ ବୁମ୍‌ରା ପାୱାର ପ୍ଲେ'ରେ ୩୧ ରନ ବ୍ୟୟ କରିଥିଲେ।




## ଚହଲଙ୍କୁ ଟପିଲେ ପାଣ୍ଡ୍ୟା

ପାକିସ୍ତାନର ଫଖର ଜମାନଙ୍କୁ ଆଉଟ୍ କରି ହାର୍ଦ୍ଦିକ ପାଣ୍ଡ୍ୟା ଟି-୨୦ରେ ତାଙ୍କର ୯୭ତମ ୱିକେଟ୍ ଅକ୍ତିଆର କରିଛନ୍ତି। ଏଥିସହ ଅନ୍ତର୍ଜାତୀୟ ଟି-୨୦ରେ ଭାରତୀୟ ଭାବେ ସର୍ବାଧିକ ୱିକେଟ୍ ନେବାରେ ଯୁଜବେନ୍ଦ୍ର ଚହଲଙ୍କୁ ପଛରେ ପକାଇଛନ୍ତି ପାଣ୍ଡ୍ୟା। ଏହି ତାଲିକାରେ ଅର୍ଶଦୀପ୍ ସିଂହ ୧୦୦ ୱିକେଟ ସହ ଶୀର୍ଷରେ ରହିଛନ୍ତି। ସେହିଭଳି ୯୭ ୱିକେଟ୍ ସହ ପାଣ୍ଡ୍ୟା ଦ୍ୱିତୀୟ ଓ ୯୬ ୱିକେଟ୍ ସହ ଚହଲ ତୃତୀୟରେ ରହିଛନ୍ତି। ଯଶପ୍ରୀତ୍ ବୁମରା (୯୨ ୱିକେଟ) ଓ ଭୁବନେଶ୍ୱର କୁମାର (୯୦) ଯଥାକ୍ରମେ ଏହି ତାଲିକାରେ ୪ର୍ଥ ଓ ୫ମ ସ୍ଥାନ ହାସଲ କରିଛନ୍ତି।


## କରମର୍ଦ୍ଦନ କଲେନି ଅଧିନାୟକ

ଏହି ମ୍ୟାଚ୍‌ରେ ଟସ୍ ପଡ଼ିବା ପରେ ଉଭୟ ଦଳର ଅଧିନାୟକ ପୂର୍ବ ମୁକାବିଲା କରି କରମର୍ଦ୍ଦନ କରି ନ ଥିଲେ। ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଟସ୍ ପକାଇଥିଲେ ଓ ଠିକ୍ ଭାବେ ହେଡ୍ କଲ କରିଥିଲେ। ଟସ୍ ଜିତିବା ପରେ ସୂର୍ଯ୍ୟକୁମାର ସିଧାସଳଖ ଭାଷ୍ୟକାର ରବି ଶାସ୍ତ୍ରୀଙ୍କ ପାଖକୁ ଯାଇ ନିଜ ପ୍ରତିକ୍ରିୟା ଜଣାଇଥିଲେ। ପାକିସ୍ତାନ ଅଧିନାୟକ ସଲମାନ ଅଲି ଆଘା ତାଙ୍କ ପାଖରେ ଛିଡ଼ା ହୋଇଥିଲେ ମଧ୍ୟ ତାଙ୍କୁ ପଛ କରି ସୂର୍ଯ୍ୟ ଚାଲିଯାଇଥିଲେ। କରମର୍ଦ୍ଦନକୁ ନେଇ ପାକିସ୍ତାନ ତୁମ୍ଭି ତୋଫାନ କରିଥିଲା। ପ୍ରଥମ ମ୍ୟାଚ୍‌ରେ ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟ କରମର୍ଦ୍ଦନ ନ କରିବାକୁ କହିଥିବାରୁ ଏଭଳି ଘଟିଥିଲା। ଏପରିକି ପାଇକ୍ରଫ୍ଟଙ୍କୁ ଏସିଆ କପ୍‌ରୁ ବହିଷ୍କାର କରା ନ ଗଲେ ପାକସ୍ତାନ ଏସିଆ କପ୍‌ରୁ ଓହରିଯିବାକୁ ମଧ୍ୟ ଧମକ ଦେଇଥିଲା। ପାଇକ୍ରଫ୍ଟଙ୍କୁ ବହିଷ୍କାର କରାଯାଇପାରିବ ନାହିଁ ବୋଲି ଆଇସିସି ସ୍ପଷ୍ଟ କରିଥିଲା। କିନ୍ତୁ ପାକିସ୍ତାନ ଟୁର୍ଣ୍ଣାମେଣ୍ଟରୁ ଓହରିବା ନିଷ୍ପତ୍ତିରୁ ଓହରିଯାଇଥିଲା। ଦଳ ମଧ୍ୟ ୟୁଏଇ ବିପକ୍ଷ ଲିଗ୍ ମ୍ୟାଚ୍ ଖେଳିବାକୁ ଏକ ଘଣ୍ଟା ବିଳମ୍ବରେ ପହଞ୍ଚିଥିଲା। ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନକୁ ନେଇ ଏଯାଏ କୌଣସି ପଦକ୍ଷେପ ନିଆଯାଇନାହିଁ।

## ଶ୍ରୀଲଙ୍କାକୁ ହରାଇଲା ବାଂଲାଦେଶ

ଦୁବାଇ,୨୧।୯ (ଏଜେନ୍ସି): ସୈଫ ହାସନ ଓ ତୋହିଦ୍ ହୃଦୟଙ୍କ ଦମ୍‌ଦାର ଅର୍ଦ୍ଧଶତକ ସତ୍ତ୍ୱେ ଏଠାରେ ଶନିବାର ଅନୁଷ୍ଠିତ ଏସିଆ କପ୍ ସୁପର-୪'ର ପ୍ରଥମ ମୁକାବିଲାରେ ବାଂଲାଦେଶ ୪ ୱିକେଟରେ ଶ୍ରୀଲଙ୍କାକୁ ପରାସ୍ତ ହରାଇ ବିପର୍ଯ୍ୟୟ ଘଟାଇଛି। ଏହା ଫଳରେ ବିଜୟୀ ବାଂଲା ଦଳକୁ ଗୁରୁତ୍ୱପୂର୍ଣ୍ଣ ୪ ପଏଣ୍ଟ ମିଳିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ଦାସୁନ ସାନକାଙ୍କ ଅର୍ଦ୍ଧଶତକ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୬୮ ରନ୍ କରିଥିଲା। ସାନକା ୩୭ବଲ୍‌ର ସମ୍ମୁଖୀନ ହୋଇ ୩ ଚୌକା ଓ ୬ ଛକା ସହାୟତାରେ ଅପରାଜିତ ୬୪ ରନ୍ କରିଥିଲେ। କୁଶାଲ ମେଣ୍ଡିସ୍ ୩୪, ପାଥୁମ ନିଶାଙ୍କା ୨୨ ଓ ଅଧିନାୟକ ଚାରିତ ଆଶାଲଙ୍କା ୨୧ ରନ୍‌ର ସହାୟତା ଦେଇଥିଲେ। ବାଂଲାଦେଶ ପକ୍ଷରୁ ପେସର ମୁସ୍ତାଫିଜୁର ରହମନ ୩ଟି ଓ ମାହେଦୀ ହାସନ ୨ଟି ୱିକେଟ ପାଇଥିଲେ। ଜବାବରେ ବାଂଲାଦେଶ ଗୋଟିଏ ବଲ ବାକିଥାଇ ୬ ୱିକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ବାଂଲା ପକ୍ଷରୁ ଓପନର ସୈଫ୍ ହାସନ ୪୫ବଲ୍‌ରେ ୬୧, ତୋହିଦ ହୃଦୟ ୩୭ବଲ୍‌ରେ ୫୮ ରନ୍ କରି ଦଳକୁ ଜିତାଇଥିଲେ। ଶ୍ରୀଲଙ୍କାର ୱାନିନ୍ଦୁ ହାସରଙ୍ଗାଙ୍କୁ ୨ଟି ୱିକେଟ ମିଳିଥିଲା।

## ବିସିସିଆଇ ସଭାପତି ହେବେ ମିଥୁନ ମାନହାସ




ନୂଆଦିଲ୍ଲୀ,୨୧।୯ (ଏଜେନ୍ସି): ଦିଲ୍ଲୀ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ମିଥୁନ ମାନହାସ ବିସିସିଆଇ (ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ)ର ସଭାପତି ପଦ ଲାଗି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେ ଶକ୍ତିଶାଳୀ ଜୟଦେବ ଶାହ ଗ୍ରୁପ୍‌ର ହୋଇଥିବାରୁ ପରବର୍ତ୍ତୀ ସଭାପତି ହେବା ଏକପ୍ରାର ନିଶ୍ଚିତ ହୋଇଛି। ବର୍ତ୍ତମାନର ଭାରତୀୟ କ୍ରିକେଟ ପ୍ରଶାସନରେ ଜୟଦେବଙ୍କୁ ମୁକାବିଲା କରିବା କେବଳ କଷ୍ଟକର ନୁହେଁ, ଅସମ୍ଭବ ମଧ୍ୟ। ଏଣୁ ମାନହାସ ଯେ ପରବର୍ତ୍ତୀ ସଭାପତି ହେବେ ଏଥିରେ କୌଣସି ସନ୍ଦେହ ନାହିଁ। ପ୍ରଥମଶ୍ରେଣୀ କ୍ରିକେଟରେ ୧୫୭ଟି ମ୍ୟାଚ୍ ଖେଳିଥିବା ୪୫ ବର୍ଷୀୟ ମିଥୁନ ମାନହାସ ଜମ୍ମୁ-କାଶ୍ମୀର କ୍ରିକେଟ ପରିଚାଳନା ଲାଗି ଗଠିତ କମିଟିରେ ୨୦୨୧ରୁ ସଦସ୍ୟ ଓ ଆଇପିଏଲ୍ ଟିମ୍ ଗୁଜରାଟ ଟାଇଟନ୍ସର ସହକାରୀ କୋଚ୍ ଅଛନ୍ତି। ମାନହାସ ଜଣେ ଖେଳାଳି ହୋଇଥିବାରୁ ସେ ବୋର୍ଡର ସଭାପତି ଦାୟିତ୍ୱ ନେବାକୁ ଆମେ ମିଳିତ ଭାବେ ନିଷ୍ପତ୍ତି ନେଇଛୁ ବୋଲି ଦ୍ୱିତୀୟଥର ଉପସଭାପତି ଲାଗି ପ୍ରାର୍ଥପତ୍ର ଦାଖଲ କରିଥିବା ରାଜୀବ ଶୁକ୍ଲା କହିଛନ୍ତି। ଏହି ଗ୍ରୁପ୍‌ର ଅନ୍ୟମାନଙ୍କ ମଧ୍ୟରେ ଦେବଜିତ ସାଇକିଆ ସମ୍ପାଦକ, ପୂର୍ବତନ ଟେଷ୍ଟ କ୍ରିକେଟର କର୍ଣ୍ଣାଟକର ରଘୁରାମ ଭଟ୍ଟ କୋଷାଧ୍ୟକ୍ଷ, ପ୍ରଭତେଜ ସିଂହ ଭାଟିଆ ଯୁଗ୍ମ ସମ୍ପାଦକ, ଅରୁଣ ସିଂ ଧୂମାଲ ଆଇପିଏଲ୍ ଗଭର୍ଣ୍ଣିଂ କାଉନ୍ସିଲ ଚେୟାରମ୍ୟାନ୍ ଓ ଜୟଦେବ ଶାହ ଆପେକ୍ସ କାଉନ୍ସିଲ ସଦସ୍ୟ ଲାଗି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ମୁମ୍ବଇସ୍ଥିତ ବିସିସିଆଇ ମୁଖ୍ୟକାର୍ଯ୍ୟାଳୟରେ ସେପ୍ଟେମ୍ବର ୨୮ ତାରିଖରେ ଏଜିଏମ୍ ଓ ନିର୍ବାଚନ ଅନୁଷ୍ଠିତ ହେବ। ଏହି ଦିନ ମଧ୍ୟ ୟୁଏଇରେ ଚାଲିଥିବା ଏସିଆ କପ୍ ଫାଇନାଲ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

■ ଚାଇନା ମାଷ୍ଟର୍ସ

## ସାତ୍ତ୍ୱିକ-ଚିରାଗ ପୁଣିଥରେ ଫାଇନାଲରେ ଝୁଣ୍ଟିଲେ

ବେଜିଂ, ୨୧।୯ (ଏଜେନ୍ସି): ଭାରତୀୟ ତାରକା ବ୍ୟାଡ୍‌ମିଣ୍ଟନ ଯୋଡ଼ି ସାତ୍ତ୍ୱିକସାଇରାଜ ରାନକିରେଡ୍ଡୀ ଓ ଚିରାଗ ସେଟ୍ଟୀ କ୍ରମାଗତ ଦ୍ୱିତୀୟ ସପ୍ତାହରେ ଏକ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପରାଜୟବରଣ କରିଛନ୍ତି। ଗତ ସପ୍ତାହରେ ହଂକଂ ଓପନରେ ରନର୍ସଅପ୍ ହୋଇଥିବା ସାତ୍ତ୍ୱିକ-ଚିରାଗ ରବିବାର ଚାଇନା ମାଷ୍ଟର୍ସରେ ମଧ୍ୟ ଫାଇନାଲରେ ଝୁଣ୍ଟିଛନ୍ତି। ଆଜି ଖେଳାଯାଇଥିବା ପୁରୁଷ ଡବଲ୍ସ ଫାଇନାଲରେ ଟପ୍ ସିଡ୍ କୋରିଆର କିମ୍ ୱନ-ହୋ ଓ ସିଓ ସିଅଙ୍ଗ-ଜାଏ ଯୋଡ଼ି ୨୧-୧୯, ୨୧-୧୫ ସିଧାସଳଖ ଗେମରେ ସାତ୍ତ୍ୱିକ-ଚିରାଗ ଯୋଡିଙ୍କୁ ହରାଇ ଚାମ୍ପିଅନ ହୋଇଛନ୍ତି। ୨୦୨୩ ସଂସ୍କରଣରେ ମଧ୍ୟ ସାତ୍ତ୍ୱିକ-ଚିରାଗ ଯୋଡ଼ି ଚାଇନା ମାଷ୍ଟର୍ସରେ ରନର୍ସଅପ୍ ରହିଥିଲେ।

## କୋରିଆ ଓପନ୍ ଟାଇଟଲ୍ ଜିତିଲେ ସ୍ୱିଆଟେକ୍




ସିଓଲ୍, ୨୧।୯ (ଏଜେନ୍ସି): ପୋଲାଣ୍ଡ ଯୁବ ଟେନିସ ଖେଳାଳି ଇଗା ସ୍ୱିଆଟେକ୍ ଏଠାରେ ଅନୁଷ୍ଠିତ ୯ କୋଟି ୩୭ ଲକ୍ଷ ଟଙ୍କା ପୁରସ୍କାର ରାଶିବିଶିଷ୍ଟ କୋରିଆ ଓପନ୍‌ରେ ଚାମ୍ପିଅନ ହୋଇଛନ୍ତି। ରବିବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ଫାଇନାଲରେ ସ୍ୱିଆଟେକ ୧-୬, ୭-୬ (୩), ୭-୫ ସେଟ୍‌ରେ ରୁଷିଆର ଏକତେରିନା ଆଲେକ୍ସଜାଣ୍ଡ୍ରୋଭାଙ୍କୁ ପରାସ୍ତ କରିଥିଲେ। ବିଶ୍ୱ ମାନ୍ୟତାର ୩ୟ ସ୍ଥାନରେ ରହିଥିବା ସ୍ୱିଆଟେକଙ୍କ ଚଳିତ ବର୍ଷର ଏହା ୩ୟ ଟ୍ରଫି ଥିଲା। ଏଥିପୂର୍ବରୁ ସେ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଓ ସିନ୍‌ସିନ୍ନାଟି ଓପନ୍‌ରେ ଚାମ୍ପିଅନ ହୋଇଥିଲେ।

## ଅଷ୍ଟ୍ରେଲିଆକୁ ହରାଇଲା ଭାରତ

ସିଡ୍‌ନୀ,୨୧।୯ (ଏଜେନ୍ସି): ଅଭିଜ୍ଞାନ କୁଣ୍ଡୁ ଓ ବେଦାନ୍ତ ତ୍ରିବେଦୀଙ୍କ ଅର୍ଦ୍ଧଶତକ ବଳରେ ଇଆନ ହିଲି ଓଭାଲରେ ଖେଳାଯାଇଥିବା ୧୯ ବର୍ଷରୁ କମ୍ ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ୭ ୱିକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଭାରତୀୟ ବୋଲରଙ୍କ ଉନ୍ନତ ପ୍ରଦର୍ଶନ ଯୋଗୁଁ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୯ ୱିକେଟରେ ୨୨୫ ରନ୍ କରିଥିଲା। ଜବାବରେ ଭାରତୀୟ ଯୁବ ଦଳ ୧୧୭ଟି ବଲ୍ ଓ ୭ଟି ୱିକେଟ ବାକିଥାଇ ଏହି ମ୍ୟାଚ୍‌କୁ ଜିତିନେଇଥିଲା। ଦଳ ପକ୍ଷରୁ ଅଭିଜ୍ଞାନ କୁଣ୍ଡୁ ୮୭ ଓ ବେଦାନ୍ତ ତ୍ରିବେଦୀ ୬୧ ରନ୍ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଏମାନଙ୍କ ଅବିଭକ୍ତ ଚତୁର୍ଥ ୱିକେଟ ଯୋଡିରୁ ୧୫୨ ରନ୍ ସଂଗୃହୀତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମସ୍ତଙ୍କ ନଜରରେ ଥିବା ବୈଭବ ସୂର୍ଯ୍ୟବଂଶୀ ୨୨ ବଲ୍‌ରୁ ୭ ଚୌକା ସହ ୩୮ ରନ୍ କରିଥିଲେ।

ନ୍ୟାସନାଲ୍ ଜିମ୍ନାଷ୍ଟିକ୍ସ

## ଜେଏମ୍ ଏକାଡେମୀକୁ ୨ ପଦକ



ଭୁବନେଶ୍ୱର,୨୧।୯ (ସମିସ): ମହାରାଷ୍ଟ୍ରର ଶିରିଡିଠାରେ ଅନୁଷ୍ଠିତ ହୋଇଯାଇଛି ସିବିଏସ୍‌ଇ ନ୍ୟାସନାଲ ଜିମ୍ନାଷ୍ଟିକ୍ସ। ଏହି ପ୍ରତିଯୋଗିତାରେ ଭୁବନେଶ୍ୱର ଜେଏମ୍ ସ୍ପୋର୍ଟ୍ସ ଏକାଡେମୀକୁ ୨ଟି ପଦକ ମିଳିଛି। ଏହା ମଧ୍ୟରୁ ୧୧ ବର୍ଷରୁ କମ୍ ବାଳକ ବିଭାଗରେ ବିଭାନ୍ୟାସ ପାଣିଗ୍ରାହୀ ପୋମେଲ ହର୍ଷରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ସେହିପରି ଏହି ବର୍ଗର ବାଳିକା ବିଭାଗରେ ଦିବ୍ୟାଞ୍ଜଳି ମହନ୍ତ ୫ମ ସ୍ଥାନ ଅଧିକାର କରିଛନ୍ତି। ଜାତୀୟସ୍ତରରେ ସଫଳତା ମିଳିବା ପରେ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ପ୍ରଶିକ୍ଷାର୍ଥୀ ଆହୁରି ଆଗକୁ ବଢ଼ିବେ ବୋଲି ଏହାର ଅଧକ୍ଷା ମୀରାରାଣି ଦାସ ଆଶା ପ୍ରକାଶ କରିଛନ୍ତି।

## ଟାଇଟଲ୍ ଜିତିଲେ ଜ୍ଞାନରଞ୍ଜନ



ଭୁବନେଶ୍ୱର,୨୧।୯ (ସମିସ): ଓଡ଼ିଶା ରାଜ୍ୟ ଚେସ ସଂଘ ଓ ଓମ୍ ଗୁରୁକୁଳ ପବ୍ଲିକ୍ ସ୍କୁଲ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଥମ ଶାନ୍ତିବାଳା ମହାନ୍ତି ସ୍ମାରକୀ ଚେସ୍ ପ୍ରତିଯୋଗିତାରେ ଜ୍ଞାନରଞ୍ଜନ ସେଠୀ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ରନର୍ସ ଅପ୍ ଓ ଆଦିତ୍ୟରଞ୍ଜନ ଦାସ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଟୁର୍ଣ୍ଣାମେଣ୍ଟ ଗୋଟିଏ ଦିନରେ ୫ ରାଉଣ୍ଡ ବିଶିଷ୍ଟ ହୋଇଥିଲା। ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟକୁ ଓମ୍‌ଗୁରୁକୂଳ ପବ୍ଲିକ୍ ସ୍କୁଲ୍‌ର ଏମ୍‌ଡି ଲକ୍ଷ୍ମୀଧର ବେହେରା ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତା ଶେଷରେ ଜାଭିୟର ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟର ସହଯୋଗୀ ପ୍ରଫେସର ଡ. ଶୁଭ୍ରା ପଟ୍ଟନାୟକ, ପିପିଟିର ପୂର୍ବତନ ମୁଖ୍ୟ ଯନ୍ତ୍ରୀ ସୁନୀଲ ପଟ୍ଟନାୟକ ଓ ସ୍କୁଲର ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ ଅତିଥିଭାବେ ଯୋଗଦେଇଥିଲେ।

ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ସିରିଜ୍ ୨ରୁ

## ୨୩ କିମ୍ବା ୨୪ରେ ଭାରତୀୟ ଦଳ ଚୟନ

ନୂଆଦିଲ୍ଲୀ,୨୧।୯ (ଏଜେନ୍ସି): ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବାକୁ ୱେଷ୍ଟଇଣ୍ଡିଜ୍ ଦଳ ଚଳିତ ମାସ ୨୪ ତାରିଖରେ ଭାରତ ଆସିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତରେ ପ୍ରଥମ ଟେଷ୍ଟ ଅକ୍ଟୋବର ୨ରୁ ଅହମ୍ମଦାବାଦ୍ ଓ ଦ୍ୱିତୀୟ ଟେଷ୍ଟ ଅକ୍ଟୋବର ୧୦ରୁ ନୂଆଦିଲ୍ଲୀରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏହି ସିରିଜ୍ ଲାଗି ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ଚଳିତମାସ ୨୩ କିମ୍ବା ୨୪ରେ ଚୟନ କରାଯିବ ବୋଲି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି। ବିସିସିଆଇ ସିନିୟର ଚୟନ କମିଟି ଅଧକ୍ଷ ଅଜିତ ଅଗରକର ଏବେ ଏସିଆ କପ୍ ଲାଗି ୟୁଏଇରେ ଅଛନ୍ତି। ଏଣୁ ଚୟନ ପ୍ରକ୍ରିୟା ଅନ୍‌ଲାଇନ୍‌ରେ ହେବ ବୋଲି ସାଇକିଆ ସୂଚନା ଦେଇଛନ୍ତି। ରୋଷ୍ଟୋନ ଚେଜ୍‌ଙ୍କ ନେତୃତ୍ୱରେ ଘୋଷିତ ୱେଷ୍ଟଇଣ୍ଡିଜ୍ ଦଳରେ ଶିବନାରାୟଣ ଚନ୍ଦରପଲଙ୍କ ସୁପୁତ୍ର ଟାଗେନାରିନ୍‌ଙ୍କୁ ଏହି ଦଳରେ ସାମିଲ କରାଯାଇଛି।

### ପ୍ରଜ୍ଞାନ ଓଝା ନୂଆ ଚୟନକର୍ତ୍ତା



ହାଇଦ୍ରାବାଦ୍ ପକ୍ଷରୁ ପ୍ରଥମଶ୍ରେଣୀ କ୍ରିକେଟ ଖେଳିଥିବା ପୂର୍ବତନ ଅନ୍ତର୍ଜାତୀୟ ଓଡ଼ିଆ ବାମହାତୀ ସ୍ପିନର ପ୍ରଜ୍ଞାନ ଓଝା ବିସିସିଆଇ ସିନିଅର ଚୟନ କମିଟିର ନୂଆ ସଦସ୍ୟ ହେବା ଏକ ପ୍ରକାର ନିଶ୍ଚିତ ହୋଇଛି। ଏସ୍ ଶରତଙ୍କ ସ୍ଥାନରେ ସେ ଏହି ଦାୟିତ୍ୱ ସମ୍ଭାଳିବେ। ସେହିପରି କେନ୍ଦ୍ରାଞ୍ଚଳର ରୁଦ୍ରପ୍ରତାପ ସିଂ ମଧ୍ୟ ନୂଆ ଚୟନକର୍ତ୍ତା ହେବେ ବୋଲି ସ୍ଥିର ହୋଇଛି। ସେପ୍ଟେମ୍ବର ୨୮ରେ ହେବାକୁ ଥିବା ଏଜିଏମ୍‌ରେ ଏହି ଦୁଇ ଚୟନକର୍ତ୍ତାଙ୍କ ନାମରେ ମୋହର ବାଜିବ। ଏସ୍ ଶରତ ଓ ସୁବ୍ରତ ବାନାର୍ଜୀଙ୍କ ଲାଗି ଏହା ଶେଷ ଭାରତୀୟ ଦଳ ଚୟନ ହେବ ବୋଲି ବିସିସିଆଇ ସୂତ୍ରରୁ ଜଣାଯାଇଛି।

## ଓପିଟିଏଲ୍: ସମ୍ବଲପୁରକୁ ଜିତାଇଲେ ଶୁଭ୍ରାଂଶୁ

କଟକ, ୨୧।୯ (ସମିସ): ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ପ୍ରୋ ଟି୨୦ ଲିଗ୍ (ଓପିଟିଏଲ୍)ରେ ଗତକାଲି ରାତିରେ ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ମ୍ୟାଚରେ ସମ୍ବଲପୁର ୱାରିୟର୍ସ ବିଜୟୀ ହୋଇଛି। ଏହି ମ୍ୟାଚରେ ସମ୍ବଲପୁର ୭ ୱିକେଟ୍‌ରେ ପୁରୀ ଟାଇଟାନ୍ସକୁ ପରାସ୍ତ କରିଛି। ବର୍ଷା ଯୋଗୁ ଏହି ମ୍ୟାଚକୁ ୫ ଓଭରବିଶିଷ୍ଟ କରାଯାଇଥିଲା। ଏଥିରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପୁରୀ ଟାଇଟାନ୍ସ ୫ ୱିକେଟ୍‌ରେ ୪୮ ରନ କରିଥିଲା। ଦଳ ପକ୍ଷରୁ ଅଧିନାୟକ ସନ୍ଦୀପ ପଟ୍ଟନାୟକ ୧୭, ସାରାଂଶ କୁମାର ୧୧ ରନ କରିଥିଲେ। ପ୍ରତିପକ୍ଷ ସମ୍ବଲପୁରର ବିମଳ କୁମାର ୨ ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ଦ୍ରୁତ ଅପରାଜିତ ୩୫ ରନ ବଳରେ ସମ୍ବଲପୁର ୪.୧ ଓଭରରେ ୩ ୱିକେଟ୍ ହରାଇ ସହଜ ବିଜୟ ହାସଲ କରିଥିଲା। ଶୁଭ୍ରାଂଶୁ ୧୨ଟି ବଲ ଖେଳି ୩ ଚୌକା ଓ ୨ ଛକା ମାରିଥିଲେ। ପୁରୀର ଅଭିଜ୍ଞ ଦ୍ରୁତ ବୋଲର ରାଜେଶ ମହାନ୍ତିଙ୍କୁ ୩ଟି ଯାକ ୱିକେଟ୍ ମିଳିଥିଲା। ରବିବାର ଅପରାହ୍ଣରେ ସମ୍ବଲପୁର ଓ ଭୁବନେଶ୍ୱର ଟାଇଗର୍ସ ମଧ୍ୟରେ ଖେଳାଯିବାକୁ ଥିବା ଏକ ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଯାଇଛି।

## ସ୍ୱର୍ଣ୍ଣ ବିଜୟ ସହ ଫେରିଲେ ପ୍ରମୋଦ ଭଗତ

ଭୁବନେଶ୍ୱର,୨୧।୯ (ସମିସ)




ପୁଣିଥରେ ସଫଳତାର ସହ ବ୍ୟାଡମିଣ୍ଟନ ଜଗତକୁ ଫେରିଛନ୍ତି ଅଲିମ୍ପିକ୍ ସ୍ୱର୍ଣ୍ଣପଦକ ବିଜେତା ପ୍ରମୋଦ ଭଗତ। ଏବେ ଅନୁଷ୍ଠିତ ଚୀନ୍ ମାଷ୍ଟର୍ସ ପାରା ବ୍ୟାଡ୍‌ମିଣ୍ଟନର ଏସଏଲ-୩ରେ ପ୍ରମୋଦ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଏହା ଫଳରେ ସେ ଦୀର୍ଘ ୧୮ ମାସର ବ୍ୟବଧାନ ପରେ ବ୍ୟାଡ୍‌ମିଣ୍ଟନ ଜଗତକୁ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଟପ୍ ଆଥ୍‌ଲେଟ ଯେଉଁଆଡେ ରହିଲେ ମଧ୍ୟ ସେମାନେ ନାଡା ଓ ସେମାନଙ୍କ ସଂଗଠନକୁ ଜଣାଇବା ଜରୁରୀ। କିନ୍ତୁ ପ୍ରମୋଦ ତାହା ଏକାଧିକ ଥର କରି ନ ଥିବାରୁ ହ୍ୱେୟାର ଆବାଉଟ୍ କ୍ଲଜ୍ ଅନୁଯାୟୀ ବାସନ୍ଦ ହୋଇଥିଲେ। ଯାହାଫଳରେ ପ୍ୟାରିସ ପାରା ଅଲିମ୍ପିକ୍ସରେ ସେ ଭାଗନେଇ ପାରି ନ ଥିଲେ। ସାମାନ୍ୟ ତ୍ରୁଟି ଯୋଗୁଁ ଅଲିମ୍ପିକ୍ସ ଭଳି କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇ ନ ପାରିବା କେବଳ ପ୍ରମୋଦ ନୁହେଁ ବରଂ ସମଗ୍ର ଓଡ଼ିଶାର କ୍ରୀଡ଼ାବିତ୍‌ଙ୍କୁ କଷ୍ଟ ଦେଇଥିଲା। ସେ ଯାହା ହେଉ ଏବେ ସେ ପୁଣିଥରେ ବ୍ୟାଡ୍‌ମିଣ୍ଟନ ମୁଖ୍ୟ ଦୌଡ଼କୁ ଫେରିବା ପରେ ସବୁକିଛି ଠିକ୍ ହୋଇଯିବ ବୋଲି ଆଶା କରାଯାଉଛି।

ଚୀନ୍ ମାଷ୍ଟର୍ସ ପାରା ବ୍ୟାଡ୍‌ମିଣ୍ଟନର ଏସ୍‌ଏଲ-୩ ଫାଇନାଲରେ ଇଣ୍ଡୋନେସିଆର ମୁହ ଅଲ ଇମ୍ରାନଙ୍କୁ ୨୧-୧୯, ୨୧-୧୬ରେ ପରାସ୍ତ କରିଥିଲେ। ସେହିପରି ପୁରୁଷ ଡବଲ୍ସରେ ସୁକାନ୍ତ କଦମଙ୍କୁ ପାର୍ଟନର କରି ସେ କାଂସ୍ୟ ପଦକ ବିଜୟୀ ହୋଇଥିଲେ।

ଜାପାନରୁ ଆରମ୍ଭ ଓ ଶେଷ

## ଅବସର ନେଲେ ଧାବିକା ସେଲୀ




ଟୋକିଓ, ୨୧।୯ (ଏଜେନ୍ସି): ଜାମାଇକାର ମହାନ ଧାବିକା ସେଲୀ-ଆନ୍ନ ଫ୍ରେଜର-ପ୍ରେସି ୧୮ ବର୍ଷର କ୍ୟାରିୟରର ଅନ୍ତ ଘଟାଇ ରବିବାର ଅବସର ନେଇଛନ୍ତି। ସବୁଠୁ ଉଲ୍ଲେଖନୀୟ କଥା ହେଉଛି ୩୮ ବର୍ଷୀୟା ସେଲୀ ଯେଉଁଠୁ କ୍ୟାରିୟର ଆରମ୍ଭ କରିଥିଲେ ସେହି ଦେଶରେ ବିଦାୟୀ ରେସରେ ମଧ୍ୟ ଦୌଡ଼ିଛନ୍ତି। ୧୮ ବର୍ଷ ତଳେ ୨୦୦୭ରେ ଜାପାନର ଓସାକା ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ଜରିଆରେ ସେଲୀ ଅନ୍ତର୍ଜାତୀୟ ଦୌଡ଼କୁଦରେ ପାଦ ଥାପିଥିଲେ। ରବିବାର ସେହି ଜାପାନର ଟୋକିଓରେ ଅନୁଷ୍ଠିତ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ସେଲୀ ନିଜର ବିଦାୟୀ ରେସରେ ଦୌଡ଼ିଛନ୍ତି। ରବିବାର ଅନୁଷ୍ଠିତ ମହିଳା ୪ ଗୁଣା ୧୦୦ ମିଟର ରେସରେ ଜାମାଇକା ଦଳ ରୌପ୍ୟ ପଦକ ଜିତିଥିଲା। ଏହି ଦଳରେ ସଦସ୍ୟା ଥିବା ସେଲୀ ରୌପ୍ୟ ପଦକ ସହ ତାଙ୍କ ଜାଜ୍ୱଲ୍ୟମୟ କ୍ୟାରିୟରର ଅନ୍ତ ଘଟାଇଛନ୍ତି। ନିକଟରେ ସେଲୀ ଘୋଷଣା କରିଥିଲେ ଯେ, ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ପରେ ସେ ଅବସର ନେବେ। ସେଲୀ ତାଙ୍କ କ୍ୟାରିୟରରେ ୩ଥର ଅଲିମ୍ପିକ ଓ ୧୦ଥର ବିଶ୍ୱ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଅଲିମ୍ପିକ୍ସ ଓ ବିଶ୍ୱ ଚାମ୍ପିଅନସିପ୍‌ରେ ସେ ମୋଟ୍ ଉପରେ ୨୫ ପଦକ ଜିତି ବିଶ୍ୱ ଆଥ୍‌ଲେଟିକ୍ସରେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଯାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS